ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ସେପ୍ଟେମ୍ବର ୩୦/୨୦୨୨ (୧୬ ପୃଷ୍ଠା)
Sambalpur, Friday, September 30/2022 Page 16 ₹ 7.00 ★★
୧୮ଶ ଭାଗ ୨୮୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur VOLUME 18 ISSUE 284 ମୂଲ୍ୟ ₹୭/-



## ଟି୨୦ ବିଶ୍ୱକପ୍ ଖେଳିବେ ନାହିଁ ବୁମ୍‌ରା

ଅଷ୍ଟ୍ରେଲିଆରେ ହେବାକୁଥିବା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଖେଳିବେ ନାହିଁ ଭାରତର ପ୍ରମୁଖ ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରା।

୧୬

୧୪

## ଦୃଶ୍ୟମ୍-୨ରେ ଖୋଲିବ ମର୍ଡର ମିଷ୍ଟ୍ରି

ଆହୁରି ସସ୍‌ପେନ୍ସ ନେଇ ଆସୁଥିବା 'ଦୃଶ୍ୟମ୍-୨'ର ଟିଜର ରିଲିଜ ହୋଇଛି। ଏଥିରେ ଅଜୟ ଦେବଗନ୍‌ଙ୍କ କନ୍‌ଫେସନ୍ ଶୁଣିବାକୁ ମିଳିଛି।



**ଆଜିର ସମ୍ପାଦକୀୟ**

ନିର୍ବାଚନକୁ ଅସ୍ୱୀକାର

ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷାଫଳ ପ୍ରକାଶ

ପୃଷ୍ଠା-୩







# ଗର୍ଭପାତ ମହିଳାଙ୍କ ଅଧିକାର

**ବିକଶିତ ରାଷ୍ଟ୍ର ଆମେରିକା ଗର୍ଭପାତ ନେଇ ମହିଳାଙ୍କ ଅଧିକାରକୁ ଅଦ୍ୟାବଧି ସମ୍ମାନ ଦେଇ ନ ଥିବାବେଳେ ବିକାଶଶୀଳ ରାଷ୍ଟ୍ର ଭାରତରେ ସୁରକ୍ଷିତ ଗର୍ଭପାତ ମହିଳାଙ୍କ ଅଧିକାର ବୋଲି ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇଛନ୍ତି। ଏହା ଏକ ପ୍ରଗତିଶୀଳ ଚିନ୍ତାଧାରା ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟକୁ ବିଭିନ୍ନ ମହଲରେ ମଧ୍ୟ ସ୍ୱାଗତ କରାଯାଇଛି।**

## ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ



## କୁମାରୀ ମା' ବି କରାଇପାରିବେ ସୁରକ୍ଷିତ ଗର୍ଭପାତ

ନୂଆଦିଲ୍ଲୀ,୨୯।୯

ସୁରକ୍ଷିତ ଓ ବୈଧ ଗର୍ଭପାତ କରାଇବାକୁ ସବୁ ମହିଳା ହକ୍‌ଦାର। ଏ କ୍ଷେତ୍ରରେ ବିବାହିତ ଓ ଅବିବାହିତଙ୍କ ମଧ୍ୟରେ ପ୍ରଭେଦ ଦେଖିବା ଅସାମ୍ବିଧାନିକ ବୋଲି ସୁପ୍ରିମକୋର୍ଟ ଗୁରୁବାର ଏକ ଐତିହାସିକ ରାୟ ଦେଇଛନ୍ତି। ମେଡିକାଲ ଗର୍ଭପାତ (ଏମ୍‌ଟିପି) ଆଇନ ଅନୁଯାୟୀ ସବୁ ମହିଳା ଗର୍ଭଧାରଣର ୨୪ ସପ୍ତାହ ପର୍ଯ୍ୟନ୍ତ ସୁରକ୍ଷିତ ଓ ବୈଧ ଗର୍ଭପାତ କରାଇପାରିବେ ବୋଲି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଜେ.ବି. ପର୍ଡିୱାଲା ଏବଂ ଏ.ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ସନ୍ତାନ ଜନ୍ମର ସ୍ୱତ୍ୱ ଅଧିକାର ଉଭୟ ବିବାହିତ ଓ ଅବିବାହିତ ମହିଳାଙ୍କୁ ସମାନ ଅଧିକାର ଦେଇଥିବା ଖଣ୍ଡପୀଠ ମତ ଦେଇଛନ୍ତି। ଗର୍ଭପାତ ଆଇନରେ 'ସ୍ୱାମୀ' ସ୍ଥାନରେ 'ପାର୍ଟନର' ଶବ୍ଦ ବ୍ୟବହାର କରିବାକୁ ଖଣ୍ଡପୀଠ କହିଛନ୍ତି। ଗର୍ଭପାତ ଆଇନରେ ବଳାତ୍କାର ସଂଜ୍ଞା ବୈବାହିକ ବଳାତ୍କାରରେ ସାମିଲ ହେବା ଜରୁରୀ ବୋଲି ଅଦାଲତ କହିଛନ୍ତି।

ଗର୍ଭପାତ ଆଇନରେ ବିବାହିତ ଓ ଅବିବାହିତ ମହିଳାଙ୍କ ମଧ୍ୟରେ ପ୍ରାର୍ଥକ୍ୟ ଦେଖିବା କୃତ୍ରିମ ଏବଂ ଏହା ସମ୍ବିଧାନସମ୍ମତ ନୁହେଁ। କେବଳ ବିବାହିତ ମହିଳା ଯୌନକ୍ରିୟାରେ ସକ୍ରିୟ ରହିବେ ବୋଲି ଏକ ଭ୍ରାନ୍ତ ଧାରଣା ଦୀର୍ଘଦିନରୁ ରହିଆସିଥିବା ଖଣ୍ଡପୀଠ କହିଛନ୍ତି। ଅବାଞ୍ଛିତ ଗର୍ଭଧାରଣର ପରିଣତି ମହିଳାଙ୍କ ଶରୀର ଓ ମନ ଉପରେ ଯେଉଁ ପ୍ରଭାବ ପକାଇଥାଏ, ତାହାକୁ ଅଣଦେଖା କରାଯାଇପାରିବ ନାହିଁ। ଏମ୍‌ଟିପି ଆଇନର ବ୍ୟବସ୍ଥା ଅନୁଯାୟୀ ବିବାହିତ ମହିଳା, ବଳାତ୍କାର ପୀଡ଼ିତା, ଭିନ୍ନକ୍ଷମ ଏବଂ ନାବାଳିକାଙ୍କ କ୍ଷେତ୍ରରେ ଗର୍ଭଧାରଣର ସର୍ବାଧିକ ୨୪ ସପ୍ତାହ ପର୍ଯ୍ୟନ୍ତ ଗର୍ଭପାତ କରାଯାଇପାରିବ। ତେବେ ବିଧବା ଏବଂ ସହମତିରେ ସମ୍ପର୍କ ରଖିଥିବା କିମ୍ବା ରଖୁଥିବା ଅବିବାହିତଙ୍କ ପାଇଁ ଗର୍ଭପାତ ସମୟସୀମା ୨୦ ସପ୍ତାହ ରହିଛି। ଅବିବାହିତା, ବିଧବା, ସ୍ୱାମୀ ପରିତ୍ୟକ୍ତାମାନେ ବିବାହିତାଙ୍କ ଭଳି ୨୪ ସପ୍ତାହ ପର୍ଯ୍ୟନ୍ତ ଗର୍ଭପାତ ସୁବିଧା ପାଇପାରିବେ କି ନାହିଁ, ତାହା ଉପରେ ଏମ୍‌ଟିପି ଆଇନକୁ ବ୍ୟାଖ୍ୟା କରି ସର୍ବୋଚ୍ଚ ଅଦାଲତ ଉପରୋକ୍ତ ☞ ପୃଷ୍ଠା-୪

## ଜନକଲ୍ୟାଣ ବାର୍ତ୍ତା ପହଞ୍ଚାଅ: ନବୀନ



## ନକଲି ସରକାରଙ୍କୁ ଫିଙ୍ଗିଦିଅ: ନଡ୍ଡା



ସବିଶେଷ ରିପୋର୍ଟ: ପୃଷ୍ଠା-୫

# ବିଧାୟକ ମୋକିମ୍‌ଙ୍କୁ ୩ବର୍ଷ ଜେଲଦଣ୍ଡ

**ଓଆର୍‌ଏଚ୍‌ଡିସି ଦୁର୍ନୀତି ମାମଲା**

### ପୂର୍ବତନ ଆଇଏଏସ୍ ଅଫିସର ବିନୋଦ କୁମାରଙ୍କ ସହ ଆଉ ୨ଜଣଙ୍କୁ ମଧ୍ୟ ଜେଲଦଣ୍ଡ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ଓଡ଼ିଶା ଗ୍ରାମୀଣ ଗୃହ ଉନ୍ନୟନ ନିଗମ (ଓଆର୍‌ଏଚ୍‌ଡିସି) ଦ୍ୱାରା ଏମ୍‌ଏସ୍ ମେଟ୍ରୋ ବିଲ୍ଡର୍ସ ପ୍ରାଇଭେଟ ଲିମିଟେଡ୍‌କୁ ଅନୁଚିତ ଅନୁଗ୍ରହ ଦେଖାଇ ୧ କୋଟି ୫୦ଲକ୍ଷ ଟଙ୍କାର ଋଣ ଦେବା ମାମଲାର ଦୀର୍ଘ ୧୭ବର୍ଷ ପରେ ଗୁରୁବାର ରାୟ ପ୍ରକାଶ ପାଇଛି। କଟକ ବାରବାଟୀ ବିଧାୟକ ତଥା ମେଟ୍ରୋ ବିଲ୍ଡର୍ସର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ମହମ୍ମଦ ମୋକିମ୍‌ଙ୍କ ସମେତ ୪ଜଣଙ୍କୁ ୩ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ଅନ୍ୟମାନେ ହେଲେ ବହିଷ୍କୃତ ଆଇଏଏସ୍ ଅଫିସର ତଥା ତତ୍କାଳୀନ 'ଓଆର୍‌ଏଚ୍‌ଡିସି'ର ପରିଚାଳନା ନିର୍ଦ୍ଦେଶକ ☞ ପୃଷ୍ଠା-୪



ମହମ୍ମଦ ମୋକିମ୍



# GD

## Symbol of Trust

## ELECTRONICS | MOBILE | LAPTOP
## HOME APPLIANCES | FURNITURE

ଶୁଭ ଶଙ୍ଖ ବାଜିଲା ପୂଜା ଅଫର୍ ଆସିଲା

**Festival Offer**

# Cost-to-Cost Sale

LIMITED STOCKS!!

| | | | | | |
|---|---|---|---|---|---|
| QLED TV (Lloyd) 55" 8 Sense MRP-69999/- SPL PRICE : ₹54990* | QLED TV SAMSUNG 55" Neo QLED MRP-1,21,900/- SPL PRICE : ₹86990* | OLED TV LG 55" LG OLED MRP-1,39,990/- SPL PRICE : ₹99990* | QLED TV Haier 55" MRP-115990/- SPL PRICE : ₹59990* FREE Sound Bar worth 9990 | BPL 2 Years Warranty 32" SPL PRICE : ₹9990* CASH BACK* ₹ 1000 | Kelvinator FREE worth ₹1,999* MRP-85490/- SPL PRICE : ₹57990* 584L SBS (KRS-B600BKG) 10% BANK CASHBACK* |

Home & Office Furniture

40% OFF UPTO Additional 10% DISCOUNT ON EXCHANGE

HOME & OFFICE FURNITURE ARE AVAILABLE AT :
Patrapada-Bhubaneswar | Puri | CDA-Cuttack
Jagatsinghpur | Nayagarh | Kalapathar | Balugaon
Jajpur Town | Chandikhole | Athagarh

## ଆକର୍ଷଣୀୟ ପୂଜା ଉପହାର

BUMPER PRIZE
5 Maruti Suzuki Brezza SUVs

GRAND PRIZES
DIOS Refrigerator - Front Load WM - LED TV - AC - Dish Washer

CASH BACK OFFER

HDFC BANK — upto 22.5% Cashback (On select debit/ credit cards)

BAJAJ FINSERV — UPTO 10000 cash back* Spl. Offer for EMI Card Holders

HDB FINANCIAL SERVICES — UPTO 10000 cash back* Loaded of Benefits on New Platinum Card

IDFC FIRST Bank — Avail Voucher worth 2x of the product price. Cash Back upto ₹10000* 1 EMI OFF*

SAMSUNG Galaxy S22 Ultra worth ₹109999*

SAMSUNG Galaxy A32 worth ₹21490*

FREE MINI BAR (On select models of Side-by-Side Refrigerators)

FREE SOUNDBAR worth up to ₹64990* (With select OLED TVs)

SPECIAL PRICE at ₹2990* (On all LG OLED TVs)

Upto 40% DISCOUNT* LOWEST PRICE

FREE COMPANY Gifts and Offers

GET 3 years UPTO EXTENDED WARRANTY on all products*

Assured Free Gifts* with every purchase

Triple ZERO Offer — NO DOWN PAYMENT, PROCESSING FEE, INTEREST — LOWEST EMI

MEGA EXCHANGE OFFER

Now Payment accepted through amazon pay — CASH BACK 5% (upto ₹1000)

CASH BACK upto 20% — ICICI Bank, AXIS BANK, Bank of Baroda, Standard Chartered, FEDERAL BANK, AU

UP TO 7.5% EXTRA CASHBACK* SBI card
*Min. Trxn.: ₹15,000; Max. Cashback: ₹2,500 per credit card account.
Validity: 28 Sept - 03 Nov 2022. T&C Apply.

Laptop, Desktop, Camera, Mobile, Printers & Accessories

UPTO 10% CASH BACK*
1+2 Yrs. Extnd. Warranty @1#
# On Laptop & Desktop

Mobile Accessories

LG | SONY | SAMSUNG | Panasonic | Kelvinator | Godrej | Whirlpool | HITACHI | VOLTAS | BLUE STAR | DAIKIN | PHILIPS | Haier | BPL | Carrier | Lloyd | O GENERAL | HAVELLS | IFB | BOSCH | KUTCHINA | KAFF | Glen | Butterfly | Symphony | BAJAJ | V-GUARD | EUREKA FORBES | KENT | AO Smith | LUMINOUS | Apple | OnePlus | oppo | vivo | realme | mi xiaomi | hp | DELL | acer | ASUS | Nikon | EPSON | Canon | Nilkamal | MSF | Smartwood | Kurl-on | Shoukeen MATTRESS | CRYSTAL | ALDER

Odisha's Most Trusted Electronics, Home Appliances ,Digital Products & Home Furniture Dealer Since 1972

# GUPTA DISTRIBUTORS

No.1 Retail Chain Stores

BHUBANESWAR- PATRAPADA : Near ICICI Bank, Patrapada Bus Stop, Mob. : 7008989313 , BARAMUNDA : Main Road, Front of Kali Mandir, Mob: 7008989309, PATIA : KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road) : Mob: 7008989301, SAHEED NAGAR : Beside PNB Bank, Mob-8144920830, SAMANTAPUR : Near Sanjeevani Medicare Hospital, Mob : 9692316302, CUTTACK- DOLMUNDAI : Mob: 2424932/7008989303, BUXI BAZAR : Mob : 7008989304, CDA : Near Judicial Academy (Utkal Hyundai), Mob: 7008989312, PURI : Medical Chhack, Grand Road, Mob: 7008989310, JATNI : Near Axis Bank, Mob: 2492932/7008989305, NIMAPADA : Near Dolabedi Chhaka, Mob:7008989307, BALUGAON : Main Road, Near Digantika Hotel, Mob:7008989308, KHORDHA : Main Road, Palla Chhaka, Mob: 7008989311, NAYAGARH : Khandapada Road, Mob:7008989306, BHADRAK : Main Road, Chappulia, Mob: 7008989314, JAGATSINGHPUR : Main Bus Stand, Mob: 7008989317, Gandhi Chhak, Jagatsinghpur, JAJPUR TOWN : N C College Road, Boula Mula Chhack, Mob: 8144920820, KALAPATHAR : Near Dhabaleswar Temple, Mob: 7008989315, PARADEEP : Dochaaki, Udaybata, Mob: 7008989316, BARIPADA : Near Roxy Cinema Hall, Mob: 7008989347, ANGUL : NH-55, Kandasar, Nalco Nagar (Near Kargil Petrol Pump), Mob: 9692316300, CHANDIKHOLE : Jena Premium, National Highway, Near Railway Overbridge, Mob : 9692316301, ATHAGARH : Birakishorpur, Near (Chandabali Chhak), Mob :9692316303, GUPTA WHOLESALE OUTLET - HANSPAL : Puri Canal Road, Near Hanuman Mandir, Mob: 7735455009.

*T&C Apply. Price/ EMI mentioned are subject to change. Offer applicable on selected brand/ product only. Pictures are indicative only/ CASH BACK IS SUBJECT TO BANK .T&C apply. Products are also available without this offer.

**କରୋନା ସଂକ୍ରମଣ ସ୍ଥିତି**



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୨୦,୫୫,୫୮୨ | ୬୫,୪୬,୦୩୬ | ୬୦,୧୯,୭୫,୦୮୬ |
| ଭାରତ | ୪,୪୫,୮୩,୩୬୦ | ୫,୨୮,୬୧୧ | ୪,୪୦,୧୩,୯୯୯ |
| ଓଡ଼ିଶା | ୧୩,୩୩,୮୮୭ | ୯୧୯୨(+୫୩) | ୧୩,୨୩,୪୩୭ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ପାଠିକା/ପାଠକଙ୍କ ନିମନ୍ତେ ସୂଚନା

ଧରିତ୍ରୀ ସେଲ୍ଫି ସ୍ତମ୍ଭ ପ୍ରକାଶ ପାଉଛି। ଏଥିପାଇଁ ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ smbselfie@gmail.com ମେଲ୍ ଆଇଡିରେ ପଠାନ୍ତୁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ। ଫଟୋ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲିବେ ନାହିଁ।

# ପାସ୍ ହାର ୯୧.୮୨%

## ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷାଫଳ ପ୍ରକାଶ

■ କଳା ୯୩.୧୫%, ବିଜ୍ଞାନରେ ୮୮%, ବାଣିଜ୍ୟ ୮୧.୯୬% ଓ ଧନ୍ଦାମୂଳକରେ ୯୦%

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ପାସ୍ ହାର ୯୧.୮୨% ରହିଛି। ରାଜ୍ୟରେ ମୋଟ ୧,୧୮୭ଜଣ ଛାତ୍ରୀଛାତ୍ର ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧,୦୯୦ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳାରେ ପାସ୍ ହାର ୯୩.୧୫% ଥିବାବେଳେ ବିଜ୍ଞାନରେ ୮୮%, ବାଣିଜ୍ୟରେ ୮୧.୯୬% ଏବଂ ଧନ୍ଦାମୂଳକରେ ୯୦% ରହିଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଅଶ୍ୱିନୀ କୁମାର ମିଶ୍ର ପରୀକ୍ଷାଫଳ ଘୋଷଣା କରିଛନ୍ତି। ପରୀକ୍ଷାଫଳ www.orissaresults.nic.in ଏବଂ ସାମ୍ସ ଇମ୍ପେସ୍‌ରେ ଉପଲବ୍ଧ ରହିଛି।

କଳାରେ ମୋଟ ୯୨୧ଜଣ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୮୫୮ଜଣ ପାସ୍ ହୋଇଥିବାବେଳେ ୫୦୮ଜଣ ଛାତ୍ରୀ ଓ ୩୫୦ଜଣ ଛାତ୍ର ରହିଛନ୍ତି। ୧୩୪ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୩୬ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୪୮୮ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୯ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି। ସେହିପରି ବିଜ୍ଞାନରେ ୧୨୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧୧୦ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୪୬ଜଣ ଛାତ୍ରୀ ଓ ୬୪ଜଣ ଛାତ୍ର ରହିଛନ୍ତି। ୨୬ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୩୧ଜଣ ଦ୍ୱିତୀୟ ଏବଂ ୪୨ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କେହି ଜଣେ ବି ଛାତ୍ରୀଛାତ୍ର ୯୦%ରୁ ଅଧିକ ନମ୍ବର ରଖି ନାହାନ୍ତି। ୧୩ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି। ସେହିଭଳି ବାଣିଜ୍ୟରେ ୬୧ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୫୦ଜଣ ପାସ୍ ହୋଇଥିବାବେଳେ ଏଥିରେ ୧୭ଜଣ ଛାତ୍ରୀ ଓ ୩୩ଜଣ ଛାତ୍ର ରହିଛନ୍ତି। ୭ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୧୭ଜଣ ଦ୍ୱିତୀୟ ଏବଂ ୨୬ଜଣ ତୃତୀୟ ଶ୍ରେଣୀରେ ପାସ୍ ହୋଇଛନ୍ତି। ଏଥିରେ ୯ଟି ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଥିବାବେଳେ ୨ଟି ସ୍କୁଲରେ କେହି ଜଣେ ବି ପାସ୍ ହୋଇନାହାନ୍ତି। ଅନ୍ୟପଟେ ଧନ୍ଦାମୂଳକ ଶିକ୍ଷାରେ ୮୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୭୨ଜଣ ପାସ୍ ହୋଇଥିବାବେଳେ ୩୭ଜଣ ଛାତ୍ରୀ ଓ ୩୫ଜଣ ଛାତ୍ର ରହିଛନ୍ତି। ୧୪ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୩୬ଜଣ ଦ୍ୱିତୀୟ ଏବଂ ୨୦ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୂଚନାଯୋଗ୍ୟ, ଗତ ୧୩ ଓ ୧୪ ତାରିଖରେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ଇନ୍‌ଷ୍ଟାଣ୍ଟ ପରୀକ୍ଷା ହୋଇଥିଲା। ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାରେ ଯେଉଁ ଛାତ୍ରୀଛାତ୍ର ମୋଟ ଉପରେ ପାସ୍ ମାର୍କ ରଖି ଗୋଟିଏ ବିଷୟରେ ଫେଲ୍ ହୋଇଥିଲେ, ସେମାନଙ୍କୁ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେବାର ସୁଯୋଗ ଦିଆଯାଇଥିଲା। ୧୩ ତାରିଖରେ ସମସ୍ତ ଥିଓରି ଓ ୧୪ରେ କେବଳ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

## ବଜ୍ରପାତରେ ମହିଳା ଚାଷୀ ମୃତ

ତରଭା,୨୯।୯(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭାଠାରୁ ୧୨କି.ମି.ଦୂର ଦୁବୁଲା ପଞ୍ଚାୟତ ଅନ୍ତର୍ଗତ ବଗର୍ତ୍ତିପାଲି ଗାଁରେ ଗୁରୁବାର ବଜ୍ରପାତରେ ଜଣେ ମହିଳା ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଅଞ୍ଜଳି ବଗର୍ତ୍ତି(୩୩)। ଅଞ୍ଜଳି ନିଜ ବିଲରୁ କାମ ସାରି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ପ୍ରବଳ ବର୍ଷା ସହ ବ୍ରଜପାତ ହୋଇଥିଲା। ବଜ୍ରପାତରେ ଅଞ୍ଜଳି ଗୁରୁତର ହୋଇ ପଡିଥିଲେ। ଆଖପାଖରେ ଥିବା ଲୋକେ ତାଙ୍କୁ ତରଭା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି।






## ଦରମା ବଦଳରେ ନିର୍ଯାତନା, ଆତ୍ମହତ୍ୟା କଲେ ବନ ଜଗୁଆଳି

ରିଆମାଳ, ୨୯।୯ (ଡି.ଏନ୍.ଏ.)

ଦରମା ବଦଳରେ ମିଳିଲା ନିର୍ଯାତନା। ଦରମା ଟଙ୍କା ମାଗିବାରୁ ଗାଳିଗୁଲଜ କରିବା ସହ ଚାକିରିରୁ ବାହାର କରିଦେବାର ଭୟ ଦେଖାଇଲେ ଅଧିକାରୀ। ଫଳରେ ଚାପଗ୍ରସ୍ତ ହୋଇ ଦେବଗଡ଼ ଜିଲା ରିଆମାଳ ଥାନା କଙ୍କରଖୋଳ ଗ୍ରାମର ବନ ଜଗୁଆଳି ପୌଲସ୍ତି ପ୍ରଧାନ ବିଷପିଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ରିଆମାଳ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଅଧିକ ତଦନ୍ତ କରୁଛି। ପ୍ରକାଶ ଯେ, ଦେବଗଡ଼ ବନବିଭାଗ ପକ୍ଷରୁ କଙ୍କରଖୋଳ ନିକଟସ୍ଥ ଜଙ୍ଗଲରେ ବନୀକରଣ କରାଯାଇଥିଲା। ସେଠାରେ ବନ ଜଗୁଆଳି ଭାବେ ଦୈନିକ ମଜୁରିରେ ପୌଲସ୍ତି ନିଯୁକ୍ତ ହୋଇଥିଲେ। ୯ ମାସ ହେଲା ସେଠାରେ କାମ କରୁଥିଲେ ମଧ୍ୟ ତାଙ୍କୁ ଦରମା ଟଙ୍କା ଦିଆଯାଇ ନ ଥିଲା। ଏଥିସହ ତାଙ୍କୁ ଅଧିକ ସମୟ କାର୍ଯ୍ୟରେ ନିୟୋଜିତ କରାଯାଉଥିଲା। ଦରମା ଟଙ୍କା ମାଗିଲେ ବନବିଭାଗ ଅଧିକାରୀ ଗାଳିଗୁଲଜ କରୁଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୌଲସ୍ତିଙ୍କର ପୁଅ ନ ଥିବାବେଳେ ଗୋଟିଏ ମାତ୍ର ଝିଅର ବାହାଘର ସରିଛି। ଫଳରେ ଦରମା ଟଙ୍କା ନ ପାଇ ପରିବାର ଚଳାଇବା ସମସ୍ୟା ହେଉଥିବା ବେଳେ ପୌଲସ୍ତି ଚାପଗ୍ରସ୍ତ ରହୁଥିଲେ। ଶେଷରେ ବୁଧବାର ବିଷ ପିଇ ଆତ୍ମହତ୍ୟା କରିଥିବା ରିଆମାଳ ଥାନାରେ ତାଙ୍କ ପୁତୁରା ଅଭିଯୋଗ କରିଛନ୍ତି। ଅନ୍ୟପଟେ ପରିବାର ଲୋକଙ୍କ ଅଭିଯୋଗକୁ ରିଆମାଳ ରେଞ୍ଜର ନିରଞ୍ଜନ ଧରୁଆ ଏବଂ ଫରେଷ୍ଟର ଦୟାସାଗର ପ୍ରଧାନ ଖଣ୍ଡନ କରିଛନ୍ତି। ସେମାନେ କହିଛନ୍ତି, ୯ମାସ ନୁହେଁ ୩ ମାସ ହେଲା ସେ କାମ କରୁଥିଲେ। ତାଙ୍କୁ କୌଣସି ପ୍ରକାର ନିର୍ଯାତନା ଦିଆଯାଉ ନ ଥିଲା। ଠିକ୍ ସମୟରେ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବନ ଜଗୁଆଳିଙ୍କ ଦରମା ଟଙ୍କା ଆସି ନ ଥିବାରୁ ତାଙ୍କୁ ଦରମା ଦିଆଯାଇ ନ ଥିବା ରେଞ୍ଜର ଧରୁଆ ଏବଂ ଫରେଷ୍ଟର ପ୍ରଧାନ ସ୍ୱୀକାର କରିଛନ୍ତି।







## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ଆଜିର ମନ୍ତବ୍ୟ**

"କଂଗ୍ରେସ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଲଢ଼ିବି ନାହିଁ। ଜୟପୁରରେ ଯାହା ସବୁ ଘଟିଲା, ସେଥିପାଇଁ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଭେଟି କ୍ଷମା ମାଗିଛି।

– ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ

# ୧୩ ଲକ୍ଷ ଟଙ୍କାର ଅଷ୍ଟ୍ରେଲିଆନ୍ କୋଇଲା ଜବତ

## ଚୋରାଚାଲାଣ ବେଳେ ଭଦ୍ରକରୁ ଧରିଲା ଏସ୍‌ଟିଏଫ୍

ଭୁବନେଶ୍ୱର,୨୯।୯ (ବ୍ୟୁରୋ): ଯାଜପୁର ଅଞ୍ଚଳକୁ ଚୋରା ଚାଲାଣବେଳେ ଭଦ୍ରକ ଜିଲା ଧୁଷୁରୀ ଥାନାଞ୍ଚଳରୁ ବିପୁଳ ପରିମାଣର ଅଷ୍ଟ୍ରେଲିଆନ କୋଇଲା ସହ ଟ୍ରକକୁ ଜବତ କରିଛି କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)। ଏଥିସହ ଟ୍ରକ ଡ୍ରାଇଭରଙ୍କୁ ମଧ ଗିରଫ କରାଯାଇଛି। ସେ ହେଲେ କଟକ ଜିଲା ନିଆଳି ଅଞ୍ଚଳର ମଳୟ କୁମାର ମଲ୍ଲିକ। ଜବତ କୋଇଲା ପରିମାଣ ୩୧.୨୯୦ ଟନ ଓ ବଜାର ମୂଲ୍ୟ ପ୍ରାୟ ୧୩ ଲକ୍ଷ ଟଙ୍କା ହେବ। ଡ୍ରାଇଭର ଜଣକ ଜବତ କୋଇଲା ପରିବହନର କୌଣସି କାଗଜପତ୍ର ଦେଖାଇପାରି ନ ଥିଲେ। ଫଳରେ ବେଆଇନ ଭାବେ ଚାଲାଣ ଅଭିଯୋଗରେ ଏସ୍‌ଟିଏଫ୍ ଏହି ପଦକ୍ଷେପ ଗ୍ରହଣ କରିଛି। ଏନେଇ ଏକ ମାମଲା (ନଂ.୨୦/୨୦୨୨) ରୁଜୁ କରାଯାଇ ଡ୍ରାଇଭରଙ୍କୁ ପଚରାଉଚରା କରାଯାଇଥିଲା। ଉକ୍ତ କୋଇଲା କେଉଁଠାରୁ କେଉଁଠାକୁ ଯାଉଥିଲା ଓ ଚାଲାଣରେ ସମ୍ପୃକ୍ତ ଅନ୍ୟମାନଙ୍କ ସମ୍ପର୍କରେ ତଥ୍ୟ ହାସଲ ପରେ ଅଭିଯୁକ୍ତଙ୍କୁ ଧାମନଗର ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ଏହି କାରବାରରେ ବଡ଼ ର୍‍ୟାକେଟ କାମ କରୁଥିବା ଜଣାପଡିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଗର ଥଣ୍ଟ ବଢ଼ିଲେ
ମୀନର ବିପତ୍ତି।**

ବଗ ମାଛ ଖାଏ। ତା'ବେକ ଲମ୍ବା। ବେକ ଯେତେ ଲମ୍ବ ହେବ, ସେ ଗଭୀର ପାଣିରୁ ଆରାମରେ ମାଛ ଧରି ଖାଇପାରିବ। ପରୋକ୍ଷରେ ସବଳ ବା ଶତ୍ରୁର ବେଶି ଉନ୍ନତି ହେଲେ ଦୁର୍ବଳର ଦୁର୍ଦ୍ଦଶା ବଢ଼ିଯାଏ। ଶତ୍ରୁକୁ ଅଧିକ ବଳ ଦେଇ ବିପଦ ବରଣ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବୋଝ ବୋଝ ବୋଲି କେତେ ପଚାରୁ
ବୋଝରେ ଆସିଛି ପାଣି କଖାରୁ।**

ବିବାହ ସମୟରେ ବାପଘର ଲୋକେ ନିଜ ସାଧ ଅନୁଯାୟୀ ଯାନି ଯଉତୁକ ଦେଇ ଝିଅର ବିବାହ କରାଇଥାନ୍ତି। ତେବେ ଏଥିରୁ ଟିକିଏ ଊଣା ହୋଇଗଲେ ଝିଅଟିକୁ ଶାଶୂଘରେ ନାନା କଟୁକଥା ଶୁଣିବାକୁ ପଡିଥାଏ। ଏପରି ସ୍ଥିତିରେ ବାପଘରୁ ଆସିଥିବା କମ୍ ବୋଝ ସାମଗ୍ରୀକୁ ନେଇ ଶାଶୂଘର ଲୋକେ ସାଇପଡ଼ିଶାଙ୍କ ଆଗରେ ଦେଖେଇ ଶୁଣେଇ କହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଭିଜିଲାନ୍ସ ଜାଲରେ ସାଳନ୍ଦୀ କେନାଲ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ

## ଭିଣୋଇଙ୍କୁ ୫ ଲକ୍ଷ ଦେବାବେଳେ ଧରାପଡ଼ିଲେ

ଭଦ୍ରକ ଅଫିସ, ୨୯।୯


ଶ୍ରୀମନ୍ତ ସେଠୀ

ଭିଜିଲାନ୍ସ ଜାଲରେ ଭଦ୍ରକ ସାଳନ୍ଦୀ କେନାଲ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀମନ୍ତ ସେଠୀ। ଗୁରୁବାର ସରକାରୀ ବାସଭବନରେ ଲାଞ୍ଚ ବାବଦ ୫ ଲକ୍ଷ ଟଙ୍କା ନିଜ ଭିଣୋଇଙ୍କୁ ଦେଉଥିବା ବେଳେ ଭଦ୍ରକ ଓ ବାଲେଶ୍ୱର ଭିଜିଲାନ୍ସର ଏକ ମିଳିତ ଟିମ୍ ତାଙ୍କୁ ଧରିଛି।

ସୂଚନା ଅନୁଯାୟୀ, ଶ୍ରୀମନ୍ତ ଠିକାସଂସ୍ଥା ଓ ଠିକାଦାରଙ୍କଠାରୁ ବେଆଇନ ଭାବେ ଟଙ୍କା ନେଉଥିବା ପୂର୍ବରୁ ତାଙ୍କ ନାଁରେ ଅଭିଯୋଗ ହୋଇଥିଲା। ଲାଞ୍ଚ ଟଙ୍କା ଗଚ୍ଛିତ କରି ସେ ଘରେ ରଖିଥିବା ଏକ ବିଶେଷ ସୂତ୍ରରୁ ଭିଜିଲାନ୍ସ ଖବର ପାଇଥିଲା। ଗୁରୁବାର ପୂର୍ବାହ୍ଣରେ ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ନରହରି ନାୟକ, ଡିଏସ୍‌ପି ହରେକୃଷ୍ଣ ମାଝି ଓ ଭଦ୍ରକ ଡିଏସ୍‌ପି ସନ୍ତୋଷ ସାମନ୍ତରାୟଙ୍କ ନେତୃତ୍ୱରେ ଉକ୍ତ ଟିମ୍ ଭଦ୍ରକସ୍ଥିତ ଶ୍ରୀମନ୍ତଙ୍କ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲା। ଶ୍ରୀମନ୍ତ ବାଲେଶ୍ୱର ଜିଲା ବାହାନଗାରେ ରହୁଥିବା ତାଙ୍କ ଭିଣୋଇ କରୁଣାକର ସେଠୀଙ୍କୁ ସରକାରୀ ବାସଭବନକୁ ଡାକି ସେହି ଗଚ୍ଛିତ ଟଙ୍କା ତାଙ୍କ ମାଧ୍ୟମରେ ଘରକୁ ପଠାଉଥିଲେ। ଏହି ସମୟରେ ଭିଜିଲାନ୍ସ ଟିମ୍ ହାବୁଡ଼ରେ ପଡ଼ିଥିଲେ। ତାଙ୍କଠାରୁ ନଗଦ ୫ଲକ୍ଷ ଟଙ୍କା ଜବତ କରାଯାଇଛି। ତେବେ ଏହି ଅର୍ଥ ନେଇ ଶ୍ରୀମନ୍ତ ଭିଜିଲାନ୍ସକୁ ଠିକ୍ ଭାବେ ହିସାବ ଦେଇପାରି ନାହାନ୍ତି। ଭିଜିଲାନ୍ସ ଟିମ୍ ଶ୍ରୀମନ୍ତଙ୍କ ସହ ତାଙ୍କ ଭିଣୋଇ କରୁଣାକରଙ୍କୁ ମଧ ଅଟକ ରଖି ତଦନ୍ତ କରୁଛି। ବାଲେଶ୍ୱର ଜିଲା ଖଇରାସ୍ଥିତ ତାଙ୍କ ପୈତୃକ ବାସଭବନ, ଶ୍ୱଶୁରଘର ଖନ୍ତାପଡ଼ାସ୍ଥିତ ଗୋପାଳପୁର ସମେତ ୫ଟି ସ୍ଥାନରେ ଚଢ଼ାଉ ଜାରି ରହିଥିବା ଭିଜିଲାନ୍ସ ଏସ୍‌ପି ନାୟକ କହିଛନ୍ତି।

# ଇଡ୍‌କୋ ଆସିଷ୍ଟାଣ୍ଟ ମ୍ୟାନେଜରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର,(ବ୍ୟୁରୋ)/ ପଟ୍ଟାମୁଣ୍ଡାଇ, ୨୯।୯ (ସ୍ୱ.ପ୍ର.)

- ୯ସ୍ଥାନରେ ଚଢ଼ାଉ, ୬ ପ୍ଲଟ, ୩ କୋଠା, ୧ ମାର୍କେଟ କମ୍ପ୍ଲେକ୍ସ, ଗୋଟିଏ ଫ୍ଲାଟ ଠାବ
- ଘରୁ ମିଳିଲା ନଗଦ ୧.୦୭ ଲକ୍ଷ
- ମିଳିଲାଣି ମୋଟ ୩.୫୩ କୋଟିର ସମ୍ପତ୍ତି

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଡେଭଲପ୍‌ମେଣ୍ଟ କର୍ପୋରେଶନ(ଇଡ୍‌କୋ)ର ଆସିଷ୍ଟାଣ୍ଟ ମ୍ୟାନେଜର (ସିଭିଲ୍) ମନୋଜ କୁମାର ଲେଙ୍କାଙ୍କ ଘର ଓ କାର୍ଯ୍ୟାଳୟ ସମେତ ୯ଟି ସ୍ଥାନରେ ଗୁରୁବାର ଏକକାଳୀନ ଚଢ଼ାଉ କରିଛି ଭିଜିଲାନ୍ସ। ଏହି ଚଢ଼ାଉରେ ଭିଜିଲାନ୍ସର ୨ଜଣ ଡିଏସ୍‌ପି, ୧୦ଜଣ ଇନ୍ସପେକ୍ଟର, ୨ଜଣ ସବ୍-ଇନ୍ସପେକ୍ଟର, ୫ଜଣ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ସାମିଲ ରହିଛନ୍ତି। ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର କୋରଡ଼କଣ୍ଟାସ୍ଥିତ ପ୍ଲଟ ନଂ.୭୫୪/୧୪୬୩ରେ ଥିବା ୬୫.୩ ଲକ୍ଷ ଟଙ୍କାର ତିନି ମହଲା କୋଠା, ଉତ୍ତରା ଛକରେ ଥିବା ୫୧ ଲକ୍ଷ ଟଙ୍କାର ମାର୍କେଟ କମ୍ପ୍ଲେକ୍ସ, ରବି ଟକିଜ୍‌ସ୍ଥିତ ମେଟ୍ରୋ ମ୍ୟାନ୍‌ସନରେ ଥିବା ୩୩.୩୩ ଲକ୍ଷ ଟଙ୍କାର ଗୋଟିଏ ଦୋକାନ ଘର, ପୁରୀସ୍ଥିତ ଗ୍ରାଣ୍ଡ ଆସିଆନା ଆପାର୍ଟମେଣ୍ଟର ୫ମ ମହଲାରେ ଥିବା ୨୩.୪୪ ଲକ୍ଷ ଟଙ୍କାର ଫ୍ଲାଟ୍, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବେଲତଳରେ ଥିବା ୩୧ ଲକ୍ଷ ଟଙ୍କାର ୩ ମହଲା କୋଠା, ପଟ୍ଟାମୁଣ୍ଡାଇ କେଶପୁରସ୍ଥିତ ପୈତୃକ ଗାଁରେ ୪.୭୪ ଲକ୍ଷ ଟଙ୍କାର ଘର ଓ ଭୁବନେଶ୍ୱର ଝାରପଡ଼ା ନୀଳାଦ୍ରିନଗରସ୍ଥିତ ଘର ଠାବ ହୋଇଛି। ଭିଜିଲାନ୍ସର ଟେକ୍‌ନିକାଲ୍ ୱିଙ୍ଗ୍ ପକ୍ଷରୁ ଏସବୁର ପ୍ରକୃତ ମୂଲ୍ୟ ହିସାବ କରାଯାଉଛି।

ସେହିପରି ଭୁବନେଶ୍ୱର, ପୁରୀ ଓ କେନ୍ଦ୍ରାପଡ଼ାର ମୁଖ୍ୟ ଅଞ୍ଚଳରେ ୬ଟି ପ୍ଲଟ ମଧ ଠାବ ହୋଇଛି। ଏହି ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ ଜଣାପଡ଼ି ନ ଥିଲେ ମଧ କବଲାରେ ଉଲ୍ଲେଖ ମୂଲ୍ୟ ଅନୁସାରେ ୪୧.୮୦ ଲକ୍ଷ ଟଙ୍କା ହେବ। ସେହିପରି ତାଙ୍କ ଘରୁ ୧୨.୩୨ ଲକ୍ଷର ସୁନା ଓ ରୁପା ଅଳଙ୍କାର, ୨.୭୮ ଲକ୍ଷ ଟଙ୍କାର ୩ଟି ବାଇକ, ୩.୯୩ ଲକ୍ଷର ଗୋଟିଏ ଚାରିଚକିଆ ଯାନ, ୧୪.୬୦ ଲକ୍ଷ ଟଙ୍କାର ଘରୋଇ ଉପକରଣ ଏବଂ ୧ ଲକ୍ଷ ୭ ହଜାର ୮୫୦ ଲକ୍ଷ ନଗଦ ଟଙ୍କା ଏବଂ ବିଭିନ୍ନ ବ୍ୟାଙ୍କରେ ୬୫.୭୬ ଲକ୍ଷ ଟଙ୍କା ଜମାରାଶି ଓ ଜୀବନବୀମା ପଲିସି ଠାବ କରାଯାଇଛି। ତେବେ ଏସବୁ ସମ୍ପତ୍ତିର ମୂଲ୍ୟ ୩.୫୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ମନୋଜଙ୍କୁ ପଚରାଉଚରା କରାଯିବା ସହ ଚଢ଼ାଉ ଓ ଯାଞ୍ଚ ଜାରି ରହିଥିବାରୁ ତାଙ୍କ ସମ୍ପତ୍ତି ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

## ଗର୍ଭପାତ ମହିଳାଙ୍କ...

ପ୍ରଥମ ପୃଷ୍ଠାରୁ...

ରାୟ ପ୍ରଦାନ କରିଛନ୍ତି। ଆବର୍ସନ ପ୍ରସଙ୍ଗରେ ବିବାହିତା ଓ ଅବିବାହିତାଙ୍କ ମଧ୍ୟରେ ପ୍ରଭେଦ ରହିବା ଉଚିତ କି ନୁହେଁ, ଏହା ଉପରେ ଖଣ୍ଡପୀଠ ଗତ ଅଗଷ୍ଟ ୨୩ରେ ଏମ୍‌ଟିପି ଆଇନରେ ଥିବା ବ୍ୟବସ୍ଥାଗୁଡ଼ିକର ବ୍ୟାଖ୍ୟା ଉପରେ ରାୟ ସଂରକ୍ଷିତ ରଖିଥିଲେ। ଜଣେ ୨୫ ବର୍ଷୀୟା ଅବିବାହିତ ମହିଳାଙ୍କ ପିଟିଶନ ଉପରେ ସୁପ୍ରିମକୋର୍ଟ ଉପରୋକ୍ତ ଐତିହାସିକ ରାୟ ଦେଇଛନ୍ତି। ମହିଳା ଜଣକ ସହମତିରେ ସମ୍ପର୍କ ରଖି ଗର୍ଭଧାରଣ କରିଥିଲେ। ସେ ୨୩ ସପ୍ତାହର ଗର୍ଭବତୀ ଥିବାବେଳେ ତାଙ୍କ ପୁରୁଷ ସାଥୀ ବିବାହ କରିବାକୁ ମନା କରିଦେଇଥିବାରୁ ଗର୍ଭପାତ ଲାଗି ହାଇକୋର୍ଟଙ୍କ ଅନୁମତି ଲୋଡ଼ିଥିଲେ। ତାଙ୍କର ୫ ଜଣ ସାନ ଭାଇଭଉଣୀ ଅଛନ୍ତି ଓ ମାଆବାପା ଚାଷୀ ହୋଇଥିବାରୁ ସେ ଛୋଟ ଛୁଆର ଲାଳନପାଳନ କରିବାକୁ ଅକ୍ଷମ ବୋଲି ଦର୍ଶାଇଥିଲେ। ତେବେ ସେ ଅବିବାହିତ ହୋଇଥିବାରୁ ଆଇନ ଅନୁଯାୟୀ ଗର୍ଭପାତ କରିପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ରାୟ ଦେଇଥିଲେ। ଏହାକୁ ମହିଳା ଜଣକ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟି ଉପସ୍ଥିତ ରହି ସୁପ୍ରିମକୋର୍ଟଙ୍କୁ କହିଥିଲେ, ପାର୍ଲାମେଣ୍ଟରେ ଗୃହୀତ ଆଇନରେ କୌଣସି ପକ୍ଷପାତ ରହିଥିଲେ, ଅଦାଲତ ଯଦି ହସ୍ତକ୍ଷେପ କରିବାକୁ ଚାହାନ୍ତି, ତେବେ କରିପାରିବେ। ସେ କହିଥିଲେ, ଏମ୍‌ଟିପି (ସଂଶୋଧନ) ଆଇନ, ୨୦୨୧ରେ କୌଣସି ପକ୍ଷପାତ ନାହିଁ। ଆଇନର ପ୍ରାସଙ୍ଗିକ ନିୟମାବଳୀରେ ବର୍ଗୀକରଣ କରାଯାଇଥିବା ଭଟି କହିଥିଲେ।

## ବିଧାୟକ ମୋକିମ୍‌ଙ୍କୁ...

(ଏମ୍‌ଡି) ବିନୋଦ କୁମାର, କମ୍ପାନୀ ସେକ୍ରେଟାରି ସ୍ୱସ୍ତି ରଞ୍ଜନ ମହାପାତ୍ର, ମେଟ୍ରୋ ବିଲ୍‌ଡର୍ସ ନିର୍ଦ୍ଦେଶକ ପୀୟୁଷ ମହାନ୍ତି। ମେଟ୍ରୋ ବିଲ୍ଡର୍ସ କମ୍ପାନୀକୁ ମଧ ଦୋଷୀ ସାବ୍ୟସ୍ତ କରାଯାଇଛି। ଉପରୋକ୍ତ ୪ଜଣଙ୍କୁ ୫୦ହଜାର ଲେଖାଏ ଅର୍ଥଦଣ୍ଡରେ ମଧ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ କ୍ଷେତ୍ରରେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ସତ୍ୟନାରାୟଣ ଷଡ଼ଙ୍ଗୀ ରାୟରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ମୋକିମ୍‌ଙ୍କୁ ଜାମିନ ମିଳିଛି। ସେ ଏହି ଦଣ୍ଡାଦେଶ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ବିନୋଦ କୁମାର ୨୦୦୦ ଜାନୁୟାରୀ ୪ରୁ ୨୦୦୧ ମେ' ୧୫ ପର୍ଯ୍ୟନ୍ତ ଓଆର୍‌ଏଚ୍‌ଡିସିର ଏମ୍‌ଡି ଦାୟିତ୍ୱରେ ଥିଲେ। ସେହି ସମୟରେ ସ୍ୱସ୍ତି ରଞ୍ଜନ ମହାପାତ୍ର ମଧ କମ୍ପାନୀ ସେକ୍ରେଟାରି ଭାବେ କାର୍ଯ୍ୟରତ ଥିଲେ। ୨୦୦୦ ଜୁନ ୨୪ରେ ମେଟ୍ରୋ ବିଲ୍ଡର୍ସ ଭୁବନେଶ୍ୱର ନୟାପଲ୍ଲୀଠାରେ ମେଟ୍ରୋ ସିଟି-୨ ପ୍ରୋଜେକ୍ଟ ନାମରେ ୫୦ନମ୍ବର ବିଶିଷ୍ଟ ଫ୍ଲାଟ ନିର୍ମାଣ ପାଇଁ ଋଣ ଆବେଦନ କରିଥିଲା। ତେବେ ସେହି ସମୟରେ ମେଟ୍ରୋ ବିଲ୍ଡର୍ସ ଆପରାଧିକ ଯୋଜନା କରି ଋଣ ପାଇଁ ବିଡିଏ ପ୍ଲାନ, ଟାକ୍ସ ରିଟର୍ନ, ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ଆଦି ଜାଲ ଦସ୍ତାବିଜ ଦେଇଥିଲା। ଓଆର୍‌ଏଚ୍‌ଡିସିର ତତ୍କାଳୀନ କମ୍ପାନୀ ସେକ୍ରେଟାରି ସ୍ୱସ୍ତି ରଞ୍ଜନ ମହାପାତ୍ର ମଧ କାଗଜକୁ ଠିକ୍‌ଭାବେ ଯାଞ୍ଚ କରି ନ ଥିଲେ। ଅନ୍ୟପକ୍ଷରେ ବିନୋଦଙ୍କ ଋଣ ଦେବାର କ୍ଷମତା ନ ଥିଲେ ବି ସେ ଏହାକୁ ବେଖାତିର କରିଥିଲେ। ଏପରିକି ସେ ଲୋନ କମିଟି ଠାରୁ ମଧ ଅନୁମତି ନ ଆଣିବା ସହ ଋଣ ଦେବା ପୂର୍ବରୁ କୌଣସି ସର୍ତ୍ତାବଳୀକୁ ଅନୁସରଣ କରି ନ ଥିଲେ। ଉଭୟ ପକ୍ଷର ଅଭିଯୁକ୍ତଙ୍କ ସହମତିରେ ମେଟ୍ରୋ ବିଲ୍ଡର୍ସକୁ ୩ଟି କିସ୍ତିରେ ୧କୋଟି ୫୦ଲକ୍ଷ ଟଙ୍କା ଋଣ ଦିଆଯାଇଥିଲା। ଏନେଇ ଜଣାପଡ଼ିବା ପରେ ରାଜ୍ୟ ସରକାର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପରେ ୨୦୦୫ ମାର୍ଚ୍ଚ ୩୦ରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୭/୨୦୦୫) ରୁଜୁ କରାଯାଇ ଘଟଣା ସଂକ୍ରାନ୍ତରେ ତଦନ୍ତ ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ଋଣ ନ ଶୁଝିବାରୁ ୨୦୦୭ ଅକ୍ଟୋବର ୩୧ ସୁଦ୍ଧା ମେଟ୍ରୋ ବିଲ୍ଡର୍ସ ଉପରେ ସୁଧ ସହ ମୂଳ ମିଶି ୬ କୋଟି ୨୨ ଲକ୍ଷ ୨୫ ହଜାର ୨୧୪ ଟଙ୍କା ବାକି ହୋଇଥିଲା। ଫଳରେ ରାଜ୍ୟ ସରକାରଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡ଼ିଥିଲା। ମାମଲାର ଶୁଣାଣି ସମୟରେ ୭ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ଦସ୍ତାବିଜକୁ ଆଧାର କରି ଦୁର୍ନୀତି ବିରୋଧରେ ପ୍ରମାଣ ପାଇବା ପରେ କୋର୍ଟ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ହେମନ୍ତ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

ମାମଲାର ରାୟକୁ ନେଇ ବିଧାୟକ ମୋକିମ୍ ଗଣମାଧ୍ୟମ ଜରିଆରେ କହିଛନ୍ତି, ବ୍ୟବସାୟ କରି ବିରୋଧୀ ଦଳରୁ ରାଜନୀତି କଲେ ଏଭଳି ସମ୍ମୁଖୀନ ହେବାକୁ ପଡ଼ିଥାଏ। ଆଇଏଏସ୍ ବିନୋଦଙ୍କୁ ଟାର୍ଗେଟ କରି ଆମକୁ ଫସାଇଛନ୍ତି। କୌଣସି ପ୍ରକାର ଅନୀତି ହୋଇନାହିଁ। ଆମେ ଦେଢ଼ କୋଟି ଟଙ୍କା ଋଣ ନେଇଥିଲୁ। ପରେ ୧ କୋଟି ୨୬ ଲକ୍ଷ ଶୁଝିଥିଲୁ। ଦଣ୍ଡାଦେଶ ଶୁଣାଇଥିବା କୋର୍ଟ ଆମକୁ ଜାମିନ ଦେଇଛନ୍ତି। ଏହାକୁ ନେଇ ହାଇକୋର୍ଟ ଯିବୁ ଏବଂ ଆଇନର ପରିଧି ଭିତରେ ଯାହା ଅଛି ତାହା କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଦୋଷୀ ସାବ୍ୟସ୍ତ ହୋଇଥିବା ପୂର୍ବତନ ଆଇଏଏସ୍ ଅଫିସର ବିନୋଦଙ୍କ ବିରୋଧରେ ୨୭ଟି ଭିଜିଲାନ୍ସ ମାମଲା ଚାଲିଥିବାବେଳେ ପୂର୍ବରୁ ୨ଟି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ଚାକିରିରୁ ବରଖାସ୍ତ କରିବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରେ ସୁପାରିସ କରିଥିଲେ। ତାହା ମଞ୍ଜୁର ହେବା ପରେ ଫେବୃୟାରୀ ୨ରେ ବିନୋଦଙ୍କୁ ଚାକିରିରୁ ବିଦା କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଅଟକି ରହିଥିବା କାମ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। କର୍ମକ୍ଷେତ୍ର, ବ୍ୟବସାୟ, ପରିବହନ, ରାଜନୀତି, ସଭାସମିତି ପାଇଁ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ନିକଟ ସମ୍ପର୍କୀୟଙ୍କ ମିଥ୍ୟା ଅଭିଯୋଗ ସକାଶେ ନିଜ ଲୋକମାନଙ୍କୁ ଦାୟୀ କରିବେ। ଆପୋସ ଆଲୋଚନା ଦ୍ୱାରା ପାରିବାରିକ ସମସ୍ୟାର ସମାଧାନ କରିବେ।

**ବୃଷ** – ପରୋକ୍ଷ ଶତ୍ରୁତା କାରଣରୁ ନିଜେ କୌଣସି ଭୁଲ୍ ନ କରି ଦୋଷୀ ରୂପେ ପରିଗଣିତ ହେବେ। କେତେକ ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ଏହା ଘଟିବାର ସମ୍ଭାବନା ଅଧିକ ରହିଛି। ଅର୍ଥ କିମ୍ବା ଆବଶ୍ୟକତା ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ସାଧାରଣ ପରିସ୍ଥିତିରେ ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ।

**ମିଥୁନ** – ଆଜି ସ୍ୱାସ୍ଥ୍ୟରେ ଉନ୍ନତି, ଗୃହରେ ଶାନ୍ତି, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ। ମାଲିମକଦ୍ଦମା, ଆଲୋଚନା, ଗବେଷଣା, ପ୍ରେସ୍ ପବ୍ଲିକେଶନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରେ, କଳା ସାହିତ୍ୟ, ରାଜନୀତି, ଶିଳ୍ପ, ବାଣିଜ୍ୟରେ ଚାପର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ** – ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଭ୍ରମଣ ସୁଯୋଗ, ବନ୍ଧୁଙ୍କ ନିମନ୍ତ୍ରଣ ଓ ବନ୍ଧୁମିଳନରୁ ଖୁସି ରହିବେ। ପୁଷ୍ୟା ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ କେତେକ ମାନସିକ ଦ୍ୱନ୍ଦ୍ୱରେ ସମୟ କଟାଇବେ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ବ୍ୟବସାୟ ଏପରିକି ଯୋଗାଣ କାରବାରରେ ଉନ୍ନତି କରିପାରନ୍ତି।

**ସିଂହ** – ପରିସ୍ଥିତି କେତେକାଂଶରେ ଭଲ ହେଲେ ମଧ ପ୍ରତ୍ୟେକ କାମରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗିରହିବ। ସଦାବେଳେ ହାତଖାଲି ରହିବାରୁ ମନରେ ସରସତା ରହିବ ନାହିଁ। ଅବଶ୍ୟ, ଆଜି ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ।

**କନ୍ୟା** – ଆଜି ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ। ଚିତ୍ରା ନକ୍ଷତ୍ର ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରଯତ୍ନ କରିବେ ଓ ଏଥିପାଇଁ ବନ୍ଧୁଙ୍କୁ ନେହୁରା ହେବାକୁ ପଡ଼ିବ। ପ୍ରତିଦ୍ୱନ୍ଦ୍ୱୀ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ତୁଳା** – ନିଜର ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ ଓ ବନ୍ଧୁମିଳନ ଘଟିବ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ପ୍ରିୟବନ୍ଧୁଠାରୁ ପାଇବାକୁଥିବା ବକେୟା ଟଙ୍କା ପାଇଁ ସମସ୍ୟା ଉପୁଜିପାରେ।

**ବିଛା** – ନିଜର ପ୍ରାଧାନ୍ୟ ରକ୍ଷା କରିବାକୁ ଯାଇ ବନ୍ଧୁମାନଙ୍କ ସହ ମତାନ୍ତରର ସମ୍ଭାବନା ରହିଛି। ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ ଓ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପ୍ରିୟଜନମାନଙ୍କ ସାହାଯ୍ୟରୁ ଅପରାହ୍ଣେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ।

**ଧନୁ** – ଆପଣଙ୍କ ପ୍ରୟୋଗାତ୍ମକ କୌଶଳ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ସମାଧାନରେ ସାହାଯ୍ୟ କରିବ। ଆଜି ଅର୍ଥଲାଭ, ସମ୍ମାନ ପ୍ରାପ୍ତି, କାର୍ଯ୍ୟସିଦ୍ଧି ହେତୁ ମନ ପ୍ରଫୁଲ୍ଲ ରହିବ। ଯେକୌଣସି କାମ ଆରମ୍ଭ ପୂର୍ବରୁ ସରଳ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ସୁସ୍ଥତା ଫେରିପାଇବେ କିନ୍ତୁ ବହୁତ ହଇରାଣ ହେବାକୁ ପଡ଼ିପାରେ।

**ମକର** – ଆଜିର ଯାତ୍ରା, ବାଣିଜ୍ୟ, ବିବାଦୀୟ ଘଟଣା ଓ ପରିବହନରେ ସମସ୍ୟା ଏହାର କାରଣ ହେବ। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ପରିବାର ଭିତରେ ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** – ଆଜି ଆପଣ ନୂତନ ଗୃହ, ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆର୍ଥିକ ସମସ୍ୟା, ଜମିଜମା ମାମଲା, ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ। ବନ୍ଧୁଙ୍କ ସହାୟତାରେ ଅଭିଳଷିତ କାମ ହାସଲ କରିବେ।

**ମୀନ** – ଆଜି ଯେଉଁ କାମରେ ହାତଦେବେ, ସେଥିରେ ନିଶ୍ଚିତ ସଫଳତା ହାସଲ କରିବେ। ବିଳମ୍ବରେ ହେଲେ ମଧ କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ।

## classifieds Everyday
0674-2580101, 2549302




### SALE

Commercial space for sale in Forest Park, Unit-6, 190sqft. super builtup. 9937928349. D-1655

ନଖରା East College Front, ବାଲିଅନ୍ତାରେ SC/ General plot କିଣି ତୁରନ୍ତ ଘର କରନ୍ତୁ। 9776846520. D-74126

Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272. D-73296

Commercial Cum residential plot at Brahmanjharilo Cuttack (Niali Road) 6km. to Phulanakhara, 11km. to Bhubaneswar. 7809525452. D-73979

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117

Bhubaneswar Khorda near 100ft. road available ଘରବାଡ଼ି ଜମି immediate registration, possession book @ 3lacs. 9078263828. D-1520

Sale ready to move 2 Nos. 2BHK flat near AIIMS Hospital, Bhubaneswar. Contact No: 9777017120. D-73875

ଭୁବନେଶ୍ୱର ଗ୍ୟାରେଜ ଛକରେ 30 ରୋଡ୍ ଥାଇ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-1651

Duplex sale at Bhubaneswar @45 lakhs and apartment @63lakhs. 9439206202. D-74129

ORERA Approved 2/3 BHK flat for sale at Jharpada and Hanspal Chhak NH side. Contact: 7978209277. 1539

ଘରବାରି ପ୍ଲଟ୍ ବାଉଣ୍ଡାରୀ ସହିତ ଭୁବନେଶ୍ୱର ବିର୍ଲା ସ୍କୁଲକୁ ଲାଗିକି ମାତ୍ର Rs 850/-sqft. Mob: 7008368091, 9437714391. D-1576

ଭୁବନେଶ୍ୱର ନଖରା ଘରବାରି SC plot sqft.-130/- general-350/-. 9439660381. D-74124

N.H. side ORERA Approved project at Twincity, Telengapentha, Cuttack near Panda Cancer Hospital. 2BHK flats available Unit Price Rs.- 61,00,000.00 onwards. Delivery Shortly. Contact Number- 9238315816. D-73976

ଭୁବନେଶ୍ୱରରେ ପ୍ଲଟ୍ କିଣନ୍ତୁ। Patrapada 1900/-, Gangapada-850/-, Sundarpada-399/-. 9439493164. D-74123

Readymade 2/3 BHK flat sale at Acharyavihar. Contact: 7978209277. D-1537

Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320. D-74112

Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ। 7008297827, 9692999455. D-74105




Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73975

Newly opened full body massage center by expert therapist. 7381172169. D-73648

Relax, Refresh your body, Mind at Saikrupa Spa with best therapies. 8984068077. D-1543

Newly open full body massage ladies and gents. 9040171280. D-73977

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in




Mastermind Abacus complete Brain development program for kids online & offline, free admission till 10th Oct. 8144544348. D-1656

### AFFIDAVIT

By virtue of an affidavit before Executive Magistrate, Cuttack I declared my name as Lakshmipriya Sethi which is reflected in my Aadhaar Card. I his name will be used in all purposes. D-1662

By virtue of an affidavit sworn before the Executive Magistrate, Sambalpur I, Barsharani Mishra, At/PO.: Sasan, Dist.: Sambalpur declared that, my daughter's name is Parineeta Mohanty. I wants to change her surname from Mohanty to Priyadarshini. Henceforth she will be known as Parineeta Priyadarshini for all purposes. D-1659

I, Sri Tikan Sahu @ Dinabandhu Sahu, S/o: Khira Sahu residing At: Kankurpal, Ps: Chhendipada, Dist: Angul, have changed my name as Tikan Sahu vide Affidavit No: 1280/ dt: 23-09-2022 at Excutive Magistrate chhendipada. Henceforth I will be known as Tikan Sahu for all purposes. D-1660

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



ଭୁବନେଶ୍ୱରର ବରମୁଣ୍ଡା ପଡ଼ିଆଠାରେ ଗୁରୁବାର ପଦଯାତ୍ରା ପ୍ରସ୍ତୁତି ବୈଠକକୁ ବିଜେଡିର ନେତୃବୃନ୍ଦ ଉଦ୍‌ଘାଟନ କରୁଛନ୍ତି।




ଭୁବନେଶ୍ୱରର ଜନତା ମଇଦାନଠାରେ ଭାଜପାର ଶକ୍ତିକେନ୍ଦ୍ର କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ରାଷ୍ଟ୍ରୀୟ ଅଧକ୍ଷ ଜେ.ପି.ନଡ୍ଡା ଓ ଅନ୍ୟ ନେତୃବୃନ୍ଦ।

# ଜନକଲ୍ୟାଣ ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଅ

## ବିଜେଡିର ୨ ଦିନିଆ ପଦଯାତ୍ରା ପ୍ରସ୍ତୁତି ବୈଠକ

- ଦଳୀୟ ନେତା, କର୍ମୀଙ୍କୁ ନବୀନଙ୍କ ଆହ୍ୱାନ
- ବିଜେଡି ଏକ ସାମୂହିକ ଆନ୍ଦୋଳନରେ ପରିଣତ ହୋଇଛି: ପ୍ରଣବ ପ୍ରକାଶ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ଆମ ଦଳ ଲୋକଙ୍କ ସାଥିରେ ଅଛି, ଲୋକଙ୍କ ପାଇଁ କାମ କରୁଛି। ଆମ ସରକାରର ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ବାର୍ତ୍ତା କିପରି ଲୋକଙ୍କ ପାଖରେ ପହଞ୍ଚିପାରିବ ତାହା ଉପରେ ଧ୍ୟାନ ଦିଅ। ଗୁରୁବାର ବରମୁଣ୍ଡା ପଡ଼ିଆରେ ଆରମ୍ଭ ହୋଇଥିବା ପଦଯାତ୍ରା ପ୍ରସ୍ତୁତି ବୈଠକକୁ ବେଙ୍ଗାଲୁରୁରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ସମ୍ବୋଧନ କରି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ନେତା ଓ କର୍ମୀଙ୍କୁ ଏମିତି ବାର୍ତ୍ତା ଦେଇଛନ୍ତି। ଗାନ୍ଧୀ ଜୟନ୍ତୀଠାରୁ ସାରା ରାଜ୍ୟରେ ଆରମ୍ଭ ହେଉଥିବା ବିଜେଡିର ୧ ମାସବ୍ୟାପୀ ଜନସମ୍ପର୍କପଦଯାତ୍ରାକୁସଫଳକରିବାକୁ ଆହ୍ୱାନ ଦେଇଛନ୍ତି। ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ କରୁଛି। ଦେଶର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ସଂଗ୍ରାମୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେହି ବରପୁତ୍ରମାନଙ୍କ ଅବଦାନ ସମ୍ପର୍କରେ ଲୋକଙ୍କୁ ସ୍ମରଣ କରାଇ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଏହି ସମାବେଶରେ ଅଧକ୍ଷତା କରି ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି ୨୫ ବର୍ଷ ତଳେ ନବୀନବାବୁ ବିଜେଡିର ଯେଉଁ ଚାରାଟିଏ ପୋତିଥିଲେ, ତାହା ଆଜି ମହାଦ୍ରୁମରେ ପରିଣତ ହୋଇଛି। ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ବିଜୁ ଜନତା ଦଳ ଏକ ସାମୂହିକ ଆନ୍ଦୋଳନର ରୂପ ନେଇଛି। ଏତେ ବର୍ଷ ପରେ ବି ଦଳ ଏହାର ପ୍ରତିବଦ୍ଧତାରୁ ବିଚ୍ୟୁତ ହୋଇନାହିଁ। ବିଜୁବାବୁଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ସେଦିନ ସେ ସଂକଳ୍ପ ନେଇଥିଲେ। ସେବେଠୁ ମୁଖ୍ୟମନ୍ତ୍ରୀ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଉତ୍ସର୍ଗୀକୃତ ଭାବେ କାମ କରି ସାଢ଼େ ୪ କୋଟି ଓଡ଼ିଆଙ୍କ ଆଶା ଓ ଭରସାର ପ୍ରତୀକ ସାଜିଛନ୍ତି। ଏହି ପ୍ରତିବଦ୍ଧତାକୁ ଆଗକୁ ନେବା ଆମର ଉତ୍ତରଦାୟିତ୍ୱ ରହିଛି ବୋଲି ସେ କହିଛନ୍ତି।

ଏହି ବୈଠକରେ ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ମନ୍ତ୍ରୀ ଅତନୁ ସବ୍ୟସାଚୀ, ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ , ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ମନ୍ତ୍ରୀ ପ୍ରମିଳା ମଲ୍ଲିକ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ବିଜୁ ମହିଳା ଜନତା ଦଳର ସଭାପତି ସ୍ନେହାଙ୍ଗିନୀ ଛୁରିଆ, ବିଜୁ ଯୁବ ଜନତା ଦଳର ସଭାପତି ବ୍ୟୋମକେଶ ରାୟ, ଯୁବ ବ୍ୟାପାର ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତରାୟ, ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ବିଭିନ୍ନ ବିଷୟରେ ବକ୍ତବ୍ୟ ରଖି ପଦଯାତ୍ରାକୁ ସଫଳ କରିବାକୁ ଆହ୍ୱାନ ଦେଇଛନ୍ତି। ସମାବେଶର ଦ୍ୱିତୀୟ ଅଧିବେଶନରେ ପ୍ରଖ୍ୟାତ ପ୍ରେରଣାଦାୟୀ ବକ୍ତା ଉଜ୍ଜ୍ୱଳ ପଟନୀ ନବୀନବାବୁଙ୍କୁ ଦେଶର ତିନି ଜଣ ଶ୍ରେଷ୍ଠ ନେତାଙ୍କ ମଧ୍ୟରୁ ଜଣେ ବୋଲି ଅଭିହିତ କରିଛନ୍ତି। ବୈଠକ ପ୍ରାରମ୍ଭରେ ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ପ୍ରଦୀପ ଅମାତ, ଟୁକୁନି ସାହୁ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ସମାବେଶକୁ ଉଦ୍‌ଘାଟନ କରିଥିଲେ। ବନ୍ଦେ ଉତ୍କଳ ଜନନୀ ଗାନ ହେଲା ପରେ ବୈଠକ ଆରମ୍ଭ ହୋଇଥିଲା।

# ନକଲି ସରକାରକୁ ଫିଙ୍ଗିଦିଅ: ନଡ୍ଡା

- ଓଡ଼ିଶାରେ ଡବଲ ଇଞ୍ଜିନର ସରକାର ଆଣିବା ପାଇଁ ଆହ୍ୱାନ
- କେନ୍ଦ୍ର ସରକାରଙ୍କ ସଫଳ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଅ
- ନବୀନଙ୍କ ନାଁ ଶେଷଯାଏଁ ନେଲେନି
- କଂଗ୍ରେସ ଏବେ ଭଉଣୀ, ଭାଇଙ୍କ ଦଳରେ ପରିଣତ ହୋଇଛି

ଭୁବନେଶ୍ୱର,୨୯।୯(ବ୍ୟୁରୋ)

୨୦୨୪ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଏହା ପୂର୍ବରୁ ଶାସକ ବିଜେଡି ଏବଂ ଭାଜପା ଭିନ୍ନଭିନ୍ନ କାର୍ଯ୍ୟକ୍ରମ ଜରିଆରେ ବଳ କଷାକଷି ଆରମ୍ଭ କରିଦେଇଛନ୍ତି। ଗୋଟିଏ ପଟେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜଗତ୍ ପ୍ରକାଶ ନଡ୍ଡା ଗୁରୁବାର ପ୍ରଥମ ଥର ଲାଗି ଓଡ଼ିଶା ଗସ୍ତରେ ଆସି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ବିଜେଡି ସମାନ ଦିନରେ ଯୁବ, ଛାତ୍ର ଓ ମହିଳାଙ୍କ ଏକ ସମାବେଶ କରିଛି। ଏଠାରେ ଡୁପ୍ଲିକେଟ୍ ସରକାର ଚାଲିଛି ଓ ଏହାକୁ ବିଦା କରାଯିବା ଦରକାର ବୋଲି ନଡ୍ଡା ଶକ୍ତିକେନ୍ଦ୍ରରୁ ଆସିଥିବା ପ୍ରମୁଖମାନଙ୍କୁ ଆହ୍ୱାନ କରିଛନ୍ତି। ହେଲେ ନଡ୍ଡା ତାଙ୍କ ୩୬ ମିନିଟ୍ ୩୨ ସେକେଣ୍ଡର ଭାଷଣ ଭିତରେ ଥରେ ହେଲେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାଁ ନେଇନାହାନ୍ତି କିମ୍ବା ତାଙ୍କୁ ସିଧାସଳଖ ସମାଲୋଚନା କରିନାହାନ୍ତି। ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ନଡ୍ଡା ପ୍ରାୟ ୨ଘଣ୍ଟା ବିଳମ୍ବରେ ପାଖାପାଖି ୧୨ଟା ବେଳକୁ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ। ତାଙ୍କୁ ସ୍ୱାଗତ କରିବା ଲାଗି ବହୁ ନେତା ଓ କର୍ମୀ ବିମାନବନ୍ଦରଠାରେ ଅପେକ୍ଷା କରି ରହିଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତର ଲୋକଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ତାଙ୍କୁ ସ୍ୱାଗତ କରାଯାଇଛି। ସେଠାରୁ ଏକ ବିଶାଳ ବାଇକ୍ ରାଲି ଜରିଆରେ ଭାଜପା ରାଜ୍ୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ତାଙ୍କୁ ପାଛୋଟି ନିଆଯାଇଥିଲା। ସେଠାରେ କିଛି ସମୟ ରହିବା ପରେ ଜନତା ମଇଦାନଠାରେ ଆୟୋଜିତ ଶକ୍ତିକେନ୍ଦ୍ର କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ନଡ୍ଡା ପହଞ୍ଚି କହିଛନ୍ତି, ଓଡ଼ିଶାରେ ଆଗାମୀ ଦିନରେ ଭାଜପା ସରକାର ଆସିବା ଦରକାର। ଓଡ଼ିଶାରେ ଭ୍ରଷ୍ଟାଚାର ବଢ଼ିଯାଇଛି। ବିନା ନେତାରେ ଭ୍ରଷ୍ଟାଚାର ରୋକିବା ସମ୍ଭବ ନୁହେଁ। ସେ କେନ୍ଦ୍ରରେ ସ୍ୱାସ୍ଥ୍ୟମନ୍ତ୍ରୀ ଥିବାବେଳେ ଓଡ଼ିଶା ଯାହା ମାଗିଛି ଦିଆଯାଇଛି। ହେଲେ ସବୁଦିନ ଖବରରେ ଦେଖିବାକୁ ଏବଂ ଶୁଣିବାକୁ ମିଳୁଛି ରୋଗୀ ସାଇକେଲରେ ଡାକ୍ତରଖାନା ବୁହା ହେଉଛନ୍ତି। ପୁଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଏଠି ସୁରକ୍ଷିତ ନୁହେଁ। ଖୋଦ୍ ସରକାର କେତେବେଳେ କହୁଛନ୍ତି ଚାବି ହଜିଯାଇଛି ତ ପୁଣି କେବେ କହୁଛନ୍ତି ଡୁପ୍ଲିକେଟ୍ ଚାବି ଅଛି। ଯେଉଁଠାରେ ସରକାର ଡୁପ୍ଲିକେଟ୍ ବା ନକଲି ସେଠାରେ ଚାବି କେମିତି ଡୁପ୍ଲିକେଟ୍ ହେବନି, ଆଉ କ'ଣ ହେବ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ ବାଟମାରଣା ହେଉଛି। ଇଏ ଥପ୍ପା ମାରିବା ସରକାର। ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କାଘର ନାଁରେ ଥପ୍ପା ମାରି ପ୍ରଚାର କରୁଛନ୍ତି। ରକ୍ଷକ ଯଦି ଭକ୍ଷକ ସାଜିବ ତ କ'ଣ ହେବ। ଏ ସରକାରର ୩ ମନ୍ତ୍ରୀ ହତ୍ୟା ଭଳି ସଙ୍ଗୀନ ମାମଲାରେ ସମ୍ପୃକ୍ତ ଅଛନ୍ତି। ସରକାରରେ ଥିବା ବ୍ୟକ୍ତି ଯଦି ହତ୍ୟା ଅଭିଯୁକ୍ତ ହେବେ ତେବେ ଏଠି କ'ଣ ହେବ। ସେହି ୩ ମନ୍ତ୍ରୀଙ୍କ ନାଁ ଆଗକୁ ଆସିଛି ନା ନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ଆୟୁଷ୍ମାନ ଯୋଜନାରୁ ଓଡ଼ିଶାର ୬୦ ଲକ୍ଷ ପରିବାର ବଞ୍ଚିତ ଅଛନ୍ତି। ତେଣୁ ଏଭଳି କୁଶାସନର ସରକାରକୁ ଓଡ଼ିଶାରୁ ଫିଙ୍ଗିଦେଇ ଏଠାରେ ଡବଲ ଇଞ୍ଜିନର ସରକାର ଆଣିବା ପାଇଁ କାମ କରିବାକୁ ସେ ଆହ୍ୱାନ କରିଛନ୍ତି। ଜୟ ଜଗନ୍ନାଥ କହି ଭାଷଣ ଆରମ୍ଭ କରିଥିବା ନଡ୍ଡା ଆହୁରି କହିଛନ୍ତି, କଂଗ୍ରେସର ଆଉ ଜାତୀୟତା ନାହିଁ। ଏହା ଏବେ ଭଉଣୀ, ଭାଇଙ୍କ ଦଳରେ ପରିଣତ ହୋଇଛି। ସମ୍ମିଳନୀରେ ଭାଜପା ପ୍ରଭାରୀ ଡି ପୁରନ୍ଦେଶ୍ୱରୀ, କ୍ଷେତ୍ରୀୟ ପ୍ରଭାରୀ ସୁନିଲ ବଂଶଲ, ସହପ୍ରଭାରୀ ବିଜୟପାଲ ସିଂ ତୋମାର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ଅନ୍ୟ ଏମ୍‌ପି ଓ ବିଧାୟକମାନେ ଉପସ୍ଥିତ ଥିଲେ।

# ପୁରୀ ଜେଲରେ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ

## ଆତ୍ମହତ୍ୟା ଉଦ୍ୟମ କରିଥିବା ସନ୍ଦେହ

ପୁରୀ ଅଫିସ,୨୯।୯

ବାଙ୍ଗରସ୍ଥିତ ପୁରୀ ମୁଖ୍ୟ କାରାଗାରରେ ଗୁରୁବାର ଜଣେ କଏଦୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତକ ହେଲେ ସତ୍ୟବାଦୀ ଥାନା ଅନ୍ତର୍ଗତ ବିଶ୍ୱନାଥପୁରର ଶିବ ପ୍ରସାଦ ଭୋଇ(୪୫)। ହଠାତ୍ ଅପରାହ୍ନରେ ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିଲା। ରାସ୍ତାରେ ଯିବାବେଳେ ତାଙ୍କର ମୃତ୍ୟୁ ହୋଇଯାଇଛି। ଖବରପାଇ ରାମଚଣ୍ଡୀ ଥାନା ପୋଲିସ ପହଞ୍ଚିଥିଲା। ଶିବଙ୍କ ମୃତଦେହକୁ ପୁରୀ କଲେରା ହସ୍ପିଟାଲରେ ବ୍ୟବଚ୍ଛେଦ ପାଇଁ ରଖାଯାଇଛି। ଏଥିସହ ତାଙ୍କ ଘରଲୋକଙ୍କୁ ମଧ ଖବର ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ବାସ୍ତବରେ ଶିବଙ୍କ ଦେହ ଖରାପ ଥିଲା ନା ସେ ଆତ୍ମହତ୍ୟା କରିଛନ୍ତି, ସେନେଇ ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ମାମଲାରେ ଜାନୁୟାରୀ ୮ରେ ଶିବ ଜେଲ ଯାଇଥିଲେ। ତାଙ୍କର ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ବଳାତ୍କାର ମାମଲାରେ ଜେଲ ଆସିଥିବାରୁ ତାଙ୍କ ଘରଲୋକ ମଧ ପଚାରୁ ନ ଥିଲେ, ଯେଉଁଥିପାଇଁ ସେ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। କିଛିଦିନ ଜେଲରେ ରହିବା ପରେ ଶିବଙ୍କର ସ୍ପାଇନାଲ କର୍ଡ ସମସ୍ୟା ଦେଖାଯାଇଥିଲା। ତେଣୁ ତାଙ୍କୁ ୩ରୁ ୪ଥର ପୁରୀ ମେଡିକାଲ ମଧ ନିଆଯାଇଥିଲା। ଏଥିପାଇଁ ସେ ନିୟମିତ ଔଷଧ ଖାଉଥିଲେ। ଶନିବାର ତାଙ୍କର ଏମଆର୍‌ଆଇ ସ୍କାନ ମଧ ହେବାର ଥିଲା। ହେଲେ ହଠାତ୍ ତାଙ୍କର ଦେହ ଏତେ ଅସୁସ୍ଥ ହୋଇପଡ଼ିବା ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ପୁରୀ ଜେଲର ଅକ୍ଷୟ ଜେନା କହିଛନ୍ତି, ଶିବଙ୍କର ଦେହ ଖରାପ ଥିଲା। ସ୍ପାଇନାଲ କର୍ଡ ସମସ୍ୟାରୁ ଚିକିତ୍ସାଧୀନ ଥିଲେ। ଗୁରୁବାର ହଠାତ୍ ଦେହ ଖରାପ ହୋଇଯାଇଥିଲା। ତାଙ୍କୁ ମେଡିକାଲ ନେବାବେଳେ ବାଟରେ ମୃତ୍ୟୁ ଘଟିଥିଲା।















କେତେ ହଜାର ଟଙ୍କା ନଷ୍ଟ ହୋଇଗଲେ ଲୋକେ ଖୁବ୍ ବ୍ୟସ୍ତ ହୋଇ ପଡନ୍ତି। କିନ୍ତୁ ସତ୍ୟରେ ଉପନୀତ ହେବା ଲାଗି ଉଦ୍ଦିଷ୍ଟ ଥିବା ଚେତନା ଓ ଶକ୍ତିର ମହାତରଙ୍ଗ ସବୁ ନଷ୍ଟ ହୋଇଗଲେ ଲୋକଙ୍କୁ ବାଧେ ନାହିଁ। -ଶ୍ରୀମା



# ନିର୍ବାଚନକୁ ଅସ୍ୱୀକାର



ଜାନ୍ ୱେର୍ନର ମୁଲେର୍

ଆସନ୍ତା ମାସରେ ବ୍ରାଜିଲ ରାଷ୍ଟ୍ରପତି ନିର୍ବାଚନ ହେବ। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଜୟେର ବୋଲ୍‌ସୋନାରୋ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପଥ ଆପଣାଇବାକୁ ପ୍ରସ୍ତୁତ ହେଉଛନ୍ତି। ଟ୍ରମ୍ପଙ୍କ 'ବିଗ୍ ଲାଏ', ଯାହା ଭୋଟିଂକୁ ଅବୈଧ ଓ ତ୍ରୁଟିପୂର୍ଣ୍ଣ ଦର୍ଶାଇଥିଲା, ବୋଲ୍‌ସୋନାରୋ ସେଭଳି ଦୃଷ୍ଟିକୋଣ ନେଉଥିବା ଜଣାପଡୁଛି। କ୍ଷମତାରେ ଥିବା ବ୍ୟକ୍ତିବିଶେଷମାନେ ଏହି କୌଶଳ ଗ୍ରହଣକରି ଗଣତାନ୍ତ୍ରିକ ନିର୍ବାଚନକୁ ଅସ୍ୱୀକାର କରନ୍ତି କିମ୍ବା ଅତି ବିପଜ୍ଜନକ ଭାବେ ଉପଦ୍ରବକୁ ପ୍ରୋତ୍ସାହିତ କରିବା ସହ ହିଂସାତ୍ମକ ପଥ ଗ୍ରହଣ କରିବାକୁ ସେମାନଙ୍କ ସମର୍ଥକମାନଙ୍କୁ ଉସୁକାଇଥାଆନ୍ତି। ନିଜ ମତ ଉପସ୍ଥାପନ କରି ସାଧାରଣରେ ଲୋକପ୍ରିୟ ହେବାକୁ ଚାହୁଁଥିବା ଏବଂ ଲଗାତର ବ୍ୟବସ୍ଥା ଓ ରାଜନୈତିକ ଭାବନା ବିରୋଧୀ କାର୍ଯ୍ୟରେ ଜଡିତ ନେତାମାନେ ପପୁଲିଷ୍ଟ ଭାବେ ଜଣାଶୁଣା। ବୋଲ୍‌ସୋନାରୋ ଓ ଟ୍ରମ୍ପ ଏହି ଗୋଷ୍ଠୀର। ଏବେ ବୋଲସୋନାରୋଙ୍କୁ 'ଟ୍ରମ୍ପ ଅଫ୍ ଦି ଟ୍ରପିକ୍ସ' ନାମ ଦିଆଯାଇଛି , କାରଣ ଟ୍ରମ୍ପ ଯାହା କରିଥିଲେ ତାହାଠାରୁ ବୋଲ୍‌ସୋନାରୋ ଅଧିକ କରିପାରିବେ। ନିର୍ବାଚନରେ ଜଣେ ପରାଜିତ ପ୍ରାର୍ଥୀ କିପରି କ୍ଷମତାଶାଳୀ ଓ ପ୍ରଭାବୀ ଏପରି କି ରାଜନୀତିରେ ଏକ ଶକ୍ତି ଭାବେ ରହିପାରନ୍ତି ତାହା ଟ୍ରମ୍ପ ଦେଖାଇଦେଇଛନ୍ତି। କିନ୍ତୁ ନିର୍ବାଚନର ଫଳାଫଳକୁ ସ୍ୱୀକାର କରିବା ଗଣତନ୍ତ୍ରର ଏକ ମୌଳିକ ତତ୍ତ୍ୱ। ଯଦି ନିର୍ବାଚନକୁ ଅସ୍ୱୀକାର କରିବା ଏକ ବୈଶ୍ୱିକ ଧାରା ପାଲଟିଯାଏ, ତେବେ ନାଗରିକମାନେ 'ଅବୈଧ' ବୋଲି ଛଳନା କରୁଥିବା ଏମିତିକା ନେତାମାନଙ୍କୁ କାହିଁକି ଗ୍ରହଣ କରିବେ।

ବୋଲସୋନାରୋ ନିର୍ବାଚନରେ ଲୁଇଜ୍ ଇନାସିଓ ଲୁଲା ଡିସିଲଭା (ଲୁଲା ଭାବେ ଜଣାଶୁଣା)ଙ୍କୁ ସାମ୍ନା କରୁଛନ୍ତି। ଲୁଲା ବାମପନ୍ଥୀ ନେତା ଓ ପୂର୍ବତନ ରାଷ୍ଟ୍ରପତି। ସେ ଓପିନିଅନ୍ ପୋଲ୍‌ରେ ଲଗାତର ଆଗୁଆ ରହିଛନ୍ତି। ତେବେ ବ୍ୟବଧାନ କମ୍ ଥିବାରୁ ଚରମ ଦକ୍ଷିଣପନ୍ଥୀ ନେତା ବୋଲସୋନାରୋ ଏହି ନିର୍ବାଚନରେ ପରାଜିତ ହେବାର ସମ୍ଭାବନା ରହିଛି। କିନ୍ତୁ ସେହି ପରିଣାମକୁ ଗ୍ରହଣ ନ କରିବା ପାଇଁ ସେ ତାଙ୍କ ସମର୍ଥକମାନଙ୍କୁ ଉସୁକାଇ ଆସିଛନ୍ତି। ସବୁଠୁ ଖରାପ କଥା ହେଉଛି, ବୋଲସୋନାରୋ ବ୍ରାଜିଲରେ୨୦୦୦ ଠାରୁ ଲାଗୁ ହୋଇଥିବା ଇଲେକ୍‌ଟ୍ରୋନିକ ଭୋଟିଂ ବ୍ୟବସ୍ଥା ଉପରେ ସନ୍ଦେହର ବୀଜ ବୁଣିଦେଇଛନ୍ତି। ୬ ଜାନୁୟାରୀ ୨୦୨୧ରେ ଟ୍ରମ୍ପଙ୍କ ସମର୍ଥକମାନେ ୱାଶିଂଟନ ଡିସିରେ ହିଂସାତ୍ମକ ବିଦ୍ରୋହ କରିଥିଲେ। ଏହି ଘଟଣା ପରେ ବୋଲସୋନାରୋ ପ୍ରତିକ୍ରିୟା ରଖିଥିଲେ। ଯଦି ୨୦୨୨ ନିର୍ବାଚନରେ ମୁଦ୍ରିତ ବାଲାଟ ପେପର ନ ରହେ, ତେବେ ଆମେ ଆମେରିକାଠାରୁ ବଡ଼ ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛୁ ବୋଲି ସେ କହିଥିଲେ। ଏହାବାଦ୍ ଆମେରିକାର କ୍ୟାପିଟୋଲରେ ସଶସ୍ତ୍ର ବିଦ୍ରୋହୀମାନେ ଯଦି ଭଲ ଭାବେ ସଂଗଠିତ ହୋଇ ପ୍ରବେଶ କରିଥାନ୍ତେ ତେବେ ସେମାନେ ସଫଳ ହୋଇଥାଆନ୍ତେ ବୋଲି ରାଜନୀତିରେ ସକ୍ରିୟ ତାଙ୍କ ପୁଅ ଏଡୁରାର୍ଡୋ ବୋଲ୍‌ସୋନାରୋ ମତ ଦେଇଛନ୍ତି।




ନିର୍ବାଚନରେ ହାରୁଥିବା ପପୁଲିଷ୍ଟମାନେ ସାଧାରଣରେ ନିର୍ବାଚନକୁ ଅବୈଧ ବୋଲି ଦାବି କରିଥାନ୍ତି। ସେମାନଙ୍କ ଧାରଣା ଯେ,କେବଳ ସେମାନେ ହିଁ ବାସ୍ତବ ଲୋକମାନଙ୍କର ଅସଲି ପ୍ରତିନିଧି ଓ କ୍ଷମତା ଲାଗି ଅନ୍ୟସବୁ ଦାବିଦାର ହେଉଛନ୍ତି ଦୁର୍ନୀତିଗ୍ରସ୍ତ। ପପୁଲିଷ୍ଟମାନଙ୍କ ବିଚାରରେ ଯେଉଁ ନାଗରିକମାନେ ପପୁଲିଷ୍ଟ ନେତାମାନଙ୍କୁ ସମର୍ଥନ କରନ୍ତିନି, ସେମାନେ କେବେ ବି ବାସ୍ତବବାଦୀ ଲୋକ ଭାବେ ଗଣାହୁଅନ୍ତି ନାହିଁ କି ବୈଧ ଭୋଟ ଦିଅନ୍ତି ନାହିଁ । ଉଚ୍ଚପଦାଧିକାରୀଙ୍କୁ ସମାଲୋଚନା କରିବା ସହ ଲୋକମାନଙ୍କୁ ମତ ଦ୍ୱାରା ପ୍ରଭାବିତ କରି ସଂଗଠିତ ଭାବେ ରାଜନୈତିକ ବିଚାର ଓ ବ୍ୟବସ୍ଥା ଏବଂ ସମାଜର ମଙ୍ଗଳକାମୀ ବ୍ୟକ୍ତିମାନଙ୍କୁ ବିରୋଧ କରିଥାଏ ପପୁଲିଜମ୍। ଉଦାହରଣସ୍ୱରୂପ ୨୦୦୨ରେ ହଙ୍ଗେରୀର ସାଧାରଣ ନିର୍ବାଚନରେ ଭିକ୍ଟର ଓର୍ବାନଙ୍କ ଦଳ ହାରିଯିବା ପରେ ସେ କହିଥିଲେ ଯେ, ତାଙ୍କ ମାତୃଭୂମି ବିରୋଧୀଙ୍କ ହାତରେ ରହିପାରିବ ନାହିଁ। ୨୦୦୬ରେ ମେକ୍ସିକୋ ରାଷ୍ଟ୍ରପତି ନିର୍ବାଚନରେ ଏବକାର ରାଷ୍ଟ୍ରପତି ଆଣ୍ଡ୍ରେସ ମାନୁଏଲ ଲୋପେଜ ଓର୍ବାଡୋର ହାରିଯିବା ପରେ ଘୋଷଣା କରିଥିଲେ ଯେ, ଦକ୍ଷିଣପନ୍ଥୀଙ୍କ ବିଜୟ ନୈତିକ ରୂପେ ଅସମ୍ଭବ। ମେକ୍ସିକୋ ସହରରେ ତାଙ୍କ ସମର୍ଥକମାନଙ୍କୁ ଏକ ରାଲିରେ ସମ୍ବୋଧନ କରିବା ଅବସରରେ ସେ ନିଜକୁ ମେକ୍ସିକୋର ନ୍ୟାୟସଙ୍ଗତ ରାଷ୍ଟ୍ରପତି ବୋଲି ଘୋଷଣା କରିଥିଲେ। ଗୋଟିଏ ଦେଶର ଗଣତାନ୍ତ୍ରିକ ତଥା ରାଜନୈତିକ ସଂସ୍କୃତିକୁ ପପୁଲିଷ୍ଟ ନେତାମାନଙ୍କ ବାକ୍‌ପଟୁତା କିଭଳି କ୍ଷତି କରେ ତାହା ଦେଖିବା କଥା। ପପୁଲିଷ୍ଟ ନେତାମାନେ ବ୍ୟବସ୍ଥା ପ୍ରତି ଆଦୌ ବିଶ୍ୱାସ ନ କରିବା ଲାଗି ସେମାନଙ୍କ ସମର୍ଥକମାନଙ୍କୁ ବାଧ କରିଥାନ୍ତି। ଏହା ବ୍ୟତୀତ ଅନ୍ୟ ପଦାଧିକାରୀମାନେ ପ୍ରଚ୍ଛଦରେ ରହି ନିର୍ବାଚନ ପରିଣାମକୁ ସବୁବେଳେ ହେର୍‌ଫେର କରିଥାନ୍ତି ବୋଲି ସେମାନଙ୍କ ସମର୍ଥକମାନଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇଥାଆନ୍ତି।

ଏହା କହିବା ନିଷ୍ପ୍ରୟୋଜନ ଯେ, ନିର୍ବାଚନ ସମ୍ବନ୍ଧୀୟ ଆଇନ ଓ ପଦ୍ଧତି ନିନ୍ଦା ଏବଂ ସମାଲୋଚନାରୁ ଊର୍ଦ୍ଧ୍ୱରେ। ବ୍ୟବସ୍ଥାର ଅଗଣତାନ୍ତ୍ରିକ ପ୍ରସଙ୍ଗକୁ ସମାଲୋଚନା କରିବା ଏବଂ ନିର୍ବାଚନରେ ହାରିବା କାରଣରୁ ପୂରା ସଂସ୍ଥାକୁ ଅଗଣତାନ୍ତ୍ରିକ ବୋଲି ଘୋଷଣା କରିବା ମଧ୍ୟରେ ପ୍ରଭେଦ ରହିଛି। ପ୍ରଥମ ସମାଲୋଚନା ଗଣତନ୍ତ୍ରକୁ ମଜଭୁତ କରିପାରେ, କିନ୍ତୁ ଦ୍ୱିତୀୟଟି ଗଣତନ୍ତ୍ରକୁ ଦୁର୍ବଳ କରିବା ଲାଗି ଉଦ୍ଦିଷ୍ଟ। ଦେଶରେ ବିପରୀତ ବିଚାରଧାରାରେ ଥିବା ଦୁଇଗୋଷ୍ଠୀ ବାଣ୍ଟି ହୋଇଗଲେ ନିର୍ବାଚନକୁ ଅସ୍ୱୀକାର କରିବା ସମ୍ଭାବନା ଅଧିକ ରହିଥାଏ। ଏଭଳି ସ୍ଥିତିରେ ଟ୍ରମ୍ପ ଓ ବୋଲ୍‌ସୋନାରୋଙ୍କ ଭଳି ପପୁଲିଷ୍ଟମାନଙ୍କୁ ଏହା କରିବାକୁ ସୁଯୋଗ ଦିଏ। ଏମାନଙ୍କ ମଧ୍ୟରୁ କେହି ଗୋଟିଏ ରାଜନୈତିକ ଦଳରେ ବାନ୍ଧି ହୋଇ ରହିନାହାନ୍ତି। ବୋଲସୋନାରୋ ଦଳ ପରିବର୍ତ୍ତନ କରିଛନ୍ତି । ଟ୍ରମ୍ପ ମଧ୍ୟ ଦଳ ପରିବର୍ତ୍ତନ କରିବା ପରେ ଏବେ ରିପବ୍ଲିକାନ ପାର୍ଟିରେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ଉଭୟେ ସୋସିଆଲ ମିଡିଆ ଅନୁସରଣ କରିବା ସଂସ୍କୃତି ଗଢିଛନ୍ତି । ଉଭୟଙ୍କର ମଧ୍ୟ କୌଣସି ବାସ୍ତବ ପ୍ରଶାସନିକ ବିଚାରଧାରା କିମ୍ବା ନୀତିଭିତ୍ତିକ କାର୍ଯ୍ୟକ୍ରମ ନାହିଁ। ଏହି ଦୁଇ ନେତା ଏକ ସୀମାହୀନ ବ୍ୟକ୍ତିତ୍ୱ ପ୍ରେରିତ ସଂସ୍କୃତି ଯୁଦ୍ଧ କରିବାକୁ ଠିଆ ହୋଇଛନ୍ତି। ଯଦି ସେମାନଙ୍କର କିଛି ଦଳୀୟ କାର୍ଯ୍ୟକ୍ରମ ଥାଆନ୍ତା,ତେବେ ସେମାନେ ସେଥିପ୍ରତି ଯତ୍ନଶୀଳ ହୋଇଥାନ୍ତେ। ସେମାନେ ଆଗାମୀ ନିର୍ବାଚନ ଜିତିବା ଲାଗି ନିଶ୍ଚିତ ଭାବେ ଚାହିଁଥାନ୍ତେ ଏବଂ ସେମାନଙ୍କ କାର୍ଯ୍ୟକ୍ରମ ଲାଗୁ କରିବାକୁ ସକ୍ଷମ ହୋଇଥାନ୍ତେ। ଏହା ହେଲେ ସେମାନେ ଯାହାକୁ ବାସ୍ତବରେ ଦେଶର ଏକ କ୍ଷତି ଜାଣୁଛନ୍ତି ତାହାକୁ ଦୂର କରନ୍ତେ । ଅନ୍ୟମାନେ ଯାହା କରୁଛନ୍ତି ତାହାଠାରୁ ଏହା ଅଧିକ ପରିଣାମୀ ହୋଇପାରନ୍ତା। ଟ୍ରମ୍ପ 'ବିଗ୍ ଲାଏ'କୁ ସମର୍ଥନ କରି ହିଂସା ଭିଆଇବାକୁ ସଫଳ ହୋଇଛନ୍ତି। ତେବେ କଂଗ୍ରେସରେ ଥିବା ସଂଖ୍ୟାଧିକ ରିପବ୍ଲିକାନ, ସିନେଟର ଏବଂ ଗଭର୍ନର ପ୍ରାର୍ଥୀମାନେ ନଭେମ୍ବରରେ ହେବାକୁ ଥିବା ସାଧାରଣ ନିର୍ବାଚନ ପରାଜୟକୁ ସ୍ୱୀକାର କରିବେ କି ନାହିଁ ତାହା କହିବାକୁ ମନା କରିଦେଇଛନ୍ତି। ବ୍ରାଜିଲରେ ବୋଲସୋନାରୋ ତାଙ୍କ ପକ୍ଷକୁ ସେନାକୁ ଆଣିବା ଲାଗି କୌଶଳ ପ୍ରୟୋଗ କରୁଛନ୍ତି ଓ ପୋଲିସରୁ ଅତ୍ୟଧିକ ସମର୍ଥନ ପାଉଛନ୍ତି।

ଗୋଟିଏ ଦେଶରେ ସାଧାରଣରେ ମତ ପ୍ରକାଶ କରୁ ନ ଥିବା ବିଶାଳ ଗୋଷ୍ଠୀର ନେତା ଭାବେ ନିଜକୁ ଉପସ୍ଥାପିତ କରୁଥିବା ପପୁଲିଷ୍ଟମାନଙ୍କ ମତକୁ ବହୁ ସମୟରେ କମ୍ ଲୋକ ଗ୍ରହଣ କରିଥାନ୍ତି, ଯାହା ଟମ୍ପ୍ ଏବଂ ବୋଲ୍‌ସୋନାରୋଙ୍କ କ୍ଷେତ୍ରରେ ଘଟିଛି। କମ୍ ଲୋକ ସେମାନଙ୍କ ମତରେ ପରିଚାଳିତ ହୋଇ ଗଣତନ୍ତ୍ର ବିରୋଧୀ ହେବା ଓ ନିର୍ବାଚନକୁ ଅସ୍ୱୀକାର କରିବା ସହ ହିଂସୁକ ହେଉଥିବାବେଳେ ମତ ପ୍ରକାଶ କରୁ ନ ଥିବା ବୃହତ୍ ଗୋଷ୍ଠୀ ଓ ସେମାନଙ୍କ ପଦସ୍ଥ ବ୍ୟକ୍ତିମାନେ ନୀରବ ରହିବା ଉଚିତ ନୁହେଁ।

**ପ୍ରଫେସର ଅଫ୍ ପଲିଟିକ୍ସ, ପ୍ରିନ୍ସଟନ୍ ୟୁନିଭର୍ସିଟି**

# ପାର୍ବଣରେ ପ୍ରଦୂଷଣ



ଡ. ବିଜୟଲକ୍ଷ୍ମୀ ଭୂୟାଁ

ଯାହା ଆମକୁ ଚାରିପଟୁ ଘେରିରହିଛି ତାହା ହିଁ ପରିବେଶ। ଏହି ପରିବେଶକୁ ଅତ୍ୟଧିକ ପରିତ୍ୟକ୍ତ ଓ ଦୂଷିତ ପଦାର୍ଥ ପରିତ୍ୟାଗ କରିବାକୁ ପ୍ରଦୂଷଣ କୁହାଯାଏ। ଶିଳ୍ପାୟନ, ପରିବହନ ବ୍ୟବସ୍ଥା, ମଇଳା ଆବର୍ଜନା ଇତ୍ୟାଦି ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷଣ ହୋଇଥାଏ। ନାଳ ନର୍ଦ୍ଦମାରୁ ନିର୍ଗତ ଅପରିଷ୍କାର ଜଳ, ଡାକ୍ତରଖାନା ବର୍ଜ୍ୟବସ୍ତୁ, ମୃତ୍ତିକାରେ ବ୍ୟବହୃତ ରାସାୟନିକ ସାର ଓ କୀଟନାଶକ, ପଚାଶଢ଼ା ପଦାର୍ଥ ଇତ୍ୟାଦି ବର୍ଷାପାଣିରେ ଜଳାଶୟଗୁଡ଼ିକରେ ପ୍ରବେଶ କରିବା ଦ୍ୱାରା ଜଳ ପ୍ରଦୂଷଣ ହୋଇଥାଏ। ପର୍ବପର୍ବାଣି ସମୟରେ ଏହି ପ୍ରଦୂଷଣ ଅତିମାତ୍ରାରେ ବୃଦ୍ଧି ପାଇଥାଏ। ଏଥିପାଇଁ ସଚେତନ ହୋଇ କିଛିଟା ପ୍ରତିକାର ବ୍ୟବସ୍ଥା ଗ୍ରହଣ କଲେ ନିଜେ ସୁରକ୍ଷିତ ରହିବା ସହ ପରିବେଶର ସୁରକ୍ଷା କରାଯାଇପାରିବ।

ଭାରତରେ ଯେତେ ଦେବଦେବୀଙ୍କୁ ଉପାସନା କରାଯାଏ ଜଗଜ୍ଜନନୀ ମା' ଦୁର୍ଗାଙ୍କ ପୂଜା ତା' ମଧ୍ୟରେ ମୁଖ୍ୟ ସ୍ଥାନ ଅଧିକାର କରେ। ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦା ଠାରୁ ମହାନବମୀ ପର୍ଯ୍ୟନ୍ତ ନଅଦିନ ଧରି ନବରାତ୍ରି ପାଳନ କରାଯାଏ। ଦଶମୀ ଦିନକୁ ଦଶହରା କୁହାଯାଏ। ଏହି ଦିନ ମା' ଦୁର୍ଗା ମହିଷାସୁରକୁ ବଧ କରିଥିଲେ। ଅଧର୍ମ ଉପରେ ଧର୍ମର, ଅସତ୍ୟ ଉପରେ ସତ୍ୟର ଓ ଆସୁରିକ ଶକ୍ତି ଉପରେ ଦୈବୀଶକ୍ତିର ବିଜୟ ହେତୁ ଏହାକୁ ବିଜୟାଦଶମୀ ମଧ୍ୟ କୁହାଯାଏ। ଏହିଦିନ ଶ୍ରୀ ରାମଚନ୍ଦ୍ର ମା' ଦୁର୍ଗାଙ୍କୁ ପୂଜା କରି ଲଙ୍କାର ରାଜା ରାବଣକୁ ବଧ କରିଥିଲେ ଓ ମାତା ସୀତାଙ୍କୁ ଉଦ୍ଧାର କରିଥିଲେ। ତେଣୁ ଦଶହରା ପର୍ବ ପାଳନ ପରେ ବିଭିନ୍ନ ସ୍ଥାନରେ 'ରାବଣପୋଡ଼ି' ଉତ୍ସବ ପାଳନ କରାଯାଏ। ଏଥିପାଇଁ କାଠ, ବାଉଁଶ, ଶଗଡ଼, କନା, ବାଣ ଓ ଜରିରେ ନିର୍ମିତ ବିରାଟକାୟ ରାବଣ ମୂର୍ତ୍ତି ଦହନ କରାଯାଏ। ସେଥିରେ ଖଞ୍ଜାଯାଇଥିବା ବାଣ ଫୁଟିବା ଓ ବାରୁଦ ଜଳିବା ଦ୍ୱାରା ବାୟୁମଣ୍ଡଳରେ ବହୁ ପରିମାଣରେ ବିଷାକ୍ତ ବାଷ୍ପ ମିଶିଥାଏ। ଦହନ ପରେ ଅବଶେଷ ପାଉଁଶ ଓ ଅନ୍ୟାନ୍ୟ ଦରପୋଡ଼ା ପଦାର୍ଥ ନିକଟସ୍ଥ ଜଳାଶୟ ବା ନଦୀରେ ନିକ୍ଷେପ କରିବା ଦ୍ୱାରା ଜଳ ପ୍ରଦୂଷିତ ହୋଇଥାଏ। ଦେଖାଯାଇଛି ଦିଲ୍ଲୀରେ ଦଶହରା ପର୍ବ ପରେ ବାୟୁମଣ୍ଡଳ ପ୍ରଦୂଷଣ ଦ୍ୱିଗୁଣିତ ହୋଇଯାଏ।

ଦଶହରା ପରେ ଆସିଥାଏ ଭସାଣି ପର୍ବ। ଶହ ଶହ ମୃଣ୍ମୟୀ ପ୍ରତିମାଙ୍କୁ ବାଜା ବଜାଇ, ବାଣ ଫୁଟାଇ ବିରାଟ ପଟୁଆରରେ ନଦୀଘାଟକୁ ନେଇ ମା'ଙ୍କୁ ବିସର୍ଜନ କରାଯାଏ। ଏଥିରେ ବ୍ୟବହୃତ କାଠ, ନଡ଼ା, ରଙ୍ଗ, ବଳକା ବାସି ଭୋଗ, ଫୁଲ ଓ ପତ୍ର ଇତ୍ୟାଦି ମଧ୍ୟ ଜଳରେ ନିକ୍ଷେପ କରାଯାଇଥାଏ। ମୂର୍ତ୍ତିଗୁଡ଼ିକରେ ଲଗାଯାଉଥିବା ରାସାୟନିକ ରଙ୍ଗକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସେଥିରେ କ୍ରୋମିୟମ୍, କୋବାଲ୍‌ଟ, ନିକେଲ, କପର, ପାରଦ ଇତ୍ୟାଦି ଧାତୁର ଯୌଗିକ ପଦାର୍ଥମାନ ମିଶାଯାଇଥାଏ। ମୂର୍ତ୍ତି ସହିତ ଏସବୁ ବିଷାକ୍ତ ପଦାର୍ଥ ଜଳରେ ମିଶେ ଓ ଏହି ଜଳକୁ ବ୍ୟବହାର କରିଲେ ବିଭିନ୍ନ ପ୍ରକାର ପେଟରୋଗ, କିଡ୍‌ନୀ ରୋଗ ଓ ଚର୍ମରୋଗ ଇତ୍ୟାଦିର ସମ୍ଭାବନା ଥାଏ। ମାଛ ଇତ୍ୟାଦି ଜଳଚର ପ୍ରାଣୀମାନେ ଏହି ବିଷାକ୍ତ ଜଳ ସମ୍ପର୍କରେ ଆସିବା ଦ୍ୱାରା ଏହାକୁ ଖାଦ୍ୟ ଭାବେ ଗ୍ରହଣ କରି ମଣିଷମାନେ ବିଭିନ୍ନ ରୋଗର ଶିକାର ହୁଅନ୍ତି।

ପ୍ରତିକାର ବ୍ୟବସ୍ଥାସ୍ୱରୂପ କେତେକ ବିଷୟ ପ୍ରତି ଦୃଷ୍ଟିଦେବା ଆବଶ୍ୟକ। ଅତିମାତ୍ରାରେ ବାଣଫୁଟା ବନ୍ଦ କରିବା ଦ୍ୱାରା ଏଥିରୁ ନିର୍ଗତ ଅଙ୍ଗାରକାମ୍ଳ, ସଲ୍‌ଫର ଓ ନାଇଟ୍ରୋଜେନ୍‌ର ଯୌଗିକ ପଦାର୍ଥରୁ ବାୟୁମଣ୍ଡଳକୁ ସୁରକ୍ଷା ପ୍ରଦାନ କରିପାରିବା। ଦେବୀଙ୍କ ମୂର୍ତ୍ତି ଚିକିଟା ମାଟିରେ ଗଠନ କରିବା ଆବଶ୍ୟକ। ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ରେ ମୂର୍ତ୍ତି ଗଠନ କଲେ ଅଧିକ ଆକର୍ଷଣୀୟ ହୋଇପାରେ ମାତ୍ର ଏହା ଜଳକୁ ଗୋଳିଆ କରିବା ସହିତ ନିମ୍ନସ୍ତରରେ ଚିକିଟା ଆସ୍ତରଣ ସୃଷ୍ଟି କରେ। ପ୍ରତିମାମାନଙ୍କୁ ଫୁଲ, ପତ୍ର, ରଙ୍ଗମାଟି ଇତ୍ୟାଦିରୁ ପ୍ରସ୍ତୁତ ପ୍ରାକୃତିକ ରଙ୍ଗରେ ରଙ୍ଗ କରିବା ନିରାପଦ। ଭୋଜି ବା ପ୍ରସାଦ ଗ୍ରହଣ ସମୟରେ କାଗଜଥାଳି, କଦଳୀପତ୍ର କିମ୍ବା ମାଟିସରା ବ୍ୟବହାର କରିବା ଭଲ। ରାତି ଦଶଟା ପରେ ମେଲୋଡି, ମାଇକ୍ରୋଫୋନ୍, ଡ୍ରମ୍ ବାଜା କିମ୍ବା ଡିଜେ ବଜାଇବା ଉଚିତ ନୁହେଁ। ପ୍ରତିମାରୁ ବାହାରୁଥିବା ସାଜସଜ୍ଜା ସାମଗ୍ରୀ ଜଳରେ ନିକ୍ଷେପ ନ କରି ପୋଡ଼ିଦେବା ଉଚିତ। ଯେହେତୁ ମାନବିକତାର ସୁସ୍ଥତା ପ୍ରକୃତି ଓ ପରିବେଶ ଉପରେ ଅନେକାଂଶରେ ନିର୍ଭରଶୀଳ ତେଣୁ ପରମ୍ପରା, ବିଧିବିଧାନ ନାମରେ ଅବାଞ୍ଛିତ ମାତ୍ରାଧିକ କାର୍ଯ୍ୟକଳାପରୁ ବିରତ ରହିବା ଆବଶ୍ୟକ। ପ୍ରଦୂଷଣର କ୍ଷତିକାରକ ପ୍ରଭାବରୁ ଜଳ, ବାୟୁ, ମୃତ୍ତିକାର ଅବକ୍ଷୟକୁ ରକ୍ଷାକରି ପର୍ବପର୍ବାଣି ପାଳନ କରାଗଲେ ମାନବ ସମାଜ ପ୍ରକୃତି ସହ ନିଜକୁ ରକ୍ଷା କରିପାରିବ।

**ମର୍କତ ନଗର, ସିଡିଏ, ସେକ୍ଟର-୬, କଟକ, ମୋ: ୯୮୬୧୩୫୫୬୨୮**

## ଏଇ ଭାରତରେ

ଅନେକ ସମୟରେ ଲୋକେ କହନ୍ତି ନିଜ କାମ କରିବାକୁ ତ ସମୟ ନାହିଁ, ଅନ୍ୟମାନଙ୍କ କଥା ବୁଝିବି କ'ଣ ? ଏଭଳି ଲୋକେ ତ ପ୍ରାଣୀଙ୍କ କଥା ଚିନ୍ତା କରିବା ସ୍ୱପ୍ନ। ହେଲେ ମଣିଷଙ୍କ ଭିତରେ ଏମିତି ବି ଅଛନ୍ତି ଯିଏ ନିଜ କଥା ବୁଝି ପଶୁପକ୍ଷୀଙ୍କ ଯତ୍ନ ନେବାରେ ଜୀବନ ବିତାଉଛନ୍ତି। ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ଦିଲ୍ଲୀର ଜବାହର ଲାଲ। ବୟସ ୬୫, ହେଲେ ୪୫ ବର୍ଷ ଧରି ଅର୍ଥାତ୍ ତାଙ୍କୁ ୧୯-୨୦ ବର୍ଷ ହୋଇଥିବାବେଳୁ ସେ ନିରବଚ୍ଛିନ ଭାବେ ଦିଲ୍ଲୀର ଆର୍କିଓଲୋଜିକାଲ ପାର୍କର ପକ୍ଷୀମାନଙ୍କୁ ଖାଦ୍ୟ ଓ ପାନୀୟ ଦେଉଛନ୍ତି। ଏଥିପାଇଁ ତାଙ୍କୁ 'ପକ୍ଷୀ ମଣିଷ' କୁହାଯାଉଛି। କେବଳ ପକ୍ଷୀ ନୁହନ୍ତି, ଜବାହର ପାର୍କରେ ଥିବା ବୁଲାକୁକୁରଙ୍କୁ ମଧ୍ୟ କ୍ଷୀର ଓ ବ୍ରେଡ୍ ଖାଇବାକୁ ଦେଉଛନ୍ତି। ସେ ତାଙ୍କ ଦୋକାନରୁ ଯାହା ଆୟ କରୁଛନ୍ତି ତାହାକୁ ପକ୍ଷୀମାନଙ୍କୁ ଖାଇବାକୁ ଦେବାରେ ବ୍ୟୟ କରୁଛନ୍ତି। କୁତବ୍‌ମିନାର ନିକଟରେ ଥିବା ଏହି ପାର୍କରେ ଜବାହର ପ୍ରତିଦିନ ସକାଳ ୭ରୁ ୮ଟା ମଧ୍ୟରେ ପହଞ୍ଚି ଯାଆନ୍ତି । ଜବାହର ସେଠାରେ ପହଞ୍ଚିବା କ୍ଷଣି ପକ୍ଷୀମାନେ ମଧ୍ୟ ଆସିଥା'ନ୍ତି। ସେ ସାଥିରେ ୫ କେ.ଜି. ଦାନା ଓ ୧୦ ଲିଟର ପାଣି ନେଇଥା'ନ୍ତି। ପକ୍ଷୀ ଓ କୁକୁରଙ୍କୁ ଖାଇବାକୁ ଦେବା ପରେ ପାର୍କର ସବୁସ୍ଥାନରେ ପାତ୍ରରେ ପାଣି ରଖନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୩୦ ସେପ୍ଟେମ୍ବର ୧୯୯୭**

- ଆଲଜେରିଆସ୍ଥିତ ଏକ ଗ୍ରାମ୍ୟ ସ୍କୁଲରେ ଉଗ୍ରବାଦୀଙ୍କ ଅଚାନକ ଆକ୍ରମଣରେ ୧୧ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ ନିହତ।
- ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା କେନ୍ଦ୍ରରୁ ଦେଶର ସର୍ବାଧୁନିକ ଦୂର ସମ୍ବେଦୀ ଉପଗ୍ରହ ଆଇଆଇଏସ୍-୧ଡିର ସଫଳ ଉତ୍‌କ୍ଷେପଣ।
- ସୁପ୍ରିମ୍‌କୋର୍ଟ ବାର୍ ଆସୋସିଏସନରୁ କେନ୍ଦ୍ରର ପୂର୍ବତନ ଆଇନ ମନ୍ତ୍ରୀ ତଥା ବରିଷ୍ଠ ଓକିଲ ଶାନ୍ତିଭୂଷଣ ସସ୍‌ପେଣ୍ଡ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | 1 | | | |
| | | | | 9 | | 3 | 4 | |
| 6 | 4 | | 2 | | | | 7 | |
| | 3 | | 6 | | | 1 | | 7 |
| | 8 | | 7 | | | 2 | | 9 |
| | | | | | | 6 | | |
| | | | | 5 | 3 | | | |
| | 1 | | | | | | | 8 |
| | | 8 | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 4 | 7 | 5 | 1 | 9 | 2 | 8 |
| 7 | 9 | 5 | 2 | 8 | 3 | 6 | 1 | 4 |
| 8 | 1 | 2 | 4 | 6 | 9 | 7 | 3 | 5 |
| 4 | 7 | 3 | 5 | 1 | 2 | 8 | 9 | 6 |
| 2 | 5 | 9 | 8 | 4 | 6 | 1 | 7 | 3 |
| 1 | 6 | 8 | 3 | 9 | 7 | 4 | 5 | 2 |
| 5 | 8 | 7 | 9 | 3 | 4 | 2 | 6 | 1 |
| 3 | 2 | 6 | 1 | 7 | 8 | 5 | 4 | 9 |
| 9 | 4 | 1 | 6 | 2 | 5 | 3 | 8 | 7 |

ଗତକାଲିର ଉତ୍ତର

# ବିଶ୍ୱ ଅନୁବାଦ ଦିବସ ଓ ଆମ ସ୍ଥିତି



ହରେକୃଷ୍ଣ ଦାସ

ପୃଥିବୀର ବିଭିନ୍ନ ଦେଶକୁ ପରସ୍ପରର ବୌଦ୍ଧିକ ଓ ସାଂସ୍କୃତିକ ବିଭବ ସହ ଭାଷା ମାଧ୍ୟମରେ ଯୋଡ଼ିବାର ଲକ୍ଷ୍ୟ ନେଇ ଅନ୍ତର୍ଜାତୀୟ ଅନୁବାଦ ଦିବସ ପାଳନ କରିବାର ପରିକଳ୍ପନା କରାଯାଇଥିଲା। ଦେଶ ଦେଶ ମଧ୍ୟରେ ଶାନ୍ତି ଓ ସଦ୍ଭାବନା ସ୍ଥାପନ କରିବା ତଥା ବଜାୟ ରଖିବାରେ ଅନୁବାଦକମାନଙ୍କର ଭୂମିକାକୁ ସମ୍ମାନ ଜଣାଇ ପ୍ରତିବର୍ଷ ସେପ୍ଟେମ୍ବର ୩୦ ତାରିଖକୁ ଏହି ଦିବସ ଭାବରେ ପାଳନ କରିବା ପାଇଁ ମିଳିତ ଜାତିସଂଘର ସାଧାରଣ ପରିଷଦ ୨୦୧୭ ମସିହାରେ ସଙ୍କଳ୍ପ ପାରିତ କଲାପରେ ସେହି ବର୍ଷଠାରୁ ଏହା ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପାଳନ କରାଯାଇଆସୁଛି। ଏ ବର୍ଷ ଏହି ଦିବସ ପାଳନର ଥିମ୍ ବା ପ୍ରସଙ୍ଗ ରହିଛି 'Every culture deserves global respect' ବା ପ୍ରତ୍ୟେକ ସଂସ୍କୃତିକୁ ସମଗ୍ର ବିଶ୍ୱରେ ସମ୍ମାନ ମିଳିବା ଆବଶ୍ୟକ। ଏବଂ world without barriers ବା ବାଧାରହିତ ବିଶ୍ୱ। ବାଇବେଲକୁ ଲାଟିନ ଭାଷାରେ ଅନୁବାଦ କରିଥିବା ସନ୍ଥ ଜେରମଙ୍କ ମହାପ୍ରୟାଣ ତାରିଖରେ ଏହା ପାଳନ କରାଯାଉଥିବାରୁ ଅନୁବାଦ କର୍ମର ଗୁରୁତ୍ୱ କେତେ ରହିଛି ତାହା ଅନୁମାନ କରାଯାଇପାରେ।

କିନ୍ତୁ ବିଡ଼ମ୍ବନାର ବିଷୟ ହେଲା କବିତା, ଗଳ୍ପ, ନାଟକ, ଉପନ୍ୟାସ ପରି ବିଭାଗଗୁଡିକୁ ସାହିତ୍ୟ ସର୍ଜନାର ମୌଳିକ ବିଭାଗ ଭାବରେ ଯେତିକି ଆଦର ଓ ପ୍ରୋତ୍ସାହନ ମିଳେ, ଅନୁବାଦ ବିଭାଗକୁ ଆମେ ସେତିକି ଗୁରୁତ୍ୱ ଦେଇ ନ ଥାଉ, ଯଦିଓ ଅନୁବାଦ ଏକ କଷ୍ଟକର କାର୍ଯ୍ୟ ବୋଲି ଆମେ ସମସ୍ତେ ସ୍ୱୀକାର କରିଥାଉ। ଓଡ଼ିଶାର ସାହିତ୍ୟ ଭଣ୍ଡାରକୁ ଲକ୍ଷ୍ୟ କଲେ ଅନ୍ୟାନ୍ୟ ବିଭାଗ ତୁଳନାରେ ଅନୂଦିତ ସାହିତ୍ୟର ନଗଣ୍ୟ ପରିମାଣ ଆମର ଅନୁବାଦ କର୍ମ ପ୍ରତି ଆନ୍ତରିକତା ବାବଦରେ ଏକ ନକାରାତ୍ମକ ଚିତ୍ର ପ୍ରଦାନ କରେ। ଓଡ଼ିଶାରେ ଅନୁବାଦ ପ୍ରତି ସମର୍ପିତ ଅନେକ ଦକ୍ଷ ଅନୁବାଦକ ଅନେକ ଉତ୍କୃଷ୍ଟ ମାନର କାମ କରି ଆମ ପାଇଁ ଗୌରବ ଆଣିଛନ୍ତି, କିନ୍ତୁ ସାମ୍ପ୍ରତିକ ସମୟରେ ଏ ଦିଗରେ ଆମର ପ୍ରୟାସ ଉତ୍ସାହଜନକ ନୁହେଁ।

ସରକାରୀ ସ୍ତରରେ ଯଦିଓ ପ୍ରୋତ୍ସାହନ ଦିଆଯାଇ କେତେକ ବହିକୁ ଅନ୍ୟାନ୍ୟ ଭାରତୀୟ ଭାଷାରେ ଅନୁବାଦ କରାଯାଉଛି, ତା'ର ଗତି ଅତି ମନ୍ଥର ହୋଇଥିବାରୁ ପରିମାଣ ମଧ୍ୟ ଖୁବ୍ ନୈରାଶ୍ୟଜନକ। ବହିଟିଏର ନିର୍ବାଚନଠାରୁ ଆରମ୍ଭ କରି ଅନୁବାଦ ପରେ ପ୍ରକାଶନ ପର୍ଯ୍ୟନ୍ତ ବିଭିନ୍ନ ଔପଚାରିକ ପ୍ରକ୍ରିୟାରେ ଏତେ ସମୟର ବ୍ୟବଧାନ ଥାଏ ଯେ ତା' ଭିତରେ ବହୁତ କବିତା, ଗଳ୍ପବହି ପ୍ରକାଶିତ ହୋଇସାରିଥିବ। ସୁତରାଂ, ଯେଉଁ ଅନୁବାଦକମାନେ ସର୍ଜନାର ଅନ୍ୟାନ୍ୟ ବିଭାଗରେ ସକ୍ରିୟ ଥିବେ, ସେମାନେ ଏ ପ୍ରକାର ଅନୁବାଦ ପାଇଁ ଆଗ୍ରହ ନ ଦେଖାଇବା ସ୍ୱାଭାବିକ।

ଅନୁବାଦ ବାସ୍ତବରେ ଏକ ପୁନର୍ସୃଜନ କାର୍ଯ୍ୟ ହୋଇଥିବାରୁ, କବିତା ଗଳ୍ପ ଆଦି ସର୍ଜନାରେ ସକ୍ରିୟ ଥିବା ସ୍ରଷ୍ଟାଟିଏ ଅପେକ୍ଷାକୃତ ଭଲ ଅନୁବାଦକ ହୋଇପାରେ ଯଦି ତା'ର ଉଭୟ ଭାଷାର ଶବ୍ଦ ଉପରେ ଆବଶ୍ୟକ ଦକ୍ଷତା ଥାଏ। କିନ୍ତୁ ସୃଜନଶକ୍ତି ନ ଥାଇ କେବଳ ଭାଷାଗତ ଦକ୍ଷତା ଥିବା ବ୍ୟକ୍ତି ଅନୁବାଦରେ ନିୟୋଜିତ ହେଲେ ନିମ୍ନମାନର ଅନୁବାଦ ହୋଇ ମୂଳ ବହିଟିର ଆଦର ବଢ଼ିପାରେନା। ସମସ୍ୟା ବେଶି ବଳିପଡ଼େ ଯେତେବେଳେ ନିଜ ପ୍ରୋଫାଇଲରେ ବହି ସଂଖ୍ୟା ବଢ଼ାଇବାର ନିଶାରେ ଅନେକ ନିମ୍ନମାନର ବହିର ଅନୁବାଦ ଘରୋଇ ପ୍ରୟାସରେ କରାଯାଏ। ତା' ଦ୍ୱାରା ଅନ୍ୟ ଭାଷାକୁ ଯେଉଁ ବାର୍ତ୍ତା ଯାଏ, ତାହା କେବେହେଲେ ବୌଦ୍ଧିକ, ସାଂସ୍କୃତିକ ଓ ସାହିତ୍ୟିକ ଗରିମାର ବାର୍ତ୍ତା ନୁହେଁ। ବହିର ମାନ ନିର୍ଦ୍ଧାରଣ କରିବା ପାଇଁ ଯେଉଁମାନେ ଦାୟିତ୍ୱରେ ଥାଆନ୍ତି ସେମାନେ ବାହ୍ୟ ଚାପରେ ପ୍ରଭାବିତ ନ ହୋଇ, ନିରପେକ୍ଷ ରହି ଯେ କେବଳ ଉଚ୍ଚମାନର ବହି ଅନୁବାଦ ପାଇଁ ସୁପାରିସ କରନ୍ତି, ସେକଥା ମଧ୍ୟ ନିଶ୍ଚିତ ନୁହେଁ। ଉଚ୍ଚ ମାନ ଅପେକ୍ଷା ଉଚ୍ଚ ପଦପଦବୀ ଅନେକ କ୍ଷେତ୍ରରେ ବହି ଅନୁବାଦ ହେବା ପଛର କାରଣ ପାଲଟୁଛି ଯାହା ସାହିତ୍ୟ ପାଇଁ ଆଦୌ ଶୁଭଙ୍କର ନୁହେଁ। ବିଶେଷ କରି ଓଡ଼ିଆ ସାହିତ୍ୟ ପାଇଁ, ଯାହା ଅନୁବାଦ କ୍ଷେତ୍ରରେ ଏପର୍ଯ୍ୟନ୍ତ ଏତେ ସମୃଦ୍ଧ ସ୍ତରକୁ ଉଠିପାରିନାହିଁ, ଏ ପ୍ରକାର ଧାରା ନିହାତି କ୍ଷତିକାରକ।



ଓଡ଼ିଶାରେ ଅନୁବାଦ ପାଇଁ ଅନେକ ଅନୁଷ୍ଠାନ କାର୍ଯ୍ୟ କରୁଛନ୍ତି। କିନ୍ତୁ ବହି ଓ ଅନୁବାଦକ ଚୟନ ଦିଗରେ ଅଭିଜ୍ଞ ସାହିତ୍ୟିକ ତଥା ଅନୁବାଦକମାନେ ଯତ୍ନଶୀଳ ହେବା ଉଚିତ। ଖବରକାଗଜର ସାହିତ୍ୟ ପୃଷ୍ଠା ଓ ପତ୍ରପତ୍ରିକାରେ କେବଳ ଉଚ୍ଚକୋଟୀର ସାହିତ୍ୟ ଅନୁବାଦକୁ ଉତ୍ସାହିତ କରାଯିବା ଉଚିତ। କିନ୍ତୁ ବିଡ଼ମ୍ବନା ଯେ, କେବଳ ଅନୁବାଦ କୃତିର ବହୁଳତାକୁ ଧ୍ୟାନରେ ରଖି ଜଣକୁ ଆମେ ଉଚ୍ଚକୋଟୀର ଅନୁବାଦକ ବୋଲି ବିଚାର କରୁ। ତାକୁ ବିଭିନ୍ନ ପ୍ରକାରେ ତୋଷାମଦି କରି ନିଜର ଅଜ୍ଞତା ଦେଖାଉ କିମ୍ବା ନିଜର ସଂକୀର୍ଣ୍ଣ ସ୍ୱାର୍ଥ ହାସଲ କରିବାକୁ ଚେଷ୍ଟା କରୁ। ଏବଂ ସେହି ତଥାକଥିତ ଅଭିଜ୍ଞ ଓ ଉଚ୍ଚକୋଟୀର ଅନୁବାଦକମାନେ ନିଜର ପତିଆରା ବଜାୟ ରଖିବା ସକାଶେ ନୂତନ ପିଢ଼ିର ଅନୁବାଦକଙ୍କୁ ଆଗକୁ ବଢ଼ିବାକୁ ଦେବା ପରିବର୍ତ୍ତେ ନକାରାତ୍ମକ ମତାମତ ଦେଇ ନିରୁତ୍ସାହିତ କରନ୍ତି। ଏ ପ୍ରକାର ମାନସିକତାରୁ ଆମେ ଯେତେ ଶୀଘ୍ର ମୁକୁଳିବା, ଆମ ଅନୁବାଦ ସାହିତ୍ୟ ସେତେ ରୁଚିଶୀଳ ହେବ।

ପ୍ରତିଭା ଓ ଦକ୍ଷତା ଉପରେ କୌଣସି ନିର୍ଦ୍ଦିଷ୍ଟ ସମୟର କେବେ ଏକଚାଟିଆ ଅଧିକାର ନ ଥାଏ। ସବୁବେଳେ ଅନେକ ପ୍ରତିଭା ସମ୍ପନ୍ନ ସାହିତ୍ୟିକଙ୍କୁ ପ୍ରକୃତି ଜନ୍ମ ଦେଇଥାଏ, ଯେଉଁମାନଙ୍କୁ ଉପଯୁକ୍ତ ସୁଯୋଗ, ପରିବେଶ, ପରାମର୍ଶ ଓ ମାର୍ଗଦର୍ଶନ ଦିଆଯାଇ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଯାଇପାରିବ। ନୂତନ ପିଢ଼ିର ଅନେକ ପ୍ରତିଭାବାନ ଅନୁବାଦକଙ୍କୁ ବିଭିନ୍ନ କର୍ମଶାଳା ଓ ପ୍ରତିଯୋଗିତା ଜରିଆରେ ଚୟନ କରି, ସେମାନଙ୍କର ଉପଯୁକ୍ତ ମାର୍ଗଦର୍ଶନ କରାଇ ଅଧିକରୁ ଅଧିକ ରୁଚିସମ୍ପନ୍ନ ଅନୁବାଦ ସାହିତ୍ୟ ସୃଷ୍ଟି କରିବାରେ ସହାୟକ ହେବା ଉଚିତ। ତାହା ହୋଇପାରିଲେ ବୁଦ୍ଧିମନ୍ତ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଆହୁରି ଅଧିକ ପ୍ରଚାର ପ୍ରସାର ହୋଇପାରିବ। ଅନ୍ତର୍ଜାତୀୟ ଅନୁବାଦ ଦିବସ ପାଳନର ଏହା ଧ୍ୟେୟ ହେବା ଉଚିତ ବୋଲି ଆମେ ଓଡ଼ିଆମାନେ ଅନ୍ତତଃ ଆଶା କରିବା।

**ଅଧ୍ୟାପକ, ଇଂଲିଶ ବିଭାଗ
ନିଆଳି କଲେଜ, କଟକ
ମୋ:୯୮୬୧୩୪୫୬୫୮**

## ପାଠକ ଶ୍ରେଷ୍ଠ ବିଚାରକ

### ମଧ୍ୟାହ୍ନ ଭୋଜନ ବ୍ୟୟବରାଦ ବୃଦ୍ଧି କରାଯାଉ

ମହାଶୟ,
ରାଜ୍ୟ ସରକାର ପତ୍ର ପ୍ରେରଣ ସତ୍ତ୍ୱେ କେନ୍ଦ୍ର ସରକାର ମଧ୍ୟାହ୍ନ ଭୋଜନର ନିଜ ଅଂଶ ଦେବାରେ ବହୁ ସମୟରେ ବିଳମ୍ବ କରୁଛନ୍ତି। ଫଳରେ ଛାତ୍ରୀଛାତ୍ରଙ୍କୁ ପୁଷ୍ଟିକର ଭୋଜନ ମିଳୁନାହିଁ। ଏତଦ୍‌ବ୍ୟତୀତ ଦରଦାମ ଆକାଶଛୁଆଁ ହୋଇଥିବାରୁ ଏ ବାବଦରେ ମିଳୁଥିବା ଅର୍ଥ ପର୍ଯ୍ୟାପ୍ତ ନ ହେବା ଫଳରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଚିନ୍ତାରେ ପଡିଛନ୍ତି। ବିଶେଷ କରି ବକେୟା ଅର୍ଥ ମିଳୁ ନ ଥିବାରୁ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଦେବା ଏକ ବଡ଼ ସମସ୍ୟା ହୋଇ ରହିଛି। ଅନ୍ୟପକ୍ଷରେ ସ୍ୱଳ୍ପ ଅର୍ଥରେ ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ଖାଦ୍ୟ ପ୍ରଦାନ କରାଯାଉଛି। ଫଳରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ସର୍ବସାଧାରଣରେ ନିନ୍ଦିତ ହେଉଛନ୍ତି। ସେହିଭଳି ଶିକ୍ଷା ଅଧିକାର ଆଇନ ଓ ଅଧିନିୟମକୁ ଉଲ୍ଲଂଘନ କରାଯାଇ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଅଣଶିକ୍ଷା କାର୍ଯ୍ୟକ୍ରମରେ ନିୟୋଜିତ କରାଯାଉଥିବା ବେଳେ ମଧ୍ୟାହ୍ନ ଭୋଜନ ଭଳି ଅଣଶିକ୍ଷା କାର୍ଯ୍ୟକ୍ରମ ଯୋଗୁ ଶିକ୍ଷାଦାନରେ ବାଧା ସୃଷ୍ଟି ହେଉଛି। ଠିକ୍ ସେହିଭଳି ଛାତ୍ରୀଛାତ୍ରଙ୍କ ସକାଳ ଜଳଖିଆ ପାଇଁ ତାମିଲନାଡୁ ସରକାର ଯେତିକି ଅର୍ଥ ପ୍ରଦାନ କରୁଛନ୍ତି, ସେତିକି ଅର୍ଥରେ ଆମ ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମ ଚଳାଇ ପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏଣୁ କେନ୍ଦ୍ର ଅର୍ଥକୁ ରାଜ୍ୟ ସରକାର ଅପେକ୍ଷା ନ କରି ବ୍ୟୟବରାଦ ବୃଦ୍ଧି କରିବା ଉଚିତ।

**- ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚଇତ୍ର ମଧ୍ୟାହ୍ନ ବେଳ
ଢାଳେ ଖର ତାପ,
ଜୀବନର ଦୀନତାରେ
ବଢ଼େ ମୋର ପାପ।

-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଆର୍ଥିକ ସଙ୍କଟରେ ତୀରନ୍ଦାଜ ଖେଳାଳି

**୧ରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ**

**ସମ୍ବଲପୁର,୨୯।୯(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକର ୧୭ଜଣ ତୀରନ୍ଦାଜ ଖେଳାଳି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାପାଇଁ ଚୟନ ହୋଇଛନ୍ତି। ଏମାନଙ୍କ ପାଇଁ ଏବେ ଆର୍ଥିକ ସଙ୍କଟ ଦେଖାଦେଇଛି। ଏହି ଛାତ୍ରୀଛାତ୍ରଙ୍କୁ ମାଗଣାରେ ତାଲିମ ଦେଉଥିବା କୋଚ ଯୁଯୁମୁରା ହାଇସ୍କୁଲର ରାତ୍ର ଜଗୁଆଳି ମିତ୍ରଭାନୁ ମହାପାତ୍ରଙ୍କ ପାଇଁ ମଧ ଏହା ସମ୍ଭବପର ନୁହେଁ। ତେଣୁକରି ପ୍ରଶାସନ କିମ୍ବା କୌଣସି ବଦାନ୍ୟ ବ୍ୟକ୍ତି ସହଯୋଗ କରିବା ପାଇଁ ସେମାନେ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ବଲାଙ୍ଗୀର ଜିଲା ଖପ୍ରାଖୋଲଠାରେ ଓଡ଼ିଶା ତୀରନ୍ଦାଜ ଆସୋସିଏଶନ ଓ ଓଡ଼ିଶା ଅଲମ୍ପିକ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅକ୍ଟୋବର ୧ରୁ ଅନୁଷ୍ଠିତ ହେବ। ସବ୍‌ଜୁନିୟର, ଜୁନିୟର, ମିନି ଓ କିଡ୍ସ ଆଦି ୪ ବିଭାଗରେ ଯୁଯୁମୁରା ବ୍ଲକର ୧୭ ଖେଳାଳି ଭାଗ ନେବେ। ଏଥିପାଇଁ ହେବାକୁ ଥିବା ଖର୍ଚ୍ଚ ବହନ କରିବା କୋଚ ମହାପାତ୍ରଙ୍କ ପକ୍ଷେ ଅସମ୍ଭବ। ଆଦିବାସୀ ଓ ଗରିବ ଶ୍ରେଣୀର ହୋଇଥିବାରୁ ପ୍ରଶାସନ ପକ୍ଷରୁ ଏହି ପ୍ରତିଭାବାନ ଖେଳାଳିଙ୍କୁ ସହଯୋଗ କରିବା ପାଇଁ ଯୁଯୁମୁରା ଅଞ୍ଚଳବାସୀ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଅନନ୍ୟା ଦାସ କହିଛନ୍ତି, ବ୍ୟକ୍ତିଗତ ଭାବେ ଏହି ତାଲିମ କେନ୍ଦ୍ର ବାବଦରେ ଅବଗତ ଅଛି। ପ୍ରଶାସନ ପକ୍ଷରୁ ଯଥାସମ୍ଭବ ସେମାନଙ୍କୁ ସହଯୋଗ କରାଯିବ ବୋଲି କହିଥିଲେ।

### ବ୍ଲକସ୍ତରୀୟ ଫୁଟ୍‌ବଲ ଖେଳାଳି ଚୟନ ଶିବିର

**ରେଢାଖୋଲ,୨୯।୯(ଡି.ଏନ.ଏ.):** ରେଢାଖୋଲ ମିନିଷ୍ଟାଡିୟମରେ ଗୁରୁବାର ବ୍ଲକସ୍ତରୀୟ ଫୁଟ୍‌ବଲ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଛି। ବ୍ଲକ ଶିକ୍ଷାଧିକାରୀ ନରୋତ୍ତମ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ହାଇସ୍କୁଲର ୮୫ ଛାତ୍ର ଓ ୨୬ ଛାତ୍ରୀ ଭାଗନେଇଥିଲେ। କ୍ରୀଡା ଶିକ୍ଷକ ସୁକାନ୍ତ ପ୍ରଧାନ, ପଦ୍ମଲୋଚନ ସାହୁ, ଆଶିଷ ବିଶ୍ୱାଳ, ପଦ୍ମନାଭ ସାହୁ, ନାରାୟଣ ପ୍ରଧାନ ପ୍ରମୁଖ ଖେଳାଳି ଚୟନ କରିଥିଲେ। ୧୩ ଛାତ୍ର ଓ ୧୩ ଛାତ୍ରୀଙ୍କୁ ଚୟନ କରାଯାଇ ଜିଲାସ୍ତରକୁ ମନୋନୀତ କରାଯାଇଛି।

### କାଉଡୋଲା ବ୍ୟାଙ୍କ ଗ୍ରାହକ ସେବାକେନ୍ଦ୍ରରୁ ଚୋରି

**କୋକସରା,୨୯।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ଅଧୀନ କାଉଡୋଲାସ୍ଥିତ ଷ୍ଟେଟ ବ୍ୟାଙ୍କ ଗ୍ରାହକ ସେବାକେନ୍ଦ୍ରରୁ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ଚୋରି କରିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଆମପାଣି ପୋଲିସ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗ୍ରାହକ ସେବାକେନ୍ଦ୍ର କାଉଡୋଲାର ସବିତା ସାହୁଙ୍କ ନାମରେ ରହିଛି। ଗ୍ରାହକ ସେବାକେନ୍ଦ୍ରରୁ ୧୩ ହଜାର ଟଙ୍କା ଚୋରି ହୋଇଥିବା ନେଇ ମାଲିକ ଅଭିଯୋଗ କରିଛନ୍ତି। ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରିବା ସହ ଶୀଘ୍ର ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

# ସୁରକ୍ଷା ବ୍ୟବସ୍ଥା କଡାକଡ଼ି ନିର୍ଦ୍ଦେଶ

**ଦୁର୍ଗାପୂଜା ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ**

**ରାଉରକେଲା ଅଫିସ,୨୯।୯**


ବୈଠକରେ ଉପସ୍ଥିତ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ଏବଂ ଥାନାର ଅଧିକାରୀବୃନ୍ଦ।

ରାଉରକେଲାରେ ଚଳିତବର୍ଷ ଦୁର୍ଗାପୂଜା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଦିତନଗର ସ୍ଥିତ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ବୈଠକରେ ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ଓ ଏସ୍‌ପି ମୁକେଶ କୁମାର ଭାମୁ ଉପସ୍ଥିତ ଥିଲେ। ଚଳିତବର୍ଷ ରାଉରକେଲାର ସମସ୍ତ ସେକ୍ଟର, ବାସନ୍ତୀ କଲୋନୀ, ବନ୍ଧମୁଣ୍ଡା, ଛେଣ୍ଡ, ସିଭିଲ ଟାଉନ୍‌ସିପ୍ ଆଦି ସ୍ଥାନରେ ସମୁଦାୟ ୧୦୮ଟି ମଣ୍ଡପରେ ମା' ଦୁର୍ଗା ପୂଜା ପାଇବେ। ଏହି ପୂଜାକୁ ଶାନ୍ତିଶୃଙ୍ଖଳା ସହ କିଭଳି ପାଳନ କରାଯିବ ସେ ନେଇ ପ୍ରଶାସନିକ ଅଧିକାରୀଙ୍କ ସହ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଆଲୋଚନା କରିଥିଲେ। ସମସ୍ତ ପେଣ୍ଡାଲରେ ସୁରକ୍ଷା ବ୍ୟବସ୍ଥା ସାଙ୍ଗକୁ ଅଗ୍ନି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବାକୁ ଏସ୍‌ପି ବିଭିନ୍ନ ପୂଜା କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ପୂଜା ପେଣ୍ଡାଲମାନଙ୍କରେ ରାତି ୧୧ଟା ପର୍ଯ୍ୟନ୍ତ ସମସ୍ତେ ବୁଲି ଦେଖିପାରିବେ ବୋଲି ଭାମୁ କହିଥିଲେ। ମଦ୍ୟପ ଓ ଅପରାଧ ମୂଳକ କାର୍ଯ୍ୟକରୁଥିବା ଅସାମାଜିକଙ୍କୁ ନିୟନ୍ତ୍ରଣ କରିବା ପାଇଁ ସ୍ୱତନ୍ତ୍ର ପାଟ୍ରୋଲିଂ ଟିମ୍ ବ୍ୟବସ୍ଥା କରାଯିବା ସହ ସହରର ପ୍ରମୁଖ ୩ଟି ସ୍ଥାନରେ ପୋଲିସ କଣ୍ଟ୍ରୋଲ ରୁମ୍ କରାଯିବ। ସହରରେ ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରିବା ପାଇଁ ପ୍ରତ୍ୟେକ ଛକରେ ସ୍ୱତନ୍ତ୍ର ଟ୍ରାଫିକ ପୋଲିସ ମୁତୟନ କରାଯିବ ବୋଲି ଏସ୍‌ପି ଭାମୁ ସୂଚନା ଦେଇଥିଲେ। ଅକ୍ଟୋବର ୭ରେ ଭସାଣି ହେବ ବୋଲି ଧାର୍ଯ୍ୟ କରାଯାଇଥିଲା। ବାଲୁଘାଟରେ ପ୍ରଶାସନ ପକ୍ଷରୁ ତିଆରି ହୋଇଥିବା କୃତ୍ରିମ ପୋଖରୀରେ ଭସାଣି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ରାତି ୮ଟା ଭିତରେ ଏହି କାର୍ଯ୍ୟ ସାରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସହରରେ ଆଗକୁ ବିଶ୍ୱକପ୍ ଖେଳା ହେବାକୁ ଥିବାରୁ ବିଭିନ୍ନ ପେଣ୍ଡାଲରେ ହକି ବିଶ୍ୱକପ୍ ସମ୍ବନ୍ଧୀୟ କିଛି ତଥ୍ୟ ଓ ତୋରଣ ନିର୍ମାଣ କରିବା ପାଇଁ ଏଡିଏମ୍ ଡ. ମହାପାତ୍ର ବିଭିନ୍ନ ପୂଜା କମିଟିକୁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଦୁର୍ଗାପୂଜାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ କେନ୍ଦ୍ରୀୟ ପୂଜା କମିଟି (ସିପିସି) କର୍ମକର୍ତ୍ତାଙ୍କୁ ସଜାଗ ରହିବାକୁ ଏଡିଏମ୍ କହିଥିଲେ। ପୂଜା ସମୟରେ ରାଉରକେଲା ପୋଲିସ ପକ୍ଷରୁ ୧୨ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ରାଉରକେଲା ଅତିରିକ୍ତ ଏସ୍‌ପି ବିକ୍ରମ କେଶରୀ ଭୋଇ, ସମସ୍ତ ଥାନାଧିକାରୀ ଓ ପୂଜା ପେଣ୍ଡାଲ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜୋରଜବରଦସ୍ତି ନିର୍ମାଣାଧୀନ କାର୍ଯ୍ୟକୁ ବିରୋଧ

**ସିନାପାଲି,୨୯।୯(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଘୁଚାଗୁଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନିର୍ମାଣାଧୀନ କାର୍ଯ୍ୟକୁ ବିରୋଧ କରାଯାଉଛି। ଏ ନେଇ ଘୁଚାଗୁଡା ସରପଞ୍ଚ ଓ ୱାର୍ଡମେମ୍ୱର ବିଡିଓ, ସ୍ଥାନୀୟ ଥାନା ଏବଂ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଘୁଚାଗୁଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କୌଣସି କାର୍ଯ୍ୟାଦେଶ ନ ଥାଇ ଉକ୍ତ ଗ୍ରାମର ଜିତାମିତ୍ର ନାଏକ କାର୍ଯ୍ୟ କରୁଛନ୍ତି। ସରପଞ୍ଚ ଲକ୍ଷ୍ମୀ ସାଙ୍କ ଜାଲ ଦସ୍ତଖତ କରି ନାଏକ କାର୍ଯ୍ୟ କରୁଛନ୍ତି ବୋଲି ସରପଞ୍ଚ କହିଛନ୍ତି। ଜିଲାପାଳଙ୍କଠାରେ ସରପଞ୍ଚ ଲକ୍ଷ୍ମୀ ସା, ନାଏକ ସରପଞ୍ଚ ଉଗ୍ରେସନ ସା, ୱାର୍ଡମେମ୍ବର ଭୁବନେଶ୍ୱର ଜଗତ, ବୈଜନ୍ତି ସା, ଯଶୋବନ୍ତୀ ରଣା, ଗୋଲାପି ମାଝି, ଅମରସିଂ ମାଝି, କ୍ଷିରସିନ୍ଧୁ ନାଏକ, ଭାଗ୍ୟବତୀ ପ୍ରଧାନ, ବିନ୍ଦିଆ ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି।

## ଲୋକସେବା ଭବନ ପଠାଗଲା ପବିତ୍ର ଜଳ, ମାଟି

**ସମ୍ବଲପୁର,୨୯।୯(ବ୍ୟୁରୋ)**

ମହାନଦୀର ଜଳ ଓ ଗାନ୍ଧିଜୀଙ୍କ ସମ୍ବଲପୁର ଆଗମନ କରିଥିବା ସ୍ଥାନର ପବିତ୍ର ମାଟି ଭୁବନେଶ୍ୱର ଲୋକସେବା ଭବନକୁ ପଠାଯାଇଛି। ଉକ୍ତ ପବିତ୍ର ସ୍ଥାନରେ ପୂଜାର୍ଚ୍ଚନା ପରେ ଜଳ ଓ ମାଟି ସଂଗ୍ରହ କରାଯାଇଥିଲା। ଅକ୍ଟୋବର ୨ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଭୁବନେଶ୍ୱର ଲୋକସେବା ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ସେଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେବାର ସ୍ଥିର ହୋଇଛି। ଏହି ଦିନକୁ ସ୍ମରଣୀୟ କରିବା ନିମନ୍ତେ ଲୋକସେବା ଭବନ ପ୍ରାଙ୍ଗଣରେ ରାଜ୍ୟର ସମସ୍ତ ୩୦ ଜିଲାରୁ ଆସିଥିବା ଜଳ ଓ ମାଟି ପକାଯାଇ ପିପଲ ଚାରା ରୋପଣ କରାଯିବ। ଆଜିର ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସଦର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ଜିଲା ସଂସ୍କୃତି ଅଧିକାରୀ ଦୀପକ କୁଲୁ, ସହକାରୀ ଜିଲାପାଳ ସୁଶାନ୍ତ ସାହୁ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି, ପ୍ରଫୁଲ୍ଲ ହୋତା, ସରୋଜ କୁମାର ଦାସ, ରାମଦାସ ପଣ୍ଡା, ଦୀପକ ପଣ୍ଡା, ସଣ୍ଡେ ଗ୍ରୁପ ସଦସ୍ୟ ଉପସ୍ଥିତ ଥିଲେ।


ସମ୍ବଲପୁର ମହାନଦୀ ଅଯୋଧ୍ୟା ସରୋବର ଘାଟରୁ ଜଳ ସଂଗ୍ରହ କରାଯାଉଛି ।

## ଯୌନ ନିର୍ଯାତନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ଝାରସୁଗୁଡ଼ା ଅଫିସ,୨୯।୯**



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଆଇନଜୀବୀ ଓ ଅନ୍ୟମାନେ।

ଝାରସୁଗୁଡ଼ା ଜିଲା ଆଇନସେବା ପ୍ରାଧୀକରଣ ଆନୁକୂଲ୍ୟରେ ସ୍ଥାନୀୟ ମରାକୁଟା ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ଯୌନ ନିର୍ଯାତନା ପୀଡ଼ିତମାନଙ୍କ ପାଇଁ କ୍ଷତିପୂରଣ ଯୋଜନା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଓ ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧକ୍ଷ ଦିଗମ୍ବର ପୃଷ୍ଟି ଅଧକ୍ଷତା କରିଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ନେହା ଦାସ, ଝାରସୁଗୁଡ଼ା ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ମରକୁଟା ସରପଞ୍ଚ ଲିଲି ତନ୍ତୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗେଶ୍ୱର ମାଝି, ଆଇନଜୀବୀ ଅଶୋକ କୁମାର ପାଟଯୋଷୀ, ସାଜଦା ବେଗମ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତର ୬୫ଜଣ ସ୍ୱେଚ୍ଛାସେବୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ବ୍ରାହ୍ମଣ ସମାଜ ପକ୍ଷରୁ ବିଶ୍ୱ ହୃଦୟ ଦିବସ

**ଝାରସୁଗୁଡ଼ା ଅଫିସ,୨୯।୯**

ସ୍ଥାନୀୟ ମଙ୍ଗଳବଜାରସ୍ଥିତ ଅଡିଟୋରିୟମରେ ଗୁରୁବାର ବିଶ୍ୱ ହୃଦୟ ଦିବସ ଅବସରରେ ଝାରସୁଗୁଡା ବ୍ରାହ୍ମଣ ସମାଜ ଓ ବିକାଶ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଆୟୋଜିତ ହୋଇଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ହୃଦ୍‌ରୋଗ ଚିକିତ୍ସାର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ସେ କହିଥିଲେ, ଝାରସୁଗୁଡ଼ାରେ ୨୦୨୩ ମାର୍ଚ୍ଚ ସୁଦ୍ଧା ହୃଦ୍‌ରୋଗ ଚିକିତ୍ସାଳୟ କାର୍ଯ୍ୟକ୍ଷମ ହେବ। ଆଗାମୀ ଦିନରେ ଝାରସୁଗୁଡ଼ା ସହରରେ ନିର୍ମିତ ହେବାକୁ ଯାଉଥିବା କର୍କଟ ଚିକିତ୍ସାଳୟ, ଅତ୍ୟାଧୁନିକ ରୋଗ ପରୀକ୍ଷାଗାର ଆଦି ଝାରସୁଗୁଡ଼ାକୁ ସ୍ୱାସ୍ଥ୍ୟସେବାରେ ଅଗ୍ରଣୀ କରି ଗଢ଼ିତୋଳିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାରିଟି ନୂତନ ମେଡିକାଲ କଲେଜ ଆରମ୍ଭ କରିସାରିଛନ୍ତି। ଆଗାମୀ ଦିନରେ ଆଉ ଚାରିଟି ଆରମ୍ଭ ହେବ। ଫଳରେ ୩/୪ ବର୍ଷ ମଧ୍ୟରେ ରାଜ୍ୟରେ ଡାକ୍ତରଙ୍କ ଅଭାବ ରହିବ ନାହିଁ। ଏହାବ୍ୟତୀତ ଝାରସୁଗୁଡାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ମଧ ଉଦ୍ୟମ ଜାରି ରହିଛି ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ବିକାଶ ହସ୍ପିଟାଲର ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ହୃଦ୍‌ରୋଗର କାରଣ ଓ ନିରାକରଣ ବିଷୟରେ ଆଲୋକପାତ କରିଥିଲେ। ଆୟୋଜକ ବ୍ରାହ୍ମଣ ସମାଜର ମାର୍ଗଦର୍ଶକ ବାଳଗୋବିନ୍ଦ ମିଶ୍ର ମଞ୍ଚାସୀନ ଥିଲେ। ଆଇନଜୀବୀ ସନ୍ଦୀପ ଅବସ୍ଥି ସଭା ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ଆକାଶବାଣୀ ସମ୍ବଲପୁର କେନ୍ଦ୍ରରେ ରାଜଭାଷା ପକ୍ଷ


ଉତ୍ସବରେ ଯୋଗଦେଇଥିବା ଅତିଥି।

**ସମ୍ବଲପୁର,୨୯।୯(ବ୍ୟୁରୋ)**

ଆକାଶବାଣୀ ସମ୍ବଲପୁର କେନ୍ଦ୍ରରେ ଗୁରୁବାର ହିନ୍ଦୀ ପକ୍ଷ ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ରର ମୁଖ୍ୟ ରମେଶ ଚନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ସମାରୋହ ହୋଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗ ମୁଖ୍ୟ ପ୍ରଫେସର ସଦନ କୁମାର ପାଲ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଭାଷା ଯୋଡ଼େ, ଭାଙ୍ଗେ ନାହିଁ। ପରିବର୍ତ୍ତିତ ସମୟ ସହ ତାଳଦେଇ ଆମକୁ ଚାଲିବାକୁ ହେବ । ସରକାରୀ କାର୍ଯ୍ୟରେ ଅଧିକରୁ ଅଧିକ ହିନ୍ଦୀ ଭାଷାର ପ୍ରୟୋଗ ଆବଶ୍ୟକତା ରହିଛି। କେବଳ ହିନ୍ଦୀ ନୁହେଁ ବରଂ ସମସ୍ତ ଭାଷାର ପୁସ୍ତକ ପଢ଼ିବା ସହ ଏଥିପ୍ରତି ଯୁବସମାଜକୁ ଆକୃଷ୍ଟ କରିବା ସମସ୍ତଙ୍କର ଦାୟିତ୍ୱ ବୋଲି ସେ କହିଥିଲେ। କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ମନୋଜ ପୂଜାରୀ ସୂଚନା ଦେଇଥିଲେ। କେନ୍ଦ୍ରର ପ୍ରଭାରୀ ହିନ୍ଦୀ ଅଧିକାରୀ କ୍ଷେତ୍ରମଣି ବିଭାର ପରିଚାଳନା ଓ ସତ୍ୟରଞ୍ଜନ ପଣ୍ଡା, ଦୀପକ ଓରାମ ସହଯୋଗ କରିଥିଲେ। ଏହି ଅବସରରେ ଆୟୋଜିତ ପତ୍ରଲିଖନ, ଅନୁବାଦ, ବକ୍ତୃତା, ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।

## ବାଳକରେ ଦେଓକରଣପୁର, ବାଳିକାରେ ଭୋଇପାଲି ଚାମ୍ପିୟନ

**ବ୍ଲକସ୍ତରୀୟ ଆନ୍ତଃବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା**

**ବଡ଼ଗାଁ, ୨୯।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ୧୧ଟି ଉଚ୍ଚ ବିଦ୍ୟାଳୟର ବାଳକ ଓ ବାଳିକାଙ୍କ ମଧ୍ୟରେ ଫୁଟବଲ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଆନ୍ତଃ ବ୍ଲକ ପ୍ରତିଯୋଗିତାରେ ୧୧ଟି ଉଚ୍ଚ ବିଦ୍ୟାଳୟର ଫୁଟବଲ ଖେଳାଳିଙ୍କୁ ନେଇ ୧୫ ଟିମ ଗଠନ କରାଯାଇଥିଲା। ପ୍ରତିଯୋଗିତାର ବାଳକ ଫୁଟବଲରେ ଦେଓକରଣପୁର ହାଇସ୍କୁଲ ଚାମ୍ପିୟନ ଓ ଦାଣ୍ଡଜମରା ହାଇସ୍କୁଲ ଉପ ବିଜେତା ହୋଇଥିଲା। ବାଳିକା ଫୁଟବଲରେ ତୁଡାଲଗା କନ୍ୟାଶ୍ରମ ଚାମ୍ପିୟନ ଓ ଭୋଇପାଲି ବାଳିକା ଉଚ୍ଚ ବିଦ୍ୟାଳୟ ଉପ ବିଜେତା ହୋଇଥିଲେ। ବିଇଓ ଶାନ୍ତି ମୁନି ହରୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଦୁଲାରି ସରେଙ୍ଗ ମୁଖ୍ୟ ଅତିଥି ଓ ବିଡ଼ିଓ କ୍ଷମାନିଧି ଭୋଇ, ଏବିଇଓ ମହେଶ୍ୱର ମଲ୍ଲିକ, ସମିତି ସଭ୍ୟା ମଞ୍ଜୁ ମହାନନ୍ଦିଆ , ଦେଓକରଣପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ କର୍ଣ୍ଣ ମାଝୀ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ହିଁ ସମ୍ପଦ ଉପରେ ଆଲୋଚନା କରି ଶୃଙ୍ଖଳିତ ହୋଇ ନିଜକୁ ଜଣେ ଆଦର୍ଶ ଖେଳାଳି ଭାବେ ଗଢ଼ିବାକୁ ମୁଖ୍ୟ ଅତିଥି ସୋରେଙ୍ଗ ପରାମର୍ଶ ଦେଇଥିଲେ।

## ବୁର୍ଲା ଡିଏଭି ସ୍କୁଲରେ ସାହିତ୍ୟ ଆସର

**ସମ୍ବଲପୁର,୨୯।୯(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲା ଡିଏଭି ସ୍କୁଲରେ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ରଶ୍ମି ମିଶ୍ରଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ସାରସ୍ୱତ ସାଧକଙ୍କ ମଧ୍ୟରେ ସାହିତ୍ୟର ଶକ୍ତି ବିଷୟରେ ଆଲୋଚନା ଚକ୍ର ହୋଇଥିଲା। ଏଥିରେ ପ୍ରଫେସର ନନ୍ଦକିଶୋର ପୂଜାରୀ, ଡ. କାଳିଦାସ ମିଶ୍ର, ଡ. ଦ୍ୱାରିକା ନାୟକ, ସୌଭାଗ୍ୟବନ୍ତ ମହାରଣା ଓ ଡ. ଜୟନ୍ତ କରଶର୍ମା ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଚନ୍ଦନ ମହାନ୍ତି ସଂଯୋଜନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଡିଏଭି ପରିବାରର ଅଭିଭାବକ ଅନସୂୟା ପଣ୍ଡା, ପୁରାତନ ବିଦ୍ୟାର୍ଥୀ ପ୍ରସନ୍ନ ପଟ୍ଟନାୟକ, ଶ୍ରୀତିକା ମିଶ୍ର, ଶିକ୍ଷକ ଶଶିଧର ପତି, ବିଦ୍ୟାର୍ଥୀ ଆଦ୍ୟାସିଦ୍ଧିପ୍ରଦା ଦାସ, ଅନିଶ ପାଢ଼ୀ ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷକ ହର୍ଷ ପତି ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ଶକୁନ୍ତଳା ସାହୁ ଧନ୍ୟବାଦ ଦେଇଥିଲେ।



ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥି ଓ କବି।

## ଅର୍ଦ୍ଧନିର୍ମିତ ଅବସ୍ଥାରେ ସାତୁପାଲି କଲ୍ୟାଣମଣ୍ଡପ

**ଘୋଷଣାରେ ସୀମିତ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ**

**ସମ୍ବଲପୁର,୨୯।୯(ବ୍ୟୁରୋ)**

ସମ୍ବଲପୁର ଜିଲା ଧନକଉଡା ବ୍ଲକ ବସନ୍ତପୁର ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇଛି। ଅଧିକ ଅନୁଦାନରେ ପଞ୍ଚାୟତର ବିକାଶ କରାଯିବା ନେଇ ଲକ୍ଷ୍ୟ ରହିଛି। ହେଲେ କେତେକ ପ୍ରକଳ୍ପ ଦେଖିଲେ ଏହା କେବଳ ଘୋଷଣାରେ ସୀମିତ ରହିଥିବା ମନେହେଉଛି।

ପଞ୍ଚାୟତବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସାତୁପାଲିଠାରେ ଏକ କଲ୍ୟାଣମଣ୍ଡପ ନିର୍ମାଣ କାମ ଆରମ୍ଭ ହୋଇଥିଲା। ହେଲେ ଏହା ଅର୍ଦ୍ଧନିର୍ମିତ ହୋଇ ପଡିରହିଛି। ବ୍ଲକ ପ୍ରଶାସନ ପକ୍ଷରୁ ଅନୁଦାନ ଅଭାବ ଥିବା କୁହାଯାଉଛି। ପ୍ରାୟ ୨୦ଲକ୍ଷ ଟଙ୍କାର ଟେଣ୍ଡର ହୋଇ କାମ କରାଯାଇଥିବାବେଳେ କିଭଳି ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ ବୋଲି ପ୍ରଶ୍ନ ଉଠିଛି। ଟେଣ୍ଡର ସମୟରେ ବ୍ୟୟ ଅଟକଳ ଓ ଡ୍ରଇଁ କରାଯାଇଥାଏ। ହେଲେ ଏହାକୁ କିଭଳି ପରିବର୍ତ୍ତନ କରାଗଲା ଓ ଅସମ୍ପୂର୍ଣ୍ଣ କରି ଛାଡିଦିଆଗଲା ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ମଣ୍ଡପ ଶେଷ କରାଯାଇ ଲୋକାର୍ପଣ କରାଯିବା ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ମଣ୍ଡପରେ ଶୌଚାଳୟ ନିର୍ମାଣ ପାଇଁ ଏକ ସୂଚନା ଫଳକ ରହିଛି। ହେଲେ ଏହା ନିର୍ମାଣ ହୋଇପାରି ନାହିଁ। କେଉଁ ଯୋଜନାରେ କେତେ ଟଙ୍କା ଉକ୍ତ ମଣ୍ଡପରେ ଖର୍ଚ୍ଚ କରାଯାଇଛି ତାହା ସୂଚନା ବୋର୍ଡ ମାଧ୍ୟରେ ସର୍ବସାଧାରଣ କରାଯାଉ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ସାମ୍‌ନାକୁ ଆସିବ ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ ଧନକଉଡା ବିଡିଓ ଏସ୍. କେ. ପଟେଲ କହିଛନ୍ତି, କାମ ଅସମ୍ପୂର୍ଣ୍ଣ ଥିବା ନେଇ ଅବଗତ ରହିଛି। ହେଲେ କେଉଁ ଅନୁଦାନରୁ କେତେ ପରିମାଣ ଅର୍ଥ ଖର୍ଚ୍ଚ ହୋଇଛି ଠିକ୍ ତଥ୍ୟ ନାହିଁ। କିଭଳି ଭାବେ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ। ସ୍ଥାନୀୟ ଜେଇଙ୍କୁ କାମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଥିଲେ।


ସାତୁପାଲିରେ ଅର୍ଦ୍ଧନିର୍ମିତ କଲ୍ୟାଣ ମଣ୍ଡପ।

## ସଂକ୍ଷେପରେ

### ଆଠଗଡ଼ ଟୋଲ୍‌ଗେଟ୍‌ରେ ଭାଜପା ନେତାଙ୍କୁ ମାଡ଼

**ସମ୍ବଲପୁର,୨୯।୯(ବ୍ୟୁରୋ):** ସମ୍ବଲପୁର ଜିଲା ଭାଜପା ସଭାପତି ଗିରୀଶ ପଟେଲଙ୍କ ନେତୃତ୍ୱରେ ଭାଜପା କର୍ମକର୍ତ୍ତା ଭୁବନେଶ୍ୱରଠାରେ ଆୟୋଜିତ କର୍ମୀ ସମ୍ମିଳନୀରେ ଯୋଗଦେବାକୁ ଯାଉଥିଲେ। ଆଠଗଡ଼ ଟୋଲଗେଟରେ ୨ଜଣ ଭାଜପା ନେତାଙ୍କୁ ମାରପିଟ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଜଣେ ନାକଟିଦେଉଳ ବ୍ଲକ ଓ ଅନ୍ୟ ଜଣେ ଯୁଯୁମୁରା ବ୍ଲକର ନେତା ଅଟନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ନାକଟିଦେଉଳରୁ ନେତା ଓ କର୍ମକର୍ତ୍ତା ବସ୍ ଯୋଗେ ଭୁବନେଶ୍ୱର ଯାଉଥିଲେ। ଆଠଗଡ଼ ଟୋଲଗେଟଠାରେ ସେମାନେ ଟିକସ ଦେବାକୁ ମନା କରିଥିଲେ। ଏହି ସମୟରେ ଜଣେ କେନ୍ଦ୍ର ମନ୍ତ୍ରୀଙ୍କ ନାମ ନେଇ ଟୋଲ କର୍ମଚାରୀଙ୍କୁ ଧମକଚମକ ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ସୁନ୍ଦରଗଡ଼ ଜିଲାର ଏକ ବସ୍ ମଧ୍ୟ ଅଟକିଥିଲା। ଦୁଇ ବସ୍‌ରେ ଥିବା କେତେଜଣ ଭାଜପା କର୍ମକର୍ତ୍ତା ଓ ଟୋଲ କର୍ମଚାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ମାରପିଟ ହୋଇଥିଲା। ଗଣ୍ଡଗୋଳ ଖବର ପାଇ ପ୍ରାୟ ୫ଟି ଗାଡ଼ିରେ ଟୋଲ ଗେଟ କର୍ମଚାରୀ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଥିବା ଯୁଯୁମୁରା ଅଞ୍ଚଳର ଜଣେ ନେତାଙ୍କୁ ସଂଘବଦ୍ଧ ଭାବେ ମାଡ଼ ମାରିଥିଲେ। ଆଗଧାଡିର କେତେଜଣ ନେତା ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ସମ୍ପର୍କରେ ଭାଜପା ଜିଲା ସଭାପତି ପଟେଲ କହିଛନ୍ତି ଯେ, ଟୋଲ ଗେଟରେ ଗଣ୍ଡଗୋଳ ହୋଇଥିବା ଘଟଣା ସତ। ଭାଜପା କର୍ମୀମାନେ ଟୋଲଗେଟ କର୍ମଚାରୀଙ୍କୁ ଟଙ୍କା ଦେଇଥିଲେ। ହେଲେ କର୍ମଚାରୀ ରସିଦ ଦେବାକୁ ମନା କରିଥିଲେ। ଓଲଟା ଗଣ୍ଡଗୋଳ କରି ହଇରାଣ ହରକତ କରିଥିଲେ। ସମ୍ବଲପୁର ଜିଲାରୁ ଆଶାନୁରୂପକ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ସେ କହିଥିଲେ।

### ଡାକସେବକଙ୍କୁ ସମ୍ବର୍ଦ୍ଧନା

**ନାକଟିଦେଉଳ,୨୯।୯(ଡି.ଏନ.ଏ.):** ନାକଟିଦେଉଳ ଉପଡ଼ାକଘର ଡାକସେବକ ସଚ୍ଚିଦାନନ୍ଦ ଦେହୁରିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଉପଡ଼ାକପାଳ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ବିଭାଗୀୟ କର୍ମଚାରୀ ଡାକସେବକ ଦେହୁରିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛବିଳ ପ୍ରଧାନ, ଅଞ୍ଜନ କୁମାର ସାହୁ, ଜୟଦୀପ ସାହୁ, ରାକେଶ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

### ପିଏଚ୍‌ସି ପରିସର ସଫାକଲେ ସରପଞ୍ଚ, ସାମାଜିକ କର୍ମୀ

**ବଡ଼ଗାଁ, ୨୯।୯(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବରଙ୍ଗାକଛାରଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି) ପରିସରକୁ ଗୁରୁବାର ସ୍ଥାନୀୟ ସରପଞ୍ଚ ରାଜେଶ୍ୱରୀ କାଲୋ, ସାମାଜିକ କର୍ମୀ ଦୋଳଗୋବିନ୍ଦ ବେହେରା, ଭୁବନେଶ୍ୱର ପୃଷେଟ ଓ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ସଫା କରିଥିଲେ। ସରପଞ୍ଚ ଓ ସାମାଜିକ କର୍ମୀମାନେ ଡାକ୍ତରଖାନାକୁ ସ୍ୱଚ୍ଛ ରଖିବା ପାଇଁ ଫିନାଇଲ, ସର୍ଫ, ସାବୁନ, ହେଣ୍ଡ ୱାଶ ସେନିଟାଇଜର ଆଦି ସାମଗ୍ରୀ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଡକ୍ଟର ସୁସ୍ମିତା ପଟେଲଙ୍କ ସହିତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ତାଲା ପକାଇ ଛାତ୍ରୀ, ଅଭିଭାବକଙ୍କ ବିକ୍ଷୋଭ

**ସମ୍ବଲପୁର,୨୯।୯(ବ୍ୟୁରୋ)**



ପ୍ଲାକାର୍ଡ ଧରି ପ୍ରତିବାଦ କରୁଛନ୍ତି ଛାତ୍ରୀମାନେ।

ସମ୍ବଲପୁର ଜିଲାର ଅନ୍ୟତମ ପୁରାତନ ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗିରହିଛି। ଏହାର ସମାଧାନ ଦାବିରେ ଗୁରୁବାର ଅଭିଭାବକମାନେ ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଏହାସହ ଅଭିଭାବକ ଓ ଛାତ୍ରୀ ପ୍ଲାକାର୍ଡ ଧରି ସ୍କୁଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୁଖ୍ୟତଃ ଖାଲିପଡିଥିବା ଶିକ୍ଷକ ପଦବୀ ପୂରଣ ସହ ଶୀଘ୍ର ପ୍ରଧାନ ଶିକ୍ଷକ ନିଯୁକ୍ତି ପାଇଁ ଅଭିଭାବକମାନେ ଦାବି କରିଥିଲେ।

ଅଭିଯୋଗ କ୍ରମେ ସର୍ବପୁରାତନ ବାଳିକା ହାଇସ୍କୁଲକୁ ୫-ଟି ଅଧୀନରେ ସାମିଲ କରାଯାଇ ଭିତ୍ତିଭୂମିର ବିକାଶ କରାଯାଇଛି। ଏଥିପାଇଁ ପ୍ରାୟ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ଶିକ୍ଷାଦାନ ପାଇଁ ଅତି ଆବଶ୍ୟକ ଶିକ୍ଷକ ପଦ ଖାଲି ପଡିଛି। ଶିକ୍ଷକ ପଦବୀ ପୂରଣ, ପ୍ରଧାନଶିକ୍ଷକଙ୍କ ବଦଳି ସ୍ଥଗିତ ନେଇ ସରକାର କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏଠାକାର ୧୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପଦୋନ୍ନତି ଓ ବଦଳି ପରେ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ମଧ୍ୟ ସ୍ଥାନାନ୍ତର କରାଯାଇଛି। ଫଳରେ ବିଦ୍ୟାଳୟରେ ମୋଟ ଶିକ୍ଷକ ସଂଖ୍ୟା ୪୦ ସ୍ଥାନରେ ଏବେ ମାତ୍ର ୧୭ଜଣ ଅଛନ୍ତି। ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୮୫୦ ଛାତ୍ରୀ ରହିଥିବାରୁ ବର୍ତ୍ତମାନ ଶିକ୍ଷାଦାନରେ ଅଚଳାବସ୍ଥା ଦେଖାଦେଇଛି। ଶିକ୍ଷକ ପଦବୀ ପୂରଣ ପାଇଁ କର୍ତ୍ତୃପକ୍ଷଙ୍କଠାରେ

#### ଲେଡିଲୁଇସ ବାଳିକା ହାଇସ୍କୁଲ ସମସ୍ୟା

ବାରମ୍ବାର ଅଭିଯୋଗ କରିବା ପରେ ବି ସୁଫଳ ମିଳିଲା ନାହିଁ। ତେଣୁ ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ ଜଣାଇଥିଲେ ବୋଲି ଅଭିଭାବକମାନେ କହିଛନ୍ତି। ପଦୋନ୍ନତି ପାଇ ବଦଳି ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ସ୍ଥାନରେ ଶୀଘ୍ର ନୂତନ ନିଯୁକ୍ତି ଦିଆଯାଉ ବୋଲି ଦାବି କରିଥିଲେ। ସମ୍ବଲପୁର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମୁରଲିଧର ବେହେରା ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ସମସ୍ୟା ସମାଧାନ କରାଯିବା ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଅଭିଭାବକମାନେ ଚେତାବନୀ ଦେଇଥିଲେ।

### ବଜ୍ରପାତରେ ୮ ଗୋରୁ ମୃତ

**ନାକଟିଦେଉଳ,୨୯।୯(ଡି.ଏନ୍.ଏ.)**

ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତ କଞ୍ଚନପୁର ଗ୍ରାମରେ ଗୁରୁବାର ଅପରାହ୍ନରେ ବଜ୍ରପାତ ଘଟି ୫ ଚାଷୀଙ୍କ ୮ ଗୋରୁ ମୃତ୍ୟୁବରଣ କରିଛନ୍ତି। ଗ୍ରାମର ମୋହନ ନାଏକଙ୍କ ୧ ବଳଦ, ଲମ୍ବୋଦର ସାହୁଙ୍କ ୧ ବଳଦ ଓ ୧ ଗାଈ, ବିଷ୍ଣୁଚରଣ ସାହୁଙ୍କ ୧ ବଳଦ, ଟେରୁ ଦେହୁରିଙ୍କ ୨ ଗାଈ ଓ ବିଷ୍ଣୁ ନାଏକଙ୍କ ୨ ବଳଦଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଅପରାହ୍ନ ପ୍ରାୟ ୩ଟା ସମୟରେ ଗୋରୁପଲ ଗ୍ରାମ ନିକଟସ୍ଥ ଭାଲୁପାଳ ପଡ଼ିଆରେ ଚରୁଥିବା ବେଳେ ବର୍ଷା ସହ ଘଡ଼ଘଡ଼ି ହୋଇଥିଲା। ନିକଟରେ ଥିବା ଏକ ଗଛମୂଳେ ଗୋରୁପଲ ଆଶ୍ରୟ ନେଇଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏହାକୁ ନେଇ ସମ୍ପୃକ୍ତ ଚାଷୀମାନେ ଭାଙ୍ଗି ପଡ଼ିଛନ୍ତି। ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ଶୁଭେନ୍ଦ୍ର କୁମାର ପ୍ରଧାନ ନାକଟିଦେଉଳ ତହସିଲଦାର ସୁକାନ୍ତ କୁମାର ନାଏକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି।

# ବାଉଁଶ କାରିଗରଙ୍କୁ ପ୍ରୋତ୍ସାହନ ପ୍ରତିଶ୍ରୁତି

**ସମ୍ବଲପୁର,୨୯।୯(ବ୍ୟୁରୋ)**

ବାଉଁଶ କାରିଗରଙ୍କୁ ପ୍ରୋତ୍ସାହନ ଦିଆଯିବ। ସେମାନଙ୍କ ତିଆରି ସାମଗ୍ରୀ ବିକ୍ରି ପାଇଁ ବଜାର ସୁବିଧା ସହ ପ୍ରଶିକ୍ଷଣ ଶିବିର କରି ତାଲିମ ପ୍ରଦାନ କରାଯିବ। କାରିଗରମାନେ ଆତ୍ମନିର୍ଭଶୀଳ ହୋଇ ନିଜ ଆର୍ଥିକ ସ୍ଥିତିରେ ଯେଭଳି ସୁଧାର ଆଣିବେ ସେ ନେଇ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ। ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଖିଣ୍ଡା ଗ୍ରାମର ବାଉଁଶ କାରିଗରଙ୍କୁ ଭେଟିବା ଅବସରରେ ଜିଲାପାଳ ଅନନ୍ୟା ଦାସ ଏଭଳି ପ୍ରତିଶ୍ରୁତି ଦେଇଛନ୍ତି। ଗସ୍ତ ସମୟରେ ଜିଲାପାଳ ସାହାସପୁରରେ ୫-ଟି ହାଇସ୍କୁଲ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ପାଠପଢା ପଚାରି ବୁଝିବା ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ସ୍କୁଲର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି। ଏହି


ବାଉଁଶ କାରିଗରଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି ।

ଅବସରରେ ସେ ଛାତ୍ରୀଛାତ୍ରଙ୍କୁ ପାଠ ମଧ୍ୟ ପଢାଇଥିଲେ। ସାହାସପୁରଠାରେ କଲ୍ୟାଣମଣ୍ଡପ କାମକୁ ତୁରନ୍ତ ସାରିବାକୁ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅର୍ଡା ଓ ହୁମା ମନ୍ଦିର ଉନ୍ନତି କରି ପର୍ଯ୍ୟଟକଙ୍କୁ କିଭଳି ଆକୃଷ୍ଟ କରାଯାଇପାରିବ ସେ ନେଇ ଆଲୋଚନା କରିଥିଲେ। ବରଗାଁ ପଞ୍ଚାୟତର ଶକ୍ତି ଏସ୍‌ଏଚ୍‌ଜି ଗ୍ରୁପ ତିଆରି କରୁଥିବା ସାନିଟାରି ନାପକିନ ୟୁନିଟ୍ ବୁଲି

#### ଜିଲାପାଳଙ୍କ ମାନେଶ୍ୱର ବ୍ଲକ ଅଞ୍ଚଳ ଗସ୍ତ

ପ୍ରଶଂସା କରିବା ସହ ବଜାର ସୁବିଧା କିଭଳି ବ୍ୟାପକ କରାଯିବ ସେ ଉପରେ ଆଲୋଚନା କରିଥିଲେ। ହୁମା ନିକଟ ଜରାନିବାସ ଗସ୍ତ କରି ଅନ୍ତେବାସୀଙ୍କ ସହ ଆଲୋଚନା କରିବା ସହ ଦୁଇଜଣଙ୍କୁ ହୁଇଲ ଚେୟାର ବଣ୍ଟନ କରିଥିଲେ। ପରେ ଚାରପାଲି ସମ୍ବଲପୁରୀ ହ୍ୟାଣ୍ଡଲୁମ ଉତ୍ପାଦନ କେନ୍ଦ୍ର ବୁଲି କଞ୍ଚାମାଲ ଠିକ୍ ଭାବେ ପହଞ୍ଚିବା ବିଷୟରେ ଆଲୋଚନା କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର ଚାଲିଥିବା ବିଭିନ୍ନ ରାସ୍ତା କାମ ଶୀଘ୍ର ଶେଷ କରିବା ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ସ୍ମରଣିକା ତୁଳ, ତହସିଲଦାର ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ବଳାତ୍କାର ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

**ଝାରସୁଗୁଡ଼ା ଅଫିସ,୨୯।୯**

ଝାରସୁଗୁଡା ଜିଲା ଦୌରାଜଜ୍ ସତ୍ୟବ୍ରତ ମିଶ୍ର ଗୁରୁବାର ଏକ ବଳାତ୍କାର ମାମଲାର ବିଚାର କରି ମୁଖ୍ୟ ଅଭିଯୁକ୍ତ ସନାତନ କିଷାନଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ପୀଡିତାଙ୍କୁ ୧ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପିପି ଗଙ୍ଗାଧର ଗଡନାୟକ ଏହି ମାମଲା ଲଢୁଥିଲେ। ମାମଲାର ବିବରଣୀରୁ ପ୍ରକାଶ ଯେ, ଝାରସୁଗୁଡ଼ା ଥାନା ଅଞ୍ଚଳରେ ୨୦୧୯ ଜାନୁୟାରୀ ୧ ତାରିଖ ରାତିରେ ନୂଆବର୍ଷ ପାଳନ କରାଯାଉଥିଲା। କାର୍ଯ୍ୟକ୍ରମ ସରିବା ପରେ ଜଣେ ବିବାହିତା ମହିଳା ସେଠାରୁ ଫେରୁଥିବାବେଳେ ୨ଜଣ ଯୁବକ ତାଙ୍କୁ ଉଠାଇନେଇ ଜୋର ଜବରଦସ୍ତ ବଳାତ୍କାର କରିଥିଲେ। ଏ ନେଇ ପୀଡିତାଙ୍କ ପରିବାର ଝାରସୁଗୁଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୩/୧୯) ରୁଜୁକରି ତଦନ୍ତ କରୁଥିବାବେଳେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଏଥିମଧ୍ୟରେ ଜଣେ ନାବାଳକ ଥିବା ଜଣାପଡିଛି।

## ଏନ୍‌ଏଚ୍‌ଏଆଇ ପିଡ଼ିଙ୍କ ସହ ପ୍ରତିନିଧି ଦଳର ଆଲୋଚନା


ଏନ୍‌ଏଚ୍‌ଏଆଇ ପିଡିଙ୍କୁ ଭେଟି ଆଲୋଚନା କରୁଛନ୍ତି ପ୍ରତିନିଧି ଦଳ

**ପଡିଆବାହାଲ,୨୯।୯(ଡି.ଏନ.ଏ.)** ୫୩ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ଚାଲିଥିବାବେଳେ ଯୁଯୁମୁରା ବ୍ଲକ ପଡିଆବାହାଲ ଅଞ୍ଚଳବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଗୁରୁବାର ବାହାମ ସରପଞ୍ଚ ସରସ୍ୱତୀ ଭୂସାଗରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ଏନ୍. ନାଗେଶ୍ୱର ରାଓଙ୍କୁ ଭେଟି ଆଲୋଚନା କରିଛନ୍ତି। ପଡିଆବାହାଲର ଉଭୟ ପଟେ ଓ ଡୁରାଙ୍ଗ ଗ୍ରାମରେ ପାନୀୟ ଜଳ ପାଇପ୍‌ଲାଇନ୍ ସୁବିଧା, ରେଷ୍ଟ ଶେଡ୍ ତଥା ବସ୍‌ଷ୍ଟାଣ୍ଡ ଶୀଘ୍ର ଚୂଡାନ୍ତ କରିବା, ସର୍ଭିସ ରୋଡ଼ ସମ୍ପୂର୍ଣ୍ଣ କରିବା, ରୋଡ୍ କ୍ରସିଂ ବ୍ରିଜ୍, ୧କି.ମି. ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ୍ ଆଦି ପ୍ରସଙ୍ଗରେ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ନିର୍ଦ୍ଦେଶକ ରାଓ ଯଥାଶୀଘ୍ର ପରିଦର୍ଶନ କରି ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିନିଧି ଦଳରେ ଖସୁପାଲି ଗ୍ରାମବାସୀଙ୍କ ସହ ସୁବାସ ବେସନ, ସାମାଜିକ କର୍ମୀ ରାଜାରାମ ଷଡ଼ଙ୍ଗୀ, ଦେବାନନ୍ଦ ଭୂସାଗର, ପଦ୍ମଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ବୈଠକ


ବୈଠକରେ ଉପସ୍ଥିତ ଅଧିକାରୀମାନେ।

**କୁଚିଣ୍ଡା, ୨୯।୯(ଡି.ଏନ.ଏ.)**

କୁଚିଣ୍ଡା ଆଇଟିଡିଏ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ଅନ୍ତର୍ଗତ ଏକ ବୈଠକ କୁଚିଣ୍ଡା ଉପଜିଲାପାଳ ଆଦିତ୍ୟ ଗୋଏଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବ୍ଲକରେ ୨ଟି, ଜମନକିରା ବ୍ଲକରେ ୨ଟି ଓ ବାମରା ବ୍ଲକରେ ୧୯ଟି ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ କରିବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିବାରୁ ଏହାର ବିକାଶ ନେଇ ଆଲୋଚନା ହୋଇଥିଲା। ବୈଠକରେ କୁଚିଣ୍ଡା ପିଏ ଆଇଟିଡିଏ ସୁରେଶ ଚନ୍ଦ୍ର ପ୍ରଧାନ, କୁଚିଣ୍ଡା ଏସ୍‌ଡିଭିଓ, କୁଚିଣ୍ଡା ସବ୍‌ଡିଭିଜନ ଅନ୍ତର୍ଗତ ସମସ୍ତ ବ୍ଲକର ପିଇଓ, ଜେଇ, ବିପିଏମ୍, କୃଷି ଅଧିକାରୀ, ମିଶନ ଜୀବିକାର ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ଉପରୋକ୍ତ କାର୍ଯ୍ୟକ୍ରମ ଅନ୍ତର୍ଗତ ୨୩ଗୋଟି ଗ୍ରାମର କାର୍ଯ୍ୟ ଖସଡ଼ା ତିଆରି ହୋଇଥିଲା।

### ସ୍କ୍ରାପ୍ କାରବାର ଯୋଗୁ ବଢୁଛି ଲୁହା ଚୋରି

**ବଡ଼ଗାଁ, ୨୯।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ସ୍କ୍ରାପ କାରବାର ଯୋଗୁ ଲୁହା ଚୋରି ବଢୁଛି। ଛୋଟ ବୟସର ପିଲା ମାନେ ଲୋକଙ୍କ ବାଡ଼ି ବଗିଚାରେ ରଖାଯାଇଥିବା ଲୁହା ଉପକରଣଗୁଡ଼ିକୁ ଚୋରି କରି ଗାଁକୁ ଅଦରକାରୀ ଲୁହା ସାମଗ୍ରୀ କିଣିବାକୁ ଆସୁଥିବା କବାଡି ବାଲାଙ୍କଠାରେ ବିକ୍ରି କରୁଛନ୍ତି। ଏପରିକି ଗୃହ ନିର୍ମାଣରେ ଲାଗିଥିବା ଛଡ ମଧ୍ୟ ଚୋରି ହେଉଥିବା ଜଣାପଡିଛି। ବିଶେଷକରି ସାହାଜବାହାଲ ଓ ଭୋଇପାଲି ପଞ୍ଚାୟତରେ ଲୋକେ ବାଡ଼ି ବଗିଚାରେ ଲୁହା ସାମଗ୍ରୀ ରଖିପାରୁନାହାନ୍ତି। ଏଥିଯୋଗୁଁ ଛୋଟ ପିଲାମାନେ ଚୋରି ଭଳି ଘୃଣ୍ୟ କାମ କରି ବିପଥଗାମୀ ହେଉଥିବାରୁ ସଚେତନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

## ବ୍ଲକସ୍ତରୀୟ ଫୁଟ୍‌ବଲ ଖେଳାଳି ଚୟନ ଶିବିର

**ନାକଟିଦେଉଳ,୨୯।୯(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ସରାପାଲି ସରକାରୀ ଉଚ୍ଚବିଦ୍ୟାଳୟ ଖେଳପଡ଼ିଆରେ ଗୁରୁବାର ବ୍ଲକସ୍ତରୀୟ ଫୁଟ୍‌ବଲ ଖେଳାଳି ଚୟନ ଶିବିର ଆୟୋଜିତ ହୋଇଯାଇଛି। ଏବିଇଓ ଚନ୍ଦ୍ରମଣି ବେହେରା ଓ ସରାପାଲି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମାଝି ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ହାଇସ୍କୁଲ ସ୍ତରରେ ୧୭ବର୍ଷରୁ କମ୍ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଖେଳାଳି ଚୟନ କରାଯାଇଥିଲା। ଶିବିରରେ ବ୍ଲକର ୧୫ ହାଇସ୍କୁଲରୁ ୯୦ ବାଳକ ଓ ୪୦ ବାଳିକା ଅଂଶଗ୍ରହଣ କରିଥିଲେ। ଏଥିରୁ ଜିଲାସ୍ତରକୁ ୧୫ ଛାତ୍ର ଓ ୧୫ ଛାତ୍ରୀ ମନୋନୀତ ହୋଇଛନ୍ତି। ଏହି ଖେଳାଳିମାନେ ଆସନ୍ତା ୧୧ରୁ ୧୭ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମରେ ହେବାକୁ ଥିବା ଜିଲାସ୍ତରୀୟ ଚୟନ ଶିବିରରେ ଅଂଶଗ୍ରହଣ କରିବେ। ସରାପାଲି ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ରଞ୍ଜନ କୁମାର ସ୍ୱାଇଁ, ଗିରିଶ୍ଚନ୍ଦ୍ରପୁର ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ପ୍ରକାଶଚନ୍ଦ୍ର ପଣ୍ଡା, ପଞ୍ଚଖଣ୍ଡା ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ବାସୁଦେବ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।


ଶିବିରରେ ଭାଗନେଇଥିବା ଛାତ୍ରୀଛାତ୍ର।

## ରୌପ୍ୟ ଅଳଙ୍କାରରେ ଆଭୂଷିତ ହେବେ ଦେବଦେବୀ

**ସମ୍ବଲପୁର,୨୯।୯(ବ୍ୟୁରୋ)**

ହାଟପଡ଼ା ସାର୍ବଜନୀନ ଦୁର୍ଗାପୂଜା ବହୁ ପୁରାତନ। ସମ୍ବଲପୁର ସହର ବଡ଼ସଡ଼କରୁ ବଡ଼ବଜାରରେ ସୀମିତ ଥିବା ସମୟରୁ ହାଟପଡ଼ାଠାରେ କଳସପୂଜାରେ ଦୁର୍ଗାପୂଜା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଦୁର୍ଗାଙ୍କ ଫଟୋଚିତ୍ର ପୂଜା ପାଉଥିବା ବେଳେ ସମ୍ପ୍ରତି ଏହା ଆକର୍ଷଣୀୟ ମେଢ଼ରେ ପରିବର୍ତ୍ତିତ ହୋଇଛି। ଚଳିତବର୍ଷ ୪୦ କେଜି ରୌପ୍ୟ ଅଳଙ୍କାରରେ ଦେବୀ ଦଶଭୁଜା ଦୁର୍ଗାଙ୍କ ସମେତ ପାର୍ଶ୍ୱ ଦେବାଦେବ ଆଭୂଷିତ ହେବେ। ଅସ୍ତ୍ରଶସ୍ତ୍ର ମଧ୍ୟ ରୌପ୍ୟରେ ନିର୍ମିତ ହୋଇଛି। ସଂପ୍ରତି ଦେଶରେ ବନ୍ୟପ୍ରାଣୀ ଲୋପ ପାଇବାରେ ଲାଗିଛି। ଜଙ୍ଗଲ ସୁରକ୍ଷା ଓ ବଣ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୂଜା କମିଟି ୧୬ଫୁଟ୍ ଉଚ୍ଚତାର କିଙ୍ଗକଙ୍ଗ (ସିମ୍ପାଞ୍ଜି) ମେଢ଼ ନିର୍ମାଣ କରୁଛି। ସମ୍ବଲପୁର ମହାନଗର ନିଗମର କାନିଜୁରି ଶିଳ୍ପୀ ଚଏତୁ କନ୍ଧଙ୍କ ତତ୍ତ୍ୱାବଧାନରେ ୮ଜଣ କାରିଗର ସଚେତନତା ମେଢ଼ ତିଆରି କରୁଛନ୍ତି। ଏଥିସହ ମୁଖ୍ୟଦ୍ୱାରରୁ ପୂଜାମଣ୍ଡପ ପର୍ଯ୍ୟନ୍ତ ସବୁଜ ବନାନୀ, ପାହାଡ଼, ଝରଣା ଓ ବଣ୍ୟପ୍ରାଣୀରେ ସଜ୍ଜିତ କରାଯାଉଛି। ମୂର୍ତ୍ତି କାରିଗର ମୋହନ ରଣା ଓ ଦେବାନନ୍ଦ ରଣା ୮ଫୁଟ୍ ଉଚ୍ଚତାର ଦଶଭୁଜା ଦୁର୍ଗା ଓ ପାର୍ଶ୍ୱ ଦେବୀଦେବ ତିଆରି କରୁଛନ୍ତି। କମିଟି ସଭାପତି ଦୀପକ ବରାଳ ସୂଚନା ଦେଇ କହିଛନ୍ତି, ଚଳିତବର୍ଷ ୯ରୁ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ସ୍ଥିର ହୋଇଛି। ୩ଶହ ସଭ୍ୟ ସାମର୍ଥ୍ୟ ଅନୁସାରେ ପୂଜା କମିଟିକୁ ଅର୍ଥଦାନ କରିଛନ୍ତି। ୩ଦିନ ଧରି ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହେବ। ଦଶମୀ ଦିନ ୨ହଜାର ଭକ୍ତଙ୍କ ପାଇଁ ମହାଭୋଗ ପ୍ରସ୍ତୁତ କରାଯିବ। ସାଧାରଣ ସମ୍ପାଦକ ସୋମନାଥ ସେଠ କହିଛନ୍ତି ଯେ, ଭଷାଣୀ ଶୋଭାଯାତ୍ରାରେ ମୟୂରଭଞ୍ଜର କଳସ ନାଚ, ସୁନ୍ଦରଗଡ଼ର ମହିଳା ସମ୍ପ୍ରଦା, ସୋନପୁର ଜିଲା ଭଣ୍ଡାର ଗ୍ରାମର ଘଣ୍ଟବାଦ୍ୟ, ଗଞ୍ଜାମ ଜିଲାର ଯୋଡ଼ି ଶଙ୍ଖ, ରାୟଗଡ଼ାର ଝାଞ୍ଜ, କୁଚିଣ୍ଡାର ବାଡ଼ିନାଚ, ବଙ୍ଗାଳି ଢ଼ାକି ବାଜା, ସମ୍ବଲପୁରର ଦୁଲଦୁଲି ଓ ଡିଜେ ସାମିଲ ହେବ। ଦୁର୍ଗାପୂଜା ଲାଗି କୋଷାଧ୍ୟକ୍ଷ ବିଶ୍ୱଜିତ ଦେହୁରି, ଆଖଡ଼ା ଓସ୍ତାଦ ପ୍ରଶାନ୍ତ ସେଠ, ଉପଦେଷ୍ଟା ଦିଲୀପ କୁମାର ସାହୁ, ଦୁର୍ଗା ପରିଡିଆ, ଗୋବିନ୍ଦ ସାଙ୍କ ସମେତ ୩ଶହ ସଭ୍ୟ ପ୍ରସ୍ତୁତିରେ ଲାଗିଛନ୍ତି। ପଡ଼ାର କାରିଗର ସତ୍ୟଜିତ ନାଏକ, ରାକେଶ ବର୍ଗେ ଓ ସୁନିଲ ବାଗ ଦେବୀଙ୍କ ପରଭା ନିର୍ମାଣ କରୁଛନ୍ତି।





## ସଂକ୍ଷେପରେ

### ଗ୍ରାମରେ ଦୁର୍ଗାମୂର୍ତ୍ତି ଭାଙ୍ଗିଲେ ଯୁବକ

**ଲେଫ୍ରିପଡ଼ା,୨୯।୯(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ଡୁମାବାହାଲ ଗ୍ରାମରେ ବୁଧବାର ବିଳମ୍ବିତ ରାତ୍ରିରେ ତିନିଜଣ ଯୁବକ ଗ୍ରାମବାସୀଙ୍କ ପକ୍ଷରୁ ନିର୍ମାଣ କରାଯାଉଥିବା ଦୁର୍ଗାମୂର୍ତ୍ତିକୁ ଭାଙ୍ଗିଦେଇଥିଲେ। ଉକ୍ତ ୩ ଯୁବକ ସେହି ପଞ୍ଚାୟତର ସରପଞ୍ଚ ସୁରେନ୍ଦ୍ର ସା ଏବଂ କେତେକ ଯୁବକଙ୍କୁ ଆଦିବାସୀ ଆକ୍ଷେପ କରି ଅଶ୍ଳୀଳ ଭାଷାରେ ଗାଲିଗୁଲଜ ମଧ୍ୟ କରିଥିଲେ। ଏନେଇ ଗ୍ରାମବାସୀ ଥାନାରେ ଗୁରୁବାର ଲିଖିତ ଅଭିଯୋଗ କରିଛନ୍ତି। ୩ ଯୁବକଙ୍କ ମଧ୍ୟରେ ୨ଜଣ ସେହି ଗ୍ରାମର ହୋଇଥିବାବେଳେ ଅନ୍ୟ ଜଣେ ତଲସରା ଥାନା ଅନ୍ତର୍ଗତ କୁକରୀଡ଼ିହି ଗ୍ରାମର। ଘଟଣାର ଅଭିଯୋଗ ପାଇ ପୋଲିସ ତଦନ୍ତ କରୁଥିବାବେଳେ ସନ୍ଧ୍ୟା ପର୍ଯ୍ୟନ୍ତ ଥାନାରେ କେଶ ରୁଜୁ ହୋଇ ନାହିଁ ବୋଲି ପୋଲିସ କହିଛି। ଅତୀତରେ ଏହିଭଳି ଭାବେ ଗ୍ରାମରେ ଅନେକ ସଙ୍ଗୀନ ଅପରାଧ ଘଟିଥିବାବେଳେ ଦୁର୍ଗାମୂର୍ତ୍ତି ଭଙ୍ଗା ଘଟଣାକୁ ଗୁରୁତର ଭାବେ ନେଇ ପୋଲିସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

### ଯୋଗୀମାଲର ଖେଳାଳିଙ୍କ କର୍ଣ୍ଣାଟକ ଯାତ୍ରା

**ସୁନ୍ଦରଗଡ଼,୨୯।୯(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲାର ଅଗ୍ରଣୀ ଅନୁଷ୍ଠାନ ଜନସେବା ସମିତି ଯୋଗୀମାଲରେ ତାଲିମ ନେଉଥିବା ଖେଳାଳି ମଧୁସ୍ମିତା ଭିତ୍ରିଆ ଶୁକ୍ରବାର କର୍ଣ୍ଣାଟକ ଯାତ୍ରା କରିବେ। ଆସନ୍ତା ଅକ୍ଟୋବର ୩ ରୁ ୭ ତାରିଖରେ କର୍ଣ୍ଣାଟକ ରାଜ୍ୟ ବାଲଗଭି ଜିଲାର ଚନ୍ଦର୍ଗିରେ ହେବାକୁ ଥିବା ୨୫ତମ ସବ ଜୁନିୟର ଜାତୀୟ ସ୍ତରୀୟ ସିପକ ଟାକ୍ରୋ ଖେଳରେ ଓଡିଶା ଦଳରୁ ପ୍ରତିନିଧି କରିବେ। ଏହା ଆଗରୁ ମହାରାଷ୍ଟ୍ର ଏବଂ ରାଜସ୍ଥାନକୁ ମଧ୍ୟ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେ ଆଦିବାସୀ ଓ ଗରିବ ଶ୍ରେଣୀର, ସୁନ୍ଦରଗଡ଼ ରାଜବାଟିରେ ରହୁଥିବା ରାଜିବ ଭିତ୍ରିଆ ଓ କୁମୁଦିନୀ ଭିତ୍ରିଆଙ୍କ କନିଷ୍ଠ ଝିଅ। ସଦର ବ୍ଲକରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ। ତାଙ୍କ ସହିତ କୋଚ ବାଣୀଶ୍ରୀ ଚିନ୍ତକ, ମନୀଷା ତରସିଆ ଓ ମ୍ୟାନେଜର ଭାବେ ଓଡ଼ିଶାରୁ ସୁନ୍ଦରଗଡ଼ ଜିଲାର ସୁଶାନ୍ତ କୁମାର ଷଡ଼ଙ୍ଗୀ ଯାଉଛନ୍ତି। ପଶ୍ଚିମ ଓଡ଼ିଶାରୁ ଏକ ମାତ୍ର ଝିଅ ସୁନ୍ଦରଗଡ଼ ଜିଲାରୁ ଚୟନ ହୋଇଥିବାରୁ ତାଙ୍କୁ ଜିଲା ପରିଷଦ ସଭାପତି କୁନ୍ତୀ ପ୍ରଧାନ, ସଦର ବିଧାୟିକା କୁସୁମ ଟେଟେ, ମ୍ୟୁନିସିପାଲିଟି ଚେୟାରମେନ ତନୟା ମିଶ୍ର, ୱାର୍ଡ଼ ମେମ୍ବର ଅନିଲ ମହାପାତ୍ର, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷା ପ୍ରୀତି ଡୁଙ୍ଗଡୁଙ୍ଗଙ୍କ ସହିତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ସୁନ୍ଦରଗଡ଼ ଜିଲା ସିପକ ଟାକ୍ରୋ ସଂଘର ସମସ୍ତ ସଭ୍ୟାସଭ୍ୟ ଜନସେବା ସମିତିର ସଭାପତିଙ୍କ ସହ ସମସ୍ତ ସଭ୍ୟାସଭ୍ୟ ସହଯୋଗର ହାତ ବଢ଼ାଇ ଶୁଭେଚ୍ଛା ଜଣାଇଛନ୍ତି।

### ସାଇବର କ୍ରାଇମ୍ ସଚେତନତା କାର୍ଯ୍ୟକ୍ରମ




**ସୁନ୍ଦରଗଡ଼,୨୯।୯(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଆଇନ ସେବା ପ୍ରାଧୀକରଣ ତରଫରୁ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟରେ ସାଇବର କ୍ରାଇମ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ ଡ.ଲଳିତ ରଞ୍ଜନ ସାହୁ ଏହି ଉପଲକ୍ଷେ ଆୟୋଜିତ ସଚେତନତା ସଭାରେ ସଭାପତିତ୍ୱ କରିଥିଲେ। ଜିଲା ସଭାପତି ଶୁଭଶ୍ରୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଇବର ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରି ସଚେତନ କରିଥିଲେ। ଟାଉନ ଥାନା ଆଇଆଇସି ଜଗଦୀଶ ବାରା ଯୋଗଦେଇ ଇଣ୍ଟରନେଟ, ମୋବାଇଲ ଫୋନ ମାଧମରେ କିଭଳି ଆର୍ଥିକ ଠକେଇ ହେଉଛି ସେ ସମ୍ପର୍କରେ ସୂଚନା ଦେଇଥିଲେ। ପୋଲିସ ଅଧିକାରୀ ପ୍ରଜ୍ଞାପ୍ରୀତମ ଜେନା ପ୍ରୋଜେକ୍ଟର ଜରିଆରେ ସାଇବର ଆଇନର ଇତିହାସ, ଗୁରୁତ୍ୱ, ପ୍ରଭାବ ସହିତ ସାମାଜିକ ଗଣମାଧମରେ କିଭଳି ବିଭିନ୍ନ ଆପରାଧିକ କାର୍ଯ୍ୟ କଳାପ ଘଟୁଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ସେ ନେଇ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ସମାଜସେବୀ ସ୍ନେହଲତା ପଟେଲଙ୍କ ସମେତ ମହାବିଦ୍ୟାଳୟର ଅଧାପିକାଅଧାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ସାହିବାସିନ୍ଦା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

# ତହସିଲ ସମ୍ମୁଖରେ ସାହିବାସିନ୍ଦାଙ୍କ ଧାରଣା

**ସରକାରୀ ଗୋଚର ଜମିରେ ପାର୍କ ନିର୍ମାଣକୁ ବିରୋଧ**

**ଦେବଗଡ଼,୨୯।୯(ଡି.ଏନ୍.ଏ.)**

ସାହିବାସିନ୍ଦାଙ୍କ ଦ୍ୱାରା ସଂରକ୍ଷିତ ଗୋଚର ଜମି ଉପରେ ପୌର ପରିଷଦ ପକ୍ଷରୁ ମିନି ପାର୍କ ନିର୍ମାଣକୁ ବିରୋଧକରି ସାହିବାସିନ୍ଦା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଗଣଧାରଣା ଦେଇଛନ୍ତି। ଏହା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହା ପୂର୍ବରୁ ପାର୍କ ନିର୍ମାଣକୁ ବିରୋଧକରି ଏ ସମ୍ପର୍କରେ ଏକ ଦାବିପତ୍ର ପୌର ନିର୍ବାହୀ ଅଧିକାରୀ ଓ ଜିଲାପାଳଙ୍କୁ ସାହିବାସିନ୍ଦା ପ୍ରଦାନ କରିଥିଲେ। ସାହିବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଖପରସାହି ୟୁନିଟ ୩ ସ୍ଥିତ ଏକ ସରକାରୀ ଗୋଚର ଜମି ଖାତା ନଂ ୩୭୮, ପ୍ଲଟ ନଂ ୯୪ର ୩ ଏକର ୨୦ ଡ଼ିସିମିଲ ଓ ପ୍ଲଟ ନଂ. ୭୪ର ୬ ଏକର ୭ ଡ଼ିସିମିଲ ଜାଗାକୁ ସାହିବାସିନ୍ଦା ନିଜସ୍ୱ ଶ୍ରମଦାନ କରି ପଶୁ ସମ୍ପଦ ଚାରଣ ଭୂମି ଉଦ୍ଦେଶ୍ୟରେ ରଖିଥିଲେ ହେଁ ପୌର ପରିଷଦ ପକ୍ଷରୁ ସାହିବାସିନ୍ଦାଙ୍କ ଅଗୋଚରରେ ଏକ ପାର୍କ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ସାହିବାସିନ୍ଦା ଏହାର ପ୍ରତିବାଦ କରିଥିଲେ ମଧ୍ୟ ପୌର ପରିଷଦ କର୍ଣ୍ଣପାତ ନ କରି ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ଗୋଚର ଜମିରେ ପାର୍କ ନିର୍ମାଣକୁ ତୁରନ୍ତ ବନ୍ଦ ଦାବିରେ ଶତାଧିକ ସାହିବାସିନ୍ଦା ପୂର୍ବାହ୍ନରେ ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ଜିଲାପାଳ, ପୌର ନିର୍ବାହୀ ଅଧିକାରୀ ଓ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ତହସିଲ କାର୍ଯ୍ୟାଳୟରେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା।

# ନକଲି ବିଦେଶୀ ମଦ ଜବତ: ଜଣେ ଗିରଫ

**ବଣାଇ, ୨୯।୯ (ସ୍ୱ.ପ୍ର.)**

ପୂଜାକୁ ଆଖି ଆଗରେ ରଖି ଅବକାରୀ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଜାରି ରହିଛି ସ୍ୱତନ୍ତ୍ର ଡ୍ରାଇଭ। ଗତ କିଛି ଦିନ ତଳେ ରାଉରକେଲା ଅଞ୍ଚଳରେ ନକଲି ବିଦେଶୀ ମଦ କାରଖାନା ଠାବ କରିବା ପରେ ତାହାର ଲିଙ୍କ ଥିବା ବଣାଇଁ ଅଞ୍ଚଳରେ ଚଢ଼ାଉ କରି ଗୁରୁବାର ସଫଳତା ହାସଲ କରିଛି ଅବକାରୀ ବିଭାଗ। ଚୋରାରେ ମଦ ପ୍ରସ୍ତୁତ ସାମଗ୍ରୀ ବାହାରୁ ଆଣି ନକଲି ବିଦେଶୀ ବ୍ରାଣ୍ଡେଡ ମଦ ବଣାଇ ଅଞ୍ଚଳରେ ମଧ ପ୍ରସ୍ତୁତ ହେଉଥିବା ଚଢ଼ାଉ ପରେ ସ୍ପଷ୍ଟ ହୋଇଯାଇଛି। ରାଉରକେଲା ଅବକାରୀ ଅଧୀକ୍ଷକ ଶେଖ ଆସିଫ ଅଲ୍ଲୀଙ୍କ ନେତୃତ୍ୱରେ ଗୁରୁବାର ସ୍ୱତନ୍ତ୍ର ଟିମ୍ ବଣାଇଁ ଥାନା ଅନ୍ତର୍ଗତ ଭାଙ୍ଗଡ଼ିହି ଏବଂ ଉପୁରଡା ଗ୍ରାମରେ ଚଢ଼ାଉ କରିଥିଲେ। ଭାଙ୍ଗଡ଼ିହି ଗ୍ରାମର ଜୟନ୍ତୀ ପାତ୍ର ନାମକ ମହିଳାଙ୍କ ଭଡା ଘରେ ଏହି କାରବାର ଚାଲିଥିବା ନେଇ ଥିବା ସୂଚନାକୁ ଆଧାର କରି ଚଢାଉ ପରେ ସେଠାରୁ ୭୬୫ ଲିଟର ବିଦେଶୀ ବ୍ରାଣ୍ଡର ନକଲି ମଦ, ଠିପି, ଖାଲି ବୋତଲ, ଷ୍ଟିକର, ପାଣି ବୋତଲକୁ ଜବତ କରାଯାଇଛି। ଅରୁଣାଞ୍ଚଳ ପ୍ରଦେଶରୁ ଝାଡ଼ଖଣ୍ଡ ଦେଇ ମଦ ଏଠାକୁ ଅଣାଯିବା ପରେ ଏଠାରେ ବ୍ରାଣ୍ଡ ଛାପ ମରାଯାଏ ଏବଂ ସିଲ କରି ବିଦେଶୀ ମଦ ନାମରେ ବିକ୍ରି କରାଯାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଘଟଣାର ମୁଖ୍ୟ ଫେରାର ଥିବା ସୂଚନା ଦେଇ ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ରାଉରକେଲା ଅବକାରୀ ଅଧୀକ୍ଷକ ଶେଖ ଆସିଫ ଅଲ୍ଲୀ ସୂଚନା ଦେଇଛନ୍ତି।


ଜବତ ହୋଇଥିବା ନକଲି ମଦ।

# ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ସହ ଆଲୋଚନା କଲେ ବିଧାୟିକା କୁସୁମ

**ସୁନ୍ଦରଗଡ଼,୨୯।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ନେଇ ବିଧାୟିକା କୁସୁମ ଟେଟେ ଜିଲାପାଳ ପରାଗ ହର୍ଷଦ ଗାଭାଲିଙ୍କୁ ଭେଟି ଆଲୋଚନା କରିଛନ୍ତି। ଆଲୋଚନା ବେଳେ ବିଧାୟିକା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ସ୍ଥାନୀୟ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହନ, ବେରୋଜଗାରୀ, ଜଳସେଚନ ଆଦି ବିଭିନ୍ନ ସମସ୍ୟାର ସମାଧାନ ନେଇ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ବିଧାୟିକାଙ୍କ ଦାବି ମୁତାବକ ସୁନ୍ଦରଗଡ଼ ଠାରୁ ଏମ୍‌ସିଏଲ୍ ଓ କନିକା ପର୍ଯ୍ୟନ୍ତ କୋଇଲା ବୋଝେଇ ଟ୍ରକ ଦ୍ୱାରା ମୃତ୍ୟୁବରଣ କରୁଥିବା ସମସ୍ତ ବ୍ୟକ୍ତିଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଦିଆଯାଉ। ଆଗାମୀ ବର୍ଷ ମଧ୍ୟରେ ଅନେକ କୋଇଲା ଖଣି ଖୋଲିବାକୁ ଯାଉଛି, ସେଥିପାଇଁ ସମସ୍ତ ସଂଯୋଗୀକରଣ ରାସ୍ତା ସମ୍ପ୍ରସାରଣ କରିବା ସହ ରାସ୍ତାଗୁଡିକର ଉନ୍ନତି କରାଯାଉ ବୋଲି ବିଧାୟିକା ଦାବି କରିଥିଲେ। ଏହିସବୁ ରାସ୍ତା କାର୍ଯ୍ୟ ପାଇଁ ଜିଲା ଖଣିଜ ପାଣ୍ଠି ବିନିଯୋଗ ହୋଇପାରିବ ନାହିଁ ବୋଲି ଜିଲାପାଳ କହିବାରୁ ଏ ନେଇ ବିଧାୟିକା ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସୁନ୍ଦରଗଡ଼ବାସୀଙ୍କ ହିତ ପାଇଁ ୧୨ କୋଟି ଟଙ୍କା ରାସ୍ତା ଉନ୍ନତିକରଣ ପାଇଁ ଦାବି କରିଛନ୍ତି। ପ୍ରତ୍ୟେକ ବ୍ଲକ ପରି ପ୍ରତି ଜିଲା ପରିଷଦ ଜୋନରେ ଆଦର୍ଶ ବିଦ୍ୟାଳୟ ଖୋଲି, ଶିକ୍ଷକ ଶୀଘ୍ର ନିଯୁକ୍ତି ଦେବା ପାଇଁ ଦାବି କରିଥିଲେ। ସେହିଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଇ ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିର ଉନ୍ନତିକରଣ କରାଯାଇ ପ୍ରତ୍ୟେକ ବ୍ଲକରେ ଜଣେ ଲେଖା ଅଭିଜ୍ଞ ସ୍ପେସିଆଲିଷ୍ଟ ନିଯୁକ୍ତି ପାଇଁ ଗୁରୁତ୍ୱ ଦେବାକୁ ଦାବି କରିଥିଲେ। ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏଁ କନଫରେନ୍ସ ହଲ ଖୋଲିବା ସହ ପ୍ରତ୍ୟେକ ବସ୍ ଷ୍ଟପରେ ବିଶ୍ରାମଗୃହ ନିର୍ମାଣ କରିବାକୁ ଦାବି ରଖିଥିଲେ। ନିଯୁକ୍ତି କ୍ଷେତ୍ରରେ ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀରେ ଶିଳ୍ପାୟାନର ଅଭିବୃଦ୍ଧି ହୋଇଥିଲେ ମଧ ଏହି ଜିଲାରୁ ଏବେ ମଧ ଯୁବତୀ ଯୁବକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ସ୍ଥାନୀୟ ବେକାର ଯୁବତୀଯବକଙ୍କୁ ଚିହ୍ନଟ କରି ସ୍ଥାନୀୟ ଖଣି ଖାଦାନରେ ନିଯୁକ୍ତି ପାଇଁ ଅଗ୍ରାଧିକାର ନେଇ ଦାବି ରଖିଥିଲେ। ସୁନ୍ଦରଗଡ଼ରେ ଉଠା ଜଳସେଚନ ପ୍ରକଳ୍ପ ଫେଲ ମାରିଛି। ବିଭିନ୍ନ ଚାଷ ଜମିର ପଏଣ୍ଟଗୁଡିକ ଅଚଳ ଅବସ୍ଥାରେ ରହିଛି। ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି କରିଥିଲେ। ସେହିପରି ବିଭିନ୍ନ ସର୍ଭେ ପରେ ଗଭୀର ପୋଖରୀ ଖନନ ପାଇଁ ୧୬୫ କୋଟି ମଞ୍ଜୁର ହୋଇଥିଲେ ସୁଦ୍ଧା ତାହା ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ବାତିଲ କରିଦେଲେ କିଭଳି ଏହି କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ସେନେଇ ବିଧାୟିକା କୁସୁମ ଟେଟେ ଓ ତାଙ୍କ ପ୍ରତିନିଧି ଅସୀମ ପଟେଲ ଜିଲାପାଳଙ୍କ ନିକଟରେ ଦାବି ରଖିଥିଲେ।

# ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ରାମରୁ ସଂଗୃହୀତ ହେଲା ଜଳ, ମାଟି


ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ରାମରୁ ଜଳ ଓ ମାଟି ସଂଗ୍ରହ କରାଯାଉଛି।

**ଦେବଗଡ଼,୨୯।୯(ଡି.ଏନ୍.ଏ.)**

-ଜନ ସାଧାରଣଙ୍କ ମଧ୍ୟରେ ଜାତୀୟତା ଭାବ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ରାଜ୍ୟର ବିଭିନ୍ନ ପ୍ରମୁଖ ନଦୀରୁ ଜଳ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଗୃହରୁ ମାଟି ସଂଗ୍ରହ କରାଯାଉଛି। ଏହି କ୍ରମରେ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ବାରକୋଟ ବ୍ଲକ ଦେଇ ପ୍ରବାହିତ ହେଉଥିବା ବ୍ରାହ୍ମଣୀ ନଦୀରୁ ଜଳ ଏବଂ ଉକ୍ତ ବ୍ଲକର ସ୍ୱାଧୀନତା ସଂଗ୍ରାମୀ ବ୍ରଜବନ୍ଧୁ ବେହେରା, ସୌଭାଗ୍ୟ ଚନ୍ଦ୍ର ଦ୍ୱିବେଦୀ ଓ ପୌରାଞ୍ଚଳ ଅନ୍ତର୍ଗତ ଶାସନ ସାହିର ଦୟାନିଧି ଶତପଥିଙ୍କ ଗୃହରୁ ମାଟି ସଂଗ୍ରହ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ସଂକୀର୍ତ୍ତନ, ହୁଳହୁଳି ଓ ହରିବୋଲ ଧ୍ୱନିରେ ବାରକୋଟ ବ୍ଲକ ପବିତ୍ର ବ୍ରାହ୍ମଣୀ ନଦୀଘାଟରୁ ଜଳ ସଂଗୃହିତ କରାଯାଇଥିଲା। ସେହିପରି ଉକ୍ତ ବ୍ଲକର ସ୍ୱାଧୀନତା ସଂଗ୍ରାମୀଙ୍କ ଗୃହରୁ ପୁଣ୍ୟ ମାଟି ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାରକୋଟ ବିଡିଓ ବିଜୟ କୁମାର୍ ସଏ, ସରପଞ୍ଚ ପ୍ରକାଶ କୁମାର୍ ପାଣି, ସାମାଜିକ ସୁରକ୍ଷା ଅଧିକାରୀ ସାଜନ କୁମାର ସାହୁ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ଓ ସଂକୀର୍ତ୍ତନ ଦଳର ତାଳେ ତାଳେ ବ୍ରାହ୍ମଣୀ ନଦୀ କୂଳରୁ ଜଳ ସଂଗ୍ରହ କରାଯାଇଥିଲା। ଶୁକ୍ରବାର ପବିତ୍ର ଜଳ ଓ ପୁଣ୍ୟ ମାଟି ଭୁବନେଶ୍ୱର ଜୟଦେବ ଭବନକୁ ପଠାଯିବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଗଞ୍ଜେଇ ଚାଲାଣ ମାମଲା: ତିନି ଅଭିଯୁକ୍ତଙ୍କୁ ୧୦ବର୍ଷ କାରାଦଣ୍ଡ

**ସୁନ୍ଦରଗଡ଼,୨୯।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଦୌରାଜଜ ଶୁଭଦର୍ଶୀ ପଟ୍ଟନାୟକ ଶୁକ୍ରବାର ଏକ ଗଞ୍ଜେଇ ମାମଲାର ଶୁଣାଣି କରି ଗଞ୍ଜେଇ ଚାଲାଣକାରୀ ତିନି ଅଭିଯୁକ୍ତଙ୍କୁ ଦଶବର୍ଷ ଲେଖାଏଁ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ତିନି ଜଣ ଅଭିଯୁକ୍ତ ହେଲେ ଏମ୍‌ଡି ଗୁଡ୍ଡୁ, ତାନିଶ ଆଲାମ, ବୀରବଲ କୁମାର ଯାଦବ। ବିଚାରପତି ଏହି ତିନି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦେୟ ହେଲେ ଅଧିକ ଏକବର୍ଷ ଜେଲଦଣ୍ଡ ସକାଶେ ଏହି ରାୟରେ ଆଦେଶ ଦିଆଯାଇଛି। ମାମଲାର ରାୟର ବିବରଣୀରୁ ପ୍ରକାଶ ଯେ, ଗତ ୨୦୧୫ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବାର ସୂଚନା ପାଇ ରାଜଗାଙ୍ଗପୁର ଥାନା ତତ୍କାଳୀନ ଏସ୍ଆଇ ସସ୍ମିତା ମହନ୍ତ ସଦଳବଳ ଲକ୍ଷ୍ମୀପୋଷ ଛକରେ ଯାଇ ପହଞ୍ଚିଥିଲେ। ଏହି ସମୟରେ ଯାଞ୍ଚ ବେଳେ ସମ୍ବଲପୁର ପଟ୍ଟୁ ବିହାର ଚାଲାଣ ହେଉଥିବା ୯୨ କେଜି ଗଞ୍ଜେଇ ଜବତ କରିଥିଲେ। ଏଥିସହ ଏହି ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସୁନ୍ଦରଲାଲ ବେହେରା ଓ ପବ୍ଲିକ ପ୍ରସିକ୍ୟୁଟର ଅବଦୁଲ ସମିମ ଅଖତାର ମିଳିତ ଭାବେ ପରିଚାଳନା କରୁଥିଲେ।

# ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଶ୍ରବଣଯନ୍ତ୍ର ପ୍ରଦାନ

**ଦେବଗଡ଼, ୨୯।୯(ଡି.ଏନ୍.ଏ.)**



ଶ୍ରବଣ ବାଧିତ ଶିଶୁଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଉଛି।

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଗୁରୁବାର ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଶ୍ରବଣ ବାଧିତଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ଜିଲାପାଳ ତଥା ଜିଲା ସ୍ୱାସ୍ଥ୍ୟ ସମିତି ଅଧକ୍ଷ ସୋମେଶ ଉପାଧ୍ୟାୟଙ୍କ ଅଧକ୍ଷତାରେ ଆୟୋଜିତ ଶ୍ରବଣଯନ୍ତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ଚିହ୍ନଟ ହୋଇଥିବା ୩୩ ଜଣ ଶ୍ରବଣ ବାଧିତ ଶିଶୁଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଛି। ଜିଲାପାଳ ଉପାଧ୍ୟାୟ ଶ୍ରବଣ ଯନ୍ତ୍ରକୁ ଶିଶୁଙ୍କ କାନରେ ଲଗାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସାଧନା ଦାଶ, ଏନଆରଏଚଏମ ଜିଲା ପରିଚାଳକ ଉମେଶ ପ୍ରସାଦ ଷଡ଼ଙ୍ଗୀ ଓ ଏଡିପିଏଚଓ ଡାକ୍ତର ଧନୁର୍ଜୟ ମହନ୍ତ ପ୍ରମୁଖ ମଞ୍ଚାସୀନ ରହିଥିଲେ।

# ଆଇନଜୀବୀ ରମେଶ ବଳଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା ଅଫିସ,୨୯।୯:** ସହରର ବରିଷ୍ଠ ଆଇନଜୀବୀ, ରାଉରକେଲା ବାର ଆସୋସିଏଶନର ପୂର୍ବତନ ସଭାପତି ରମେଶ ବଳଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁରୁବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବାସନ୍ତୀ କଲୋନୀ ସ୍ଥିତ ମା' ତାରିଣୀ ଶାନ୍ତି କମିଟି ପକ୍ଷରୁ ଡିଏଭି ବସଷ୍ଟାଣ୍ଡ ନିକଟରେ ରମେଶ ବଳଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଆଇନଜୀବୀଙ୍କ ଫଟୋରେ ମାଲ୍ୟାର୍ପଣ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ବରିଷ୍ଠ ସଦସ୍ୟ ହରିହର ରାଉତରାୟ, କହରା ଜେନା, ଅମୀୟ ପୋଥାଳ, ମନୋଜ ପାତ୍ର, କାବୁ କର, ମନୋଜ ପାତ୍ର, ବିଦ୍ୟାଧର ବେହେରା, ପ୍ରମୋଦ ସିଂ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶ୍ରମିକ ସଙ୍ଗଠନ ସିଆଇଟିୟୁ ପକ୍ଷରୁ ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବଳଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ଗୁଣବତ୍ତା ପ୍ରମାଣପତ୍ର

**ରାଉରକେଲା ଅଫିସ, ୨୯।୯**

ରାଉରକେଲା ସ୍ଥିତ ତିଲକାନଗର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ୟୁପିଏଚ୍‌ସି)କୁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟର ନ୍ୟାଶନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡସ କାର୍ଯ୍ୟକ୍ରମ ଅଧୀନରେ ମିଳିଛି ଗୁଣବତ୍ତା ପ୍ରମାଣପତ୍ର। ରାଜ୍ୟର ମୋଟ ୫ଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ଏହି ସଫଳତା ମିଳିଥିବା ବେଳେ ୯୬.୨୦ ପଏଣ୍ଟ ସହ ତିଲକାନଗର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସର୍ବାଗ୍ରେ ରହିଛି। ଏଭଳି ଉଲ୍ଲେଖନୀୟ ସଫଳତା ପାଇଁ ରାଉରକେଲା ମହାନଗର ନିଗମ ଆୟୁକ୍ତ ଡ. ଶୁଭଙ୍କର ମହାପାତ୍ର ତିଲକାନଗର ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ପୂର୍ଣ୍ଣ ଟିମ୍ ଏବଂ ରାଉରକେଲାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୨୪ ତାରିଖରେ ଡ. ଉଦ୍ଦୀପନା ଦତ୍ତଙ୍କ ନେତୃତ୍ୱରେ ଏକ ଟିମ୍ ଦିଲ୍ଲୀରୁ ଆସି ତିଲକାନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ସ୍ୱାସ୍ଥ୍ୟସେବାର ମାନ ସମ୍ପର୍କରେ ରୋଗୀ ଏବଂ ସମ୍ପର୍କୀୟଙ୍କଠାରୁ ସେମାନେ ପଚାରି ବୁଝିଥିଲେ। ମେଡିକାଲର ବିଭିନ୍ନ ରେକର୍ଡ ଯାଞ୍ଚ କରିବା ସହ କର୍ମଚାରୀଙ୍କ ସହ କଥା ହୋଇଥିଲେ। ମୋଟ ୧୨ଟି ବିଭାଗରେ ଦିଆଯାଉଥିବା ଚିକିତ୍ସା ସୁବିଧା ସମ୍ପର୍କରେ ସେମାନେ ଅନୁଧ୍ୟାନ କରିଥିଲେ। ଏହାପରେ ଏହି ଟିମ ସ୍ଥାନୀୟ ଜନବସତିକୁ ଯାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗାଇ ଦିଆଯାଉଥିବା ସୁବିଧା ଗୁଡିକ ସମ୍ପର୍କରେ ଲୋକଙ୍କୁ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କ ଆଚରଣ ଏବଂ ଉଚ୍ଚାରଣ ସମ୍ପର୍କରେ ମଧ ଲୋକଙ୍କ ମତାମତ ନେଇଥିଲେ। ଦୁଇଦିନ ଧରି ଚାଲିଥିବା ଏହି ଅନୁଧ୍ୟାନ ଓ ଆକଳନ ଆଧାରରେ ତିଲକାନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୁଣବତ୍ତା ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏ ନେଇ କେନ୍ଦ୍ରୀୟ ଅତିରିକ୍ତ ସଚିବ ତଥା ମିଶନ ନିର୍ଦ୍ଦେଶିକା (ଜାତୀୟ ସ୍ୱାସ୍ଥ୍ୟ ମିଶନ) ରୋଲି ସିଂ ପତ୍ର ଲେଖି ଅବଗତ କରାଇଛନ୍ତି। ଏଭଳି ସଫଳତା ପାଇବା ପରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ମେଡିକାଲ ଅଫିସର ଡ. ପ୍ରେମେସ ମିଶ୍ର ଅନ୍ୟ ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଏହା ଏକ ପ୍ରେରଣା ଏବଂ ଏଭଳି କାର୍ଯ୍ୟ ସେମାନେ ଆଗକୁ ଜାରି ରଖିବେ ବୋଲି କହିଛନ୍ତି।

# ବାଳକରେ କୁତ୍ରା, ବାଳିକାରେ ଲକ୍ଷ୍ମୀପୋଷ ଚାମ୍ପିୟନ

**କୁତ୍ରା, ୨୯।୯(ଡି.ଏନ.ଏ.)**


ଆନ୍ତଃବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଖେଳାଳି।

**କୁତ୍ରା ବ୍ଲକସ୍ତରୀୟ ଆନ୍ତଃବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା**

ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଗୁରୁବାର ବ୍ଲକସ୍ତରୀୟ ଆନ୍ତଃବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁତ୍ରା ବ୍ଲକର ବିଭିନ୍ନ ବିଦ୍ୟାଳୟର ୧୭ବର୍ଷରୁ କମ ବାଳକ ଓ ବାଳିକା ଫୁଟବଲ ଖେଳାଳି ଭାଗ ନେଇଥିଲେ। ଫାଇନାଲ ଖେଳ ବାଳକ ବିଭାଗରେ କୁସୁମଡେଗି ଉଚ୍ଚ ବିଦ୍ୟାଳୟ ଓ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ କୁତ୍ରା ମଧ୍ୟରେ ହୋଇଥିଲା। ଏଥିରେ କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ଚାମ୍ପିୟନ ହୋଇଥିଲା। ସେହିଭଳି ବାଳିକା ବିଭାଗରେ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଲକ୍ଷ୍ମୀପୋଷ ଓ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ କୁତ୍ରା ମଧ୍ୟରେ ଖେଳ ହୋଇଥିଲା। ଏଥିରେ ଲକ୍ଷ୍ମୀପୋଷ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଚାମ୍ପିୟନ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୁତ୍ରା ବିଡିଓ ରବୀନ୍ଦ୍ର କୁମାର ସେଠୀ, ବିଇଓ ଗୁରୁଚରଣ ସାହୁ, ସରପଞ୍ଚ ଭୂବନ କୁଜୁର, ସମିତି ସଭ୍ୟା କୀର୍ତ୍ତୀ ଏକ୍କା, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ପୂର୍ବତନ ଖେଳ ଶିକ୍ଷକ ଶୁରେଶ ଚନ୍ଦ୍ର ଟପ୍ପୋ, ମହେନ୍ଦ୍ର କୁଜୁର, ସନ୍ତୋଷ ବେହେରା, ଆଦର୍ଶ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କୁତ୍ରା ବ୍ଲକ ଅଧକ୍ଷା ଶାନ୍ତିଲତା ଲାକଡା ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ବିଭୀଷଣ ବାରିକ ସଭା ପରିଚାଳନା କରିଥିଲେ। କ୍ରୀଡା ଶିକ୍ଷକ ମହେନ୍ଦ୍ର କଲସେର, ଜୁଦିତ ଆଇନ୍ଦ, ପୁଲକ ପ୍ରଧାନ, ଲବଣିଧର ଗର୍ଡିଆ, ଅନୁପମା ଟପ୍ପୋ, ବ୍ରହ୍ମାନନ୍ଦ ମହନ୍ତ, ଗୋସ୍ୱାର ମିଞ୍ଜ, କିରନଶାଲା ବାର୍ଲା, ଶକୁନ୍ତଳା ପ୍ରଧାନ, ଭିଖାରୀ ଦାସ, ଜନ୍ମେଜୟ ବେହେରା, ଶୁଶିଲ ଲାକଡା ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।

**ବିଜୟା ଦଶମୀରେ କେସିଆର୍‌ଙ୍କ ଜାତୀୟ ଦଳ**

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ଟିଆର୍‌ଏସ୍ ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଆସନ୍ତା ଅକ୍ଟୋବର ୫ ବିଜୟା ଦଶମୀରେ ତାଙ୍କର ଜାତୀୟ ଦଳ ଶୁଭାରମ୍ଭ କରିବେ ବୋଲି ଆଶା କରାଯାଉଛି। ସେଦିନ ଟିଆର୍‌ସି ବିଧାୟକ ଦଳ ବୈଠକ ବସି କେସିଆର୍‌ଙ୍କୁ ଜାତୀୟ ଦଳ ଆରମ୍ଭ କରିବା ଲାଗି ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ କରାଇବ। ପରେ ଟିଆର୍‌ଏସ୍ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆଉ ଏକ ପ୍ରସ୍ତାବ ଗୃହୀତ କରାଇ କେସିଆର୍‌ଙ୍କୁ ଜାତୀୟ ଦଳ ଆରମ୍ଭ କରିବା ଲାଗି ଅନୁରୋଧ କରିବ।



## ସଂକ୍ଷେପରେ

### ବ୍ୟାପମ୍ ଦୁର୍ନୀତି ମାମଲା: ୫ ଜଣଙ୍କୁ ୭ ବର୍ଷ ଜେଲ

**ଭୋପାଲ,୨୯।୯:** ବ୍ୟାପମ୍ ଦୁର୍ନୀତି ମାମଲାରେ ଭୋପାଳର ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ଗୁରୁବାର ୫ ଜଣଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ସେମାନଙ୍କୁ ୭ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡାଦେଶ ଦେଇଛି। ଏଥିସହିତ ସେମାନଙ୍କ ଉପରେ ୧୦,୦୦୦ ଟଙ୍କା ଲେଖାଏ ଜରିମାନା ଲଗାଯାଇଛି। ଉପଯୁକ୍ତ ତଥ୍ୟ ପ୍ରମାଣ ଅଭାବରୁ ଅନ୍ୟ ୨ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରାଯାଇଛି। ୨୦୧୩ରେ ମଧ୍ୟପ୍ରଦେଶରେ ହୋଇଥିବା ପୋଲିସ କନ୍‌ଷ୍ଟେବଲ ନିଯୁକ୍ତି ଦୁର୍ନୀତିରେ ଏମାନେ ସମ୍ପୃକ୍ତ ଥିଲେ। ଲାଞ୍ଚ ଦେଇଥିବା ପ୍ରାର୍ଥୀଙ୍କୁ ପରୀକ୍ଷା ବେଳେ କପି କରିବା ପାଇଁ ସ୍ୱତନ୍ତ୍ର ଭାବେ ସିଟ୍ ବ୍ୟବସ୍ଥା କରାଯାଇଥିଲା। ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କ ପରିବର୍ତ୍ତେ ଡମି ପ୍ରାର୍ଥୀ ପରୀକ୍ଷା ଦେଇଥିଲେ।

### ଅମ୍ବାନୀଙ୍କ ସୁରକ୍ଷା ବଢ଼ିଲା

**ନୂଆଦିଲ୍ଲୀ,୨୯।୯:** ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କୁ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦେଇଛନ୍ତି। ରିଲାଏନ୍ସ



ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କ ଜୀବନ ପ୍ରତି ବିପଦ ଥିବା ଗୋଇନ୍ଦା ସଂସ୍ଥାର ରିପୋର୍ଟ ପରେ ତାଙ୍କୁ ଜେଡ୍ ପ୍ଲସ୍ ବର୍ଗର ସୁରକ୍ଷା ଯୋଗାଇଦେବାକୁ ନିଷ୍ପତ୍ତି ହୋଇଛି। ପୂର୍ବରୁ ତାଙ୍କୁ ଜେଡ୍ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ଗତବର୍ଷ ତାଙ୍କ ବାସଭବନ ଆଣ୍ଟିଲିଆ ବାହାରେ ବୋମା ରଖାଯିବା ଘଟଣା ପରେ ତାଙ୍କ ସୁରକ୍ଷା ବଢ଼ାଇବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିଚାର ବିମର୍ଶ ଚଳାଇଥିଲା। ଜେଡ୍ ପ୍ଲସ୍ ହେଉଛି ଦ୍ୱିତୀୟ ସର୍ବାଧିକ ସୁରକ୍ଷା ବ୍ୟବସ୍ଥା। ଏଥିରେ ୧୦ରୁ ଊର୍ଦ୍ଧ୍ୱ ଏନ୍‌ଏସ୍‌ଜି କମାଣ୍ଡୋ, ପୋଲିସ ଅଧିକାରୀଙ୍କ ସମେତ ୫୫ ଜଣ ସୁରକ୍ଷା ଦାୟିତ୍ୱରେ ରହିବେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଭଳି ବିଶିଷ୍ଟ ବ୍ୟକ୍ତିଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ଯୋଗାଇ ଦିଆଯାଇଛି। ଗତ ମାସରେ ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀଙ୍କୁ ଜେଡ୍ ସୁରକ୍ଷା ପ୍ରଦାନ କରାଯାଇଥିଲା।

### ଚିକିତ୍ସା ସୁବିଧା ପାଇବା ବନ୍ଦୀଙ୍କ ମୌଳିକ ଅଧିକାର: ସୁପ୍ରିମକୋର୍ଟ

**ନଉଲଖାଙ୍କ ଚିକିତ୍ସା ଲାଗି ନିର୍ଦ୍ଦେଶ**

**ନୂଆଦିଲ୍ଲୀ,୨୯।୯:** ଏଲ୍‌ଗାର ପରିଷଦ-ମାଓବାଦୀ ସମ୍ପର୍କ ମାମଲାରେ ଜେଲ୍‌ରେ ଥିବା ସାମାଜିକ କର୍ମୀ ଗୌତମ ନଉଲଖାଙ୍କୁ ଚିକିତ୍ସା ପାଇଁ ତୁରନ୍ତ ମୁମ୍ବାଇର ଯଶଲୋକ ହସ୍ପିଟାଲ ସ୍ଥାନାନ୍ତର କରିବାକୁ ସୁପ୍ରିମକୋର୍ଟ ଗୁରୁବାର ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚିକିତ୍ସା ସୁବିଧା ପାଇବା ବନ୍ଦୀମାନଙ୍କ ମୌଳିକ ଅଧିକାର ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ନଉଲଖାଙ୍କ ପାର୍ଟନର ସାଭା ହୁସେନ୍ ଏବଂ ଭଉଣୀ ତାଙ୍କୁ ହସ୍ପିଟାଲରେ ଭେଟିବା ଲାଗି ଜଷ୍ଟିସ୍ କେ.ଏମ୍. ଜୋସେଫ ଏବଂ ହୃଷୀକେଶ ରାୟଙ୍କ ଖଣ୍ଡପୀଠ ଅନୁମତି ଦେଇଛନ୍ତି। ମୁମ୍ବାଇ ନିକଟ ତଲୋଜା ଜେଲରେ ଥିବା ୭୦ ବର୍ଷୀୟ ସାମାଜିକ କର୍ମୀ ନଉଲଖା ସେଠାରେ ପର୍ଯ୍ୟାପ୍ତ ମେଡିକାଲ ଓ ମୌଳିକ ସୁବିଧା ନ ଥିବା ଦର୍ଶାଇ ତାଙ୍କୁ ଗୃହବନ୍ଦୀ କରିବା ପାଇଁ ଆବେଦନ କରିଥିଲେ। ବମ୍ବେ ହାଇକୋର୍ଟ ଗତ ଏପ୍ରିଲ ୨୬ରେ ତାଙ୍କ ଆବେଦନକୁ ଖାରଜ କରିଦେବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



ଇଆନ୍ ଘୂର୍ଣ୍ଣିଝଡ଼ ଆମେରିକାର ଫ୍ଲୋରିଡାକୁ ମାଡ଼ି ଆସି ବିପର୍ଯ୍ୟୟ ଘଟାଇଛି। ଅନେକ ଘରଦ୍ୱାର ମାଟିରେ ମିଶିଯାଇଥିବାବେଳେ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ଧରାଶାୟୀ ହୋଇଛି। ୨.୫ ନିୟୁତ ଲୋକ ଅନ୍ଧାରରେ ରହିଛନ୍ତି। ଆକାଶମାର୍ଗରୁ ହରିକେନ୍ ପ୍ରଭାବିତ ଫର୍ଟ ମିୟର୍ସର ଦୃଶ୍ୟ।

# ପୁଟିନ୍‌ଙ୍କ ଘାତକ ନିଷ୍ପତ୍ତି ଆଜି

**ମସ୍କୋ/କିଭ୍,୨୯।୯**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଶୁକ୍ରବାର ରେଡ୍ ସ୍କୋୟାର ଭିକ୍ଟ୍ରି କନ୍‌ସର୍ଟରେ ଯୋଗଦେଇ ୟୁକ୍ରେନ୍‌ର ୪ ଅଞ୍ଚଳକୁ ନିଜ ଦେଶରେ ମିଶ୍ରଣ ଘୋଷଣା କରିବେ। ରୁଷିଆ ଦଖଲରେ ଥିବା ଡୋନେସ୍କ, ଲୁହାନ୍‌ସ୍କ, ଖେରସୋନ ଓ ଜାପୋରିଝିଆରେ ୫ ଦିନ ଧରି ଚାଲିଥିବା ଗଣଭୋଟ ମଙ୍ଗଳବାର ଶେଷ ହେବା ପରେ ୟୁକ୍ରେନ୍‌ର ଏହି ୧୫% ଅଞ୍ଚଳଗୁଡ଼ିକ ଉପରେ ମସ୍କୋର ଆଧିପତ୍ୟ ଦସ୍ତାବିଜ ଉପରେ ସ୍ୱାକ୍ଷର କରିବେ। ୟୁକ୍ରେନ୍ ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ବନ୍ଧୁକ ମୁନରେ କରାଯାଇଥିବା ଏହି ଗଣଭୋଟକୁ ବେଆଇନ ଦର୍ଶାଇ ପ୍ରତ୍ୟାଖ୍ୟାନ କରିଥିବାବେଳେ ୱାଶିଂଟନ ସହ ୟୁରୋପୀୟ ସଂଘ(ଇୟୁ) ରୁଷିଆ ଉପରେ ଆହୁରି କଠୋର କଟକଣା ଜାରି କରିବାକୁ ଚେତାବନୀ ଦେଇଛନ୍ତି। ଏପରି କି ସର୍ବିଆ ଓ କାଜାଖସ୍ତାନ ଭଳି ରୁଷିଆର ସହଯୋଗୀ ରାଷ୍ଟ୍ରଗୁଡ଼ିକ ମଧ୍ୟ ଏହି ଆନେକ୍ସେଶନକୁ ସ୍ୱୀକୃତି ଦେଇନାହାନ୍ତି। କ୍ରେମ୍‌ଲିନ୍‌ର ସେଣ୍ଟ ଜର୍ଜ ହଲ୍‌ରେ ହେବାକୁ ଥିବା ପୁଟିନ୍‌ଙ୍କ ଆନେକ୍ସେଶନ ସେରେମନିରେ ରୁଷିଆ ସମର୍ଥିତ ଚେହେରାଙ୍କୁ ଉକ୍ତ ୪ ଅଞ୍ଚଳର ନେତା ଘୋଷଣା କରାଯିବ। ନିକଟରେ ୟୁକ୍ରେନୀୟ ସୈନ୍ୟ ଦେଶର ଉତ୍ତର-ପୂର୍ବାଞ୍ଚଳ ଯୁଦ୍ଧଭୂମିରୁ ରୁଷୀୟ ସଶସ୍ତ୍ର ବଳକୁ ଘଉଡ଼ି ସମ୍ପୃକ୍ତ ଅଞ୍ଚଳକୁ ପୁନଃ ଦଖଲ କରିଥିଲେ। ଏହାକୁ ନେଇ କ୍ଷୁବ୍ଧ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ମସ୍କୋରେ ଗତ ୨୧ରେ ଦେଶବାସୀଙ୍କୁ ସମ୍ବୋଧିତ କରିବା ସହ ପାଶ୍ଚାତ୍ୟକୁ ଆଣବିକ ଅସ୍ତ୍ର ଭୟ ଦେଖାଇଥିଲେ। ପ୍ରକାଶ ଯେ, ୨୦୧୪ରେ ୟୁକ୍ରେନ୍‌ର କ୍ରିମିଆ ରିଜିୟନ୍‌କୁ ମସ୍କୋ ଦଖଲ କରିବା ପରେ ସେଠାରେ ଗଣଭୋଟ କରାଇଥିଲା। ଏହା ପରେ ଉକ୍ତ ଅଞ୍ଚଳକୁ ରୁଷିଆର ବୋଲି ଦାବି କରିଥିଲା।

ସେପଟେ ୩ ଲକ୍ଷ ରିଜର୍ଭ ସୈନ୍ୟଙ୍କୁ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ପାଇଁ ପଠାଇବାକୁ ପୁଟିନ୍‌ଙ୍କ ଘୋଷଣା ପରଠୁ ରୁଷୀୟମାନେ ଦେଶଛାଡ଼ି ପଳାୟନ କରିବାରେ ଲାଗିଛନ୍ତି। ଏହି ପରିପ୍ରେକ୍ଷୀରେ ଫିନ୍‌ଲାଣ୍ଡ ୟୁରୋପକୁ ଯିବା ପାଇଁ ଥିବା ଏକାଧିକ ପ୍ରବେଶପଥକୁ ବନ୍ଦ କରିଦେଇଛି। ଇୟୁ ଟୁରିଷ୍ଟ ଭିଜାଧାରୀ ରୁଷୀୟମାନଙ୍କୁ ଏହି ପଥ ଦେଇ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ଫିନ୍‌ଲାଣ୍ଡ କହିଛି।



- ୪ ଅଞ୍ଚଳର ମିଶ୍ରଣ ଦସ୍ତାବିଜରେ ସ୍ୱାକ୍ଷର କରିବେ ପୁଟିନ୍
- ରେଡ୍ ସ୍କୋୟାର ଭିକ୍ଟ୍ରି କନ୍‌ସର୍ଟରେ ଯୋଗଦେବେ
- ଆନେକ୍ସେଶନ୍ ପଦକ୍ଷେପକୁ ବେଆଇନ କହିଲେ ୟୁକ୍ରେନ୍, ପାଶ୍ଚାତ୍ୟ ରାଷ୍ଟ୍ର
- ଆମେରିକା, ୟୁରୋପୀୟ ସଂଘ ରୁଷିଆର ତୈଳ ରାଜସ୍ୱ ଓ ଅସ୍ତ୍ର ରପ୍ତାନି ଉପରେ ଜାରି କରିବେ କଠୋର କଟକଣା

### ୟୁକ୍ରେନୀୟ ମାନବାଧିକାର କର୍ମୀଙ୍କୁ ଅଲ୍ଟରନେଟିଭ୍ ନୋବେଲ

**ଷ୍ଟକ୍‌ହୋମ୍, ୨୯।୯**

ୟୁକ୍ରେନୀୟ ମାନବାଧିକାର କର୍ମୀ ଓଲେସ୍କାଣ୍ଡ୍ରା ମେଟ୍‌ଭିଚୁକ୍‌ଙ୍କୁ ଚଳିତ ବର୍ଷର ରାଇଟ୍ ଲାଇଭ୍‌ଲିହୁଡ୍ ଆୱାର୍ଡ ପ୍ରଦାନ କରାଯାଇଛି। ଅଲ୍ଟରନେଟିଭ୍ ନୋବେଲ ପ୍ରାଇଜ୍ ନାମରେ ପରିଚିତ ଏହି ପୁରସ୍କାର ପ୍ରଥମ ଥର ପାଇଁ ୟୁକ୍ରେନ୍ ହାତକୁ ଯାଇଛି। ସେଣ୍ଟର ଫର୍ ସିଭିଲ ଲିବର୍ଟିଜ୍ ମୁଖ୍ୟ ଓଲେସ୍କାଣ୍ଡ୍ରା ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସାମାଜିକ ନ୍ୟାୟର ଜଣେ ଅଗ୍ରଦୂତ। ଦୀର୍ଘ ଏକ ଦଶନ୍ଧି ଧରି ସେ ୟୁକ୍ରେନ୍‌ର ସିଭିଲ ସୋସାଇଟି ଓ ଜାତୀୟ ପ୍ରତିଷ୍ଠାନଗୁଡ଼ିକୁ ସୁଦୃଢ଼ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ରୁଷିଆର ଆକ୍ରମଣ ପରେ ଯୁଦ୍ଧ ଅପରାଧ ଓ ମାନବାଧିକାର ଉଲ୍ଲଂଘନ ବିରୋଧରେ ଅନେକ ପଦକ୍ଷେପ ନେଇଛନ୍ତି। ଗୁରୁବାର ଷ୍ଟକ୍‌ହୋମ୍‌ରେ ଓଲେସ୍କାଣ୍ଡ୍ରାଙ୍କୁ ଚଳିତ ବର୍ଷର ବିଜେତା ଘୋଷଣା କରାଯାଇଛି।



ଓଲେସ୍କାଣ୍ଡ୍ରା ମେଟ୍‌ଭିଚୁକ୍

ସେହିପରି ସୋମାଲିଆର ମାନବାଧିକାର କର୍ମୀ ଫର୍ତୁନ୍‌ଅଦାନ୍‌ଏବଂ ଭେନେଜୁଏଲାର ଆଇୱାର୍ଡ ଏଲ୍‌ମନ୍, ଉଗାଣ୍ଡାର ଆଫ୍ରିକା ଇନ୍‌ଷ୍ଟିଚ୍ୟୁଟ୍ ଫର ଏନର୍ଜୀ ଗଭର୍ନାନ୍ସକୁ ମଧ୍ୟ ମନୋନୀତ କରାଯାଇଛି। ୧୯୮୦ ମସିହାରେ ଏହି ପୁରସ୍କାର ବିଭିନ୍ନ ବ୍ୟକ୍ତିବିଶେଷ ଓ ସଙ୍ଗଠନକୁ ଦିଆଯାଉଛି।

# ଡ୍ରଗ୍ସ ନେଟ୍‌ୱର୍କ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ: ୧୭୫ ଗିରଫ

**ସିବିଆଇ ନେତୃତ୍ୱରେ ହୋଇଥିବା ଚଢ଼ାଉରେ ଏନ୍‌ସିବି, ଇଣ୍ଟରପୋଲ୍, ପୋଲିସ ସାମିଲ**



**ନୂଆଦିଲ୍ଲୀ,୨୯।୯(ପି.ଟି.)**

ବେଆଇନ ନିଶା କାରବାର ନେଟ୍‌ୱର୍କ ଉପରେ ସିବିଆଇ ପକ୍ଷରୁ ଦେଶବ୍ୟାପୀ ଚଢ଼ାଉ କରାଯାଇଛି। ବିଭିନ୍ନ ରାଜ୍ୟରେ ହୋଇଥିବା ଏହି ଚଢ଼ାଉରେ ସିବିଆଇ ସହ ଏନ୍‌ସିବି ଅଧିକାରୀ, ଇଣ୍ଟରପୋଲ୍ ଏବଂ ରାଜ୍ୟ ପୋଲିସ ସାମିଲ ଥିଲେ। ଚଢ଼ାଉ ବେଳେ ୧୭୫ ଜଣ ଡ୍ରଗ୍ ଚୋରାବେପାରିଙ୍କୁ ଗିରଫ କରାଯାଇଛି। ବିଭିନ୍ନ ଦେଶରେ ନେଟ୍‌ୱର୍କ ଥିବା ନିଶା କାରବାର ରୋକିବା ଲାଗି ସିବିଆଇ ପକ୍ଷରୁ 'ଅପରେଶନ ଗରୁଡ଼' ଆରମ୍ଭ ହୋଇଥିଲା। ଏଥିରେ ବର୍ତ୍ତମାନ ସୁଦ୍ଧା ୧୨୭ଟିମାମଲା ରୁଜୁହୋଇଥିବା ସିବିଆଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ନିଶାଦ୍ରବ୍ୟ ଚୋରା କାରବାର ସମ୍ପର୍କିତ ଗୋଇନ୍ଦା ତଥ୍ୟ ବିନିମୟ ଓ ଆଇନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରକ୍ଷା କରି ଇଣ୍ଟରପୋଲ୍ ଜରିଆରେ ଅନ୍ତର୍ଜାତୀୟ ଅଭିଯାନ ଯୋଜନା ପ୍ରସ୍ତୁତ ହୋଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ଏହି ଅପରେଶନ ବେଳେ ପଞ୍ଜାବ, ଦିଲ୍ଲୀ, ହିମାଚଳପ୍ରଦେଶ, ମଣିପୁର, ମହାରାଷ୍ଟ୍ର ସମେତ ୮ ରାଜ୍ୟର ପୋଲିସ ଏବଂ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପକ୍ଷରୁ ୬,୬୦୦ସନ୍ଦିଗ୍ଧ କାରବାରକୁ ଟ୍ରାକ୍ କରାଯାଇଥିଲା। ୬ ପଳାତକ ଏବଂ ପେସାଦାର ଅପରାଧୀଙ୍କ ସମେତ ୧୭୫ ଜଣଙ୍କୁ ଗିରଫ କରାଯାଇଛି।

ମୁଖ୍ୟତଃ ଭାରତ ମହାସାଗର ଅଞ୍ଚଳରେ ବେଆଇନ ଡ୍ରାଗ୍ସ ଏବଂ ଅନ୍ୟାନ୍ୟ ସାଇକୋଟ୍ରପିକ୍ ପଦାର୍ଥର ଚୋରା କାରବାର ଉପରେ ସ୍ୱତନ୍ତ୍ର ଫୋକସ୍ କରାଯାଇଥିଲା। ନିଶା ଚୋରାବେପାର ର୍‌ୟାକେଟ୍‌ର ଚେର ବିଭିନ୍ନ ଦେଶକୁ ମାଡ଼ିଥିବାରୁ ଏହାକୁ ରୋକିବାକୁ ହେଲେ ଅନ୍ତର୍ଜାତୀୟ ସ୍ତରରେ ଆଇନ ପ୍ରବର୍ତ୍ତନକାରୀଙ୍କ ସହଯୋଗ ଆବଶ୍ୟକ। ଏକ୍ଷେତ୍ରରେ ଅପରେଶନ ଗରୁଡ଼ ସିବିଆଇ ନେତୃତ୍ୱରେ ଏକ ବୈଶ୍ୱିକ ଅଭିଯାନ। ବିଭିନ୍ନ ସ୍ଥାନରେ ଚଢ଼ାଉ ବେଳେ ୫.୧୨୫ କିଲୋଗ୍ରାମ ହେରୋଇନ୍, ୩୩.୯୩୬ କିଲୋଗ୍ରାମ ଗଞ୍ଜେଇ, ୩.୨୯ କିଲୋଗ୍ରାମ ଚରସ୍, ୧,୩୬୫ ଗ୍ରାମ ମେଫେଡ୍ରନ୍, ୩୩.୮୦ ଗ୍ରାମ ସ୍ମାକ୍, ୮୭ ଟାବ୍‌ଲେଟ୍, ୧୨୨ ଇଞ୍ଜେକ୍‌ସନ, ୮୭ ବୁପ୍ରେନୋର୍ଫିନ୍ ସିରିଞ୍ଜ୍, ୯୪୬ ଆଲ୍‌ପାଜୋଲାମ ଟାବ୍‌ଲେଟ, ୧୦୫.୯୯୭ ଗ୍ରାମ ଟ୍ରାମାଡୋଲ, ୧୦ ଗ୍ରାମ ହାସ୍ ତେଲ, ୦.୯ ଗ୍ରାମ ଏକ୍‌ଷ୍ଟାସି ବଟିକା, ୧.୧୫୦ କିଲୋଗ୍ରାମ ଅଫିମ, ୩୦ କିଲୋ ପପି ହସ୍କ, ୧.୪୩୭ କିଲୋ ନିଶା ପାଉଡର ଏବଂ ବହୁ ପରିମାଣର ଟାବ୍‌ଲେଟ୍ ଓ କ୍ୟାପ୍‌ସୁଲ ଜବତ ହୋଇଥିବା ସିବିଆଇ ମୁଖପାତ୍ର କହିଛନ୍ତି।

### ୬୭ ପର୍ନ ୱେବ୍‌ସାଇଟ୍ ବ୍ୟାନ୍

**ନୂଆଦିଲ୍ଲୀ,୨୯।୯**

କେନ୍ଦ୍ର ସରକାର ୬୭ଟି ପର୍ନ ୱେବ୍‌ସାଇଟ୍ ବ୍ଲକ୍ କରିବାକୁ ଇଣ୍ଟରନେଟ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ଜାରି କରାଯାଇଥିବା ନୂଆ ଆଇଟି ନିୟମକୁ ଉଲ୍ଲଂଘନ ଓ କୋର୍ଟ ରାୟ ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

ପୁଣେସ୍ଥିତ ଏକ କୋର୍ଟ ରାୟ ପରେ ଟେଲିକମ୍ ବିଭାଗ ପକ୍ଷରୁ ସର୍ଭିସ୍ ପ୍ରୋଭାଇଡର୍ସଙ୍କୁ ଏକ ଇ-ମେଲ୍ ପଠାଯାଇଛି। ଏଥିରେ ୬୩ ପର୍ନ ୱେବ୍‌ସାଇଟ୍ ବ୍ଲକ୍ କରିବା ପାଇଁ କୁହାଯାଇଛି। ସେହିପରି ଉତ୍ତରାଖଣ୍ଡ ହାଇକୋର୍ଟଙ୍କ ରାୟ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁସାରେ ଅନ୍ୟ ୪ଟି ୱେବ୍‌ସାଇଟ୍ ବନ୍ଦ କରିବାକୁ



କୁହାଯାଇଛି। ପ୍ରକାଶ ଯେ, ୨୦୨୧ରେ କେନ୍ଦ୍ର ସରକାର ଇନ୍‌ଫର୍ମେଶନ ଟେକ୍ନୋଲୋଜି (ଇଣ୍ଟରମିଡିଆରି ଗାଇଡ୍‌ଲାଇନ୍ସ ଆଣ୍ଡ ଏଥିକ୍ସ) ରୁଲ୍ସ ଆଣିଥିଲେ। ମହିଳାମାନଙ୍କ ଛବି ଖରାପ କରୁଥିବା ଭଳି ଉଲଗ୍ନ ଓ ଯୌନକ୍ରିୟାର ଦୃଶ୍ୟ ପ୍ରଦର୍ଶନକାରୀ ୱେବ୍‌ସାଇଟ୍‌ଗୁଡ଼ିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଲାଗି ଏଥିରେ ନିୟମ ରହିଛି।

## 'ବନ୍ଧୁତ୍ୱପୂର୍ଣ୍ଣ ଲଢ଼େଇ ହେବ'

**ଦିଗ୍‌ବିଜୟଙ୍କୁ ଭେଟିଲେ ଥରୁର**

**ନୂଆଦିଲ୍ଲୀ,୨୯।୯**

କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନରେ ବରିଷ୍ଠ ନେତା ଶଶୀ ଥରୁର ଏବଂ ଦିଗ୍‌ବିଜୟ ସିଂ ପ୍ରାର୍ଥୀ ହେବାକୁ ଯାଉଥିବାବେଳେ ସେମାନେ ଗୁରୁବାର ପରସ୍ପରକୁ ଭେଟି ଆଗାମୀ ନିର୍ବାଚନ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଉଭୟ ନେତାଙ୍କ କୋଳାଗ୍ରତ ସମୟର ଫଟୋକୁ ଥରୁର ଶେୟାର କରି ଏହା ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଲଢ଼େଇ ନୁହେଁ, ବରଂ ସହକର୍ମୀଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି ବୋଲି ଲେଖିଛନ୍ତି। କଂଗ୍ରେସକୁ ବିଜୟୀ କରାଇବା ସାଧାରଣ ଲକ୍ଷ୍ୟ ବୋଲି ସେ କହିଛନ୍ତି।



ତାଙ୍କର ଏହି ଟୁଇଟ୍‌କୁ ଦିଗ୍‌ବିଜୟ ରିଟୁଇଟ୍ କରି ସେ ଥରୁରଙ୍କ ସହ ଏକମତ ବୋଲି କହିଛନ୍ତି। ଉଭୟେ ଗାନ୍ଧୀ-ନେହେରୁ ଆଦର୍ଶରେ ବିଶ୍ୱାସୀ। ସେମାନଙ୍କର ଲଢ଼େଇ ସାମ୍ପ୍ରଦାୟିକ ଶକ୍ତି ବିରୋଧରେ ବୋଲି ଦିଗ୍‌ବିଜୟ ଉଲ୍ଲେଖ କରିଛନ୍ତି।

## କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଲଢ଼ିବେନି ଗେହଲଟ୍

**ଜୟପୁର ଘଟଣା ପାଇଁ ସୋନିଆଙ୍କୁ କ୍ଷମା ମାଗିଲେ**

**ନୂଆଦିଲ୍ଲୀ,୨୯।୯ (ପି.ଟି.)**

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଗୁରୁବାର ଘୋଷଣା କରିଛନ୍ତି। ତାଙ୍କ ରାଜ୍ୟରେ ଦେଖାଦେଇଥିବା ରାଜନୈତିକ ସଙ୍କଟ ପାଇଁ ସେ ନିଜକୁ ନୈତିକ ଭାବେ ଦାୟୀ କରିବା ସହ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ କ୍ଷମା ମାଗିଛନ୍ତି। ସେ ମୁଖ୍ୟମନ୍ତ୍ରୀ ପଦରେ ରହିବେ କି ନାହିଁ, ସେ ନିଷ୍ପତ୍ତି ସୋନିଆ ନେବେ ବୋଲି ଗେହଲଟ୍ କହିଛନ୍ତି।

ଗତ ରବିବାର ଗେହଲଟ୍‌ଙ୍କ ସମର୍ଥକ



ବିଧାୟକମାନେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ନିର୍ଦ୍ଦେଶକୁ ଅବଜ୍ଞା କରି ସମାନ୍ତରାଳ ବୈଠକ କରାଇଥିଲେ। ସଚିନ ପାଇଲଟ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ଉଦ୍ୟମକୁ ବିରୋଧ କରି ଗେହଲଟ୍‌ଙ୍କ ଅନୁଗତ ବିଧାୟକମାନେ ସମୂହ ଇସ୍ତଫା ଦେବାକୁ ଧମକ ଦେଇଥିଲେ। ଗେହଲଟ୍ ଗୁରୁବାର ସୋନିଆଙ୍କୁ ତାଙ୍କ ବାସଭବନରେ ଭେଟିବା ବେଳେ ଏଥିପାଇଁ କ୍ଷମା ମାଗିଛନ୍ତି। ୩ ଥର ମୁଖ୍ୟମନ୍ତ୍ରୀ ରହିଥିବା ଗେହଲଟ୍ ନିଜକୁ ଦଳର ଜଣେ ଶୃଙ୍ଖଳିତ ସୈନିକ ବୋଲି କହିଛନ୍ତି। ସେ ୫୦ ବର୍ଷ ହେଲା ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ, ନରସିଂହ ରାଓ ଏବଂ ସୋନିଆଙ୍କ ଅଧୀନରେ ଜଣେ ଅନୁଗତ ସୈନିକ ଭାବେ କାର୍ଯ୍ୟ କରି ଆସିଛନ୍ତି। ସେ ବିଭିନ୍ନ ଦଳୀୟ ପଦବୀରେ ରହିବା ସହ କେନ୍ଦ୍ରରେ ଏକାଧିକ ଥର ମନ୍ତ୍ରୀ ହୋଇଛନ୍ତି। ତେବେ ରବିବାରର ଘଟଣା ତାଙ୍କୁ ନିନ୍ଦିତ କରିଛି ଓ ଏହି ଘଟଣା ପାଇଁ ସେ ଅତ୍ୟନ୍ତ ଦୁଃଖିତ ବୋଲି କହିଛନ୍ତି। ଅଧ୍ୟକ୍ଷ ନିର୍ବାଚନରୁ ଗେହଲଟ୍ ଓହରିଯିବା ପରେ ଏବେ ବରିଷ୍ଠ ନେତା ଦିଗ୍‌ବିଜୟ ସିଂ ଏବଂ ଶଶୀ ଥରୁରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। ଦୁହେଁ ଶୁକ୍ରବାର ନାମାଙ୍କନ କରିବେ।

## ୫.୨ କୋଟି କ୍ଷତିପୂରଣ ଦେବ ପିଏଫ୍‌ଆଇ

**କୋଚି, ୨୯।୯**

ଗତ ୨୩ ତାରିଖରେ ହରତାଳ କରି ହିଂସା ଭିଆଇବା ଏବଂ ଏଥିଯୋଗୁ ସର୍ବସାଧାରଣଙ୍କ ସମ୍ପତ୍ତି ନଷ୍ଟ ପାଇଁ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ(ପିଏଫ୍‌ଆଇ)କୁ ଉତ୍ତରଦାୟୀ କରାଯିବା କଥା ବୋଲି ଗୁରୁବାର କର୍ଣ୍ଣାଟକ ହାଇକୋର୍ଟ କହିଛନ୍ତି। ଏଥିସହ ସଦ୍ୟ ନିଷିଦ୍ଧ ଏହି ସଙ୍ଗଠନ ରାଜ୍ୟ ସଡ଼କ ପରିବହନ ନିଗମ (କେଏସ୍‌ଆର୍‌ଟିସି) ଏବଂ ସରକାରୀ ଭାବେ ଆକଳନ ହୋଇଥିବା କ୍ଷୟକ୍ଷତି ବାବଦରେ ୫.୨ କୋଟି ଟଙ୍କା ଗୃହ ବିଭାଗ ନିକଟରେ ଜମା କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହରତାଳ ରୋକିବା ଏବଂ ଆନ୍ଦୋଳନକାରୀ ବେଆଇନଭାବେ କରିଥିବା ରାସ୍ତାରୋକୋ ହଟାଇବାକୁ ରାଜ୍ୟ ପ୍ରଶାସନ ପଦକ୍ଷେପ ନେଇ ନ ଥିବା କହିଥିଲେ। ୨୦୧୯ରେ ହାଇକୋର୍ଟ ଦେଇଥିବା ରାୟର ଏହା ବିରୁଦ୍ଧାଚରଣ। ଏସବୁ ପାଇଁ ପିଏଫ୍‌ଆଇର ପୂର୍ବତନ ସାଧାରଣ ସମ୍ପାଦକଙ୍କୁ ଦାୟୀ କରାଯିବା କଥା ବୋଲି ଜଷ୍ଟିସ୍ ଏ.କେ. ଜୟଶଙ୍କରନ୍ ନାମ୍ବିଆର ଏବଂ ମହମ୍ମଦ ନିଆସ୍ ସି.ପି.ଙ୍କ ଖଣ୍ଡପୀଠ କହିଛନ୍ତି। ଏହି ହିଂସା ସହ ଜଡ଼ିତ ଅଭିଯୁକ୍ତଙ୍କୁ ଜାମିନ ଦେବା ପୂର୍ବରୁ ସମ୍ପୃକ୍ତ କୋର୍ଟ ତାଙ୍କ ଦ୍ୱାରା ହୋଇଥିବା କ୍ଷତିର କ୍ଷତିପୂରଣ ଭରଣା ସର୍ତ୍ତ ରଖିବା କଥା ବୋଲି କୋର୍ଟ କହିଛନ୍ତି।

ପ୍ରକାଶଥାଉ କି, ପିଏଫ୍‌ଆଇକୁ କେନ୍ଦ୍ର ସରକାର ନିଷିଦ୍ଧ ଘୋଷଣା କରିବା ପୂର୍ବରୁ ପିଏଫ୍‌ଆଇ ସଦସ୍ୟଙ୍କୁ ଗିରଫ କରାଯିବା ପ୍ରତିବାଦରେ ଗତ ୨୩ରେ କର୍ଣ୍ଣାଟକରେ ହିଂସାତ୍ମକ ଆନ୍ଦୋଳନ କରାଯାଇଥିଲା। ବିକ୍ଷୋଭକାରୀ ଅନେକ ସରକାରୀ ବସ୍, ଆମ୍ବୁଲାନ୍ସ ଆଦି ଭଙ୍ଗାରୁଜା କରିବା ସହ ପୋଲିସ ଓ ସାଧାରଣ ଲୋକଙ୍କୁ ଆକ୍ରମଣ କରିଥିଲେ।

## ବିଚାରପତିଙ୍କ ପ୍ରଦର୍ଶନ ଭିତ୍ତିରେ ସୁପ୍ରିମକୋର୍ଟକୁ ପଦୋନ୍ନତି

**ନୂଆଦିଲ୍ଲୀ,୨୯।୯**

ହାଇକୋର୍ଟ ବିଚାରପତିମାନଙ୍କ ପ୍ରଦର୍ଶନ ଆଧାରରେ ସେମାନଙ୍କୁ ସୁପ୍ରିମକୋର୍ଟକୁ ପଦୋନ୍ନତି ଦିଆଯିବ। ବିଚାରପତିମାନେ କେତେ ସଂଖ୍ୟକ ମାମଲାର ଫଇସଲା କିଭଳି ଭାବେ କରିଛନ୍ତି ତାହା ଦେଖାଯିବ। ସିଜେଆଇ ୟୁ.ୟୁ. ଲଳିତଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କଲେଜିୟମ୍‌ରେ ପ୍ରଥମ ଥର ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। କଲେଜିୟମ୍‌ରେ ବିଚାରପତିମାନଙ୍କ ଅତୀତର ଜୁଡିସିଆଲ ପରଫର୍ମାନ୍ସକୁ ଅନୁଧ୍ୟାନ କରାଯାଇ ସର୍ବୋଚ୍ଚ ଅଦାଲତକୁ ପ୍ରମୋଶନ ଲାଗି ସୁପାରିସ କରାଯାଇଛି। ଗତ ୨୬ରେ ଅନୁଷ୍ଠିତ ୫ ସଦସ୍ୟ ବିଶିଷ୍ଟ କଲେଜିୟମ୍ ଏହି ଆଧାରରେ ବମ୍ବେ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଦୀପଙ୍କର ଦତ୍ତାଙ୍କୁ ସୁପ୍ରିମକୋର୍ଟ ବିଚାରପତି ରୂପେ ପଦୋନ୍ନତି ପାଇଁ ସୁପାରିସ କରିଥିବା ଜଣାପଡ଼ିଛି। ଅଗଷ୍ଟ ୨୭ରେ ଜଷ୍ଟିସ୍ ଲଳିତ ସିଜେଆଇ ରୂପେ ଦାୟିତ୍ୱ ଗ୍ରହଣ କରିବା ପରେ କଲେଜିୟମ୍ ପକ୍ଷରୁ ସୁପ୍ରିମକୋର୍ଟକୁ କୌଣସି ବିଚାରପତିଙ୍କୁ ପଦୋନ୍ନତି ଦେବାରେ ଏହା ହେଉଛି ପ୍ରଥମ। ସୁପ୍ରିମକୋର୍ଟରେ ୩୪ ବିଚାରପତି ରହିବା କଥା। କିନ୍ତୁ ବର୍ତ୍ତମାନ ସିଜେଆଇଙ୍କୁ ମିଶାଇ ୨୯ ଜଣ ଅଛନ୍ତି। ଜଷ୍ଟିସ ହେମନ୍ତ ଗୁପ୍ତା ଅକ୍ଟୋବର ୧୬ରେ ଅବସର ନେବାକୁ ଥିବାବେଳେ ସିଜେଆଇଙ୍କ କାର୍ଯ୍ୟକାଳ ନଭେମ୍ବର ୮ରେ ଶେଷ ହେବ। ତେଣୁ ଶୁକ୍ରବାର ନୂଆ ନିଯୁକ୍ତି ସମ୍ପର୍କରେ ଆଲୋଚନା ପାଇଁ କଲେଜିୟମ୍ ବସିବ।

### ମାଡ୍ରାସ ହାଇକୋର୍ଟ ଯିବେ ଜଷ୍ଟିସ୍ ମୁରଲୀଧର

**ନୂଆଦିଲ୍ଲୀ,୨୯।୯:** ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ମାଡ୍ରାସ ହାଇକୋର୍ଟକୁ ବଦଳି ହୋଇ ଯିବେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ୟୁ.ୟୁ. ଲଳିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସୁପ୍ରିମକୋର୍ଟ କଲେଜିୟମ୍ ତାଙ୍କ ବଦଳି ନେଇ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିବା ଗୁରୁବାର ସୂଚନା ମିଳିଛି।

ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ସଞ୍ଜୟ କିଷାନ କୌଲ ସାମିଲ ଥିବା କଲେଜିୟମ୍‌ରେ ବୁଧବାର ହାଇକୋର୍ଟ



ବିଚାରପତିମାନଙ୍କ ବଦଳି ସମ୍ପର୍କିତ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ଜଷ୍ଟିସ୍ ମୁରଲୀଧରଙ୍କୁ ମାଡ୍ରାସ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ବଦଳି କରାଇବା ନେଇ ନିଷ୍ପତ୍ତି ହୋଇଛି। ଜଷ୍ଟିସ୍ ମୁରଲୀଧର ପ୍ରଥମେ ୨୦୦୬ ମେ'ରେ ଦିଲ୍ଲୀ ହାଇକୋର୍ଟ ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ୨୦୨୦ ମାର୍ଚ୍ଚ ୬ରେ ତାଙ୍କୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ବିଚାରପତି ରୂପେ ବଦଳି କରାଯାଇଥିଲା। ୨୦୨୧ ଜାନୁୟାରୀ ୪ରେ ସେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଶପଥ ନେଇଥିଲେ।



ବିଜେଡି ପଦଯାତ୍ରା ପ୍ରସ୍ତୁତି ସମାବେଶରେ ଯୋଗଦେଇଥିବା ମନ୍ତ୍ରୀ, ନେତା ଓ କର୍ମୀ।



ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଓଡ଼ିଶାର ଲୋକନୃତ୍ୟ ମାଧ୍ୟମରେ ସ୍ୱାଗତ କରାଯାଉଛି।



ବିଜେଡିର ପଦଯାତ୍ରା ପ୍ରସ୍ତୁତି ସମାବେଶରେ ଉପସ୍ଥିତ ମହିଳା ନେତ୍ରୀ ଓ କର୍ମୀ।



ଜନତା ମଇଦାନଠାରେ ଭାଜପାର ଶକ୍ତିକେନ୍ଦ୍ର ସମ୍ମିଳନୀରେ ଯୋଗଦେଇଥିବା ବିଭିନ୍ନ ପ୍ରମୁଖମାନେ।

# ଗୋଟିଏ ଦିନରେ ବିଜେଡି କାର୍ଯ୍ୟକ୍ରମ କରିବାକୁ ଟାର୍ଗେଟ କଲା ଭାଜପା

**ଭୁବନେଶ୍ୱର,୨୯।୯(ବ୍ୟୁରୋ):** ଭାଜପା କାର୍ଯ୍ୟକ୍ରମକୁ ବିଜେଡି ଡରୁଛି କି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ସଭା ଯେଉଁଦିନ ସେଦିନ କାହିଁକି ବିଜେଡି ସମ୍ମିଳନୀ କଲା। ଭାଜପାକୁ ସେମାନଙ୍କ ଏତେ ଭୟ କାହିଁକି ବୋଲି ପ୍ରଶ୍ନକରି ବର୍ଷିଛନ୍ତି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ। ଜନତା ମଇଦାନଠାରେ ଗୁରୁବାର ଅନୁଷ୍ଠିତ ଶକ୍ତିକେନ୍ଦ୍ର କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଉଦ୍‌ବୋଧନ ଦେବା ଅବସରରେ ଅପରାଜିତା କହିଛନ୍ତି, ୨୨ ବର୍ଷ ଧରି ରାଜ୍ୟରେ ଶାସନ କରୁଥିବା ଦଳର ଡର ଅଛି କି। ଭାଜପା ସଭାପତି ଆସିବା ଶୁଣି ତରବରରେ ବରମୁଣ୍ଡା ପଡ଼ିଆରେ ସଭା କଲେ। ଆଉ କେବେ ସେମାନଙ୍କୁ ସମୟ ହେଲା ନାହିଁ। ଏହି କାର୍ଯ୍ୟକ୍ରମକୁ ରାଜ୍ୟର ୧୦୦୮ ମଣ୍ଡଳରୁ କର୍ମୀ ଆସିଛନ୍ତି। ସେମାନଙ୍କୁ ରୋକିବାକୁ ପ୍ରଶାସନ ଲାଗିଛି। ହେଲେ ଏଥିରେ ସଫଳ ହୋଇପାରୁନାହାନ୍ତି ବୋଲି ସେ କହିଛନ୍ତି। ଏହି ଅବସରରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ଏଠିକା ମୁଖ୍ୟମନ୍ତ୍ରୀ ସାଧକ ନୁହନ୍ତି ବାଧକ। ଶକ୍ତିକେନ୍ଦ୍ରଗୁଡିକ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି। ନବୀନ ପଟ୍ଟନାୟକଙ୍କ ସରକାରକୁ ବଙ୍ଗୋପସାଗରେ ଫିଙ୍ଗିବା ପାଇଁ ସେ ଆହ୍ୱାନ କରିଛନ୍ତି।

ଭାଜପାର ଏଭଳି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ବିଜେଡିର ଏହି କାର୍ଯ୍ୟକ୍ରମ ନୂଆ ନୁହେଁ। ପ୍ରତିବର୍ଷ ବିଜେଡି ଜନସମ୍ପର୍କ ପଦଯାତ୍ରା କରୁଛି। ଆମେ ସବୁ ବର୍ଷ ଲୋକଙ୍କ ପାଖକୁ ଯାଉ, ସେମାନଙ୍କ ସୁବିଧା ଅସୁବିଧା ବୁଝିଥାଉ। ଦିଲ୍ଲୀ, ଗୁଜରାଟ କି ଗୋଆରୁ ନେତା ଆମେ ଧାର ଉଧାର ଆଣୁନାହୁଁ। ଆମେ ଓଡ଼ିଆ ଜାତିର ଏବଂ ମାଟିର ନେତା ନବୀନ ପଟ୍ଟନାୟକଙ୍କ ସାଙ୍ଗରେ ଅଛୁ। ଦିଲ୍ଲୀ, ଗୋଆ ଓ ଗୁଜରାଟରୁ ମନ୍ତ୍ର ଆଣିଲେ ତାହା ଓଡ଼ିଶାରେ କାମ ଦେବ ନାହିଁ। ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ମନ୍ତ୍ର କାମ ଦେବ

## ବିଜେଡି କହିଲା ଗୁଜରାଟ, ଦିଲ୍ଲୀ କି ଗୋଆ ମନ୍ତ୍ର ଏଠି କାମ ଦେବନି

ବୋଲି ସେ କହିଛନ୍ତି। ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ୬ ଲକ୍ଷ ଘର ଲୋକଙ୍କୁ ମିଳିବ ଯାହା ଆବାସ ପୋର୍ଟାଲ ଖୋଲିଲେ ସମ୍ଭବ ସେହି ପ୍ରସଙ୍ଗ ସମସ୍ତଙ୍କୁ ଆନ୍ଦୋଳିତ କରୁଛି। କେନ୍ଦ୍ରକୁ ବିଭିନ୍ନ ଯୋଜନାରେ ଯେଉଁ ପାଣ୍ଠି ଆସିବା କଥା ତାହା ସମସ୍ତଙ୍କୁ ଆନ୍ଦୋଳିତ କରୁଛି। ଏପରି ଅନେକ ପ୍ରସଙ୍ଗ ଅଛି ଯେଉଁଥିରେ ଓଡ଼ିଶାକୁ ହକ୍ ମିଳିବାର ଅଛି ସେକଥା ସେମାନେ କୁହନ୍ତୁ ବୋଲି ସସ୍ମିତ କହିଛନ୍ତି।



ନଡ୍ଡାଙ୍କୁ ସ୍ୱାଗତ ଲାଗି ବିମାନବନ୍ଦରରୁ ଭାଜପା ରାଜ୍ୟ କାର୍ଯ୍ୟାଳୟ ଯାଏ ବାଇକ୍ ରାଲି।


**OFFICE OF THE DIVISIONAL FOREST OFFICER PARALAKHEMUNDI DIVISION**
At-Forest Gate, P.O-Paralakhemundi, Gajapati-761200
Mob- +91 9437079579, E-mail: dfo.parlakhemundi@odisha.gov.in
No. 10/01F, Dated, Paralakhemundi the 26th September 2022.

**TENDER NOTICE FOR SELECTION OF A CONTRACTOR FOR BUILDING CONSTRUCTION WORKS IN PARALAKHEMUNDI FOREST DIVISION**

**No.MM-186:** Sealed tenders/bids are invited from registered "C" & "D" class contractors for the work **TENDER FOR CONSTRUCTION OF BUILDINGS IN PARALAKHEMUNDI FOREST DIVISION (FOREST GUARD QUARTER)**
**"Construction of Forest Guard Quarter at S. Karadasingi Beat of Mahendra Range under Paralakhemundi Forest Division "**
The eligibility criteria and detailed specifications are available in the tender document. The tender document and other details are available in the website www.odishaforest.in.
The last date of receipt of bids is 18.10.2022 by 3.00 P.M.

**Divisional Forest Officer**
**Paralakhemundi Division**
OIPR-08050/11/0012/2223

**OFFICE OF THE EXECUTIVE ENGINEER P.H. DIVISION, KORAPUT**
Tel/Fax:06852-250740, e-mail:eephkrp@nic.in
No.C-1034: eephkrp@gmail.com
**GOVERNMENT OF ODISHA "e" procurement Notice**
**e-Procurement Notice for 2022-23**
**Bid Identification No.EE,P.H.KPT-09 of 2022-23 Dt.19.09.2022**

1. No. of the works : 3 Nos.
2. Estimated Cost : From Rs.8.00 lakh to 125.00 lakh (Approx.)
3. Period of completion : 3 to 8 months
4. Date & time of availability of bid document in the portal : From 11.00 A.M. of 30.09.2022 to 05.00 P.M. of 11.10.2022
5. Last date / time of receipt of bids in the portal : 05.00 P.M. of 11.10.2022
6. Date & time of opening of bids : 11.00 A.M. of 12.10.2022
8. Name and address of the Officer Inviting Bid : Executive Engineer, P.H. Division, Koraput

Further details can be seen from the e-Procurement portal **"https://www.tendersodisha.gov.in"**

**Sd./- (Er.Chiranjibi Mahali)**
**Executive Engineer, P.H.Division, Koraput**
OIPR-13008/11/0013/2223

**OFFICE OF THE DIVISIONAL FOREST OFFICER PARALAKHEMUNDI DIVISION**
At-Forest Gate, P.O-Paralakhemundi, Gajapati-761200
Mob- +91 9437079579, E-mail: dfo.parlakhemundi@odisha.gov.in
No. 05/01F, Dated, Paralakhemundi the 26th September 2022.

**TENDER NOTICE FOR SELECTION OF A CONTRACTOR FOR BUILDING CONSTRUCTION WORKS IN PARALAKHEMUNDI FOREST DIVISION**

**No.MM-181:** Sealed tenders/bids are invited from registered "C" & "D" class contractors for the work **TENDER FOR CONSTRUCTION OF BUILDINGS IN PARALAKHEMUNDI FOREST DIVISION (FORESTER QUARTER)**
**"Construction of Forester Quarter at 7th mile of Bidua Section of Devagiri Forest Range under Paralakhemundi Forest Division"**
The eligibility criteria and detailed specifications are available in the tender document. The tender document and other details are available in the website www.odishaforest.in.
The last date of receipt of bids is 17.10.2022 by 3.00 PM

**Divisional Forest Officer**
**Paralakhemundi Division**
OIPR-08050/11/0007/2223

**GOVERNMENT OF ODISHA**
**SUPERINTENDING ENGINEER, BOUDH (R&B) DIVISION, BOUDH**
E-mail - eeboudhrb@gmail.com
**INVITATIONS FOR BIDS (IFB)**
No.B-642: **"e" procurement Notice**
Letter No. 3623 dtd. 23.09.2022
**Bid Identification No. SE (R & B)-BDH 12/2022-23**

1) Name of the work : 01 (One) No. of Civil work (Single cover)
2) Estimated Cost : 46.20 lakhs
3) Period of Completion : 1 (One) Calendar month.
4) Date & Time of availability of Bid documents in the portal : From 29.09.2022, 10.00 AM to 12.10.2022, 5.00 PM
5) Last date/time for seeking of Tender Clarification : 12.10.2022 up to 1.00 P.M
6) Last date/time for receipt of bids in the portal : Upto 5.00 P.M. of dated 12.10.2022 ,
7) Date & time of opening of tender/Bid : 13.10.2022 at 11.30 A.M
8) Name and address of the O.I.T. : Superintending Engineer, Boudh (R&B) Division, Boudh

Further details corrigendum (s) if any issued can be seen from the website http://tendersorissa.gov.in.
**Sd./-Superintending Engineer, Boudh (R&B) Division, Boudh**
OIPR-34134/11/0011/2223

**GOVT. OF ODISHA**
**OFFICE OF THE EXECUTIVE ENGINEER, MINOR IRRIGATION DIVISION, JEYPORE**
**AT/PO: JEYPORE, DIST.: KORAPUT**
PHONE NO.06854-231104, e-mail- mijeypore@yahoo.co.in
**e-Procurement Notice**
**BID IDENTIFICATION NO. MIDJEY 05/2022-23**
No. 1491 Date: 27.09.22

No.A-544:- The **Executive Engineer, Minor Irrigation Division, Jeypore** on behalf of Governor of Odisha invites **Percentage Rate** bid in **Single** Cover System **in ONLINE MODE**. Bid documents consisting of work , estimated cost , cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in

1. Name of the work : Construction of Check Dams.
2. No. of works : 6 Nos.
3. Estimated cost : Approximately Rs. 35.93 to 48.60 Lakhs.
4. Period of completion: 4 (Four) calendar months.
5. Date and time of availability of bid documents in the portal : From 10.00 hours of 11.10 .2022 to 17.00 hours of 21.10.2022.
6. Last date/time for receipt of bids in the portal: 17.00 hours of 21.10.2022.
7. Date of opening of Bid : 11.00 hours on 25.10.2022.
8. The bidders have to participate in ONLINE bidding only.
9. Name of the Officer inviting Bid : Executive Engineer, Minor Irrigation Division, Jeypore

Further details can be seen from the e-procurement portal https://tendersodisha.gov.in
**Sd./- Executive Engineer, MI Division, Jeypore**
OIPR-32374/11/0004/2223

**OFFICE OF THE DIVISIONAL FOREST OFFICER**
**ATHGARH FOREST DIVISION**
No. MM-178 **email: dfo.athagarh@odisha.gov.in**
**INVITATION FOR BIDS THROUGH e-Procurement**

| | | | |
|---|---|---|---|
| 1. | Name of the Work | : | Construction of Forester Quarter and Forest Guard Quarter in different location of Athgarh Forest Division |
| 2. | Total No. of Works | : | 14 Nos. |
| 3. | Estimated Cost per Quarter | : | For Forester Quarter Rs.17,27,852/- For Forest Guard Quarter Rs.13,66,542/- |
| 4. | Class of Contractor | : | "D" & "C" |
| 5. | Period of Completion | : | 03 (Three Calendar Months) |
| 6. | Type of Tender | : | Single Cover Tender |
| 7. | Date and Time of availability of Bid documents in the portal | : | From 11.00 A.M. of Dt.29.09.2022 to 17.00 hrs. of Dt.12.10.2022 |
| 8. | Last date/time for receipt of bids in the portal | : | Dt.12.10.2022 upto 17.00 hrs. |
| 9. | Submission of Original documents (TP Cost, EMD, Affidavit etc. as per DTCN) | : | During office hours from 10.30 A.M. on Dt.13.10.2022 to 17.00 hrs. in the office of the undersigned. |
| 10. | Date of opening of Bid through online | : | Dt.14.10.2022 at 11.00 hrs. in the office of the undersigned. |
| 11. | Name & address of the O.I.T. (Officer Inviting Tender) | : | Divisional Forest Officer, Athgarh Forest Division. |

Further details can be seen from the e-procurement portal **https://tendersodisha.gov.in**.
**N.B.:** Subsequent corrigendum/addendum if required shall be available in the website as indicated above.
**Sd./- Divisional Forest Officer, Athgarh Forest Division**
OIPR-08063/11/0007/2223

**OFFICE OF THE ROURKELA MUNICIPAL CORPORATION**
UDITNAGAR, ROURKELA, ODISHA-769012
E-mail ID: rourkelamunicipality@gmail.com
Ref. No.: 12705 Date: 28.09.22

**INVITATION OF BID FOR EXPRESSION OF INTEREST FOR CONSTRUCTION (SUPPLY & INSTALLATION) OF PRECAST BOUNDARY WALL AT DIFFERENT LOCATIONS OF ROURKELA MUNICIPAL CORPORATION**

No.C-1307:- Rourkela Municipal Corporation (RMC) invites "Expression of Interest (EOI)" from intending reputed registered firms/manufacturers/suppliers/Contractors for Construction (Supply & Installation) of Precast Boundary Wall at Different Locations of Rourkela City. The detail of the Bid document is available in the RMC website i.e. www.rmc.nic.in. The interested Bidders may download the Bid document from RMC website from **29.09.2022** onwards.
The sealed Bid shall be submitted to the Commissioner, Rourkela Municipal Corporation, Uditnagar, Rourkela, Dist.- Sundargarh (Odisha), PIN- 769012 on or before **13.10.2022** by 1.00 P.M. (in any working day) through registered post/Speed post/Courier or in person superscribing as "**EOI for Construction of Precast Boundary Wall at Different Locations of Rourkela City**". The EOIs will be opened in presence of Bidders or their authorized representatives who wish to attend on the same day at 4.00 P.M. If the last date of submission, opening of EOI and other schedule happens to be a holiday, the next working day will be treated as the schedule for the same. Authority reserves the right to accept/reject any or all the EOIs without assigning any reason thereof.
**Sd./- Commissioner, Rourkela Municipal Corporation**
OIPR-13131/11/0105/2223

**OFFICE OF THE DEAN & PRINCIPAL**
**BHIMA BHOI MEDICAL COLLEGE & HOSPITAL, BALANGIR**
At/P.O./Dist.: Balangir, PIN - 767002 (Odisha)
E-mail: gmcbalangir@gmail.com, Tel.: 8280189600
[FORMERLY KNOWN AS GOVERNMENT MEDICAL COLLEGE & HOSPITAL, BALANGIR]
No. 3690 Date: 28.09.2022

**TENDER CALL NOTICE**

No. E-498: Sealed tenders are invited from the registered firms for supply of Medical Books for 2022-23 session and Medical Journals (Indian & Foreign) for the year 2023 in two bid system (Technical & Financial) so as to reach the Office of the undersigned on or before 28.10.2022, 5.00 P.M. Bidder can participate either for books or journals/both. Bidders who are interested to participate both for books and journals are to submit separate documents for each in separate envelopes superscirbed as required for each i.e. Books/Journals. The detailed Tender paper, Terms & Conditions and list of Books & Journals can be downloaded from the websites: **www.dmetodisha.gov.in // www.http://bbmchbalangir.nic.in // www.balangir.nic.in**. The undersigned reserves the right to cancel the tenders either of them or both and in full or parts at any time without assigning any reason thereof.
**Sd./- Dean & Principal**
**Bhima Bhoi Medical College & Hospital, Balangir**
OIPR-10141/11/0004/2223

**ଏଲ୍‌ଆଇସି ମ୍ୟୁଚୁଆଲ ଫଣ୍ଡର ଶୁଭାରମ୍ଭ**

**ନୂଆଦିଲ୍ଲୀ:** ଏଲ୍‌ଆଇସି ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଏକ ଓପନ-ଏଣ୍ଡେଡ୍ ଇକ୍ୱିଟି ଯୋଜନା ଏଲ୍‌ଆଇସି ଏମ୍‌ଏଫ୍ ମଲ୍ଟି କ୍ୟାପ୍ ଫଣ୍ଡ (ଏଲ୍‌ଆଇସିଏମ୍‌ଏଫ୍ ମଲ୍ଟିକ୍ୟାପ୍) ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହା ସମସ୍ତ ମାର୍କେଟ କ୍ୟାପିଟାଲାଇଜେଶନ ବର୍ଗରେ ନିବେଶ କରିବ। ଏଲ୍‌ଆଇସିଏମ୍‌ଏଫ୍ ମଲ୍ଟି କ୍ୟାପ୍ ଫଣ୍ଡ ବୃହତ୍, ମଧ୍ୟମ ଓ କ୍ଷୁଦ୍ର କ୍ୟାପ୍ ଷ୍ଟକ୍‌ଗୁଡ଼ିକ ମଧ୍ୟରୁ ପ୍ରତ୍ୟେକରେ ସର୍ବନିମ୍ନ ୨୫% ନିବେଶ କରିବ ଏବଂ ଅବଶିଷ୍ଟ ୨୫% ବିବିଧ ମାର୍କେଟ କ୍ୟାପିଟାଲାଇଜେଶନରେ ଫଣ୍ଡ ମ୍ୟାନେଜରଙ୍କୁ ତାଙ୍କ ଇଚ୍ଛା ମୁତାବକ ଏକ ଶୃଙ୍ଖଳିତ ଆଭିମୁଖ୍ୟ ପୋଷଣ କରି ନିବେଶ କରିବାର ନମନୀୟତା ପ୍ରଦାନ କରିବ।

# କାର୍‌ରେ ୬ ଏୟାରବ୍ୟାଗ୍ ବାଧ୍ୟତାମୂଳକ: ଗଡକରୀ

ନୂଆଦିଲ୍ଲୀ,୨୯।୯

ସାରା ବିଶ୍ୱ ଏପରିକି ଭାରତରେ ମଧ୍ୟ ପ୍ରତିଦିନ ସଡ଼କ ଦୁର୍ଘଟଣାରେ ଶହ ଶହ ସଂଖ୍ୟାରେ ଲୋକ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ବିଶେଷକରି ସଡ଼କ ସୁରକ୍ଷା ନିୟମାବଳୀର ଅବମାନନା ସାଙ୍ଗକୁ ସବୁ ବର୍ଗର ଗାଡିରେ ଅତ୍ୟାଧୁନିକ ସୁବିଧା ନ ଥିବାରୁ ସଡ଼କ ଦୁର୍ଘଟଣାରେ ମଧ୍ୟ ଜୀବନ ଯାଉଛି। ଏପରିକି ଚାରିଚକିଆ (କାର୍) ଯାନ ଦୁର୍ଘଟଣାରେ ଉଭୟ ପକ୍ଷର ଜୀବନ ଯାଉଥିବା ବେଳେ ଅଧିକାଂଶ କାରରେ ସମସ୍ତ ଅତ୍ୟାଧୁନିକ ସୁବିଧା ଥାଇ ମଧ୍ୟ ଲୋକଙ୍କ ଜୀବନ ଯାଉଛି। ଏହାକୁ ନଜରରେ ରଖି ସରକାର ଏକ ବୈଷୟିକ କମିଟି ଜରିଆରେ ଉକ୍ତ ସମସ୍ୟା (କାର୍ ଦୁର୍ଘଟଣା) ସମ୍ପର୍କରେ ବିସ୍ତୃତ ସୂଚନା ଦେବାକୁ କୁହାଯାଇଥିଲା। ବିଶେଷଜ୍ଞ ଦଳର ସୂଚନା ଅନୁଯାୟୀ ଅଧିକାଂଶ



ଦୁର୍ଘଟଣା କାର୍ ମଧ୍ୟରେ ସୁରକ୍ଷା ବ୍ୟବସ୍ଥା (ଏୟାର ବ୍ୟାଗ୍) ର ତ୍ରୁଟି ବା ସଂଖ୍ୟା କମ୍ ଥିବାରୁ ଅଧିକ ସଂଖ୍ୟାରେ ମୃତ୍ୟୁବରଣ କରୁଛନ୍ତି। ଫଳରେ କେନ୍ଦ୍ର ସରକାର ଗତ ବର୍ଷ ଜୁଲାଇରେ ଘୋଷଣା କରିଥିଲେ ଯେ ୨୦୨୨ ଅକ୍ଟୋବର ୧ ରୁ ଭାରତୀୟ ବଜାରରେ ବିକ୍ରି ହେଉଥିବା କାର୍‌ଗୁଡିକରେ ୬ଟି ଏୟାରବ୍ୟାଗ୍ ବାଧ୍ୟତାମୂଳକ କରିବାକୁ କୁହାଯାଇଥିଲା। ହେଲେ କୋଭିଡ୍ କାରଣରୁ କେତେକ ସମସ୍ୟା ଓ ବିଶ୍ୱ ଯୋଗାଣ ଶୃଙ୍ଖଳାରେ ସମସ୍ୟା ଯୋଗୁ ଉକ୍ତ (୬ଟି ଏୟାରବ୍ୟାଗ୍) ନିର୍ଦ୍ଦେଶକୁ ସ୍ଥଗିତ ରଖିବାକୁ ବିଭିନ୍ନ ସ୍ତରରୁ ପ୍ରସ୍ତାବ ଆସିଥିଲା। ଏପରିକି ଆଉ କିଛି ଦିନ ଦେବା ପାଇଁ କେନ୍ଦ୍ର

## ୨୦୨୩ ଅକ୍ଟୋବର ୧ରୁ ନୂଆ ନିୟମ କରିବେ ସରକାର

ସରକାରଙ୍କୁ ଅଟୋଶିଳ୍ପ ପକ୍ଷରୁ ଅନୁରୋଧ ବା ପ୍ରସ୍ତାବ ଦିଆଯାଇଥିଲା। ଉକ୍ତ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣକରି ସରକାର ମଧ୍ୟ ସମୟ ବୃଦ୍ଧି କରିଛନ୍ତି। ଏ ନେଇ ଗୁରୁବାର କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି, କାର୍‌ଗୁଡିକରେ ୬ଟି ଏୟାର ବ୍ୟାଗ୍ ବାଧ୍ୟତାମୂଳକ କରିବା ପ୍ରସ୍ତାବକୁ ସରକାର ଆଉ ୧ବର୍ଷ ଘୁଞ୍ଚାଇ ଦେଇଛନ୍ତି। ୨୦୨୩ ଅକ୍ଟୋବର ୧ରୁ କାର୍‌ରେ ୬ଟି ଏୟାରବ୍ୟାଗ୍ ବାଧ୍ୟତାମୂଳକ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏପରିକି ପୂର୍ବ ନିଷ୍ପତ୍ତି ଅନୁଯାୟୀ ଚଳିତ ବର୍ଷ ଅକ୍ଟୋବର ୧ ପରିବର୍ତ୍ତେ ୨୦୨୩ ଅକ୍ଟୋବର ୧ ପର୍ଯ୍ୟନ୍ତ ଉକ୍ତ ନିର୍ଦ୍ଦେଶାବଳୀକୁ ସରକାର ସ୍ଥଗିତ ରଖିଛନ୍ତି।

# ଖସୁଛି ଶେୟାର ବଜାର କାରବାର

ନୂଆଦିଲ୍ଲୀ,୨୯।୯

କ୍ରମାଗତ ୭ମ ଦିନ ହେବ ଭାରତୀୟ ଶେୟାର ବଜାରର କାରବାର ମାନ୍ଦା ସାଙ୍ଗକୁ ଫଳାଫଳ ମଧ୍ୟ ଖରାପ ରହିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସର ଫଳାଫଳ ଅନୁସାରେ ଦଲାଲ ଷ୍ଟ୍ରିଟ୍‌ର କାରବାର ମଧ୍ୟ ହ୍ରାସ ପାଇଛି। ଫଳରେ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ପ୍ରାୟ ୧୮୮ (୧୮୮.୩୨) ପଏଣ୍ଟ ବା ୦.୩% ହ୍ରାସ ପାଇ ୫୬,୪୧୦ (୫୬,୪୦୯.୯୬) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ପ୍ରାୟ ୪୧ (୪୦.୫୦) ପଏଣ୍ଟ ବା ୦.୩% ତଳକୁ ଖସି ୧୬,୮୧୮ (୧୬,୮୧୮.୧୦) ଅଙ୍କରେ ବନ୍ଦ ହୋଇଛି।

# ସୋନି ଇଣ୍ଡିଆ ପକ୍ଷରୁ ପାର୍ବଣ ଅଫର

ନୂଆଦିଲ୍ଲୀ,୨୯।୯

ଚଳିତ ବର୍ଷର ପାର୍ବଣ ଉପଲକ୍ଷେ ସୋନି ଇଣ୍ଡିଆ ପକ୍ଷରୁ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସୋନି ଇଣ୍ଡିଆର ଟିଭି, ହୋମ୍ ଥିଏଟର, ସାଉଣ୍ଡବାର୍, କ୍ୟାମେରା ଏବଂ ଲେନ୍ସଗୁଡିକ ଉପରେ କିଛି ସ୍ୱତନ୍ତ୍ର ଅଫର ମଧ୍ୟ ରହିଛି। ଚଳିତ ଦୁର୍ଗାପୂଜାକୁ ସ୍ମରଣୀୟ କରିବା ପାଇଁ ଗ୍ରାହକମାନଙ୍କ ନିମନ୍ତେ କମ୍ପାନୀ ବାଧ୍ୟତାମୂଳକ ଅଫର ଏବଂ ସହଜ ଫାଇନାନ୍ସ ଯୋଜନାଗୁଡିକର ଶୁଭାରମ୍ଭ କରିଛି। ଏ ସମ୍ପର୍କରେ ସୋନି ଇଣ୍ଡିଆର ସେଲ୍ସ ବିଭାଗର ମୁଖ୍ୟ ସତୀଶ ପଦ୍ମନାଭନ୍ କହିଛନ୍ତି, ପ୍ରତି ବର୍ଷ ଦୁର୍ଗାପୂଜାରେ ଆମେ ଆମର ଉତ୍ପାଦର ଚାହିଦାକୁ ନେଇ ଏକ ବଡ଼ ବୃଦ୍ଧି ଦେଖୁ। କାରଣ ଗ୍ରାହକମାନେ ଅତ୍ୟାଧୁନିକ ତଥା ଅଭିନବ ଟେକ୍ନୋଲୋଜି ସହ ନିଜ ଘରକୁ ଅପ୍‌ଗ୍ରେଡ୍ କରିବାକୁ ପସନ୍ଦ କରିଥାନ୍ତି। ବିଶେଷକରି ବ୍ରାଭିଆ ଏଫ୍‌ଡବ୍ଲ୍ୟୁଇ୨୨ ଟେଲିଭିଜନ୍ ମୂଲ୍ୟରେ ଗୁଗଲ୍ ଟିଭି ୟୁଜର ସୁବିଧା ରହିଛି, ଯାହା ଏକ ଭିନ୍ନ ମନୋରଞ୍ଜନର ମାଧ୍ୟମ । ଏହି ପରିପ୍ରେକ୍ଷୀରେ ସୋନିର ଏକ୍ସଆର୍ କଗ୍ନିଟିଭ୍ ପ୍ରୋସେସର, ଡଲ୍‌ବି ଭିଜନ୍, ଡଲ୍‌ବି ଆଟମୋସ୍, ବ୍ରାଭିଆ କ୍ୟାମ୍ ଓ ବ୍ରାଭିଆ କୋର୍ ଭଳି ଅତ୍ୟାଧୁନିକ ଓଲେଡ୍ ସିରିଜ୍ ଏ୮୦କେ ଏବଂ ଏ୯୫କେକୁ ଉନ୍ନତ ଟେକ୍ନୋଲୋଜିର ବଜାର ପ୍ରବେଶ କରାଇଛି। ସେହିଭଳି ବ୍ରାଭିଆ ଟେଲିଭିଜନ୍‌ରେ ୩ବର୍ଷର ବିସ୍ତୃତ ୱାରେଣ୍ଟି ପ୍ରଦାନ କରାଯିବା ସହ ସହଜ ଫାଇନାନ୍ସ ଅଫର ଯେପରିକି ଗୋଟିଏ ଇଏମ୍‌ଆଇ ମାଗଣା ଅଫର ଓ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ଆକର୍ଷଣୀୟ କ୍ୟାଶ୍‌ବ୍ୟାକ୍ ଅଫର ସାମିଲ ରହିଛି।

# ଟାଇମ୍ ୧୦୦ ନେକ୍ସଟ୍ ତାଲିକାରେ ଆକାଶ

ନୂଆଦିଲ୍ଲୀ,୨୯।୯

ରିଲାଏନ୍ସ ଜିଓର ଅଧ୍ୟକ୍ଷ ଆକାଶ ଅମ୍ବାନୀଙ୍କୁ ଏକ ସମ୍ମାନଜନକ ସ୍ୱୀକୃତି ମିଳିଛି। ବିଶେଷକରି ଲୋକପ୍ରିୟ ଟାଇମ୍ ପତ୍ରିକା ପକ୍ଷରୁ 'ଟାଇମ୍ ୧୦୦ ନେକ୍ସଟ' ତାଲିକାରେ ଆକାଶଙ୍କୁ 'ଲିଡର୍ସ' ବର୍ଗରେ ସାମିଲ କରାଯାଇଛି। ଏପରିକି ଆକାଶ ଅମ୍ବାନୀଙ୍କ ବିଷୟରେ ଟାଇମ୍ ପତ୍ରିକା ପକ୍ଷରୁ କୁହାଯାଇଛି ଯେ, ଆକାଶ ପାରିବାରିକ ବ୍ୟବସାୟ ବଢ଼ାଇବା ପାଇଁ କଠିନ ପରିଶ୍ରମ କରୁଛନ୍ତି। ନିକଟରେ ଗୁଗଲ୍ ଓ ଫେସ୍‌ବୁକ୍ ସହ ବିଲିଅନ ଡଲାରର ନିବେଶ ଡିଲ୍ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ସେହିଭଳି ଟାଇମ୍ ୧୦୦ ନେକ୍ସଟରେ ଏକମାତ୍ର ଭାରତୀୟ ଭାବେ ଆକାଶ ଅମ୍ବାନୀ ସାମିଲ ହୋଇଛନ୍ତି। ଅପରପକ୍ଷରେ ବିଶ୍ୱର ଉଦୀୟମାନ ତାରକା ଆକାଶଙ୍କ ବିଷୟରେ ଟାଇମ୍ ପତ୍ରିକା ପକ୍ଷରୁ କୁହାଯାଇଛି ଯେ ମାତ୍ର ୨୨ବର୍ଷ ବୟସରେ ଆକାଶଙ୍କୁ ଜିଓ ବୋର୍ଡରେ ସ୍ଥାନ ମିଳିଥିଲା। ସେହିପରି ଚଳିତ ବର୍ଷ ଜୁନ୍



ଆକାଶ ଅମ୍ବାନୀ

ମାସରେ ଆକାଶଙ୍କୁ ବିଶ୍ୱର ସବୁଠୁ ବଡ଼ ଟେଲିକମ୍ କମ୍ପାନୀ ଜିଓର ନେତୃତ୍ୱ ଭାର ମଧ୍ୟ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ୪୨କୋଟି ୬୦ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାହକ ଥିବା କମ୍ପାନୀ ରିଲାଏନ୍ସ ଜିଓକୁ ସମ୍ଭାଳିବାର ଗୁରୁଦାୟିତ୍ୱ ବର୍ତ୍ତମାନ ଆକାଶଙ୍କ ଉପରେ ରହିଛି। ଉଲ୍ଲେଖଯୋଗ୍ୟ, ଟାଇମ୍ ପତ୍ରିକା ପ୍ରତିବର୍ଷ 'ଟାଇମ୍ ୧୦୦ ନେକ୍ସଟ୍' ତାଲିକା ପ୍ରକାଶ କରୁଛି। ଉକ୍ତ ତାଲିକାରେ ଦେଶ ଦୁନିଆ ବ୍ୟତୀତ ଉଦ୍ୟୋଗ ଜଗତର ୧୦୦ ଉଦୀୟମାନ ତାରକାଙ୍କୁ ମଧ୍ୟ ସାମିଲ କରାଯାଇଥାଏ।

# କ୍ୟାରେଟ୍‌ଲେନ୍‌ର ନୂତନ କଲେକ୍ସନ 'ମୋଗ୍ରା' ଉନ୍ମୋଚିତ

ଭୁବନେଶ୍ୱର,୨୯।୯

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ କ୍ୟାରେଟ୍‌ଲେନ୍ ପକ୍ଷରୁ ଗୁରୁବାର ବ୍ରାଣ୍ଡର ନୂଆ କଲେକ୍ସନ 'ମୋଗ୍ରା'ର ଉନ୍ମୋଚନ କରାଯାଇଛି। 'ମୋଗ୍ରା'କୁ ହୀରା ଏବଂ ପ୍ରଥମ ଥର ପାଇଁ ରାଇସ୍ ୱାଟର ପର୍ଲରେ ପ୍ରସ୍ତୁତ କରାଯାଇଛି। ମାଇକ୍ରୋ-ସେଟିଂ ଟେକ୍ନିକ୍‌କୁ ବ୍ୟବହାର କରାଯାଇଛି। ଏପରିକି ଉକ୍ତ ଗହଣାଗୁଡ଼ିକୁ ଅତି ନିଖୁଣ ଭାବେ କାରିଗରଙ୍କ ଦ୍ୱାରା ପ୍ରସ୍ତୁତି କରାଯାଇଛି, ଯାହାକି ହୀରାର ଚମକକୁ ବହୁଗୁଣିତ କରୁଛି। ବିଶେଷ କରି ବଲିଉଡ୍ ଅଭିନେତ୍ରୀ ରାଧିକା ଆପ୍‌ଟେଙ୍କ ନିକଟରେ ଏହି କଲେକ୍ସନ ଦେଖିବାକୁ ମିଳିଥିଲା। ସେହିପରି ସୌନ୍ଦର୍ଯ୍ୟ ଦୃଷ୍ଟିକୋଣରୁ ଉକ୍ତ ଡିଜାଇନଗୁଡିକରେ କୌଣସି ଅଭାବ ନାହିଁ। ଅପରପକ୍ଷରେ ଉପହାର ଦେବା ପାଇଁ କ୍ୟାରେଟ୍‌ଲେନ୍‌ରେ ବିସ୍ତୃତ ଡିଜାଇନ ମଧ୍ୟ ରହିଛି, ଯେଉଁଗୁଡ଼ିକର ମୂଲ୍ୟ ୫୦୦୦ଟଙ୍କାରୁ ଆରମ୍ଭ ହେଉଛି।




ଦମ୍ପତିଙ୍କ ପ୍ରଥମ ଦୀପାବଳି ହେଉ କିମ୍ବା ପରିବାର ତଥା ପ୍ରିୟବର୍ଗଙ୍କୁ ଉପହାର ପ୍ରଦାନ, କ୍ୟାରେଟ୍‌ଲେନ୍‌ରେ ସମସ୍ତଙ୍କ ପାଇଁ କିଛି ନା କିଛି ରହିଛି। ଏ ସମ୍ପର୍କରେ କ୍ୟାରେଟ୍‌ଲେନ୍‌ର ଭିପି (ମାର୍କେଟିଂ) ଜେନିଫର ପାଣ୍ଡ୍ୟା କହିଛନ୍ତି, ଗ୍ରାହକ କ୍ୟାରେଟ୍‌ଲେନ୍‌କୁ ପସନ୍ଦ କରନ୍ତି। କାରଣ ଆମ ଗହଣାଗୁଡ଼ିକର ଡିଜାଇନ ଅତି ଜଟିଳ ଏବଂ ସବୁ ଷ୍ଟାଇଲ ସହ ଭଲ ଭାବେ ଖାପ ଖାଇଥାଏ। ଗ୍ରାହକଙ୍କ ସୁବିଧା ପାଇଁ ବର୍ତ୍ତମାନ ଭୁବନେଶ୍ୱରରେ କ୍ୟାରେଟ୍‌ଲେନ୍‌ର ୩ଟି ଷ୍ଟୋର ରହିଛି। ଏପରିକି ରାଜ୍ୟରେ ମୋଟ ୫ଟି ଷ୍ଟୋର ଥିବା ବେଳେ ପୂର୍ବାଞ୍ଚଳରେ କମ୍ପାନୀର ମୋଟ ୩୨ ଷ୍ଟୋର ଅଛି। ଗ୍ରାହକ କମ୍ପାନୀର ଯେକୌଣସି ଷ୍ଟୋରକୁ ଯାଇ ଉକ୍ତ ଗହଣା କିଣିପାରିବେ କିମ୍ବା 'ଟ୍ରାଏ ଆଟ୍ ହୋମ୍'ସେବାକୁ ମଧ୍ୟ ଉପଲବ୍ଧ କରିପାରିବେ। ସର୍ବାଧିକ ବିକ୍ରି ହେଉଥିବା ଡିଜାଇନଗୁଡ଼ିକ ପାଇଁ କ୍ୟାରେଟ୍‌ଲେନ୍ ୨୪ରୁ ୪୮ ଘଣ୍ଟାର ଦ୍ରୁତ ଡେଲିଭରି ସର୍ଭିସ ମଧ୍ୟ ପ୍ରଦାନ କରୁଛି।

# ଟିକେଏମ୍ ପକ୍ଷରୁ ମୂଲ୍ୟ ଘୋଷଣା

ନୂଆଦିଲ୍ଲୀ,୨୯।୯

ଚଳିତ ମାସ ଆରମ୍ଭରେ ଅର୍ବାନ କ୍ରୁଇଜର ହାଇରାଡରର ଶ୍ରେଷ୍ଠ ଚାରି ଶ୍ରେଣୀର ମୂଲ୍ୟ ଘୋଷଣା କରିବା ପରେ ଦେଶର ପ୍ରମୁଖ ଚାରିଚକିଆ ଯାନ ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ୍) ପକ୍ଷରୁ ନିକଟରେ ମୂଲ୍ୟ ଘୋଷଣା ହୋଇଯାଇଛି। ବିଶେଷକରି କମ୍ପାନୀର ଅର୍ବାନ କ୍ରୁଇଜର ହାଇରାଡରର ଅବଶିଷ୍ଟ ୭ଟି ଗ୍ରେଡ୍‌ର ମୂଲ୍ୟ ସମ୍ପର୍କରେ ଘୋଷଣା କରାଯାଇଛି। ଏହାର ଏକ୍ସ ଶୋ'ରୁମ୍ ମୂଲ୍ୟର ଆଧାରରେ ଜି ଏଟି ୨-ଡବ୍ଲ୍ୟୁଡି ନିଓ ଡ୍ରାଇଭ୍‌ର ମୂଲ୍ୟ ୧୫,୫୪,୦୦୦ଟଙ୍କା, ଏସ୍ ଏଟି ୨-ଡବ୍ଲ୍ୟୁଡି ନିଓ ଡ୍ରାଇଭ୍‌ର ମୂଲ୍ୟ ୧୩,୪୮,୦୦୦ ଟଙ୍କା, ଭି ଏମ୍‌ଟି ଏଡବ୍ଲ୍ୟୁଡି ନିଓ ଡ୍ରାଇଭ୍‌ର ମୂଲ୍ୟ ୧୭,୧୯,୦୦୦ ଟଙ୍କା, ଭି ଏମ୍‌ଟି ୨-ଡବ୍ଲ୍ୟୁଡି ନିଓ ଡ୍ରାଇଭ୍‌ର ମୂଲ୍ୟ ୧୫,୮୯,୦୦୦ଟଙ୍କା, ଜି ଏମ୍‌ଟି ୨-ଡବ୍ଲ୍ୟୁଡି ନିଓ ଡ୍ରାଇଭ୍‌ର ମୂଲ୍ୟ ୧୪,୩୪,୦୦୦ ଟଙ୍କା, ଏସ୍

## ଅର୍ବାନ କ୍ରୁଇଜର ହାଇରାଡରର ଅବଶିଷ୍ଟ ୭ ଗ୍ରେଡ୍ ସାମିଲ

ଏମ୍‌ଟି ୨-ଡବ୍ଲ୍ୟୁଡି ନିଓ ଡ୍ରାଇଭ୍‌ର ମୂଲ୍ୟ ୧୨,୨୮,୦୦୦ଟଙ୍କା ଏବଂ ଇ ଏମ୍‌ଟି ୨-ଡବ୍ଲ୍ୟୁଡି ନିଓ ଡ୍ରାଇଭ୍‌ର ମୂଲ୍ୟ ୧୦,୪୮,୦୦୦ ଟଙ୍କା ରହିଛି। ଏ ସମ୍ପର୍କରେ ଟିକେଏମ୍‌ର ବିକ୍ରୟ ଏବଂ ଷ୍ଟ୍ରାଟେଜିକ ମାର୍କେଟିଂ ଆସୋସିଏଟ ଉପସଭାପତି ଅତୁଲ ସୁଦ୍ କହିଛନ୍ତି, ଟୟୋଟା ଅର୍ବାନ କ୍ରୁଇଜର ହାଇରାଡରର ମୂଲ୍ୟ ଘୋଷଣା କରି ଆନନ୍ଦିତ ଅଛୁ। ଏପରିକି ଏହାର ଆଦର୍ଶ ପ୍ରଦର୍ଶନ ସହ ଶ୍ରେଷ୍ଠ ଇନ୍ଧନ ଦକ୍ଷତା, ସଂଯୁକ୍ତ କାର ବୈଶିଷ୍ଟ୍ୟ ସହିତ ଭାରତରେ ଦ୍ରୁତ ଗତିଶୀଳତାର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ନୂତନ ଅଫର ପ୍ରକୃତରେ ଉତ୍ସାହଜନକ ରହିଛି। ଶୀର୍ଷ ଗ୍ରେଡ୍‌ଗୁଡିକର ପ୍ରାରମ୍ଭିକ ମୂଲ୍ୟ ଘୋଷଣା ଗ୍ରାହକଙ୍କ ଉପରେ ଭଲ ପ୍ରଭାବ ଅନୁଭୂତ ହୋଇଥିଲା।

## ଫୁର୍‌ସତ




# ଖୋଲିବ ମର୍ଡରର ମିଷ୍ଟ୍ରି

**ନୂଆଦିଲ୍ଲୀ:** ସସ୍‌ପେନ୍ସରେ ଭରା 'ଦୃଶ୍ୟମ୍'ର ପ୍ରଥମ ଭାଗ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିବାବେଳେ ଖୁବ୍‌ଶୀଘ୍ର ଦୃଶ୍ୟମ୍-୨ ରିଲିଜ୍ ହେବାକୁ ଯାଉଛି। ଗୁରୁବାର ଫିଲ୍ମର ଟିଜର ମୁକ୍ତିଲାଭ କରିଛି। ଏହାର ବ୍ୟାକ୍‌ଗ୍ରାଉଣ୍ଡରେ ତବୁଙ୍କ ସ୍ୱର ଶୁଣିବାକୁ ମିଳୁଛି। ଡାଏଲଗ୍‌ରେ ତବୁ କହୁଛନ୍ତି, ମାଷ୍ଟରଷ୍ଟ୍ରୋକ୍। ପୋଲିସ ଡିପାର୍ଟମେଣ୍ଟର ଥଟ୍ଟା କରାଯାଇଛି। ଅପରାଧର ପ୍ରମାଣ ନ ମିଳିଲେ ଅପରାଧ ସ୍ୱୀକାର ହିଁ ସବୁଠୁ ବଡ଼ ପ୍ରମାଣ। ସଙ୍ଗେ ସଙ୍ଗେ ଭିଡିଓକୁ ଅଜୟ ଦେବଗନ୍ ଚାଲିଆସୁଛନ୍ତି। କ୍ୟାମେରା ଆଗରେ ସେ ଦୋଷ ମାନୁଥିବା ଟିଜରରେ ଦେଖିବାକୁ ମିଳିଛି। ୨୦୧୫ରେ ମୁକ୍ତିଲାଭ କରିଥିବା 'ଦୃଶ୍ୟମ୍'ର ଅଭିନେତ୍ରୀ ଶ୍ରୀୟା ସରନ୍, ଇଶିତା ଦତ୍ତ, ମୃଣାଳ ଯାଦବଙ୍କୁ ମଧ୍ୟ ଏହି ଟିଜରରେ ଦେଖିବାକୁ ମିଳିଛି। ପ୍ରକାଶଥାଉ କି, ଅଭିନେତା ଅଜୟ ଦେବଗନ 'ଦୃଶ୍ୟମ୍'ରେ ବିଜୟ ସାଲ୍‌ଗାଓଁକର୍ ଚରିତ୍ରରେ ଅଭିନୟ କରିଥିଲେ। ତାଙ୍କ ଝିଅ ଦ୍ୱାରା ଆକସ୍ମିକ ଭାବେ ହୋଇଥିବା ଏକ ହତ୍ୟାକାଣ୍ଡକୁ ଲୁଚାଇବା ସହ ପରିବାରକୁ ସୁରକ୍ଷା ଦେବା ପାଇଁ ବିଜୟ ସାଲ୍‌ଗାଓଁକର କିପରି ଚତୁରତାର ସହ ମାମଲା ଚପାଇ ଦେବାରେ ସକ୍ଷମ ହୋଇଥିଲେ, ତାହା ଦେଖିବାକୁ ମିଳିଥିଲା। ଅଭିଷେକ ପାଠକଙ୍କ ଦ୍ୱାରା ନିର୍ଦ୍ଦେଶିତ 'ଦୃଶ୍ୟମ୍ ୨' ଆସନ୍ତା ନଭେମ୍ବର ୧୮ରେ ମୁକ୍ତିଲାଭ କରିବ।

# ଗହଳିରୁ ରକ୍ଷାକରିବ ଏୟାର ଟାକ୍ସି

**ବେଙ୍ଗାଲୁରୁ:** ରାସ୍ତାରେ ଟ୍ରାଫିକ୍ ଜାମ୍ ହେଲେ ଦୀର୍ଘ ସମୟ ଅପେକ୍ଷା କରିବା ଅଧିକାଂଶଙ୍କ ପାଇଁ କାଠିକର ପାଠ। ଅନେକେ ଭାବନ୍ତି ଯଦି ଭିଡ଼ରୁ ଉଡ଼ିକରି ଯିବାର ସୁବିଧା ଥାଆନ୍ତା ତେବେ ସେମାନେ ନିଶ୍ଚୟ ଉଡ଼ିଯାଇଥାନ୍ତେ। ହେହଲେ ଏବେ ତାହା କେବଳ ଏକ ଭାବନା ସତ ହେବାକୁ ଯାଉଛି। ଟ୍ରାଫିକ୍ ଜାମ୍ ସମୟରେ ଏଥର ହେଲିକପ୍ଟର ସାହାଯ୍ୟରେ ରାସ୍ତା ପାର୍ କରିହେବ। ଲୋକଙ୍କ ପାଇଁ ଏପରି ସୁବିଧା ଟ୍ରାଫିକ୍ ଜାମ୍‌ର ସହର କର୍ଣ୍ଣାଟକର ବେଙ୍ଗାଲୁରୁରେ ହେବାକୁ ଯାଉଛି। ବ୍ଲେଡ୍ ଇଣ୍ଡିଆ ନାମକ ଏକ କମ୍ପାନୀ ଲୋକଙ୍କୁ ଟ୍ରାଫିକ୍ ଜାମ୍‌ରୁ ମୁକୁଳାଇବା ପାଇଁ ଏପରି ଅଫ୍‌ର ଦେଇଛି। ଏହି କମ୍ପାନୀ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍(ହାଲ୍) ଦ୍ୱାରା ବେଙ୍ଗାଲୁରୁ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ପର୍ଯ୍ୟନ୍ତ ୨ଟି ହେଲିକପ୍ଟରର ସୁବିଧା ଯୋଗାଇଦେବ। ୧୦ ଅକ୍ଟୋବରରୁ ଏହି ସୁବିଧା ଆରମ୍ଭ କରାଯିବ। ଭିଡ଼ରୁ ବାହାରି



ଲୋକେ ୧୨ ମିନିଟ୍‌ରେ ଯାଇ ଏୟାରପୋର୍ଟରେ ପହଞ୍ଚିପାରିବେ। ଏହି ଏୟାର ଟାକ୍ସିରେ ଥରକେ ୫ଜଣ ଯାତ୍ରୀ ଯାଇପାରିବେ। ହେଲେ ଏଥିପାଇଁ ସେମାନଙ୍କୁ ଦେବାକୁ ଅର୍ଥ ଦେବାକୁ ପଡିବ। ବାଙ୍ଗାଲୁରୁ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ହାଲ୍ ମଧ୍ୟରେ ଏହି ଟ୍ୟାକ୍ସି ବ୍ୟବହାର କଲେ ସିଟ୍ ପିଛା ୩,୨୫୦ ଟଙ୍କା ଦେବାକୁ ପଡ଼ିବ। ଲୋକଙ୍କ ପାଇଁ ଏପରି ସେବା ପୂର୍ବାହ୍ନ ୯ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଯୋଗାଇ ଦିଆଯିବ। ଲୋକଙ୍କୁ ଏୟାରପୋର୍ଟରେ ପହଞ୍ଚିବାକୁ ୧୨୦ ମିନିଟ୍ ସମୟ ଲାଗୁଥିବାବେଳେ ୧,୩୦୦ ଟଙ୍କା ଖର୍ଚ୍ଚ ହୋଇଥାଏ।

# ଶୂନ ମାଧ୍ୟାକର୍ଷଣରେ ଫୁଟବଲ୍ ମ୍ୟାଚ

**ଲିସ୍‌ବନ୍:** ଜିରୋ ଗ୍ରାଭିଟି ବା ଶୂନ ମାଧ୍ୟାକର୍ଷଣରେ ଫୁଟ୍‌ବଲ ମ୍ୟାଚ୍। ଅନେକଙ୍କୁ ଏହି କଥା ଆଶ୍ଚର୍ଯ୍ୟ ଲାଗୁଥାଇପାରେ। ହେଲେ ନିକଟରେ ପର୍ତ୍ତୁଗିଜ୍ ଫୁଟବଲ୍ ଲିଜେଣ୍ଡ ଲୁଇସ୍ ଫିଗୋଙ୍କ ସମେତ ଅନ୍ୟ ପ୍ରମୁଖ ଖେଳାଳି ପ୍ରାୟ ୨୦,୨୩୦ ଫୁଟ୍ ଉଚ୍ଚରେ ମ୍ୟାଚ୍ ଖେଳିଛନ୍ତି। ଏତେ ଉଚ୍ଚରେ ତଥା ଜିରୋ ଗ୍ରାଭିଟିରେ ଫୁଟବଲ୍ ଖେଳି ଅନ୍ତର୍ଜାତୀୟ ଖେଳାଳି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ଏହି ମ୍ୟାଚ୍ ଏକ ସ୍ୱତନ୍ତ୍ର ବିମାନରେ ଖେଳାଯାଇଥିଲା। ଏହାକୁ ବିଶେଷଭାବେ ସେଟ୍‌ଅପ୍ କରାଯାଇ ପ୍ଲେନ୍ ମଧ୍ୟରେ ଏକ ଫୁଟ୍‌ବଲ୍ ପଡ଼ିଆ ପ୍ରସ୍ତୁତ କରାଯାଇଥିଲା। ଶୂନ ମାଧ୍ୟାକର୍ଷଣ ପରିବେଶ ସୃଷ୍ଟି ପାଇଁ ପ୍ଲେନ୍‌କୁ ପାରବୋଲିକ୍ ପାଥ୍‌ରେ ନିଆଯାଇଥିଲା। ମଜାଦାର କଥା ହେଉଛି, ଫିଗୋ ଏହି ମ୍ୟାଚରେ ନିଜ ରେଡ୍ ଟିମ୍‌କୁ ବିଜୟୀ କରାଇଥିଲେ। ୟେଲୋ ଟିମ୍ ରେଡ୍ ଟିମ୍‌କୁ ଟକ୍କର ଦେଇଥିଲେ ହେଁ ୨-୧ ଗୋଲ୍‌ରେ ପରାଜିତ ହୋଇଥିଲା।



# ଭାବ ଆଦାନପ୍ରଦାନକୁ ସହଜ କରେ ଅନୁବାଦ



**ଅନ୍ତର୍ଜାତୀୟ ଅନୁବାଦ ଦିବସ**

ସମସ୍ତେ ସବୁ ଭାଷା ବୁଝିପାରନ୍ତି ନାହିଁ। ସେଥିପାଇଁ ଭାଷାର ଅନୁବାଦ କରାଯାଇଥାଏ। ପାରସ୍ପରିକ ଭାବର ଆଦାନପ୍ରଦାନରେ ଅନୁବାଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନୁବାଦ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୩୦ରେ ଅନ୍ତର୍ଜାତୀୟ ଅନୁବାଦ ଦିବସ ପାଳନ କରାଯାଇଥାଏ। ଏହି ଦିବସ ଅନୁବାଦ ପେସାଦାରମାନଙ୍କୁ ସ୍ୱୀକୃତି ପ୍ରଦାନ କରୁଥିବା ଏକ ଅନ୍ତର୍ଜାତୀୟ ଦିବସ। ଏହା ବାଇବେଲ ଅନୁବାଦକ ସେଣ୍ଟ ଜେରୋମଙ୍କ ମହାପ୍ରୟାଣ ଦିବସକୁ ସ୍ମରଣ କରିବା ପାଇଁ ପାଳନ କରାଯାଇଥାଏ। ୨୪ ମେ ୨୦୧୭ରେ ଜାତିସଂଘର ସାଧାରଣ ସଭାରେ ଏହି ଦିବସ ପାଳନ ନେଇ ଏକ ପ୍ରସ୍ତାବ ପାରିତ ହୋଇଥିଲା। ଇଣ୍ଟରନ୍ୟାଶନାଲ ଫେଡେରେଶନ ଅଫ ଟ୍ରାନ୍ସଲେଟର୍ସ ବ୍ୟତୀତ ଏହି ସଂକଳ୍ପ ଗ୍ରହଣକୁ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ କନ୍‌ଫରେନ୍ସ ଇଣ୍ଟରପ୍ରେଟର୍ସ, କ୍ରିଟିକାଲ ଲିଙ୍କ୍ ଇଣ୍ଟରନ୍ୟାଶନାଲ, ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ ପ୍ରଫେଶନାଲ ଟ୍ରାନ୍ସଲେଟର୍ସ ଏବଂ ଇଣ୍ଟରପ୍ରେଟର୍ସ, ରେଡ ଟି, ୱାର୍ଲ୍ଡ ଆସୋସିଏଶନ ଅଫ୍ ସାଇନ ଭାଷା ଅନୁବାଦକ ସମେତ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ଏହି ଦିବସ ପାଳନ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହି ଦିବସ ଅବସରରେ ଜାତିସଂଘରେ ଆରବ, ଚାଇନିଜ, ଇଂଲିଶ, ଫରାସୀ, ରୁଷୀୟ, ସ୍ପାନିଶ ଏବଂ ଜର୍ମାନରେ ଅନୁବାଦ ପାଇଁ ବାର୍ଷିକ ସେଣ୍ଟ ଜେରୋମ ଅନୁବାଦ ପ୍ରତିଯୋଗିତା ଆୟୋଜନ କରାଯାଇଥାଏ।

## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଶ୍ରୀଧର ରାଉତ**
ଖମଙ୍ଗ, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ-୦୧।୦୧।୧୯୫୧
ତିରୋଧାନ- ୧୯।୦୯।୨୦୨୨
ଆପଣ ଥିଲେ ଆମର ତଥା ସମଗ୍ର ଅଞ୍ଚଳ ପାଇଁ ମାର୍ଗ ଦର୍ଶକ। ବାଲିପାଟଣା ଅଞ୍ଚଳକୁ ଆପଣ ଶିକ୍ଷାର ଆଲୋକରେ ଆଲୋକିତ କରିଛନ୍ତି। ଆପଣଙ୍କ ନିଷ୍ପାପର କର୍ମ, ସ୍ପଷ୍ଟବାଦିତା ଆପଣଙ୍କୁ ସର୍ବଦା ଅମର କରି ରଖିବ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ: ଭ୍ରାତା, ପୁତ୍ର ଓ ପୁତ୍ରବଧୂ, କନ୍ୟା ଓ ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୩୯୭୮

**୨ୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପ୍ରସନ୍ନ କୁମାର ତ୍ରିପାଠୀ**
ଆଇଆର୍‌ସି. ଭିଲେଜ, ଭୁବନେଶ୍ୱର
ଆବିର୍ଭାବ: ତା୩୧।୧୨।୫୧
ତିରୋଧାନ: ତା୨୧।୦୯।୨୦
ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା । ଆମକୁ ଲାଗୁଛି ଆପଣ ଆମ ନିକଟରେ ଅଛନ୍ତି। ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ କର୍ମମୟ ଜୀବନଧାରା ଆମ୍ଭମାନଙ୍କୁ ସର୍ବଦା ପ୍ରେରଣା ଦେଉଅଛି। ଆଜିର ଏହି ପୁଣ୍ୟ ତିଥିରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପତ୍ନୀ, କନ୍ୟା, ଜାମାତା ଓ ନାତି ତଥା ପରିବାରବର୍ଗ ।
ଧ-୭୩୩୫୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପୀତାମ୍ବର ପଟ୍ଟନାୟକ**
ମାତୃଭବନ, କଟକରୋଡ, ଭୁବନେଶ୍ୱର-୬
ଆବିର୍ଭାବ - ୦୧/୦୯/୧୯୦୭
ତିରୋଧାନ - ୨୮/୦୯/୧୯୮୪
ବାପା, ଆପଣଙ୍କର ୩୮ ତମ ଶ୍ରାଦ୍ଧଦିବସରେ ଆପଣଙ୍କର ତ୍ୟାଗପୂତ ଜୀବନରେ ସ୍ମୃତି ସ୍ମରଣ କରି ଆପଣଙ୍କର ଆଦର୍ଶମୟ ଜୀବନର ଏକନିଷ୍ଠ କର୍ତ୍ତବ୍ୟ ପରାୟଣତା ଓ ମହାନୁଭବତାକୁ ଆମ ଜୀବନର ସର୍ବଶ୍ରେଷ୍ଠ ପଥେୟ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ ।
ଶୋକସନ୍ତପ୍ତ
ବୁଢ଼ା, ଫକୁ, ପତୁ, ପରୁ, ଲକ୍ଷ୍ମୀଧର, ପ୍ରଜ୍ଞା, ପ୍ରାଚୀ, ପୁଜା, ନାତି, ନାତୁଣୀ, ପରିବାରବର୍ଗ ଓ ନୀଳମଣି ଡେଣ୍ଟାଲ କ୍ଲିନିକ୍ ଏବଂ ଶାନ୍ତା ମେମୋରିଆଲ ଟ୍ରଷ୍ଟ ର ସଦସ୍ୟ ।
ଧ-୭୩୮୭୮



ରୁଦ୍ର ପ୍ରସନ୍ନ ରଥ

# ଅଟକିଗଲା ଚକଦା ଏକ୍ସପ୍ରେସ୍

**ଭାରତୀୟ ମହିଳା କ୍ରିକେଟରେ ଚକଦା ଏକ୍ସପ୍ରେସଭାବେ ପରିଚିତ ଥିଲେ ଝୁଲଣ ଗୋସ୍ୱାମୀ। ଗତ ଦୁଇ ଦଶନ୍ଧି ମଧ୍ୟରେ ଅନେକ କୀର୍ତ୍ତିମାନ ସ୍ଥାପନ ପରେ ଏହି ଏକ୍ସପ୍ରେସ ଗତିରେ ବିରାମ ଲାଗିଛି। ୨୦୨୨ ସେପ୍ଟେମ୍ବର ୨୪ ତାରିଖ ଦିନ ଇଂଲଣ୍ଡ ବିପକ୍ଷ ଶେଷ ଦିନିକିଆ ମ୍ୟାଚ୍‌ରେ ଭାରତୀୟ ମହିଳା କ୍ରିକେଟ୍‌କୁ ଅଲ୍‌ବିଦା ଜଣାଇଛନ୍ତି ଏହି ତାରକା ବୋଲର...**



ଶେଷରେ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ବିଶ୍ରାମ ନେଇଛି ଚକଦା ଏକ୍ସପ୍ରେସ୍। ଦୀର୍ଘ ଦୁଇ ଦଶନ୍ଧି ଧରି ଭାରତୀୟ ମହିଳା କ୍ରିକେଟ୍ ଟ୍ରାକ୍‌ରେ ହୁଙ୍କାର ଭରି ଦ୍ରୁତଗତିରେ ଦୌଡି ଚକଦା ଏକ୍ସପ୍ରେସ୍ ବିପକ୍ଷ ମନରେ ଭୟ ସୃଷ୍ଟି କରୁଥିଲା ଏବେ ଏହାର ଗତିରେ ବିରାମ ଲାଗିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତୀୟ କ୍ରିକେଟ୍‌ରେ ଏହି ଏକ୍ସପ୍ରେସ୍ ଅନବରତଭାବେ ଦୌଡି ଅନେକ କୀର୍ତ୍ତିମାନ ସ୍ଥାପନ କରିଛି। ଝୁଲଣ ନିସହିତ୍ ଗୋସ୍ୱାମୀ– ପୂରା ନାମ। ଜନ୍ମ ୨୫ ନଭେମ୍ବର ୧୯୮୨ରେ ନଦିଆ ଜିଲାର ଛୋଟ ସହର ଚକଦାରେ। ମଧ୍ୟବିତ୍ତ ବଙ୍ଗାଳୀ ପରିବାର। ମଧ୍ୟବିତ୍ତ ପରିବାର କହିଲେ ପାଠଶାଠ ପଢି ମଣିଷ ହେବା ହିଁ ସବୁକିଛି। ସବୁକଥାରେ କଟକଣା। ଝିଅ ହେଲେ ତ କଥା ସରିଲା। କଟକଣାର ଏରୁଣ୍ଡି ବନ୍ଧ ଡେଇଁ ନିଜର ପରିଚୟ ସୃଷ୍ଟି କରିବା କାଠିକର ପାଠ। ତଥାପି ଝୁଲଣ ଏଥିରେ ହାରିଯାଇ ନ ଥିଲେ। ୧୫ ବର୍ଷ ବୟସରୁ କ୍ରିକେଟକୁ ଭଲ ପାଇ ବସିଲେ। ଧୀରେ ଧୀରେ କ୍ରିକେଟ ତାଙ୍କ ଶୈଶବର ଝୁଙ୍କ ପାଲଟିଗଲା। ଆଉ ଯୌବନର ପରିଚୟ। ୧୯୯୨ରେ ଟିଭିରେ ବିଶ୍ୱକପ୍ କ୍ରିକେଟ ଦେଖି ସେ କ୍ରିକେଟକୁ ଭଲପାଇ ବସିଲେ। ଚକଦାରେ ଖେଳିବା ପାଇଁ ବିଶେଷ ସୁବିଧା ନ ଥିଲା। ଝୁଲଣ ବାଧ୍ୟ ହୋଇ କୋଲକାତା ଆସିଲେ।

ଝୁଲଣ ଯେତେବେଳେ କ୍ରିକେଟ ଖେଳିବା ଆରମ୍ଭ କଲେ ସେତେବେଳେ ପୁରୁଷ କ୍ରିକେଟ ହିଁ ସବୁକିଛି ଥିଲା। ମହିଳା କ୍ରିକେଟ ଯଦିଓ ଜନ୍ମଲାଭ କରିଥିଲା ତଥାପି ଏଥିରେ ଖେଳିବାକୁ ବେଶି ପାରିଶ୍ରମିକ ମିଳୁ ନ ଥିଲା। ଏବେ ବି ଭାରତୀୟ ମହିଳା ଖେଳାଳିଙ୍କ ପାଇଁ ଆବଶ୍ୟକ ମ୍ୟାଚ ଖେଳିବାକୁ ମିଳୁନାହିଁ। ତେବେ ଆଜି ମହିଳା କ୍ରିକେଟ୍‌ର ସ୍ୱରୂପ ଯଦି ବଦଳିଛି ତାହାର ଗୋଟିଏ ବଡ଼ ଭାଗର ଶ୍ରେୟ ଯିବ ଝୁଲଣଙ୍କ ପାଖକୁ। ୨୦୦୨ରେ ଝୁଲଣ ନିଜର ଏକଦିବସୀୟ ଏବଂ ଟେଷ୍ଟ କ୍ରିକେଟ ଆରମ୍ଭ କରିଥିଲେ ଇଂଲଣ୍ଡ ବିପକ୍ଷରେ। ଏହି କୋଡିଏ ବର୍ଷରେ ସେ ଖେଳିଛନ୍ତି ମାତ୍ର ୧୨ଟି ଟେଷ୍ଟ, ୨୦୪ଟି ଏକଦିବସୀୟ ଏବଂ ୬୮ଟି ଟି୨୦ ମ୍ୟାଚ। ଏକଦିବସୀୟରେ ବିଶ୍ୱରେ ସର୍ବାଧିକ ଉଇକେଟ ହାସଲକାରୀ ହିସାବରେ ସେ ପାଇଛନ୍ତି ୨୫୫ଟି ଉଇକେଟ ଏବଂ ଟେଷ୍ଟରେ ୪୪ ଓ ଟି୨୦ରେ ୫୬ ଉଇକେଟ। ଝୁଲଣଙ୍କ ଦୁର୍ଭାଗ୍ୟ ଭାରତୀୟ ମହିଳାଦଳକୁ ଖେଳିବାପାଇଁ ବେଶି ଟେଷ୍ଟ ମ୍ୟାଚ ମିଳି ନାହିଁ। ଆଇସିସି ଟୁର୍ନାମେଣ୍ଟ ଛଡା ଦ୍ୱିପାକ୍ଷିକ ଶୃଙ୍ଖଳା ବି ଭାରତ ବେଶି ଖେଳିପାରି ନାହିଁ। ନ ହେଲେ ଏହି ରେକର୍ଡ କାହିଁ କେତେଗୁଣରେ ଅଧିକ ହୋଇଥାନ୍ତା। ଏହା ସତ୍ତ୍ୱେ ବି ସେ ନିଜ କ୍ୟାରିୟର ଭିତରେ ଅନେକ ସଫଳତା ପାଇଛନ୍ତି। ଭାରତୀୟ ଜାତୀୟ କ୍ରିକେଟ ଦଳର ଅଧିନାୟକ ପଦ ସହ ୨୦୦୭ରେ ଆଇସିସିର ମହିଳା କ୍ରିକେଟର ଅଫ ଦ ଇୟର ପୁରସ୍କାର ହାସଲ କରିଛନ୍ତି। ୨୦୧୦ରେ ଭାରତ ସରକାରଙ୍କଠାରୁ ଅର୍ଜ୍ଜୁନ ପୁରସ୍କାର ଏବଂ ୨୦୧୨ରେ ପଦ୍ମଶ୍ରୀ ପୁରସ୍କାର ବି ପାଇଛନ୍ତି। ଭାରତ ବିଶ୍ୱକପରେ ଜିତି ନ ପାରିବା ବୋଧହୁଏ ତାଙ୍କର ଏକମାତ୍ର ଅବସୋସ ଥିବ। ତେବେ ମଣିଷର ସବୁ ଆଶା ପୂରଣ ହୁଏ ନାହିଁ। କ୍ରିକେଟରଙ୍କ ସବୁ ଆଶା ବି ପୂରଣ କେମିତି ହେବ। ନିଜ ବନ୍ଧୁ ମହଲରେ ଗୋଜି ବୋଲି ପରିଚିତ ଝୁଲଣ ଭାରତୀୟ ମହିଳା କ୍ରିକେଟ୍‌ର ଜଣେ ଆଇକନ୍ ବୋଲି ନିଶ୍ଚିତ ରୂପେ କୁହାଯାଇ ପାରିବ। ସେ ନିଜର ବୋଲିଂରେ କେବଳ ଯେ ବିପକ୍ଷ ଦଳର ଉଇକେଟ ନେଇଛନ୍ତି ତା' ନୁହେଁ, ବରଂ ଭାରତୀୟ ମହିଳାମାନଙ୍କୁ ବେଶ୍ ଉତ୍ସାହିତ କରିଛନ୍ତି ମଧ୍ୟ। କ୍ରିକେଟ ପରି ଏକ କଷ୍ଟସାଧ୍ୟ ଖେଳରେ ଅବଳା ଭାରତୀୟ ମହିଳା ବିଶ୍ୱର ସର୍ବଶ୍ରେଷ୍ଠ ମଞ୍ଚରେ ନିଜର କୃତିତ୍ୱର ସର୍ବଶ୍ରେଷ୍ଠ ପରାକାଷ୍ଠା ଦେଖାଇପାରେ ତାହା ପ୍ରମାଣିତ କରିଛନ୍ତି। ତାଙ୍କୁ ଦେଖି ଅନେକେ ଖେଳାଳି ହେବାକୁ ମନ ବଳାଇଛନ୍ତି। ମହିଳାମାନେ ବି କ୍ରିକେଟରେ ସଫଳ ହୋଇ ପାରିବେ ତାହା ସେ ଦେଖାଇ ଦେଇଛନ୍ତି।

ଭାରତୀୟ କ୍ରିକେଟକୁ ଝୁଲଣଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ତାଙ୍କ ନାମରେ ଚକଦା ଏକ୍ସପ୍ରେସ୍ ବାଓପିକ୍ ଅଛି ପୁଣି ଭାରତ ସରକାର ଝୁଲଣଙ୍କ ନାମରେ ଡାକ ଟିକେଟ ବି ବାହାର କରି ମହିଳା କ୍ରିକେଟକୁ ତାଙ୍କର ଅବଦାନକୁ ସ୍ୱୀକାର କରିଛନ୍ତି। ଭାରତୀୟ ମହିଳା କ୍ରିକେଟରେ ଝୁଲଣ ଜଣେ ଥିଲେ ଆଉ ସେ ଜଣେ ହିଁ ରହିବେ।

କ୍ୟାରିୟରର ଶେଷ ବେଳକୁ ସେ ଭାରତୀୟ ଦଳର ବୋଲିଂ ପରାମର୍ଶଦାତା ହୋଇ ରହିଥିଲେ। ପୁଣି ନିଜକୁ ଜଣେ କୋଚ୍ ଏବଂ ଖେଳାଳି ଭାବେ ଦଳ ସହ ଯାତ୍ରା କରୁଥିଲେ। ଢେର ଦିନରୁ ସେ ମହିଳା ଟି୨୦ ଦଳରୁ ଅବ୍ୟାହତି ନେଇସାରିଥିଲେ। ଆଉ ଶେଷରେ ୨୦୨୨ ସେପ୍ଟେମ୍ବର ୨୪ ତାରିଖ ଦିନ ଇଂଲଣ୍ଡ ବିପକ୍ଷ ଶେଷ ଦିନିକିଆ ମ୍ୟାଚରେ ନିଜର ଶେଷ ଓଭରରେ ଉଇକେଟ ନେଇ ଭାରତୀୟ ମହିଳା କ୍ରିକେଟକୁ ସବୁଦିନ ପାଇଁ ଅଲ୍‌ବିଦା କହିଦେଲେ।

ଯାହା ଜଣାପଡୁଛି ଝୁଲଣ ସିନା ମହିଳା କ୍ରିକେଟକୁ ଅଲ୍‌ବିଦା କହିଦେଲେ ହେଲେ କ୍ରିକେଟ ତାଙ୍କୁ ଏତେ ସହଜରେ ଛାଡିଲା ପରି ଲାଗୁନାହିଁ। ଝୁଲଣଙ୍କର ଗତ ଦୁଇ ଦଶନ୍ଧିର ମହାର୍ଘ ଅନୁଭୂତି ଭାରତୀୟ ମହିଳା କ୍ରିକେଟ ପାଇଁ ଯେ ନିହାତି ଆବଶ୍ୟକ ତାହା ଯେ କେହି ଆଖି ବୁଜି କହି ଦେଇ ପାରିବ। ତେଣୁ ଆଗାମୀ ଦିନରେ ସେ ଭାରତୀୟ ମହିଳା ଦଳର କୋଚ୍ କିମ୍ବା ବୋଲିଂ ପରାମର୍ଶଦାତାଭାବେ ଦୀର୍ଘ ମିଆଦୀ ନିଯୁକ୍ତି ପାଇଲେ ଏହା ଭାରତୀୟ କ୍ରିକେଟ ପାଇଁ ଏକ ବରଦାନ ହେବ।



ନିର୍ମଳ କୁମାର ମିଶ୍ର

# ହକି ଲୋକପ୍ରିୟତା ପଛରେ ଓଡ଼ିଶା





ହକି ବିଶ୍ୱକପ ଲୋଗୋ ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନ ପାଇଁ ହକି ଖେଳର ଲୋକପ୍ରିୟତା ବୃଦ୍ଧି ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଓଡ଼ିଶା ସରକାର ଉଭୟ ମହିଳା ଓ ପୁରୁଷ ହକି ଦଳର ପ୍ରାୟୋଜକ ରହିଛନ୍ତି। କ୍ରିକେଟର ଲୋକପ୍ରିୟତା ସତ୍ତ୍ୱେ ଓଡ଼ିଶା ଦର୍ଶକ ହକିକୁ ଭରପୂର ସମର୍ଥନ ଦେଇଆସିଛନ୍ତି। ଯାହା ଫଳରେ ଓଡ଼ିଶା ଅନ୍ତର୍ଜାତୀୟ ହକି ଆୟୋଜନର ଏକ ହବ୍ ପାଲଟି ଯାଇଛି। ରାଜ୍ୟ ସରକାର ପ୍ରତ୍ୟକ୍ଷ ଭାବେ ଭାରତୀୟ ହକିକୁ ସହଯୋଗର ହାତ ବଢ଼ାଇବା ସହ ଗୋଟିଏ ପରେ ଗୋଟିଏ ଅନ୍ତର୍ଜାତୀୟ ହକି ପ୍ରତିଯୋଗିତା ଆୟୋଜନ କରି ବିଶ୍ୱ ଦରବାରରେ ପ୍ରଶଂସା ସାଉଁଟିଛନ୍ତି। ଦୀର୍ଘଦିନ ପରେ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ଦଳ ବ୍ରୋଞ୍ଜ ପଦକ ଜିତିବା ସହିତ ମହିଳା ହକି ଦଳ ୪ର୍ଥ ସ୍ଥାନ ଅଧିକାର କରିଥିଲା। ଫଳରେ ଭାରତୀୟ ହକିର ହୃତଗୌରବ ଫେରୁଛି କହିଲେ ଭୁଲ୍ ହେବନାହିଁ।

ଓଡ଼ିଶାରେ ଲଗାତର ଅନ୍ତର୍ଜାତୀୟ ହକି ପ୍ରତିଯୋଗିତା ଆୟୋଜନ ହେଉଥିବାରୁ ଅନ୍ୟ କେତେକ ରାଜ୍ୟ ଈର୍ଷା ପୋଷଣ କରୁଛନ୍ତି। ଏପରି କି କେତେକ ୟୁରୋପୀୟ ରାଷ୍ଟ୍ର ଓଡ଼ିଶାରେ କ୍ରମାଗତ ଦ୍ୱିତୀୟ ଥର ବିଶ୍ୱକପ ଆୟୋଜନକୁ ସମାଲୋଚନା କରିଛନ୍ତି। ମାତ୍ର ଅନ୍ତର୍ଜାତୀୟ ହକି ମହାସଂଘ ଏପରି ବିରୋଧକୁ ଚତୁରତାର ସହ ମୁକାବିଲା କରି ପ୍ରତିବନ୍ଧକକୁ ଏଡାଇ ଦେଇଛନ୍ତି। ସୁନ୍ଦରଗଡଠାରେ ବିଶ୍ୱସ୍ତରୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେଠାରେ ଯେପରି ଅନ୍ତର୍ଜାତୀୟ ସ୍ତରର ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ହେବ ଏବଂ ଓଡ଼ିଶାର ସମ୍ମାନ ଯେପରି ଅକ୍ଷୁଣ୍ଣ ରହିବ ସେଥିପ୍ରତି ସତର୍କ ଦୃଷ୍ଟି ରଖା ଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତ ଯଦି କୌଣସି ବର୍ଗର ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟ ଆୟୋଜନ କରିବାର ସୁଯୋଗ ପାଉଛି ତେବେ ଅନ୍ୟ ସମସ୍ତ ରାଜ୍ୟକୁ ପଛରେ ପକାଇ ଓଡ଼ିଶା ପ୍ରଥମ ପସନ୍ଦ ବିବେଚିତ ହେଉଛି। ଅନ୍ତର୍ଜାତୀୟ ସ୍ତରର ଭିତ୍ତିଭୂମି, ଅତିଥିମାନଙ୍କୁ ଭବ୍ୟ ସ୍ୱାଗତ, ପ୍ରାୟୋଜକଙ୍କ ଆଗ୍ରହ, ଷ୍ଟାଡିୟମରେ ଭରପୂର ଦର୍ଶକ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଅନେକ ପୂର୍ବତନ ଅନ୍ତର୍ଜାତୀୟ ହକି ଖେଳାଳି ଓଡ଼ିଶାକୁ ଭୂୟସୀ ପ୍ରଶଂସା କରିଛନ୍ତି। ପ୍ରାୟୋଜକକୁ ନେଇ ଆମ ପାରମ୍ପରିକ ଖେଳ ହକି ସଙ୍କଟରେ ପଡ଼ିଥିବାବେଳେ ଓଡ଼ିଶା ସରକାରଙ୍କ ସମର୍ଥନ ଯୋଗୁ ଏବେ ପୁଣି ଉତ୍ଥାନ ପଥରେ ରହିଛି।

ହକି ପାଇଁ ଭୁବନେଶ୍ୱର ଦେଶର କ୍ରୀଡା ରାଜଧାନୀ ରୂପେ ଅଭିହିତ ହେବା ନିଶ୍ଚିତ ଆମ ପାଇଁ ଗର୍ବ ଓ ଗୌରବ। ଓଡ଼ିଶା ଜାତୀୟ ହକି ଦଳର ପ୍ରାୟୋଜକ ହେବା ଯୁବ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କର ଏପରି ପ୍ରୟାସ ପରୋକ୍ଷରେ ଖେଳ ଦୁନିଆ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ୨୦୧୪ରେ ଚାମ୍ପିୟନ୍ସ ଟ୍ରଫି, ୨୦୧୭ରେ ବିଶ୍ୱ ହକି ଲିଗ୍ ଫାଇନାଲ୍ସ, ୨୦୧୮ରେ ହକି ବିଶ୍ୱକପ୍, ୨୦୧୯ରେ ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ, ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ, ଏଫ୍‌ଆଇଏଚ୍ ପ୍ରୋ–ଲିଗ୍ ପରି ଅନ୍ତର୍ଜାତୀୟ ପ୍ରତିଯୋଗିତା ଦୀର୍ଘ ୮ ବର୍ଷ ଧରି ଆୟୋଜନ କରିବା ସହିତ ବେଶ୍ ସଫଳତା ପାଇଛି। ଏହା ନିଶ୍ଚିତ ଯେ କଳିଙ୍ଗ ଷ୍ଟାଡିୟମ ବିଶ୍ୱ ହକିର ପ୍ରାଣକେନ୍ଦ୍ର ହେବା ସହିତ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ହକି ଓ ଓଡ଼ିଶାର ସମ୍ପର୍କ ବହୁ ପୁରୁଣା।

ଭୁବନେଶ୍ୱର ପରେ ରାଉରକେଲାରେ ଏକ ବିଶ୍ୱସ୍ତରୀୟ ଷ୍ଟାଡିୟମ ନିର୍ମାଣ ହେବା ଏବଂ ୨୦୨୩ରେ ବିଶ୍ୱକପ୍‌ର ୨୦ଟି ମ୍ୟାଚ ସେଠାରେ ଖେଳାଯିବା ନିଶ୍ଚିତ ରୂପେ ସ୍ୱତନ୍ତ୍ର ଅନୁଭୂତି ଆଣିବ।

ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌ର ୧୫ତମ ସଂସ୍କରଣ ୨୦୨୩ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଓ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ନବନିର୍ମିତ ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ୨୦ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ମ୍ୟାଚ ଉପଭୋଗ କରିବା ସୁଯୋଗ ପାଇବେ। ତେଣୁ ନିଶ୍ଚିତ ରୂପେ ଏହା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଷ୍ଟାଡିୟମର ମାନ୍ୟତା ପାଇବ। ବିଶ୍ୱର ଶ୍ରେଷ୍ଠ ଷ୍ଟାଡିୟମଗୁଡିକର ସମସ୍ତ ସୁବିଧା ସୁଯୋଗ ଏଥିରେ ଉପଲବ୍ଧ ରହିବ। ଦୁଇଟି ଭେନ୍ୟୁରେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଲଢେଇ କରିବେ। କେଉଁ ଦଳ କେଉଁ ଗ୍ରୁପରେ ରହିବେ ସେପ୍ଟେମ୍ବର ୮ରେ ଡ୍ର'ପରେ ତାହା ସ୍ପଷ୍ଟ ହୋଇଛି।

ଓଡ଼ିଶାରେ କ୍ରମାଗତ ଦ୍ୱିତୀୟ ଓ ଭାରତରେ ମୋଟ ୪ର୍ଥ ଥର ହକି ବିଶ୍ୱକପ ଆୟୋଜନ ହେବାକୁ ଯାଉଛି। ବିଶ୍ୱକପ ପାଇଁ ହୋଇଥିବା ଡ୍ର' ଅନୁସାରେ ପୁଲ୍–ଏ'ରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଫ୍ରାନ୍ସ ଏବଂ ଆର୍ଜେଣ୍ଟିନା ରହିଛନ୍ତି। ପୁଲ୍–ବି'ରେ ବେଲଜିୟମ, ଜାପାନ, କୋରିଆ, ଜର୍ମାନୀ, ପୁଲ୍–ସି'ରେ ନେଦରଲାଣ୍ଡ୍ସ, ଚିଲି, ମାଲେସିଆ, ନ୍ୟୁଜିଲାଣ୍ଡ ଏବଂ ପୁଲ୍–ଡି'ରେ ଆୟୋଜକ ଭାରତ ସହିତ ୱେଲ୍ସ, ସ୍ପେନ୍, ଇଂଲଣ୍ଡ ସ୍ଥାନ ପାଇଛି। ୱାର୍ଲ୍ଡ ନଂ–୧ ଅଷ୍ଟ୍ରେଲିଆ, ବିଶ୍ୱ ଚାମ୍ପିୟନ ବେଲଜିୟମ ଏବଂ ପୂର୍ବତନ ବିଶ୍ୱ ଚାମ୍ପିୟନ ନେଦରଲାଣ୍ଡ୍ସ ଏବଂ ଜର୍ମାନୀ ପରି ଦଳଠାରୁ ଦୂରରେ ରହିଥିବାରୁ ଗ୍ରୁପ–ଡି'ରେ ଶକ୍ତିଶାଳୀ ଇଂଲଣ୍ଡ ସହିତ ଭାରତର କଡ଼ା ମୁକାବିଲା ହେବା ଆଶା କରାଯାଏ। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଇଂଲଣ୍ଡ ସହ ୪–୪ରେ ମ୍ୟାଚ ଡ୍ର ରଖିଥିଲା ଭାରତ। ୨୦୧୮ ବିଶ୍ୱକପରେ ଭାରତ ମନପ୍ରୀତ ସିଂଙ୍କ ନେତୃତ୍ୱରେ ଚାମ୍ପିୟନ ବେଲଜିୟମ ସହ ୨–୨ ଡ୍ର ରଖିଥିବା ବେଳେ ନେଦରଲାଣ୍ଡ୍ସଠାରୁ କ୍ୱାର୍ଟର ଫାଇନାଲରେ ୧–୨ରେ ହାରିଯାଇଥିଲା। ଘରୋଇ ପରିବେଶରେ କ୍ରମାଗତ ଦ୍ୱିତୀୟ ଥର ଖେଳୁଥିବାରୁ ଏଥର ଭାରତ ପାଇଁ ଟାଇଟଲ ବିଜୟର ସୁଯୋଗ ରହିବ।

**ଅତୀତ ସ୍ମୃତିରୁ**



ଅଶୋକ ମହାନ୍ତି

## ଓଡ଼ିଶାର କିମ୍ବଦନ୍ତୀ କ୍ରୀଡ଼ାବିତ୍

# ହାଇଜମ୍ପ କୁଇନ୍ ଉଷା

**ରାଜ୍ୟର ମହିଳା କ୍ରୀଡ଼ାବିତ୍‌ଙ୍କ ସଫଳତାର ଯାତ୍ରା ପ୍ରକୃତରେ ଆରମ୍ଭ ହୋଇଥିଲା ୭୦ ଦଶକରୁ ଏବଂ ଏହି ଧାରାର ଆଦ୍ୟ ସଫଳ ନାୟିକା ଥିଲେ ଉଷାରାଣୀ ମିଶ୍ର। ୭୦ ଦଶକରେ ରାଜ୍ୟର ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍‌ର ମାନ୍ୟତା ପାଇଥିବା ଉଷା ଦୌଡ଼କୁଦର ଚାରୋଟି ପ୍ରମୁଖ ବିଭାଗ ୧୦୦ମି. ସ୍ପ୍ରିଣ୍ଟ, ହର୍ଡଲ୍ସ, ଲଙ୍ଗଜମ୍ପ ଓ ହାଇଜମ୍ପରେ ବିଶେଷ ଦକ୍ଷତା ହାସଲ କରିଥିଲେ...**

ଗତ ନବେ ଦଶକ ପରଠାରୁ ରାଜ୍ୟର ମହିଳା କ୍ରୀଡ଼ାବିତ୍‌ମାନଙ୍କର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଫଳତା ଜାରିରହିଛି। ବିଶେଷ ଭାବେ ଦୌଡ଼କୁଦ ଏବଂ ହକିରେ ଆମର ମହିଳା କ୍ରୀଡ଼ାବିତ୍‌ମାନେ ସେମାନଙ୍କର ଉଚ୍ଚକୋଟୀର ପ୍ରଦର୍ଶନ ମାଧ୍ୟମରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଅନ୍ତର୍ଜାତୀୟ ଦୌଡ଼କୁଦରେ ରାଜ୍ୟର ପ୍ରଥମ ପଦକ ବିଜେତା ପ୍ରଣତି ମିଶ୍ର (୧୯୯୦ ସିଓଲ ଏସୀୟ କ୍ରୀଡ଼ାର ୪ × ୪୦୦ ମି. ରିଲେରେ ରୌପ୍ୟ ପଦକ)ଙ୍କଠାରୁ ଆରମ୍ଭ ହୋଇଥିବା ଏହି ସଫଳତାର ଧାରା ପରବର୍ତ୍ତୀ ସମୟରେ ଯେଉଁ କ୍ରୀଡ଼ାବିତ୍‌ମାନେ ବଜାୟ ରଖି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ରଚିତା ପଣ୍ଡା, ଅନୁରାଧା ବିଶ୍ୱାଳ, ସୁଷମା ବେହେରା, ସାହେବାଣୀ ଓରାମ, ଜଉନା ମୁର୍ମୁ, ପୂର୍ଣ୍ଣିମା ହେମ୍ବ୍ରମ୍, ଶ୍ରାବଣୀ ନନ୍ଦ ଏବଂ ବର୍ତ୍ତମାନ ଏସିଆ ମହାଦେଶର ଅନ୍ୟତମ ଶ୍ରେଷ୍ଠ ଦ୍ରୁତ ଧାବିକା ଦୂତୀ ଚାନ୍ଦ।

ଏହି ପରିପ୍ରେକ୍ଷୀରେ ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟର ମହିଳା କ୍ରୀଡ଼ାବିତ୍‌ଙ୍କ ସଫଳତାର ଯାତ୍ରା ପ୍ରକୃତରେ ଆରମ୍ଭ ହୋଇଥିଲା ୭୦ ଦଶକରୁ ଏବଂ ଏହି ଧାରାର ଆଦ୍ୟ ସଫଳ ନାୟିକା ଥିଲେ ଉଷାରାଣୀ ମିଶ୍ର। ୭୦ ଦଶକରେ ରାଜ୍ୟର ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍‌ର ମାନ୍ୟତା ପାଇଥିବା ଉଷା ଦୌଡ଼କୁଦର ଚାରୋଟି ପ୍ରମୁଖ ବିଭାଗ ଯଥା– ୧୦୦ମି. ସ୍ପ୍ରିଣ୍ଟ, ହର୍ଡଲ୍ସ, ଲଙ୍ଗଜମ୍ପ ଓ ହାଇଜମ୍ପରେ ବିଶେଷ ଦକ୍ଷତା ହାସଲ କରିଥିଲେ। ୧୯୫୮ରେ ଜନ୍ମିତ ଉଷା କଟକସ୍ଥିତ ସନତନଳିନୀ ବାଳିକା ବିଦ୍ୟାଳୟରେ ପଢୁଥିବା ସମୟରେ ଦୌଡ଼କୁଦ ପ୍ରତି ଆକର୍ଷିତ ହୋଇଥିଲେ। ଏହି ଲେଖକ ସହିତ ଟେଲିଫୋନ ବାର୍ତ୍ତାଳାପରେ ପ୍ରକାଶ କରିଥିବା ତାଙ୍କର ବକ୍ତବ୍ୟ ଥିଲା ଏହିପରି– ''ବିଦ୍ୟାଳୟରେ ପଢୁଥିବା ସମୟରେ ମୁଁ ହଷ୍ଟେଲରେ ଅବସ୍ଥାନ କରୁଥିଲି ଏବଂ କଠୋର ଅନୁଶାସନ ମଧ୍ୟରେ ରହୁଥିଲି। ଆମ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଆଇରନ ଲତିକା ଦାସ (ଯିଏକି କ୍ରୀଡ଼ା ମହଲରେ ଆଇରନ ଦିଦି ଭାବେ ପରିଚିତ ଥିଲେ) ମୋତେ କ୍ରୀଡ଼ା କାର୍ଯ୍ୟକ୍ରମରେ ଭାଗନେବା ପାଇଁ ଉତ୍ସାହିତ କରିଥିଲେ ଏବଂ ନିଜ ଝିଅ ଭଳି ଭଲ ପାଉଥିଲେ ଓ ତାଲିମ ପ୍ରଦାନ କରୁଥିଲେ। ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ମୁଁ କ୍ରୀଡ଼ା ଅଭ୍ୟାସରେ ମନୋନିବେଶ କଲି ଏବଂ କ୍ରୀଡ଼ାକ୍ଷେତ୍ରରେ ଅଗ୍ରସର ହେଲି। ପରବର୍ତ୍ତୀ ସମୟରେ ଓଡ଼ିଶା ଅଲିମ୍ପିକ ସଂଘର ତତ୍କାଳୀନ ଆଥଲେଟିକ କୋଚ ଅସୀମା ଦାସ ଏବଂ ଏମ୍‌ଏସ୍ ଲ' କଲେଜର କ୍ରୀଡ଼ା ଅଧିକାରୀ ଓ ଆଥ୍‌ଲେଟିକ କୋଚ ପୂର୍ଣ୍ଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମୋର କ୍ରୀଡ଼ା ଦକ୍ଷତା ଅଧିକ ଶାଣିତ ହୋଇଥିଲା।''

୭୦ଦଶକରେ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରଥମେ କନିଷ୍ଠ ଏବଂ ପରେ ବରିଷ୍ଠ ବର୍ଗରେ ୧୦୦ମି ଦୌଡ଼, ୬୦ ଏବଂ ୮୦ମି. ହର୍ଡଲ୍ସ ଓ ପରେ ୧୦୦ମି ହର୍ଡଲ୍ସ, ଲଙ୍ଗଜମ୍ପ ଏବଂ ହାଇଜମ୍ପରେ ଲଗାତର ଭାବେ ପ୍ରଥମ ସ୍ଥାନ ଅଧିକାର କରୁଥିବା ଉଷା ଜାତୀୟ ସ୍ତରରେ ହାଇଜମ୍ପ ଇଭେଣ୍ଟକୁ ଅଗ୍ରାଧିକାର ଦେଇ ପ୍ରୟାସ ଜାରି ରଖିଥିଲେ। ୧୯୭୦ରୁ ୧୯୭୯ ମଧ୍ୟରେ ସେ ହାଇଜମ୍ପ ଇଭେଣ୍ଟରେ ଦେଶର ଶ୍ରେଷ୍ଠ ହାଇଜମ୍ପର ଭାବେ ୯ଥର ଜାତୀୟ ରେକର୍ଡ ସୃଷ୍ଟି କରିଥିଲେ। ୧୯୭୭ରେ ମାଡ୍ରାସଠାରେ ଅନୁଷ୍ଠିତ ଆନ୍ତଃରାଜ୍ୟ ଜାତୀୟ ଆଥ୍‌ଲେଟିକ ମିଟ୍‌ର ହାଇଜମ୍ପରେ ୧.୬୭ ମିଟର ଉଚ୍ଚତା ଅତିକ୍ରମ କରି ଜାତୀୟ କୀର୍ତ୍ତିମାନ ସ୍ଥାପନ କରିଥିଲେ, ଯାହାକି ପରବର୍ତ୍ତୀ ୧୨ ବର୍ଷ ପର୍ଯ୍ୟନ୍ତ ଅତୁଟ ରହିଥିଲା। ଏହି ବିରଳ ରେକର୍ଡ ଅଧିକାରୀ ହେବାରେ ସେ ଥିଲେ ରାଜ୍ୟର ପ୍ରଥମ କ୍ରିଡ଼ାବିତ୍। ଏପରିକି ଅନ୍ତର୍ଜାତୀୟ କ୍ଷେତ୍ରରେ ମଧ୍ୟ ପ୍ରଥମ ମହିଳା ଆଥଲେଟ୍ ଭାବେ ଉଷା ୧୯୭୪ରେ ଭାରତୀୟ ବିଦ୍ୟାଳୟ ଦଳର ସଦସ୍ୟ ଭାବେ ଇଟାଲିର ଫ୍ଲୋରେନ୍ସ ସହରରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ବିଦ୍ୟାଳୟ ଆଥଲେଟିକ୍ ମିଟ୍‌ରେ ଭାଗ ନେବାର କୃତିତ୍ୱ ହାସଲ କରିଥିଲେ। (ଏଠାରେ ଉଲ୍ଲେଖଯୋଗ୍ୟ ଯେ ଉଷାଙ୍କ ସମସାମୟିକ ବଲାଙ୍ଗୀର ଜିଲାର ଆନନ୍ଦିନୀ ଦର୍ଜି ମଧ୍ୟ ୭୦ ଦଶକରେ ରାଜ୍ୟରେ ଶ୍ରେଷ୍ଠ ମଧ୍ୟମ ଦୂର ଇଭେଣ୍ଟ୍ସ (୪୦୦ମି ଓ ୮୦୦ମି)ର ଶ୍ରେଷ୍ଠ ଆଥଲେଟ୍ ହେବା ସହିତ ଜାତୀୟସ୍ତରରେ ମଧ୍ୟ ସଫଳତା ହାସଲ କରିଥିଲେ ଏବଂ ଫ୍ରାନ୍ସର ପ୍ୟାରିସଠାରେ ଏକ ପ୍ରତିଯୋଗିତା (୧୯୭୪) ରେ ଭାଗ ନେଇଥିଲେ)। ଜଣେ ଅତ୍ୟନ୍ତ ସରଳ ଓ ଶୃଙ୍ଖଳିତ କ୍ରୀଡ଼ାବିତ୍‌ଭାବେ ପ୍ରତିଷ୍ଠା ଅର୍ଜନ କରିଥିବା ଉଷାରାଣୀ ମିଶ୍ର ସୀତାଂଶୁ ଲେସ୍‌ଲିଙ୍କୁ ବିବାହ କରିବା ପରେ ଉଷା ଲେସ୍‌ଲି ଭାବେ ପରିଚିତ ହୋଇଥିଲେ। ଜାତୀୟ ସ୍ତରରେ ତାଙ୍କ କ୍ରୀଡ଼ା ସଫଳତାକୁ ବିଚାରକୁ ନେଇ ଭାରତୀୟ ରେଳ ମନ୍ତ୍ରାଳୟ୧୯୭୯ରେ ତାଙ୍କୁ ଟିକେଟ କଲେକ୍ଟର ଭାବେ ନିଯୁକ୍ତି ପ୍ରଦାନ କରିଥିଲା। ୨୦୧୮ରେ ଅବସର ନେଲାପରେ ଉଷା ବର୍ତ୍ତମାନ ପରିବାର ସହିତ ବାଲେଶ୍ୱରରେ ଅବସ୍ଥାନ କରୁଛନ୍ତି।

୭୦ ଦଶକର ଏହି ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ୨୦୦୭ରେ କ୍ରୀଡ଼ା ପ୍ରତି ଜୀବନ ବ୍ୟାପୀ ଅବଦାନ ପାଇଁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ କରିଥିଲା।



## କ୍ରେଡିଟ୍

ହକିର ପୁରୁଣା ଗଡ଼ ହାଇଦ୍ରାବାଦ
ଭୋପାଳ, ଲକ୍ଷ୍ନୌରୁ ଖୋଜି
ଭଲ ପ୍ରତିଭାଙ୍କୁ ପ୍ରାୟୋରିଟି ଦେବି
କହଇ ଦିଲୀପ ଆଜି
ବିନା ଲଢ଼େଇରେ ପାଜି
ହକି ଇଣ୍ଡିଆର ସଭାପତି ଟିର୍କୀ
ହକି ବାଡ଼ି ମାଜି ମାଜି।

ଭୁବନେଶ୍ୱର ଓ ରାଉରକେଲାରେ
ହବ ବିଶ୍ୱକପ ହକି
ସୁନ୍ଦରଗଡ଼ର ନିଉ ବିର୍ସାମୁଣ୍ଡା
ଷ୍ଟାଡିୟମ ହେବ ସାଖୀ
ମନପ୍ରୀତ ସିଂ ଲକି
ଟିମ୍ ଇଣ୍ଡିଆର କ୍ୟାପ୍‌ଟେନ ଖେଳିବ
ସ୍ପେନ୍ ସଙ୍ଗେ କାନ୍ଧ ରଖି।

ଏକଦା ହକିର ଅନ୍ତୁଡ଼ିଶାଳଟା
ହୋଇଯାଉଥିଲା କଣ୍ଟା
ବୀରପୁତ୍ର ବିଜୁ ବାବୁଙ୍କ ସୁପୁତ୍ର
ନବୀନ ଭିଡ଼ିଲେ ଅଣ୍ଟା
ଥୁଣ୍ଟାକୁ କରିଲେ ମେଣ୍ଟା
ଅଲ୍ କ୍ରେଡିଟ୍ ଗୋଜ୍ ଟୁ ଆୱାର ସିଏମ୍
କୁଲ ମ୍ୟାନ୍ ପିଏ ଫାଣ୍ଟା।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ସେପ୍ଟେମ୍ବର ୩୦/୨୦୨୨ Sambalpur, Friday, September 30/ 2022


ବାରବାଟୀ ଷ୍ଟାଡିୟମରେ ଗୁରୁବାର ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ମ୍ୟାଚ ପୂର୍ବରୁ ଖେଳାଳି ଓ ଅନ୍ୟ ଅଫିସିଆଲ୍‌ଙ୍କ ସହ ରାଜ୍ୟପାଳ ଗଣେଶୀ ଲାଲ।

# କୈଫ୍, ରାଇଡରଙ୍କ ଅର୍ଦ୍ଧଶତକ

**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ**

କଟକ, ୨୯।୯,(ସ୍ପୋର୍ଟ୍ସ ବ୍ୟୁରୋ)

ଲିଜେଣ୍ଡ୍ସ ଲିଗ୍ କ୍ରିକେଟ୍ ଓଡ଼ିଶା ସଂସ୍କରଣର ଅନ୍ତିମ ମ୍ୟାଚ ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଇଣ୍ଡିଆ କ୍ୟାପିଟାଲ୍ସ ଏବଂ ମଣିପାଲ ଟାଇଗର୍ସ ମଧ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟସ୍ ପକାଇଥିଲେ। ଟସ୍ ଜିତି କ୍ୟାପିଟାଲ୍ସ ଅଧିନାୟକ ଗୌତମ ଗମ୍ଭୀର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପିଚ୍‌ରୁ ଫାଇଦା ଉଠାଇ ଟାଇଗର୍ସ ଦଳର ମହମ୍ମଦ କୈଫ୍ ଓ ଜେସି ରାଇଡର ଅର୍ଦ୍ଧଶତକ ହାସଲ କରିଥିଲେ। ମଣିପାଲ ଟାଇଗର୍ସ ୨୦ ଓଭରରେ ୫ ଉଇକେଟ ହରାଇ ୧୬୧ ରନ୍ ସଂଗ୍ରହ କରିଥିଲା। ମଣିପାଲ ଟାଇଗର୍ସର ଆରମ୍ଭ ଏତେଟା ଭଲ ରହି ନ ଥିଲା। ଗତ ମ୍ୟାଚର ଅର୍ଦ୍ଧଶତକ ହାସଲକାରୀ ଟାଟେଣ୍ଡା ଟାଇବୁ ପ୍ରଥମ ଓଭରରେ ମାତ୍ର ୫ ରନ୍ କରି ଆଉଟ ହୋଇଥିଲେ। ପୂର୍ବତନ ଅଷ୍ଟ୍ରେଲୀୟ ପେସର ମିଚେଲ ଜନସନ୍ ତାଙ୍କୁ ଆଉଟ କରିଥିଲେ। ତେବେ ଦ୍ୱିତୀୟ ଉଇକେଟରେ ଶତକୀୟ ପାର୍ଟନରଶିପ୍ ଗଢ଼ି ମଣିପାଲ ଟାଇଗର୍ସଙ୍କୁ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ ମହମ୍ମଦ କୈଫ୍ ଓ ଜେସି ରାଇଡର। ମଣିପାଲ ତରଫରୁ ଉଭୟ ଚଳିତ ସିଜନରେ ନିଜର ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ରାଇଡର(୭୯) ଓ କୈଫ୍(୬୭)ଙ୍କ ମଧ୍ୟରେ ୧୨୬ ରନର ପାର୍ଟନରଶିପ୍ ହୋଇଥିଲା। ୫୬ ବଲ ଖେଳିଥିବା ରାଇଡର ୫ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ସେହିପରି କୈଫ୍ ୪୮ ବଲ୍ ଖେଳି ୯ ଚୌକା ଓ ୧ ଛକା ମାରିଥିଲେ। ୧୮ ଓଭର ସୁଦ୍ଧା ଦଳ ୧୫୦ ରନ୍ ପାର କରି କରିଥିବାରୁ ମଣିପାଲ ଏକ ବଡ଼ ସ୍କୋର କରିବା ଆଶା କରାଯାଉଥିଲା। ମାତ୍ର ଲିଆମ୍ ପ୍ଲଙ୍କେଟ ଏବଂ ରଜତ ଭାଟିଆ ରନଗତି ଉପରେ ଅଙ୍କୁଶ ଲଗାଇଥିଲେ। ୧୯ ତମ ଓଭର ବୋଲିଂ କରୁଥିବା ପ୍ଲଙ୍କେଟ୍ ମାତ୍ର ୮ ରନ୍ ଦେଇ ଉଭୟ କୈଫ୍ ଓ ରାଇଡରଙ୍କୁ ପ୍ୟାଭିଲିୟନ୍ ପଠାଇଥିଲେ। ଶେଷ ଓଭରରେ ରଜତ ଭାଟିଆ ମଧ୍ୟ ୪ ରନ୍ ଦେଇ ୨ ଉଇକେଟ ନେବାରୁ ମଣିପାଲ ୧୬୧ ରନରେ ସୀମିତ ରହିଥିଲା। ଇଣ୍ଡିଆ କ୍ୟାପିଟାଲ୍ସ ପକ୍ଷରୁ ଲିଆମ୍ ପ୍ଲଙ୍କେଟ ଓ ରଜତ ଭାଟିଆ ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ଜନସନଙ୍କ ହାତରେ ଲାଗିଥିଲା ଗୋଟିଏ ସଫଳତା। ଏହି ଅର୍ଦ୍ଧଶତକ ସହିତ ମହମ୍ମଦ କୈଫ୍ ଚଳିତ ସିଜନରେ ସର୍ବାଧିକ ରନ୍ ସଂଗ୍ରହକାରୀଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି।


ଶତକୀୟ ଭାଗୀଦାରି ଅବସରରେ ମହମ୍ମଦ କୈଫ ଓ ଜେସି ରାଇଡର।

**ସଂକ୍ଷିପ୍ତ ସ୍କୋର**

ମଣିପାଲ ଟାଇଗର୍ସ ୨୦ ଓଭରରେ ୧୬୧/୫ (ଜେସି ରାଇଡର-୭୯, ମହମ୍ମଦ କୈଫ-୬୭, ଲିଆମ ପ୍ଲଙ୍କେଟ-୨/୩୧, ରଜତ ଭାଟିଆ-୨/୧୪, ମିଚେଲ ଜନସନ-୧/୨୮)।

## ଟସ ପକାଇଲେ ରାଜ୍ୟପାଳ

ଗୁରୁବାର ଇଣ୍ଡିଆ କ୍ୟାପିଟାଲ୍ସ ଓ ଗୁଜୁରାଟ ଜାଏଣ୍ଟ୍ସ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଟସ ପକାଇଥିଲେ। ଇଣ୍ଡିଆ କ୍ୟାପିଟାଲ୍ସ ଜିତି ବୋଲିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଏହି ଅବସରରେ ରାଜ୍ୟପାଳଙ୍କ ପୁତ୍ର ମନିଷ ସିଂ ଲାଲ ମଧ୍ୟ ଉପସ୍ଥିତ ଥିଲେ। ଟସ ପକାଇବା ପରେ କିଛି ସମୟ ପାଇଁ ଷ୍ଟାଡିୟମ ପରିସରରେ ଉପସ୍ଥିତ ରହି ସେ ଖେଳ ଉପଭୋଗ କରିଥିଲେ।

## ୬,୭ ନମ୍ବର ଗ୍ୟାଲେରୀ ଛାଡ଼ି ସବୁ ଭରପୁର

ବାରବାଟୀ ଷ୍ଟାଡିୟମରେ ଗୁରୁବାର ଲିଜେଣ୍ଡ୍ସ ଲିଗ୍‌ର ଶେଷ ମ୍ୟାଚ୍ ହୋଇଥିବାରୁ ଦର୍ଶକଙ୍କ ବେଶ୍ ଭିଡ଼ ଜମିଥିଲା। କିଏ ପ୍ରଥମ ଥର ଷ୍ଟାଡିୟମରେ ଖେଳ ଦେଖିବାକୁ ଆସିଥିଲା ତ ଆଉ କିଏ ନିଜ ପ୍ରିୟ ଖେଳାଳିଙ୍କ ପାଇଁ ଆସିଥିଲା। ୧, ୨, ୩, ୪, ୫ ନମ୍ବର ଗ୍ୟାଲେରିରେ ଲୋକ ଭରି ଯାଇଥିଲେ।


ଷ୍ଟାଡିୟମ ଗ୍ୟାଲେରିରେ ଭରପୂର ଦର୍ଶକ।

# ଭାରତକୁ ୨ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ

**ବିଶ୍ୱ କ୍ୟାଡେଟ୍ ଚେସ୍**

- ଓଡ଼ିଶାର ଅପରାଜିତା ଥିଲେ ଭାରତୀୟ ମହିଳା ଦଳର ପ୍ରଶିକ୍ଷକ

ଭୁବନେଶ୍ୱର, ୨୯।୯ (କ୍ରୀଡ଼ା ପ୍ରତିନିଧି)

ଜର୍ଜିଆର ବାଟୁମିଠାରେ ବିଶ୍ୱ କ୍ୟାଡେଟ୍ ଚେସ୍ ଚାମ୍ପିୟନଶିପ୍ ଚଳିତ ମାସ ୧୫ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ୮ ବର୍ଷରୁ କମ୍ (ବାଳିକା ଓ ବାଳକ), ୧୦ ବର୍ଷରୁ କମ୍ (ବାଳିକା ଓ ବାଳକ) ଓ ୧୨ ବର୍ଷରୁ କମ୍ (ବାଳିକା ଓ ବାଳକ) ବର୍ଗରେ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ମୋଟ ୭୪୭ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ଭାରତରୁ ୨୫ ଜଣ ପ୍ରତିନିଧିତ୍ୱ କରିଥିଲେ। ଭାରତ ଏହି ପ୍ରତିଯୋଗିତାରୁ ୨ ସ୍ୱର୍ଣ୍ଣ ଓ ୧ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ପାଇଁ ଗର୍ବର କଥା ହେଉଛି ଯେ, ଜଣେ ଓଡ଼ିଆ ଝିଅ କ୍ୟାଣ୍ଡିଡେଟ ମାଷ୍ଟର ଅପରାଜିତା ଗୋଚ୍ଛିକାର ବାଳିକା ଦଳର ପ୍ରଶିକ୍ଷକ ଥିଲେ। ତାମିଲନାଡୁର ସୁବ୍ରମଣ୍ୟନ୍ ଏସ.ସି. ବାଳକ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ଅଲ୍ ଇଣ୍ଡିଆ ଚେସ୍ ଫେଡେରେଶନ୍ (ଏଆଇସିଏଫ୍)ର ସମ୍ପାଦକ ବିପନେଶ ଭରଦ୍ୱାଜ ପ୍ରତିନିଧି ଦଳର ମୁଖ୍ୟ ଭାବେ ଯୋଗ ଦେଇଥିଲେ। ୧୨ ବର୍ଷରୁ କମ୍ ବାଳିକା ବର୍ଗରେ ଏଏଫ୍‌ଏମ୍ ଶୁଭି ଗୁପ୍ତା ସ୍ୱର୍ଣ୍ଣ, ୮ ବର୍ଷରୁ କମ୍ ବାଳିକା ବର୍ଗରେ ଚାରଭି ଏ. ସ୍ୱର୍ଣ୍ଣ ଏବଂ ୮ ବର୍ଷରୁ କମ୍ ଓପନ୍ ବର୍ଗରେ ଏଏଫ୍‌ଏମ୍ ସାଫିନ୍ ସଫରୁଲ୍ଲାଖାନ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଅପରାଜିତାଙ୍କ ପ୍ରଶିକ୍ଷଣରେ ଉଭୟ ଚାରଭି ଓ ଶୁଭି ଶ୍ରେଷ୍ଠ ସଫଳତା ପାଇଛନ୍ତି। ମୋଟ ପଦକ ତାଲିକାରେ ରୁଷିଆ (ଫିଡେ ଭାବେ ପ୍ରତିନିଧିତ୍ୱ କରୁଥିବା) ୨ଟି ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଛି। ଭାରତ ଦ୍ୱିତୀୟ ସ୍ଥାନରେ ଥିବାବେଳେ ୨ ସ୍ୱର୍ଣ୍ଣ ପଦକ ଜିତି ଫ୍ରାନ୍ସ ତୃତୀୟ ସ୍ଥାନରେ ରହିଛି।


ବାଳିକା ବର୍ଗରେ ସ୍ୱର୍ଣ୍ଣ ପଦକ ବିଜେତା ଶୁଭି ଗୁପ୍ତା ଓ ଚାରଭି ଏ.ଙ୍କ ସହ ଅପରାଜିତା ଗୋଚ୍ଛିକାର।

## ଫାଇନାଲରେ ଶ୍ରୀୟଙ୍କା



**ଭୁବନେଶ୍ୱର, ୨୯।୯ (କ୍ରୀଡ଼ା ପ୍ରତିନିଧି):** ଗୁଜରାଟରେ ଚାଲିଥିବା ଜାତୀୟ କ୍ରୀଡ଼ା ଶୁଟିଂ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଶ୍ରୀୟଙ୍କା ଷଡ଼ଙ୍ଗୀ। ଅହମଦାବାଦର ରାଇଫଲ କ୍ଲବରେ ଅନୁଷ୍ଠିତ ଶୁଟିଂର ୧୦ ମିଟର ଏୟାର ରାଇଫଲରେ ମୋଟ୍ ୬୨୯.୩ ପଏଣ୍ଟ ରଖି ଶ୍ରୀୟଙ୍କା ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଶୁକ୍ରବାର ଫାଇନାଲ ଇଭେଣ୍ଟ ଅନୁଷ୍ଠିତ ହେବ। ରାଜ୍ୟର ୧୬ ଶୁଟର ଏଥିରେ ଭାଗନେଇଥିଲେ ବୋଲି ଟିମ୍ ମ୍ୟାନେଜର ଗୌରୀ ମହାନ୍ତି ଜଣାଇଛନ୍ତି।

## ସୁନ୍ଦରଗଡ଼-କିଟ୍ ଫାଇନାଲ

**ରାଜ୍ୟ ସବ୍‌ଜୁନିୟର ପୁରୁଷ ହକି**

ଭୁବନେଶ୍ୱର, ୨୯।୯ (ସ୍ପୋର୍ଟ୍ସ ବ୍ୟୁରୋ)

ହକି ଆସୋସିଏଶନ ଅଫ୍ ଓଡ଼ିଶା (ଏଚ୍ଓଏ) ଆନୁକୂଲ୍ୟରେ ଚାଲିଥିବା ରାଜ୍ୟ ସବ୍-ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍ ଫାଇନାଲ ସୁନ୍ଦରଗଡ଼ ଓ କିଟ୍/କିସ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ହେବ। ସେମିଫାଇନାଲରେ ସୁନ୍ଦରଗଡ଼ ୩-୧ ଗୋଲ୍‌ରେ ଢେଙ୍କାନାଳକୁ ପରାସ୍ତ କରିଥିବା ବେଳେ କିଟ୍/କିସ୍ ୨-୦ ଗୋଲ୍‌ରେ ଦେଓଗଡ଼କୁ ହରାଇ ଦେଇଛି। ୩ୟ ଓ ୪ର୍ଥ ସ୍ଥାନ ପାଇଁ ଦେଓଗଡ଼ ଓ ଢେଙ୍କାନାଳ ମଧ୍ୟରେ ମୁକାବିଲା ହେବ। ହକି ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ପ୍ରଥମ ଥର ଆୟୋଜିତ ସବ୍-ଜୁନିୟର ହକି ଚାମ୍ପିୟନଶିପ୍‌ରେ ବିଭିନ୍ନ ଜିଲା, ଏକାଡେମୀ ଓ ପ୍ରତିଷ୍ଠାନରୁ ୫୦୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେଇଥିଲେ। ଟୁର୍ନାମେଣ୍ଟରୁ ଚିହ୍ନଟ ପ୍ରତିଭା ଖେଳାଳି ୨୦୨୩ରେ ଆୟୋଜିତ ହେବାକୁଥିବା ହକି ଇଣ୍ଡିଆ ଜାତୀୟ ଚାମ୍ପିୟନଶିପ୍ ୨୦୨୩ରେ ଓଡ଼ିଶା ଦଳରୁ ପ୍ରତିନିଧିତ୍ୱ କରିବେ। ଏହି ପରିପ୍ରେକ୍ଷୀରେ ହକି ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ତଥା ହକି ପ୍ରମୋଶନ କାଉନ୍‌ସିଲ ଚେୟାରମ୍ୟାନ ଦିଲୀପ ତିର୍କୀ କହିଛନ୍ତି ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍‌ରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଚାପ ପରିସ୍ଥିତିରେ ଆମ ଖେଳାଳିଙ୍କଠାରୁ ଉଚ୍ଚସ୍ତର ଖେଳ ଦେଖିବାକୁ ମିଳିଥିଲା। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ସମର୍ଥନ ଓ ମାର୍ଗଦର୍ଶନ ଯୋଗୁ ଟୁର୍ନାମେଣ୍ଟର ଆୟୋଜନ ସମ୍ଭବ ହୋଇପାରିଛି। ସେ ଆହୁରି ମଧ୍ୟ ଟୁର୍ନାମେଣ୍ଟ ବେଳେ ଖେଳାଳିଙ୍କ ରହଣୀ ବ୍ୟବସ୍ଥା କରିଥିବାରୁ କିଟ୍ ୟୁନିଭର୍ସିଟି ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଟି୨୦ ବିଶ୍ୱକପ୍‌ରୁ ବୁମ୍‌ରା ଆଉଟ

**ନୂଆଦିଲ୍ଲୀ,୨୯।୯(ପି.ଟି.):** ପିଠିରେ ଇଞ୍ଜୁରି ଯୋଗୁ ଭାରତର ପ୍ରମୁଖ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ଆସନ୍ତା ମାସରେ ଅଷ୍ଟ୍ରେଲିଆରେ ହେବାକୁଥିବା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଖେଳିପାରିବେ ନାହିଁ। ତାଙ୍କ ଅନୁପସ୍ଥିତିରେ ଟୁର୍ନାମେଣ୍ଟରେ ଭାରତର ସମ୍ଭାବନା ପ୍ରତି ଶକ୍ତ ଧକ୍କା ହୋଇଛି। ଇଞ୍ଜୁରି ପାଇଁ ବୁମ୍‌ରା ୬ମାସ ଧରି ଖେଳିପାରିବେ ନାହିଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ବୁମ୍‌ରାଙ୍କ ସ୍ଥାନରେ ଦୀପକ ଚହର କିମ୍ବା ମହମ୍ମଦ ଶାମିଙ୍କୁ ମୁଖ୍ୟ ଦଳରେ ସ୍ଥାନ ମିଳିପାରେ। ଉଭୟ ଖେଳାଳି ଏହି ସମ୍ମାନଜନକ ଟୁର୍ନାମେଣ୍ଟ ପାଇଁ ଷ୍ଟାଣ୍ଡବାଇ ଖେଳାଳି ରହିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଓ ତୃତୀୟ ଟି୨୦ ଖେଳିଥିବା ବୁମ୍‌ରା ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ଓପନର ଖେଳିବା ଲାଗି ଦଳ ସହିତ ଥିରୁଭାନନ୍ଥପୁରମ ଯାଇ ନ ଥିଲେ। ରବୀନ୍ଦ୍ର ଜାଡେଜାଙ୍କ ପରେ ୨୮ ବର୍ଷୀୟ ଫାଷ୍ଟ ବୋଲର ଦ୍ୱିତୀୟ ଖେଳାଳି ଭାବେ ବିଶ୍ୱକପ୍ ଖେଳିପାରିବେ ନାହିଁ। ଜାଡେଜାଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର ହୋଇଛି। ସେ କ୍ରମେ ସୁସ୍ଥ ହେଉଛନ୍ତି। ଭାରତୀୟ ଦଳରେ ଏବେ ଅସ୍ଥିରତା ପରିଲକ୍ଷିତ ହେଉଥିବା ବେଳେ ବୁମ୍‌ରା ଓ ଜାଡେଜାଙ୍କ ଅନୁପସ୍ଥିତି ଦଳ ପାଇଁ ବଡ଼ ଚିନ୍ତାର ବିଷୟ ପାଲଟିଛି। କାରଣ ଏହି ଦୁଇ ଖେଳାଳିଙ୍କୁ ନେଇ ଟି୨୦ ବିଶ୍ୱକପର ରଣନୀତି ପ୍ରସ୍ତୁତ କରାଯାଇଥିଲା। ବହୁ ସିନିୟର ଖେଳାଳିଙ୍କୁ ଯଥେଷ୍ଟ ବିଶ୍ରାମ ଦିଆଯାଇଥିଲା।

# ବଧିର ଟେଷ୍ଟ କ୍ରିକେଟ୍: ବେଙ୍ଗଲଠୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୨୯।୯ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ବଧିର କ୍ରିକେଟ୍ ସଂଘ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ହାଇଟେକ୍ ପଡ଼ିଆରେ ଓଡ଼ିଶା ଓ ବେଙ୍ଗଲ ମଧ୍ୟରେ ଏକ ଟେଷ୍ଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଏକ ଇନିଂସ ଓ ୫ ରନରେ ପରାଜିତ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପ୍ରଥମ ଇନିଂସରେ ୭୮ ରନ୍ କରିଥିବାବେଳେ ଭ୍ରମଣକାରୀ ବେଙ୍ଗଲ ୧୧୩ ରନ୍ କରି ୩୫ ରନରେ ଅଗ୍ରଣୀ ହାସଲ କରିଥିଲା। ଓଡ଼ିଶାର ଦ୍ୱିତୀୟ ପାଳି ମାତ୍ର ୩୦ ରନରେ ଶେଷ ହୋଇ ଯାଇଥିଲା। ଫଳରେ ବେଙ୍ଗଲ ଏହି ମ୍ୟାଚ୍ ଜିତିଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ କ୍ରୀଡ଼ା ବିଭାଗର ଅଧିକାରୀ ରାଜେନ୍ଦ୍ର ପାଣି ଏବଂ ହାଇଟେକ୍ କଲେଜ୍ କ୍ରୀଡ଼ା ନିର୍ଦ୍ଦେଶକ ଲଳିତ ମହାନ୍ତି ଯୋଗଦେଇଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ନବରାତ୍ର ପୂଜାରେ ମନମୋହୁଛି ଦାଣ୍ଡିଆ ନୃତ୍ୟ

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ରାଜାପଡ଼ାରେ ସାର୍ବଜନୀନ ଦୁର୍ଗାପୂଜା ଉପଲକ୍ଷେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦାଣ୍ଡିଆ ନୃତ୍ୟ ସମସ୍ତଙ୍କୁ ବିଭୋର କରିପାରିଛି। ମା'ଙ୍କ ଭକ୍ତିରେ ନବଦୁର୍ଗା କମିଟି ସଦସ୍ୟମାନେ ଦାଣ୍ଡିଆ ନାଚ ପରିବେଷଣ କରୁଥିବାବେଳେ ଏଥିରେ ବିଭୋର ହୋଇ ମା'ଙ୍କ ଆଶୀର୍ବାଦ ପାଇବା ପାଇଁ ଖଡ଼ିଆଳ ବିଧାୟକ ଅଧିରଜ ମୋହନ ପାଣିଗ୍ରାହୀ ମଧ ସମସ୍ତ ଭକ୍ତଙ୍କ ସହିତ ମିଶି ଦାଣ୍ଡିଆ ନୃତ୍ୟ କରିଥିଲେ। ଏଥିରେ ଆୟୋଜକ କମିଟି ସଭାପତି ଅଜୟ ସେବକ, ମନୋଜ ମୁଣ୍ଡ, ମନୋଜ ହଂସ, ବନମାଳୀ ନାଗ, ଗୋକୁଳ ଗୁପ୍ତା ପ୍ରମୁଖ ସଦସ୍ୟ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ମେଗାଲିଫ୍ଟ କେନାଲରୁ ଅଜଣା ମହିଳାଙ୍କ ମୃତଦେହ

କୋକସରା/ବେହେରା, ୨୯।୯(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ଥାନା ନେଗିଗୁଡା ନିକଟ ମେଗାଲିଫ୍ଟ କେନାଲ ଶେଷମୁଣ୍ଡ ଭଣାଡୋଙ୍ଗରି ନିକଟରେ ଗୁରବାର ଅପରାହ୍ନରେ ଅଜଣା ମହିଳାଙ୍କ ମୃତଦେହ ଭାଷି ଆସି ଚେନାଲ ଗେଟରେ ଆସି ଲାଗି ରହିଛି। ସ୍ଥାନୀୟ ଗ୍ରାମବାସୀ ମହିଳାଙ୍କ ମୃତଦେହ କେନାଲରେ ଥିବା ଦେଖି କୋକସରା ପୋଲିସ ଓ ଦମକଳ କର୍ମଚାରୀଙ୍କୁ ଖବର ଦେଇଥିଲେ। ପୋଲିସ ଓ ଦମକଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କେନାଲରୁ ମହିଳାଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ଅଣାଯାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ମୃତ ମହିଳାଙ୍କ ପରିଚୟ ଜଣାପଡ଼ି ନାହିଁ। କୋକସରା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଗଞ୍ଜାମ ଜିଲାପାଳ, ଶ୍ରମ ବିଭାଗକୁ ଏନ୍‌ଏଚ୍‌ଆରସିର ନୋଟିସ

ଭବାନୀପାଟଣା,୨୯।୯(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଦୁରେଶପଦର ଗ୍ରାମର ମହେନ୍ଦ୍ର ମାଝି ନାମକ ଜଣେ ଶ୍ରମିକ ଗଞ୍ଜାମ ଜିଲା ଭଞ୍ଜନଗର ଚାରିମାଇଲ ଛକ ପାଖ ଏକ କ୍ରଶରରେ କାମ କରୁଥିଲେ। ଗତ ଏପ୍ରିଲରେ କାମ କରୁଥିବା ସମୟରେ ହଠାତ୍ ତାଙ୍କ ଏକ ହାତ କ୍ରଶରରେ କଟିଯାଇଥିଲା। ଏହି ଘଟଣା ନେଇ କଳାହାଣ୍ଡି ଜିଲା ଭବାନୀପାଟଣାର ମାନବ ଅଧିକାର କର୍ମୀ ଦିଲୀପ ଦାସ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏନ୍‌ଏଚ୍‌ଆର୍‌ସି ଏହି ଅଭିଯୋଗକୁ ଗ୍ରହଣ କରି ଏକ ମାମଲା (ନଂ. ୧୦୦୭/୨୨) ରୁଜୁ କରିଥିଲା। ବର୍ତ୍ତମାନ ଏହି ଘଟଣାରେ ଏନ୍‌ଏଚ୍‌ଆର୍‌ସି ଗଞ୍ଜାମ ଜିଲାପାଳ, ଏସ୍‌ପି ଓ ଶ୍ରମ ବିଭାଗ ଯୁଗ୍ମ କମିଶନରଙ୍କୁ ନୋଟିସ ଜାରି କରିଛନ୍ତି। ସେହିପରି ଆସନ୍ତା ୪ ସପ୍ତାହ ମଧ୍ୟରେ ଏହାର ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### କାଉଡୋଲା ବ୍ୟାଙ୍କ ଗ୍ରାହକ ସେବାକେନ୍ଦ୍ରରୁ ଚୋରି

କୋକସରା,୨୯।୯(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ଅଧୀନ କାଉଡୋଲାସ୍ଥିତ ଷ୍ଟେଟ ବ୍ୟାଙ୍କ ଗ୍ରାହକ ସେବାକେନ୍ଦ୍ରରୁ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ଚୋରି କରିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଆମପାଣି ପୋଲିସ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗ୍ରାହକ ସେବାକେନ୍ଦ୍ର କାଉଡୋଲାର ସବିତା ସାହୁଙ୍କ ନାମରେ ରହିଛି। ଗ୍ରାହକ ସେବାକେନ୍ଦ୍ରରୁ ୧୩ ହଜାର ଟଙ୍କା ଚୋରି ହୋଇଥିବା ନେଇ ମାଲିକ ଅଭିଯୋଗ କରିଛନ୍ତି। ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରିବା ସହ ଶୀଘ୍ର ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୯୮/୨୨) ରୁଜୁ ହୋଇଛି।

# ରାବଣ ପୋଡ଼ି ଚଳିତବର୍ଷର ମୁଖ୍ୟ ଆକର୍ଷଣ


ମା'ଙ୍କୁ ପୂଜା କରାଯାଉଛି।

**ସେମାନଙ୍କ ମୁହଁରୁ....**


"ନବରାତ୍ର ଦୁର୍ଗା ପୂଜାରେ ନବ ରୂପକୁ ପୂଜାଅର୍ଚ୍ଚନା କରାଯାଇ ନବମୀ ଦିନ ନବକନ୍ୟା ପୂଜା ଅନୁଷ୍ଠିତ ହୋଇଥାଏ। ନଅଟି ଜାତରି କୁଆଁରୀ କନ୍ୟାମାନଙ୍କୁ ନେଇ ଦୁର୍ଗା ରୂପେ ପୂଜା କରାଯାଇଥାଏ।

**ମାନଭଞ୍ଜନ ତ୍ରିପାଠୀ, ପୂଜକ**


"କୋଭିଡ୍ କଟକଣା ଯୋଗୁ କୌଣସି ପର୍ବ ପର୍ବାଣୀ କିମ୍ବା ଜାନିଯାତ୍ରା ହୋଇ ନ ଥିଲା। ତେଣୁ ଶ୍ରଦ୍ଧାଳୁମାନଙ୍କ ମନରେ ବହୁତ କଷ୍ଟ ଦେଉଥିଲା। ଯାହା ହେଉ ନା କାହିଁକି ମା' ଦୁର୍ଗାଙ୍କ କରୁଣାରୁ ସାରା ବିଶ୍ୱରେ କରୋନା ଭଳି ମାରାତ୍ମକ ସଙ୍କଟ ଦୂରେଇବାକୁ ଲାଗିଛି। ଚଳିତବର୍ଷ ମହାଆଡମ୍ବର ସହ ପାଳିତ ହେଉଛି। ଲୋକଙ୍କ ମନରେ ଉତ୍ସାହ ଦେଖାଦେଉଛି।

**ଅର୍ଜୁନ ଜଗତ, ତରବୋଡ**


"ଆମ ତରବୋଡ ସାରଦୀୟ ଦୁର୍ଗା ପୂଜା ୪୯ ବର୍ଷରେ ପଦାର୍ପଣ କରିଛି। ଆସନ୍ତା ୨୦୨୩ରେ ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଗୋଲଡେନ ଜୁବଲି ପାଳନ ପାଇଁ ଚଳିତ ବର୍ଷରୁ ପ୍ରସ୍ତୁତି ଚାଲିଛି।

**ଦୁଃଖ ଭଞ୍ଜନ ନାୟକ, ପୂଜା କମିଟି ସଭାପତି**


"ମୁଁ ମୋ ପତ୍ନୀ ଦୁଲ୍ଲବି ପ୍ରଧାନ ଏହି ଦୁର୍ଗାପୂଜାରେ କର୍ତ୍ତା ଭାବେ କାର୍ଯ୍ୟ ତୁଲାଉଥିବାରୁ ନିଜକୁ ଗର୍ବ ଓ ଗୌରବ ଲାଗୁଛି। ସବୁ ବର୍ଷ କର୍ତ୍ତା ଭାବେ ରହିବା ପାଇଁ ମନ ହେଉଛି।

**ଦୁଲାରାମ ପ୍ରଧାନ, ଦୁର୍ଗାପୂଜା କର୍ତ୍ତା**

ନୂଆପଡ଼ା ଅଫିସ,୨୯।୯

ଚଳିତବର୍ଷ କରୋନା କଟକଣା ନ ଥିବାରୁ ନୂଆପଡ଼ା ଜିଲାର କୋଣଅନୁକୋଣରେ ସାରଦୀୟ ଦୁର୍ଗାପୂଜା ହର୍ଷଉଲ୍ଲାସ ସହିତ ପାଳନ କରାଯାଉଛି। ନବରାତ୍ର ପାଇଁ ଜିଲାର ପୁରପଲ୍ଲୀ ଚଳଞ୍ଚଳ ଦେଖାଦେଇଛି। ପ୍ରତିଦିନ ସନ୍ଧ୍ୟାରେ ଭିଡ ଜମୁଛି। ଦର୍ଶକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ଡୁକଲା, ସିନାପାଲି, ଖଡିଆଳ, କୋମନା, ତରବୋଡ, ନୂଆପଡା, ଖରିଆର ରୋଡ ଭଳି ସ୍ଥାନରେ ମହାଆଡମ୍ବର ସହ

**ନବରାତ୍ର ଦୁର୍ଗାପୂଜା ପାଇଁ ପୁରପଲ୍ଲୀ ଚଳଞ୍ଚଳ**

ନବରାତ୍ର ସାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ପୂଜା ମଣ୍ଡପ ବିଭିନ୍ନ ତାରଣରେ ସାଜସଜ୍ଜା କରିଥିବାରୁ ଦର୍ଶକଙ୍କ ମନକୁ ବିମୋହିତ କରି ଦେଉଛି। ତରବୋଡ ଦୁର୍ଗାପୁଜା ୪୮ ବର୍ଷ ପୂର୍ଣ୍ଣ କରି ୪୯ବର୍ଷରେ ପହଞ୍ଚିଛି। ନବରାତ୍ର ସାରଦୀୟ ଦୁର୍ଗା ପୂଜା ଅଷ୍ଟମ ବର୍ଷରେ ପହଞ୍ଚିଛି। ୨୫ ବର୍ଷରେ ସିଲଭର ଜୁବଲି ପାଳନ କରିଥିବା ବେଳେ ୪୦ ବର୍ଷରେ ରୁବି ଜୁବଲି ପାଳନ କରିଥିଲା। ଆସନ୍ତା ୨୦୨୩ରେ ଗୋଲଡେନ ଜୁବଲି ପାଳନ କରିବ ବୋଲି ପୂଜା କମିଟି ସଭାପତି ସୂତ୍ରରୁ ପ୍ରକାଶ। ତରବୋଡ ଦୁର୍ଗାପୂଜାକୁ ୪୦ ବର୍ଷ ପୂରଣ ପରେ ନବରାତ୍ର ଦୁର୍ଗାପୁଜା ଆରମ୍ଭ ହୋଇ ଅଷ୍ଟମ ବର୍ଷରେ ପହଞ୍ଚିଛି। ସଭାପତି ଦୁଃଖ ଭଞ୍ଜନ ନାୟକ, ଉପସଭାପତି ପରଶ ରାମ ଅହିର, ସମ୍ପାଦକ ପୁରନ ମଲ ସାହୁ, ସହସମ୍ପାଦକ ଅର୍ଜୁନ ଜଗତ, କୋଷାଧ୍ୟକ୍ଷ ସୁମିତ ଭାଷାଣି ଓ କାର୍ଯ୍ୟକାରୀ ସଭାପତି ଯୋଗେନ୍ଦ୍ର ନାୟକ ପ୍ରମୁଖ ଆୟୋଜନ କରୁଛନ୍ତି। ବିଶେଷ ଆକର୍ଷଣ ରାବଣ ପୋଡି ରହୁଥିବାରୁ ଚଳିତବର୍ଷ ବାହାର କଳାକାର ଆସି ରାବଣ ମୂର୍ତ୍ତି ତିଆରି କରୁଛନ୍ତି। ରାବଣ ପୋଡି ଦିନ ଅଞ୍ଚଳର ହଜାର ହଜାର ଲୋକଙ୍କ ଭିଡ ଜମିଥାଏ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ ହୋଇଥାନ୍ତି।

## ଜୋରଜବରଦସ୍ତି ନିର୍ମାଣାଧୀନ କାର୍ଯ୍ୟକୁ ବିରୋଧ

ସିନାପାଲି,୨୯।୯(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଘୁଚାଗୁଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜୋରଜବରଦସ୍ତ ନିର୍ମାଣାଧୀନ କାର୍ଯ୍ୟ କରୁ ବିରୋଧ କରାଯାଉଛି। ଏ ନେଇ ଘୁଚାଗୁଡା ସରପଞ୍ଚ ଓ ୱାର୍ଡମେମ୍ବର ବିଡିଓ, ସ୍ଥାନୀୟ ଥାନା ,ବଂ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଘୁଚାଗୁଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବେଆଇନ ଭାବେ କାହାକୁ ନ ଜଣାଇ କୌଣସି କାର୍ଯ୍ୟାଦେଶ ନ ଥାଇ ଉକ୍ତ ଗ୍ରାମର ଜିତାମିତ୍ର ନାଏକ କାର୍ଯ୍ୟ କରୁଛନ୍ତି। ସରପଞ୍ଚ ଲକ୍ଷ୍ମୀ ସାଙ୍କ ଜାଲ ଦସ୍ତଖତ କରି ନାଏକ କାର୍ଯ୍ୟ କରୁଛନ୍ତି ବୋଲି ସରପଞ୍ଚ କହିଛନ୍ତି। ଅଭିଯୋଗ ହେବା ସତ୍ତ୍ୱେ ବ୍ଲକ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଜିଲାପାଳଙ୍କଠାରେ ସରପଞ୍ଚ ଲକ୍ଷ୍ମୀ ସା, ନାଏକ ସରପଞ୍ଚ ଉଗ୍ରେସନ ସା, ୱାର୍ଡମେମ୍ବର ଭୁବନେଶ୍ୱର ଜଗତ, ବୈଜନ୍ତି ସା, ଯଶୋବନ୍ତୀ ରଣା, ଗୋଲାପି ମାଝି, ଅମରସିଂ ମାଝି, କ୍ଷିରସିନ୍ଧୁ ନାଏକ, ଭାଗ୍ୟବତୀ ପ୍ରଧାନ, ବିନ୍ଦିଆ ପ୍ରଧାନ, ପଦ୍ମି ଜଗତ, ଯଶୋବନ୍ତୀ ନାଏକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ଜିତାମିତ୍ର ନାଏକଙ୍କୁ ପଚାରିବାରୁ ମୁଁ କୌଣସି ଜାଲିଆତି ଦସ୍ତଖତ କରୁନାହିଁ କିମ୍ବା କୌଣସି ବେଆଇନ କାର୍ଯ୍ୟ କରୁନାହିଁ ବୋଲି କହିଛନ୍ତି। ବ୍ଲକ ପ୍ରଶାସନ ତଥା ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ


ଲଡୁଗାଁ ସୁବର୍ଣ୍ଣ ଜୟନ୍ତୀ ଶାରଦୀୟ ଦୁର୍ଗାପୂଜାରେ ପରିବେଷଣ ସାଂସ୍କୃତିକ କାର୍ଯ୍ୟକ୍ରମ।

କୋକସରା,୨୯।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ସୁବର୍ଣ୍ଣ ଜୟନ୍ତୀ ଶାରଦୀୟ ଦୁର୍ଗାପୂଜାର ତୃତୀୟ ଦିନରେ ମା' ଦୁର୍ଗାଙ୍କ ବେଶରେ ଦର୍ଶନ ଦେଇଛନ୍ତି। ମନୋରଞ୍ଜନ ପାଇଁ ପ୍ରତିଦିନ ପଦ୍ମିନୀ ମଞ୍ଚରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ତୃତୀୟ ଦିନ ସାଂସ୍କୃତିକ ସନ୍ଧ୍ୟାରେ ଅଶୋକ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଲଡୁଗାଁ ବୟୋଜ୍ୟେଷ୍ଠ ନାଗରିକ ମୁରାରିଲାଲ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଥବିର ସାହୁ, ଚିତ୍ତରଞ୍ଜନ ଠାକୁର, ଶାରଳା

**ଲଡୁଗାଁ ଶାରଦୀୟ ଦୁର୍ଗାପୂଜା ତୃତୀୟ ସନ୍ଧ୍ୟା**

ପ୍ରସାଦ ପାଢ଼ୀ, ନିରଞ୍ଜନ ଅଗ୍ରୱାଲ, ସତ୍ୟ ନାରାୟଣ ଚୌଧୁରୀ, ହେମନ୍ତ ଚନ୍ଦ୍ର ସାହୁ, ଗୁଣନିଧି ବାଗ, ଉପସଭାପତି କିଶୋର ଚନ୍ଦ୍ର ଦାସ, ସାଂସ୍କୃତିକ ସମ୍ପାଦକ ମୋହନ ଚରଣ ଦାସ ଯୋଗଦେଇଥିଲେ। ଲଡୁଗାଁ ସୁବର୍ଣ୍ଣ ଜୟନ୍ତୀ ଶାରଦୀୟ ଦୁର୍ଗାପୂଜାର ପରମ୍ପରା ଭାଇଚାରା ଓ ଏକତାକୁ ଏମିତି ସବୁଦିନ ପାଇ ଅତୁଟ ରଖୁ ବୋଲି ମାଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ତୃତୀୟ ଦିନ ସନ୍ଧ୍ୟାରେ କୋକସରା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦେଶାତ୍ମବୋଧକ ନୃତ୍ୟ, ଘନାଗୁଡାର ଘୁମୁରା, ଲୋଇସିଂହାର ବଜାଶାଲ, ଫୋକ ଡ୍ୟାନ୍ସ କୋଟପାଡ଼, ଚିଙ୍ଗାଲାଲା ଡ୍ୟାନ୍ସ ଗ୍ରୁପ ଜୟପାଟଣା କଳାକାରଙ୍କ ଦାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଲଡୁଗାଁ କଲେଜ ଅଧ୍ୟାପକ ସଞ୍ଜୟ କୁମାର ପୁରୋହିତ ଓ ପଙ୍କଜ ମୁଖ ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ। ସଞ୍ଜୟ ସିଙ୍ଘଲ, ଶ୍ରୀକାନ୍ତ ଶର୍ମା, ରବୀନ୍ଦ୍ର ନାରାୟଣ ଦାସ, ମନ୍ତୁ ଦାସ, ବିରେନ୍ଦ୍ର ନାରାୟଣ ଦାସ, ସୁରଞ୍ଜନ ଦାସ, ସନ୍ତୋଷ ଦାସ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ସିନାପାଲି,୨୯।୯(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ବ୍ଲକ ବିଜ୍ଞାନ ଶାଖା ସଂଯୋଜକ ସଥ୍ୟବାନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସିନାପାଲି ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀ, ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରଭାତ ନଳିନୀ ବେହେରା, ବରିଷ୍ଠ ବିଜ୍ଞାନ ଶିକ୍ଷକ କୈଳାସ ଚନ୍ଦ୍ର ଦାସ ମଞ୍ଚାସୀନ ଥିଲେ। ସାମ୍ପ୍ରତିକ ସ୍ଥିତିରେ ବିଜ୍ଞାନର ଆବଶ୍ୟକତା ଓ ସଦଉପଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ବିଜ୍ଞାନ ଶିକ୍ଷକ ମନୋରଞ୍ଜନ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ଅନିଲ କୁମାର ସା ଧନ୍ୟବାଦ ଦେଇଥିଲେ। ଆଲୋଚନାଚକ୍ରରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଗୋଡାଲର ଛାତ୍ର ଶ୍ରେୟାଂଶ ଯୋଷୀ ପ୍ରଥମ ଏବଂ ହାତୀବନ୍ଧା ଉଚ୍ଚ ବିଦ୍ୟାଳୟ ଛାତ୍ର ରୂପେଶ ନାଗ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ଆଲୋଚନାଚକ୍ର ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ସମସ୍ତ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଯାଦବ ସମାଜର ବ୍ଲକସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ

ଡୁଣ୍ଡଲା,୨୯।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଡୁଣ୍ଡଲା ନୂତନ ଯୁକ୍ତ ୨ ମହାବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ଯାଦବ ସମାଜର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସର୍ବ ପ୍ରଥମେ ଯାଦବ ସମାଜର ଆରାଧ ଦେବତା ଯଦୁପତି ଶ୍ରୀକୃଷ୍ଣ ଚନ୍ଦ୍ର ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବ୍ଲକ ସଭାପତି ପାନାଲାଲ ବେମାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପଦ୍ମଶ୍ରୀ ହଳଧର ନାଗ ଉପସ୍ଥିତ ଥିବା ବେଳେ ମୁଖ୍ୟବକ୍ତା ଭାବେ ଲେଖା ଓ କାର୍ଯ୍ୟକ୍ରମ ପର୍ଯ୍ୟବେକ୍ଷକ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ଦୂତିଆ ବନଛୋର ଯୋଗଦେଇଥିଲେ। ସମ୍ମାନିତ ଅଥିତି ଭାବେ ଉତ୍କଳ ଯାଦବ ମହାସଭା ଉପସଭାପତି ସକିତ ରତେ, ଉତ୍କଳ ମହିଳା ଯାଦବ ସମାଜ ସୁଶ୍ରୀ ଶୁଭଲକ୍ଷ୍ମୀ ନେଏକ, ସାମାଜିକ କର୍ମୀ କୀର୍ତ୍ତନ ନାଏକ, ଉତ୍କଳ ଯାଦବ ମହାସଭା ସାଧାରଣ ସମ୍ପାଦକ ଧନେଶ୍ୱର ଭାଟି, ନୃପରାଜ ଯାଦବ, ମହେନ୍ଦ୍ର ନାଏକ, ଦୁଲ୍ଲଭ ମହାର, ଅରୂପାନନ୍ଦ ନାଗ, ନରେନ୍ଦ୍ର ବାଗ ସଞ୍ଜୟ ଧଙ୍ଗ ଗୋବିନ୍ଦ ବନଛୋର ପ୍ରମୁଖ ରହିଥିଲେ। ମଞ୍ଚ ପରିଚାଳନା କବୀପ୍ରଭା ଘନଶ୍ୟାମ ଗହୀର କରିଥିବା ବେଳେ ବ୍ଲକ ଯାଦବ ସମିତି ଉପସଭାପତି ବିକ୍ରାନ୍ତରାଜ ବାଗ ଧନ୍ୟବାଦ ଦେଇଥିଲେ।


ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ମିଶନ ଶକ୍ତି ପକ୍ଷରୁ ୨୩୬ ଗ୍ରୁପ୍‌କୁ ୪ କୋଟି ୪୫ ଲକ୍ଷ ଋଣ

କର୍ଲାମୁଣ୍ଡା,୨୯।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପରିସରରେ ମିଶନ ଶକ୍ତି ପକ୍ଷରୁ ଋଣମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା କୁନି ସାହୁ, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ବିଡିଓ ସିର୍ଦ୍ଧେଶ୍ୱର ମେହେର, ସିଡିପିଓ ଗିରିଜା ଗୁଡଲା, ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ଓ ମହେନ୍ଦ୍ର ରଣା, ମିଶନ ଶକ୍ତି ବ୍ଲକ ସଭାନେତ୍ରୀ ଜୟନ୍ତି ସାହୁ, ଏସବିଆଇ କର୍ଲାମୁଣ୍ଡା ଫିଲ୍ଡ ଅଫିସର ଚିଦାନନ୍ଦ ପ୍ରଧାନ, ରିଷିଡ଼ା ୟୁକୋ ବ୍ୟାଙ୍କ ଶାଖା ପରିଚାଳକ କପିଳ ଚନ୍ଦ୍ର ପ୍ରଧାନ, ତେରେସିଙ୍ଗା ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଦେବ ପ୍ରକାଶ ନାଏକ, ରେଗଡା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଅଶ୍ୱିନୀ କୁମାର ଭାତ୍ରା ପ୍ରମୁଖ ଯୋଗଦେଇଥିଲେ। ଏସଏଚଜି ଜରିଆରେ ମହିଳାଙ୍କ ଆତ୍ମ ନିର୍ଭରଶୀଳ ହେବା ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବ୍ଲକର ମୋଟ ୨୩୬ଟି ଏସଏଚଜିକୁ ବିଭିନ୍ନ ବ୍ୟାଙ୍କ ଜରିଆରେ ୪ କୋଟି ୪୫ ଲକ୍ଷ ଟଙ୍କା ଋଣ ମଞ୍ଜୁରି କରାଯାଇଛି। କାର୍ଯ୍ୟକ୍ରମ ମିଶନ ଶକ୍ତି ବିପିଏମ ବିପିନ ବାରିକ ସଂଯୋଜନା କରିଥିବା ବେଳେ ଓଡିଶା ଜୀବନ ଜୀବିକା ମିଶନ ବିପିସି ଲଳିତ କୁମାର ବିଶି ଓ ମିଶନ ଶକ୍ତି କର୍ମକର୍ତ୍ତା, ସିଆରପି, ଏମବିକେମାନେ ସହଯୋଗ କରିଥିଲେ।


ରାଧାମାଧବ ଏସ୍‌ଏଚ୍‌ଜିକୁ ୩ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଉଛି।

# ଜିଲାରେ ୫୨ କୋଟି ୯୦ ଲକ୍ଷ ଋଣ ପ୍ରଦାନ

ଭବାନୀପାଟଣା/ନର୍ଲା/ଗୋଲାମୁଣ୍ଡା/ଲାଞ୍ଜିଗଡ଼,୨୯।୯(ସ୍ୱ.ପ୍ର./ଡି.ଏନ.ଏ.)

କଳାହାଣ୍ଡି ଜିଲାର ୧୩ଟି ବ୍ଲକରେ ମିଶନଶକ୍ତି ଋଣ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ୧୩ଟି ବ୍ଲକରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ସଶକ୍ତ କରିବା ପାଇଁ ୫୨ କୋଟି ୯୦ ଲକ୍ଷ ଟଙ୍କା ବ୍ୟାଙ୍କ ପକ୍ଷରୁ ଋଣ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭବାନୀପାଟଣା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ମିଶନ ଶକ୍ତି ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ପୌର ପରିଷଦ ଅଧ୍ୟକ୍ଷା ସଂଯୁକ୍ତା ବେହେରା, ବ୍ଲକ ଉପାଧ୍ୟକ୍ଷ ପୁଷ୍ପାଞ୍ଜଳି ସାହୁ, ବିଡିଓ ପ୍ରିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭବାନୀପାଟଣା ବ୍ଲକର ୪୪୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ସହରାଞ୍ଚଳ ପୌରପାଳିକାର ୫୯ଟି ମୋଟ ୫୦୧ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ବ୍ୟାଙ୍କ ପକ୍ଷରୁ ୧୧ କୋଟି ୨୩ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲ। ଋଣ ଗ୍ରହୀତା


ନର୍ଲାରେ ଜିଲାପାଳ ଜଣେ ଏସ୍‌ଏଚ୍‌ଜିଙ୍କୁ ଚେକ ପ୍ରଦାନ କରୁଛନ୍ତି।

**ଜିଲାର ବିଭିନ୍ନ ବ୍ଲକରେ ମିଶନଶକ୍ତି ଋଣ ମେଳା**

ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅତିଥିମାନେ ଚେକ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ସିଂହଦେଓ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଯୋଗୁ ମହିଳାମାନେ ଋଣ ନେଇ ବିଭିନ୍ନ ଆତ୍ମ ନିର୍ଭରଶିଳ ପ୍ରକଳ୍ପରେ ନିଯୁକ୍ତି ପାଇବା ସଙ୍ଗେ ସଙ୍ଗେ ଆର୍ଥିକ ସ୍ୱଚ୍ଛଳ ହୋଇପାରିଛନ୍ତି ବୋଲି କହିଥିଲେ। ଏଥି ସହିତ କିଭଳି ନିର୍ଦ୍ଧାରିତ ସମୟରେ ଋଣ ପରିଶୋଧ କରିବେ ସେ ଦିଗରେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ଏହି ମେଳାରେ ଏସବିଆଇ ମୁଖ୍ୟ ଶାଖା ସର୍ବାଧିକ ୧୩୬ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୨ କୋଟି ୮୩ ଲକ୍ଷ ଟଙ୍କାର ଋଣ ମଞ୍ଜୁର କରିଥିଲେ। ନର୍ଲାରେ ଅନୁଷ୍ଠିତ ବ୍ଲକସ୍ତରୀୟ ଋଣ ମେଳାରେ ମୁଖ୍ୟଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ଋଣ ଗ୍ରହୀତାମାନଙ୍କୁ ଚେକ ପ୍ରଦାନ କରିଥିଲେ। ବିଭିନ୍ନ ବ୍ୟାଙ୍କ ପକ୍ଷରୁ ନର୍ଲାରେ ୨୧୬ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫ କୋଟି ୬୧ ଲକ୍ଷ ଋଣ ପ୍ରଦାନ କରାଯାଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷା, ବିଡିଓ ବାସନ୍ତୀ ସେଠୀ, ସିଡିପିଓ ନିର୍ବାଣିନି ବିଶାଳ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ଗୋଲାମୁଣ୍ଡା ବ୍ଲକ ସଭା ଗୃହଠାରେ ଅନୁଷ୍ଠିତ ଋଣମେଳାରେ ବ୍ଲକର ୧୮୧ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଋଣ ମଞ୍ଜୁରି ହୋଇଥିବା ବେଳେ ୩ କୋଟି ୭୨ ଲକ୍ଷ ଚେକ ପ୍ରଦାନ କରାଯାଇଥିଲା। ବ୍ଲକର ସମସ୍ତ ବ୍ୟାଙ୍କ ଶାଖା ପରିଚାଳକ ଯୋଗଦେଇଥିଲେ। ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ, ଓଡ଼ିଶା ଜୀବିକା ମିଶନ, ମିଶନଶକ୍ତି ଓ ବ୍ୟାଙ୍କ ଶାଖାର ମିଳିତ ଆନୁକୂଲ୍ୟରେ ଆୟୋଜିତ ମେଗା ଋଣମେଳାରେ ବ୍ଲକର ୨୦୯ଟି ମହିଳା ଗୋଷ୍ଠୀକୁ ରେକର୍ଡ ପରିମାଣର ୪ କୋଟି ୬୮ ଲକ୍ଷ ଟଙ୍କାର ଋଣ ସହାୟତା ପ୍ରଦାନ କରାଯାଇଛି।

**ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

ବରପାଲି (ଡି.ଏନ.ଏ.): ବରଗଡ଼ ଜିଲା ବରପାଲି ବ୍ଲକ ପରିସରରେ ଭୀମ ଭୋଇ ସାମର୍ଥ୍ୟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ପ୍ରସନ୍ନ କୁମାର ପାଣ୍ଡେଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୪୮୨ ଜଣ ଭିନ୍ନକ୍ଷମ ଉପସ୍ଥିତ ଥିଲେ। ଶିବିରରେ ୧୫ଜଣଙ୍କୁ କୃତ୍ରିମ ଅଙ୍ଗ, ୯୭ ଜଣଙ୍କୁ ଶ୍ରବଣ ଯନ୍ତ୍ର, ୪୧ଜଣ ମାନସିକ ଅନଗ୍ରସର, ୨୨୧ ଜଣ ଶାରୀରିକ ଭିନ୍ନକ୍ଷମ, ୨୯ଜଣ ଦୃଷ୍ଟି ବାଧିତଙ୍କୁ ଉପକରଣ ବଣ୍ଟନ କରାଯାଇଥିଲା। ୭୪ଜଣଙ୍କୁ ବସ୍ ପାସ୍ ବଣ୍ଟନ କରାଯାଇଥିଲା।

## ସଂକ୍ଷେପରେ

### ସମଲେଶ୍ୱରୀଙ୍କୁ କୁଷ୍ମାଣ୍ଡ ବେଶ



**ବରଗଡ଼ ଅଫିସ୍,୨୯।୯:** ବରଗଡ଼ ସହର ତଳିପଡ଼ାସ୍ଥିତ ସମଲେଶ୍ୱରୀ ମନ୍ଦିରରେ ଗୁରୁବାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ କୁଷ୍ମାଣ୍ଡା ବେଶରେ ଦର୍ଶନ ଦେଇଥିଲେ। ଦେବୀଙ୍କୁ ଏହି ବେଶରେ ଦର୍ଶନ ପାଇଁ ସକାଳୁ ମନ୍ଦିର ଆଗରେ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନେ ପୂଜା ସାମଗ୍ରୀ ସହିତ ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିଲେ ଏବଂ ଦେବୀଙ୍କ ଦର୍ଶନ କରିଥିଲେ। ପଣ୍ଡିତ ଶିବ ପ୍ରସାଦ ଦାଶ, ଚୂଡ଼ାମଣି ରଥ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ।

### ୧୫ ବର୍ଷରେ ବନଦୁର୍ଗାଙ୍କ ଶାରଦୀୟ ପୂଜା

**ପଦ୍ମପୁର, ୨୯। ୯ ( ଡି.ଏନ.ଏ):** ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ବରଗଡ଼ ଜିଲା ପଦ୍ମପୁର ବନ ଦୁର୍ଗା ମନ୍ଦିରରେ ଭକ୍ତଙ୍କ ଭିଡ଼ ରହୁଛି। ଚଳିତବର୍ଷ ବନଦୁର୍ଗା ପୂଜା ୧୫ ବର୍ଷରେ ପାଦ ଥାପିଛି। ଶାରଦୀୟ ନବରାତ୍ର ଦୁର୍ଗାପୂଜା ଯଥାରୀତି କରାଯାଉଛି। ରଜନୀ ଦାଶ, ଉର୍ମିଳା ପଣ୍ଡା ଓ ସଞ୍ଜୀବ ସାହୁ, ସୂର୍ଯ୍ୟକାନ୍ତି ସାହୁ ମୁଖ୍ୟ କର୍ତ୍ତାକାର୍ଯ୍ୟ ନିର୍ବାହ କରୁଥିବା ବେଳେ ପଣ୍ଡିତ ରଘୁନାଥ ତ୍ରିପାଠୀ, ଦେବେନ୍ଦ୍ର ତ୍ରିପାଠୀ, ଗିରିଶ ଚନ୍ଦ୍ର ହୋତା, ଅଶୋକ ପଣ୍ଡା, ମନ୍ଦିର ପୂଜକ ପ୍ରଶାନ୍ତ ପଣ୍ଡା ପୂଜାକାର୍ଯ୍ୟ ପରିଚାଳନା କରୁଛନ୍ତି। ନବରାତ୍ର ପୂଜାରେ ଦେବୀ ଦୁର୍ଗା ନଅଟି ବେଶରେ ପୂଜା ପାଇବେ ବୋଲି ପଦ୍ମପୁର ବନଦୁର୍ଗା ମନ୍ଦିର ପୂଜା କମିଟି ସଭାପତି ଡା. ପ୍ରଭାତ ନାରାୟଣ ତ୍ରିପାଠୀ, ସମ୍ପାଦକ ଗୋପାଳ ଚନ୍ଦ୍ର ଭୋଇ ଓ କୋଷାଧକ୍ଷ ଅନୀଲ ବେହେରା ପ୍ରକାଶ କରିଛନ୍ତି। ଗଜୁ ଅଗ୍ରୱାଲ, ଗଜିଆ ଶର୍ମା, ସୁଶାନ୍ତ ପ୍ରଧାନ ପ୍ରମୁଖ ସହଯୋଗ କରୁଛନ୍ତି।

### ଫୁଟ୍‌ବଲ: ବରଗଡ଼ ୟୁନାଇଟେଡ ବିଜୟୀ

**ସୋହେଲା,୨୯।୯(ଡି.ଏନ.ଏ.):** ସୋହେଲା ମିନି ଷ୍ଟାଡିୟମରେ ଚାଲିଥିବା ଫୁଟ୍‌ବଲ ପ୍ରତିଯୋଗିତାର ଗୁରୁବାର ପଞ୍ଚମ ମ୍ୟାଚ୍ ୟୁନାଇଟେଡ ବରଗଡ ଏବଂ ଖରମୁଣ୍ଡା ମଧରେ ଖେଳାଯାଇଥିଲା। ଏଥିରେ ୟୁନାଇଟେଡ ଦଳ ୪-୦ ଗୋଲରେ ଜିତି ପରବର୍ତ୍ତୀ ପର୍ଯ୍ୟାୟକୁ ପ୍ରବେଶ କରିଛି। ରଞ୍ଜୁ ଛତ୍ରିଆ, ପ୍ରଦୀପ ଦାସ, ସୁରେଶ ଦାସ ମ୍ୟାଚ୍ ପରିଚାଳନା କରିଥିଲେ।

### ଫୁଟବଲ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ

**ବରପାଲି,୨୯।୯(ଡି.ଏନ.ଏ.):** ଦ୍ୱିତୀୟ ସୁବଳ ସାହୁ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରପାଲି ହାଇସ୍କୁଲ ପଡିଆଠାରେ କ୍ରୀଡ଼ା ଶିକ୍ଷକ ମୁରଲୀଧର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରପାଲି କ୍ରୀଡା ସଂସଦର କର୍ମକର୍ତ୍ତାଙ୍କ ସମେତ ବରିଷ୍ଠ ଖେଳାଳି ଚତୁର୍ଭୁଜ ସା, ରସାନନ୍ଦ ଥପା, ନରେନ ସାହୁ, ଟିକାୟତ ମହାଓମ, ଅଶୋକ ପଣ୍ଡା, ସୁରେନ୍ଦ୍ର ବେହେରା, ଗୋପେନ୍ଦ୍ର ସାହୁ, ବିଜନ ଦାଶ, ଗୋପେନ୍ଦ୍ର ସାହୁ, ଗାଗାରିନ ମିଶ୍ର, ଧର୍ମେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟ ନଭେମ୍ବର ମାସରେ କରାଯିବାକୁ ଆଲୋଚନା ହୋଇଥିଲା।

### ଅଟଳ ଟିଙ୍କରିଂ ଲାବ୍ ଉଦ୍‌ଘାଟିତ

**ବରପାଲି,୨୯।୯(ଡି.ଏନ.ଏ.):** ବରପାଲି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଅଟଳ ଟିଙ୍କରିଂ ଲାବ ଗୁରୁବାର ଉଦ୍‌ଘାଟିତ ହୋଇଛି। ବରପାଲି ନଗରପାଳ ଦିନେଶ ଗହୀର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ, ଉପନଗରପାଳିକା, ଗୋଷ୍ଠୀ ଶିକ୍ଷାଧିକାରୀ ମକୁନ୍ଦ ମାହାର ଏବଂ ବିଦ୍ୟାଳୟର ପରିଚାଳନା କମିଟି ସଭ୍ୟ ଉପସ୍ଥିତ ଥିଲେ।

# ଉଲ୍ଲାସ ପର୍ବ ପାଇଁ ମାଟି, ଜଳ ସଂଗ୍ରହ

**ସୋନପୁର,୨୯।୯(ନି.ପ୍ର.)**

ସ୍ୱାଧୀନତାର ଅମୃତ ମହୋତ୍ସବ ଓ ସ୍ୱାଧୀନତାର ଉଲ୍ଲାସ ପର୍ବ ପାଇଁ ଓଡିଶାର ସମସ୍ତ ଜିଲାରୁ ପବିତ୍ର ମାଟି ଓ ଜଳ ସଂଗ୍ରହ ହେଉଛି। ସଂଗୃହୀତ ମାଟି ଓ ଜଳ ରାଜ୍ୟ ବିଧାନସଭାରେ ବୃକ୍ଷରୋପଣ ପାଇଁ ବ୍ୟବହାର ହେବ। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାର ସ୍ୱାଧୀନତା ସଂଗ୍ରାମ ଓ ପ୍ରଜାମଣ୍ଡଳ ଆନ୍ଦୋଳନର ପାବନ ସ୍ଥଳୀ କଳାପଥର ପଞ୍ଚାୟତର ବଗଛେରା ଗ୍ରାମରୁ ଗୁରୁବାର ପବିତ୍ର ମାଟି ସଂଗ୍ରହ ହୋଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଅଧକ୍ଷତା କରିଥିଲେ। ଅତିଥି ଭାବରେ ବୀରମହାରାଜପୁର ଉପ ଜିଲାପାଳ ଅଶୋକ ଭୋଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢୀ, ଉଲୁଣ୍ଡା ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତିଲତା ମିଶ୍ର, ବିଡିଓ ହେମସାଗର ଭୋଇ ଓ କଳାପଥର ସରପଞ୍ଚ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଅତିଥିମାନଙ୍କୁ ପ୍ରଜାମଣ୍ଡଳ ଆନ୍ଦୋଳନର ସଭାସ୍ଥଳ ନେହେରୁ ନଗରକୁ ପାଛୋଟି ନେଇଥିଲେ। ପବିତ୍ର ମାଟିକୁ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ପ୍ରଶାନ୍ତ ଶତପଥୀ, ସତ୍ୟପ୍ରିୟ ପଣ୍ଡା ଏବଂ ଗ୍ରାମବାସୀ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥି ମାନେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅପରାହ୍ନରେ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ମହାନଦୀ ଓ ତେଲନଦୀର ସଙ୍ଗମସ୍ଥଳ ରାମେଶର ଘାଟରୁ କଳସରେ ପବିତ୍ର ଜଳ ଆଣି ଏହାକୁ ଅତିରିକ୍ତ ଜିଲାପାଳଙ୍କୁ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ପରିଚାଳନା କରିଥିଲେ। ବିଦ୍ୟାପତି ପଣ୍ଡା ସହଯୋଗ କରିଥିଲେ।



ବଗଛେରା ଗ୍ରାମରେ ମାଟିକୁ ପୂଜା କରାଯାଉଛି।

### ଲୋକ ମହୋତ୍ସବ ପାର୍ବଣ ଉଦ୍‌ଘାଟିତ

**ସୋହେଲା,୨୯।୯(ଡି.ଏନ.ଏ.)**

ସାର୍ବଜନୀନ ଦୁର୍ଗାପୂଜା ସୋହେଲା ଅବସରରେ ଲୋକ ମହୋତ୍ସବ ପାର୍ବଣ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ହଟଲୀଠାରେ ଆଗାମୀ ସପ୍ତାହେ ଧରି ରାଜ୍ୟ ତଥା ରାଜ୍ୟ ବାହାରର ଶହ ଶହ କଳାକାର ପ୍ରତ୍ୟହ ନୃତ୍ୟ ପ୍ରଦର୍ଶନ କରିବେ। ଦୁର୍ଗାପୂଜା କମିଟିର ସମ୍ପାଦକ ଦିଲ୍ଲୀପ ଖମାରୀ, ବାବୁଲୁ ଦେବତା, ମନୋହର ମାଝୀ, ଦୁର୍ଗାପ୍ରସାଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲ। ଡ. ତୁଷାରକାନ୍ତ ସାହୁ ସଭା ପରିଚଳନା କରିଥିଲେ। ହାଜି ଇକବାଲ ଖେରାନୀ ଧନ୍ୟବାଦ ଅର୍ପଣ କରିଥିଲ। ପରେ ମଞ୍ଚ ଉପସ୍ଥାପିକା ସସ୍ମିତା ପରମଗୁରୁଙ୍କ ସଂଯୋଜନାରେ ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ ହୋଇଥିଲା। ସାକ୍ଷୀଗୋପାଳ ନୀଳାଦ୍ରି ଗୋଟିପୁଅ ନୃତ୍ୟ ଅନୁଷ୍ଠାନ କଳାକାର ମଙ୍ଗଳାଚରଣ, ବନ୍ଧନୃତ୍ୟ ପରିବେଷଣ କରିଥିଲେ। ନୁପୁର ନୃତ୍ୟ ଅନୁଷ୍ଠାନ କଲିକତାର କଳାକାରଙ୍କ ଦ୍ୱାରା ଦୁର୍ଗା ବନ୍ଦନା, ରାଜସ୍ଥାନୀ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା। ମୟୂରୀ ସାଂସ୍କୃତିକ ଅନୁଷ୍ଠାନ ସୁନ୍ଦରଗଡ଼ର କଳାକାରମାନେ ଡଙ୍ଗର ତଳେ ରଜାର ବିହା, ମାଏଲାଜ ପରିବେଷଣ କରିଥିଲେ।

## ଅମ୍ବାପାଲିରେ ଆଜି ରାସ୍ତାରୋକୋ

**ବରଗଡ଼ ଅଫିସ୍,୨୯।୯**

ବରଗଡ଼ ସହର ଏବଂ ଅମ୍ବାପାଲି ମଧ୍ୟରେ ପ୍ରବାହିତ ଜିରା ନଦୀ ଉପରେ ନୂତନ ବ୍ରିଜ ନିର୍ମାଣ କାର୍ଯ୍ୟ ଶିଥିଳ ଗତିରେ ଚାଲିଛି । ୨୦୧୮ରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ତାହା ସରିନାହିଁ । ଏହାକୁ ନେଇ ଅମ୍ବାପାଲିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ସକାଳ ୮ଟାରୁ ଅମ୍ବାପାଲିଠାରେ ବରଗଡ଼-ବଲାଙ୍ଗୀର ରାସ୍ତାକୁ ଅବରୋଧ କରିବା ପାଇଁ ସ୍ଥାନୀୟ ଲୋକେ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ବୁଧବାର ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ସେମାନେ ଉଲ୍ଲେଖ କରିଛନ୍ତି, ଅମ୍ବାପାଲିରୁ ବରଗଡ଼ ସହରକୁ ସଂଯୋଗ କରିବା ପାଇଁ ନୂତନ ବ୍ରିଜ୍ ନିର୍ମାଣ କାର୍ଯ୍ୟର ଅବଧି ୨ବର୍ଷ ଥିଲା । ଅର୍ଥାତ୍ ୨୦୨୦ ନଭେମ୍ବର ସୁଦ୍ଧା ନିର୍ମାଣ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଅର୍ଦ୍ଧନିର୍ମିତ ହୋଇରହିଛି। ଫଳରେ ଅମ୍ବାପାଲି ବରଗଡ଼ ସହରରୁ ବିଚ୍ଛିନ୍ନ ହୋଇଛି ଏବଂ ସ୍ଥାନୀୟ ଲୋକଙ୍କୁ ହଟହଟାର ସମ୍ମୁଖୀନ ହେବାକୁ ପଡୁଛି। ଏ ନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହେଉନାହିଁ । ଫଳରେ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହୋଇଥିବା ସ୍ଥାନୀୟ କାଉନସିଲର ଦୀପାଞ୍ଜଳି ବାଗ, ଯୁଧିଷ୍ଠିର ପ୍ରଧାନ ପ୍ରମୁଖ କହିଛନ୍ତି।

## ରାମ ଗଲେ ବନବାସ
### ରାମଲୀଳାର ତୃତୀୟ ରଜନୀ


ରାମଲୀଳା ତୃତୀୟ ରଜନୀରେ ରାମ ବନବାସ ଦୃଶ୍ୟାଭିନୟ।

**ସୋହେଲା,୨୯।୯(ଡି.ଏନ.ଏ.)**

ସାର୍ବଜନୀନ ଦୁର୍ଗାପୂଜା ଅବସରରେ ଆରମ୍ଭ ହୋଇଥିବା ରାମଲୀଳାର ତୃତୀୟ ରଜନୀରେ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା କରି ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କୁ ବନବାସ ପ୍ରେରଣ କରିଛନ୍ତି। ଭରତ ଅଯୋଧ୍ୟାକୁ ଫେରି ବଡ଼ଭାଇ ରାମଙ୍କୁ ଫେରାଇବା ପାଇଁ ବନକୁ ଯାଇଛନ୍ତି। ସେଠାରେ ବେନିଭାଇଙ୍କ ମିଳନ ହୋଇଛି। ଭରତ ପ୍ରଭୁଙ୍କ ପାଦୁକା ମୁଣ୍ଡାଇ ଅଯୋଧ୍ୟା ଫେରିଥିବବା ଦୃଶ୍ୟାଭିନୟ ହୋଇଥିଲା। ବିଭିନ୍ନ ଭୂମିକାରେ ପରାଗ, ଶମ୍ଭୁ, ପ୍ରମୋଦ, ବୀଣା, ସସ୍ମିତା, ମଧୁ, ମୁକେଶ, ଆକାଶ, ଟୁଇଙ୍କଲ, ମନୋଜ, ଷଡାନନ, ତୁଳସୀ ପ୍ରମୁଖ ଅଭିନୟ କରିଥିଲେ।

### ଗାନ୍ଧୀ ଜୟନ୍ତୀ ପାଇଁ ଅଙ୍ଗ ନଦୀରୁ ଜଳ ସଂଗ୍ରହ

**ପଦ୍ମପୁର,୨୯।୯ (ଡି.ଏନ.ଏ.)**

ଗାନ୍ଧୀ ଜୟନ୍ତୀରେ ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମଗ୍ରାମର ମାଟି ଓ ନଦୀର ଜଳ ସଂଗ୍ରହ କରାଯାଇ ରାଜ୍ୟସ୍ତରୀୟ ଉତ୍ସବକୁ ପଠାଇବା ପାଇଁ ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଛି। ପାଣିମୋରା ଓ ଘେଁସରୁ ମାଟି ସଂଗ୍ରହ କରାଯାଇଥିବା ବେଳେ ପଦ୍ମପୁର ନିକଟସ୍ଥ ମହୁଲପାଲି ଅଙ୍ଗ ନଦୀରୁ ଜଳ ସଂଗ୍ରହ କରାଯାଇଛି। ରାଜବୋଡାସମ୍ବର ବ୍ଲକ ଓ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ମହୁଲପାଲିଠାରୁ ଏକ ଶୋଭାଯାତ୍ରା ଅଙ୍ଗ ନଦୀକୁ ଯାଇଥିଲା। ସେଠାରେ ଉପ ଜିଲାପାଳ ତ୍ରିଲୋଚନ ପାତ୍ର, ସହକାରୀ ଜିଲାପାଳ ତଥା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦୀପ୍ତିମୟୀ ଭୁଏ, ତହସିଲଦାର ସଞ୍ଜନ ସେଠ, ବ୍ଲକ ଅଧକ୍ଷ ରଞ୍ଜିତ ସିଂ ବରିହା, ଉପାଧକ୍ଷା ସଂଯୁକ୍ତା ଚାନ୍ଦ, ବିଡିଓ ବିଶ୍ୱନାଥ ସାହୁ, ମହୁଲପାଲି ସରପଞ୍ଚ ପଙ୍କଜିନୀ ବେହେରା ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ନଦୀରୁ ଜଳ ସଂଗ୍ରହ ପରେ ତାକୁ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ଅର୍ପଣ କରାଯାଇଥିଲା। ଟପ୍ପୋ ଉକ୍ତ ଜଳକୁ ଜିଲା କାର୍ଯ୍ୟାଳୟକୁ ନେଇଥିଲେ। ଗାନ୍ଧୀ ଜୟନ୍ତୀରେ ଓଡିଶା ସରକାର ଏହି ମାଟି ଓ ପାଣିରେ ବୃକ୍ଷରୋପଣ କରି ଶାନ୍ତିର ବାର୍ତ୍ତା ପ୍ରଦାନ କରିବା କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି।

## ଚକ୍ଷୁ ପରୀକ୍ଷା କରାଇଲେ ୬୩

**ବରଗଡ଼ ଅଫିସ୍,୨୯।୯**

ବରଗଡ଼ ବ୍ଲକ ଏସ୍. ଡୁମ୍ରେରପାଲି ପଞ୍ଚାୟତ ପିପିଲିପାଲି ଗ୍ରାମବାସୀ ଏବଂ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲା ପରିଷଦ ସଭ୍ୟା ପ୍ରଭାସିନୀ ପ୍ରଧାନ, ସରପଞ୍ଚ ଯୋଗେଶ୍ୱର ସାହୁ, ପଞ୍ଚୁଦେବ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୋପବନ୍ଧୁ ପାଣିଗ୍ରାହୀ ସହଯୋଗ କରିଥିଲେ। ଶିବିରରେ ୬୩ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୮ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇ ଅସ୍ତ୍ରୋପଚାର ପାଇଁ ତ୍ରିଲୋଚନ ନେତ୍ରାଳୟକୁ ନିଆଯାଇଥିଲା। ତ୍ରିଲୋଚନ ନେତ୍ରାଳୟର ରିତେଶ୍ରୀ ଗେଜୋ, ରୋଶନ ଭୋଇ ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ। ସରସରା ପ୍ରାଥମିକ କୃଷି ସମବାୟ ସମିତି ନିର୍ଦ୍ଦେଶକ ରାଜେନ୍ଦ୍ର ବିଶ୍ୱାଳ, ମନୋଜ ସାହୁ, ନରହରି ସାହୁ, ବ୍ୟାସଦେବ ସାହୁ, ନିରଞ୍ଜନ ଖମାରୀ, ରାଜକୁମାର ବନଛୋର, ଅରୁଣ ମାଝି ପ୍ରମୁଖ ଶିବିର ପରିଚାଳନା କରିଥିଲେ।


ଚକ୍ଷୁ ଶିବିରକୁ ଉଦ୍‌ଘାଟନ କରାଯାଉଛି ।

## କୃଷକ ଉତ୍ପାଦକ କମ୍ପାନୀର ସଭା

**ବରଗଡ଼ ଅଫିସ, ୨୯।୯**

ବରଗଡ ଜିଲା ଗାଇସିଲେଟ ବ୍ଲକ ଘଡଘଡିମାଲଠାରେ ଗୁରୁବାର ସ୍ୱୟଂସିଦ୍ଧା କୃଷକ ଉତ୍ପାଦକ କମ୍ପାନୀର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବ୍ଲକ ଅଧକ୍ଷ ପ୍ରଣୟ କୁମାର ସାହୁ ମୁଖ୍ୟ ଅତିଥି, କଠଉମାଲ ସରପଞ୍ଚ ଶେଷଦେବ ପଧାନ, କଠଉମାଲ ସେବା ସମବାୟ ସମିତି ସଭାପତି ଯତୀନ୍ଦ୍ର ସାହୁ, ବ୍ଲକ ପ୍ରାଣୀଧନ ଅଧିକାରୀ ରଶ୍ମିରଞ୍ଜନ ମହାନ୍ତି, କୃଷି ଗ୍ରାମସେବକ ଗ୍ରୀସଚନ୍ଦ୍ର ସ୍ୱାଇଁ, ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡିଲେଶ୍ୱର ସାହୁ, ଦେବଦତ୍ତ କ୍ଲବ କାର୍ଯ୍ୟକରୀ ସମ୍ପାଦକ ରୁଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଶେଷଦେବ ସାହୁ ୨୦୨୧-୨୨ର ଆୟବ୍ୟୟ ତଥା ଆଗାମୀ ଦିନର କାର୍ଯ୍ୟଖସଡ଼ା ଉପରେ ଆଲୋଚନା କରିଥିଲେ। ଅତିଥିମାନେ ଚାଷୀମାନଙ୍କ ପାଇଁ ରହିଥିବା ସୁବିଧା ସୁଯୋଗ ଉପରେ ଆଲୋଚନା କରିଥିଲେ। ପାରମ୍ପରିକ ଚାଷ ବଦଳରେ ପନିପରିବା ଚାଷ ଲାଭବାନ ହେବାକୁ ସେମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ୨ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆକାଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ସୁରକ୍ଷାକୁ ଗୁରୁତ୍ୱ

**ଅତାବିରା,୨୯।୯(ଡି.ଏନ.ଏ):** ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟଲି ପଞ୍ଚାୟତ ଅଫିସ ପରିସରରେ ଗୁରୁବାର ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ଏବଂ ବାଲ୍ୟ ବିବାହ ନିରୋଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ତୋଷବନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ଭେଡ଼େନର କ୍ଷେତ୍ର ପରିଦର୍ଶିକା ସେବତୀ ବାଗ, ଅଙ୍ଗନୱାଡ଼ି କର୍ମୀ ରୀନା ଦନ୍ତା, ଯଶୋବନ୍ତୀ ସାହୁ, ଯାଜ୍ଞସେନୀ ନାୟକ, ଜ୍ୟୋତ୍ସ୍ନାମୟୀ ଛୁରିଆ, ବାସନ୍ତୀ ବରିହା, ଲୀଳାବତୀ ପଟେଲ, ଶିକ୍ଷୟିତ୍ରୀ ସବ୍ୟା ଭୁଏ ପ୍ରମୁଖ ଯୋଗଦାନ କରିଥିଲେ। ବାଲ୍ୟ ବିବାହ ରୋକିବା ସହିତ ଶିଶୁଙ୍କ ସୁରକ୍ଷା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଶିଶୁ ଶ୍ରମିକ ବନ୍ଦ କରି ଅଧାରୁ ପାଠ ଛାଡ଼ିଥିବା ଶିଶୁଙ୍କୁ ପୁଣି ସ୍କୁଲକୁ ଆଣିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

## ଜର୍ଜ ହାଇସ୍କୁଲରେ ଆଲୋଚନାଚକ୍ର

**ବରଗଡ଼ ଅଫିସ, ୨୯।୯**

ସମ୍ପ୍ରତି ସମାଜରେ ନିରନ୍ତର ବିକାଶ ପ୍ରକ୍ରିୟାରେ ବିଜ୍ଞାନର ଆହ୍ୱାନ ଓ ସମ୍ଭାବନା ଶୀର୍ଷକ ଆଲୋଚନାଚକ୍ର ବରଗଡ଼ ଜର୍ଜ ହାଇସ୍କୁଲଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଡ଼ଃ ମନୋଜ କୁମାର ସାହୁ, ଟାଉନ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନମୋହନ ତ୍ରିପାଠୀ, ଏବିଇଓ କପିଳ ରଥ, ଜର୍ଜ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ଼ଃ ଡୋଲାମଣି ଶତପଥୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବରଗଡ଼ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧରେ ଅନୁଷ୍ଠିତ ପ୍ରତିଯୋଗିତାରେ ଗୋବିନ୍ଦପୁର ଆଦର୍ଶ ବିଦ୍ୟାଳୟର ଛାତ୍ର ଅନୁଭବ ସାହୁ ପ୍ରଥମ, ଜିଏମ୍ ଉଚ୍ଚ ବିଦ୍ୟାଳୟ କଳାପାଣିର କିରଣ ଗୁପ୍ତା ଦ୍ୱିତୀୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପରିନିତା ମିଶ୍ର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବିଚାରକ ଭାବେ ବିଜ୍ଞାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ ଓ ଶିକ୍ଷକ ଜିତେନ୍ଦ୍ର ହୋତା ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ନମିତା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡ଼ଃ ଡୋଲାମଣି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବରଗଡ଼ ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ପ୍ରଧାନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆଶା ତାଲିମ ଶିବିର ଉଦ୍‌ଯାପିତ

**ପାଇକମାଳ,୨୯।୯(ଡି.ଏନ.ଏ.)**

ବରଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ଓ ଆଜ୍‌କା ଅନୁଷ୍ଠାନର ମିଳିତ ସହଯୋଗରେ ଚାଲିଥିବା ଆଶା ଟ୍ରେନିଂ ମଡ୍ୟୁଲ ୬ ଏବଂ ୭ର ତୃତୀୟ ପର୍ଯ୍ୟାୟ ସାଲେପାଲିଠାରେ ଗୁରୁବାର ଉଦ୍‌ଯାପିତ ହୋଇଛି। ଏହି ତାଲିମରେ ବରଗଡ଼ ଜିଲାର ଅତାବିରା, ବରଗଡ଼, ସୋହେଲା, ଗାଇସିଲେଟ, ପଦ୍ମପୁର ଏବଂ ପାଇକମାଳ ବ୍ଲକରୁ ମୋଟ ୨୭ ଜଣ ଆଶାକର୍ମୀ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଡ଼ା ଅରୂପାନନ୍ଦ ସାହୁ ଏବଂ ପ୍ରଶିକ୍ଷିକା ସନ୍ତୋଷିନୀ ମହାପାତ୍ର ତାଲିମ ପ୍ରଦାନ କରିଥିଲେ। ବରଗଡ଼ ଜିଲା ସି. ପି. ମ୍ୟାନେଜର ସୌଭାଗ୍ୟ ରଞ୍ଜନ ମିଶ୍ର ତାଲିମ ପରିଦର୍ଶନ କରିଥିଲେ। ଆଜ୍‌କା ଅନୁଷ୍ଠାନର ପ୍ରୋଗ୍ରାମ ମ୍ୟାନେଜର ନିତ୍ୟାନନ୍ଦ ଜେନା ତାଲିମ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଯୁଗଳ କିଶୋର ନାୟକ, ଚନ୍ଦ୍ର ସାହୁ ଓ ଅଶୋକ ସାହୁ ସହଯୋଗ କରିଥିଲେ।



ତାଲିମ ଶିବିରରେ ଯୋଗ ଦେଇଥିବା ଆଶାକର୍ମୀ ଏବଂ ପ୍ରଶିକ୍ଷକ।

## ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ



ଉତ୍ସବରେ ଉପସ୍ଥିତ ପରିଚାଳନା କମିଟି ସଭାପତି ଓ ଅଧ୍ୟାପକବୃନ୍ଦ।

**ଡୁଙ୍ଗୁରିପାଲି,୨୯।୯(ଡି.ଏନ.ଏ.)**

### ଶ୍ରୀରାମ ମହାବିଦ୍ୟାଳୟ

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଶ୍ରୀରାମ ମହାବିଦ୍ୟାଳୟ ରାମପୁରରେ ଯୁକ୍ତ ଦୁଇ ପ୍ରଥମ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ତରଣୀସେନ ବେହେରା ଉତ୍ସବରେ ସଭାପତିତ୍ୱ କରି କଲେଜର ନୀତିନିୟମ, ଶୃଙ୍ଖଳା, ଦାୟିତ୍ୱବୋଧ, ପରିଚ୍ଛନ୍ନତା,ସମୟ ସଚେତନତା ତଥା ପାରସ୍ପରିକ ସଦ୍‌ଭାବ ରକ୍ଷା କରି ପଠନ ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ପରିଚାଳନା କମିଟିର ସଭାପତି ରମେଶଚନ୍ଦ୍ର ପୂଜାରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ କଲେଜର ଗୌରବମୟ ଐତିହ୍ୟ ଉପରେ ଆଲୋକପାତ କରି ସେହି ଗାରିମାକୁ ବଜାୟ ରଖିବାକୁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ କରିଥିଲେ । ଯୁକ୍ତ ଦୁଇ ବିଭାଗର ଉପାଧକ୍ଷ ତଥା ପ୍ରଶାସନିକ ମୁଖ୍ୟ ପ୍ରାଧ୍ୟାପକ ସଞ୍ଜୟ କୁମାର ମିଶ୍ର ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିବା ସହ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ମଧୁସୂଦନ ରଥ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ନିୟମାବଳୀ ଓ କଲେଜର ବିଧିବଦ୍ଧ ନିୟମକୁ ପାଳନ କରିବାକୁ ଛାତ୍ରୀଛାତ୍ରମାନେ ସଂକଳ୍ପବଦ୍ଧ ହେବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକମାନେ ନିଜ ବିଷୟର ପାଠ୍ୟ ଖସଡ଼ା ଉପରେ ସୂଚନା ପ୍ରଦାନ କରିଥିଲେ । ଗ୍ରନ୍ଥାଗାରିକ ଆନନ୍ଦ ପଧାନ ପୁସ୍ତକର ଉପାଦେୟତା ସଂପର୍କରେ, ଛାତ୍ରାବାସ ଅଧକ୍ଷ ଅଧ୍ୟାପକ ଡ. ରବିନାରାୟଣ ତ୍ରିପାଠୀ ଅନ୍ତେବାସୀଙ୍କ ନୀତି, ନିୟମ ସଂପର୍କରେ ତଥା ଅଧ୍ୟାପକ ପ୍ରମୋଦ କୁମାର ଭୋଇ ପରୀକ୍ଷା ପ୍ରଣାଳୀ ଉପରେ ବିଶଦ ଆଲୋଚନା କରିଥିଲେ। ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ରଙ୍କୁ କଲେଜର କ୍ୟାଲେଣ୍ଡର ପୁସ୍ତିକା ବଣ୍ଟନ କରାଯାଇଥିଲା । ଅଧ୍ୟାପକ ଡ.ଲିଙ୍ଗରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ତଥା ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ୨ ପୃଥକ୍ ସ୍ଥାନରେ ଅବକାରୀ ଚଢ଼ାଉ, ୨ ଗିରଫ

**କୋକସରା,୨୯।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ ଓ ଜୟପାଟଣା ଅବକାରୀ ବିଭାଗ ପକ୍ଷରୁ ବୁଧବାର ଆମପାଣି ଗ୍ରାମର ୨ ପୃଥକ ସ୍ଥାନରେ ଚଢ଼ାଉ କରି ୧୯ ଲିଟରରୁ ନକଲି ଓ ବିଦେଶୀ ମଦ ପ୍ରାୟ ଉର୍ଦ୍ଧ୍ୱ ମଦ ଜବତ କରାଯାଇଛି। ଏହି ଘଟଣାରେ ଗିରଫ ୨ଜଣ ହେଲେ ଆମପାଣିର ଯୋଗେଶ ରୋହିଲା ଓ ରୁକ୍ଷିମଣୀ ଶଗଡିଆ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଧର୍ମଗଡ ଅବକାରୀ ନିରୀକ୍ଷକ ମିଶ୍ର ସୂଚନା ଦେଇଛନ୍ତି। ଚଢ଼ାଉରେ ରୁକ୍ଷିମଣୀ ଶଗଡିଆଙ୍କଠାରୁ ୫ ଲିଟର ନକଲି ବିଦେଶୀ ମଦ ଓ ୪.୧୪୦ ଲିଟର ସାଧାରଣ ମଦ ଜବତ କରାଯାଇଥିବା ବେଳେ ଯୋଗେଶ ରୋହିଲାଙ୍କଠାରୁ ୧୦ ଲିଟର ବିଦେଶୀ ମଦ ଜବତ କରଯାଇଥିଲା। ଚଢ଼ାଉରେ ଜୟପାଟଣା ଅବକାରୀ ଇନ୍ସପେକ୍ଟର ବାଣୀ ସୁନାଙ୍କ ସମେତ ଧର୍ମଗଡ ଓ ଜୟପାଟଣା ଅବକାରୀ ବିଭାଗ ଅନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ।

### ସ୍ୱତନ୍ତ୍ର ଦିବ୍ୟାଙ୍ଗ ପ୍ରମାଣପତ୍ର ଶିବିର

**ସିନାପାଲି,୨୯।୯(ଡି.ଏନ.ଏ.):** ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ କଇଟପଦର ଗ୍ରାମପଞ୍ଚାୟତ ଆନୁକୂଲ୍ୟରେ ସ୍ୱତନ୍ତ୍ର ଦିବ୍ୟାଙ୍ଗ ପ୍ରମାଣପତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଡିଏସଏସଓ ନାରାୟଣ ବେହେରା, ଡାକ୍ତର ରମାକାନ୍ତ ସାହୁ, ଧନଞ୍ଜୟ ଭୁଇ, ମନୋଜ କୁମାର ସାହୁ, ହିମାଂଶୁ ପରିଡା, ବିଫୁଲ ଗର୍ଗ ଭବାନିଶଙ୍କର ମଲ୍ଲିକ, ଦୀପ୍ତି କୁଣ୍ଡିଆ, ଘନଶ୍ୟାମ ସାହୁ, ଦୟାନନ୍ଦ ବୁଢିଆ ପ୍ରମୁଖ ଯୋଗଦେଇଥିଲେ। ବିଏସଏସଓ ପ୍ରେମଲାଲ ନାଏକ, ପିଇଓ ସଞ୍ଜୟ ପ୍ରଧାନ, କଇଟପଦର ସରପଞ୍ଚ ପୁଷ୍ପାଞ୍ଜଳି ହଂସ, କେନ୍ଦୁମୁଣ୍ଡା ସରପଞ୍ଚ ମଦନ ଦଣ୍ଡସେନା, ଜିଆରଏ ଓମ ପ୍ରକାଶ ମାଝି, ପିଏ ବିକାଶ ରଞ୍ଜନ କଛିଆ, ଜିଆରଏସ ଇନ୍ଦ୍ରାଦି ମାଝି, ହରିଶ୍ଚନ୍ଦ୍ର ମାଝିଙ୍କ ସମେତ ଜିଲା ଭିନ୍ନକ୍ଷମ ସଭାପତି ଅଚ୍ୟୁତାନନ୍ଦ ସୁନାନୀ, ସିକ୍ରେଟି ଦିଲିପ ସଡଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ମୋଟ ୮୩ ଜଣଙ୍କ ପଞ୍ଜୀକୃତ ହୋଇଥିବା ଜଣାପଡିଛି।

### ୫୦ ଅସହାୟଙ୍କୁ ହାଇଜେନିକ କିଟ ପ୍ରଦାନ



**ଜୁନାଗଡ,୨୯।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପରିସରରେ ଗୁରୁବାର ରେଡକ୍ରସ ସୋସାଇଟି ପକ୍ଷରୁ ସ୍ଥାନୀୟ ୫୦ଜଣ ଅସହାୟ ଗରିବ ଲୋକଙ୍କୁ ହାଇଜେନିକ କିଟ ବଣ୍ଟନ କରାଯାଇଛି। ବିଡିଓ ଦୁଲାରାମ ମାରାଣ୍ଡିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସବିତା ମେହେର, ଉପାଧକ୍ଷ ପ୍ରମୋଦ ବେହେରା, ଜିପିଓ ରାଜେନ୍ଦ୍ର ଭୋଇଙ୍କ ସମେତ ଉତ୍କଳମଣି ସେବା ସଂସ୍ଥାର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ବିଏସ୍ଏସଓ ତୁଷାର ରଞ୍ଜନ ସାହୁ ପରିଚାଳନା କରିଥିଲେ।

### ଧନ୍ଦାମୂଳକ ଶିକ୍ଷା ରିଟେଲ ବିଭାଗ ପରିଦର୍ଶନ

**ଲୋଇସିଂହା,୨୯।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରାମପୁର ଆଶ୍ରମ ସ୍କୁଲର ଧନ୍ଦାମୂଳକ ଶିକ୍ଷା ରିଟେଲ ବିଭାଗରେ ଅଧ୍ୟୟନରତ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ବଲାଙ୍ଗୀରସ୍ଥିତ ମାର୍ଟ ପରିଦର୍ଶନ କରି କରିଥିଲେ । ଦୁଇଦିନ ଧରି ବିଦ୍ୟାଳୟ ଶିକ୍ଷକ ଧନୁର୍ଦ୍ଧର ସୁନାଙ୍କ ନେତୃତ୍ୱରେ ନବମର ୩୯ ଓ ଦଶମର ୩୪ଜଣ ଛାତ୍ରୀଛାତ୍ର ମାର୍ଟକୁ ଯାଇ କିଣାବିକା ସମ୍ପର୍କରେ ତଥ୍ୟ ହାସଲ କରିଥିଲେ ।

### ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ

**ଲୋଇସିଂହା,୨୯।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ପରଧିଆପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବଣ୍ଟନ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସୌମ୍ୟରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ବନୀତା ମେହେର ଅତିଥିଭାବେ ଯୋଗଦେଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୋଷାକ ଓ ଜୋତା ପ୍ରଦାନ କରିଥିଲେ। ଶ୍ୟାମସୁନ୍ଦର ଭୋଇ, ସୁଶୀଲ ସାହୁ, ସୁବାସ ପୁଟେଲ, ଯତିନ୍ଦ୍ର ପଟେଲ, କମଳିନୀ ମହାକୁର, ରିଙ୍କି ସାହୁ ଓ ସୌଦାମିନୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ସଂପ୍ରୀତିର ବାର୍ତ୍ତା ବାଣ୍ଟେ ନୂଆଁଖାଇ

**ଟିଟିଲାଗଡ,୨୯।୯(ଡି.ଏନ.ଏ.)**



ମନ୍ତ୍ରୀ ଟୁକୁନି ସାହୁ କଣ୍ଠଶିଳ୍ପୀ ପଙ୍କଜ ଜାଲଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବଲାଙ୍ଗୀର ଜିଲା ଟିଟିଲାଗଡ ସହରର ବିଭିନ୍ନ ସାମାଜିକ ଅନୁଷ୍ଠାନ ସମୂହ ପକ୍ଷରୁ ସ୍ଥାନୀୟ ବିଆରସି ବିଲ୍ଡିଙ୍ଗ ପରିସରରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଛି। ନାଗରିକ ମଞ୍ଚ ସଭାପତି ରାଧାକାନ୍ତ ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ରାଜ୍ୟ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଉପଜିଲାପାଳ ମନୋଜ ସତ୍ୟବାନ ମହାଜନ, କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରପାଲ ସମ୍ମାନିତ ଅତିଥି, ହାସ୍ୟକବି ରସରାଜ ଅଚ୍ୟୁତ ପୁରୋହିତ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। କୋଶଳି କବି ଦିଲୀପ ପଶାୟତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚରେ ୧୬ଟି ସାମାଜିକ ଅନୁଷ୍ଠାନ କର୍ମକର୍ତ୍ତା ମଞ୍ଚାସୀନ ରହି ସହରବାସୀଙ୍କୁ ନୂଆଁଖାଇର ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ।

ମୁଖ୍ୟ ଅତିଥି ସାହୁ ତାଙ୍କ ବକ୍ତବ୍ୟରେ ନୂଆଁଖାଇ ଭାଇଚାରା ଓ ସଂପ୍ରୀତିର ବାର୍ତ୍ତା ବାଣ୍ଟେ ବୋଲି କହିଥିଲେ। ଟିଟିଲାଗଡକୁ ଏକ ଅଗ୍ରଣୀ ଅଞ୍ଚଳଭାବେ ଗଢି ତୋଳିବା ଦିଗରେ ସେ କାର୍ଯ୍ୟ କରିଚାଲିବେ।

**ସାମାଜିକ ଅନୁଷ୍ଠାନ ସମୂହର ନୂଆଁଖାଇ ଭେଟ୍‌ଘାଟ୍**

ସହରର ପାନୀୟ ଜଳଯୋଗାଣ ସ୍ଥିତିରେ ଉନ୍ନତି ଆଣିବାକୁ ୨୫କୋଟି ଟଙ୍କାର ଅତିରିକ୍ତ ଅନୁଦାନ ମଞ୍ଜୁର ହୋଇଥିବା ମନ୍ତ୍ରୀ ସାହୁ କହିଥିଲେ। ସମ୍ମାନିତ ଅତିଥି ମହାଜନ କଳା, ସଂସ୍କୃତିର ଉନ୍ନତି ଘଟିଲେ ସାମଗ୍ରିକ ବିକାଶ ସମ୍ଭବ ବୋଲି କହିଥିଲେ। ମୁଖ୍ୟବକ୍ତା ପୁରୋହିତ କବିତା ମାଧ୍ୟମରେ ନୂଆଁଖାଇର ଐତିହ, ସଂସ୍କୃତିର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। ଟିଟିଲାଗଡ ମାଟିର ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ, ସିନେ ନିର୍ଦ୍ଦେଶକ ଜିତେନ୍ଦ୍ର ମିଶ୍ରଙ୍କ ଅନୁପସ୍ଥିତିରେ ତାଙ୍କ ପରିବାର ସଦସ୍ୟଙ୍କୁ ଏବଂ କଣ୍ଠଶିଳ୍ପୀ ପଙ୍କଜ ଜାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରପାଲଙ୍କ ରଙ୍ଗବତୀ ଗୀତରେ ଦର୍ଶକ ତଥା ଅତିଥିବୃନ୍ଦ ଝୁମିଥିଲେ। ଶେଷରେ ବଣିକ ସଂଘ ସଭାପତି ଶମ୍ଭୁ ଗୋୟଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଦୀପକ ସମ୍ପାଜଦାର, ମନୋଜ ହାତୀ, ସୁଧୀର ଘଡ଼େଇ, ଦେବାନନ୍ଦ ସାହୁ, ରାଜୀବ ଲୋଚନ ପାଢ଼ୀ, ରମାନାଥ ଖମାରୀ, ଅଞ୍ଜଳି ବେହେରା, ଜୟନ୍ତ ପଣ୍ଡା, ମାନସ ମହାନ୍ତି, ସଞ୍ଜୟ ବେହେରା, ରାଧେଶ୍ୟାମ ଅଗ୍ରୱାଲ, କୃଷ୍ଣଚନ୍ଦ୍ର ସାହୁ, ରବି କିରଣ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଅଯୋଗ୍ୟ, ଅଣବିସ୍ଥାପିତଙ୍କ ନାଁରେ ସହାୟତା ରାଶି ହଡ଼ପ

**ନୂଆପଡ଼ା ଅଫିସ,୨୯।୯**

**ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ**

ନୂଆପଡା ଜିଲା ଖଡିଆଳ ଓ କୋମନା ମଧ୍ୟ ଭାଗରେ ନିର୍ମାଣାଧୀନ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ସମ୍ପୂର୍ଣ୍ଣ ଓ ଆଂଶିକ ବୁଡି ହୋଇଥିବା ପରିବାରଙ୍କୁ ଥଇଥାନ ରାଶି ସରକାର ପ୍ରଦାନ କରୁଛନ୍ତି। ହେଲେ ଏଥିରେ ଅଯୋଗ୍ୟ ତଥା ଅଣବିସ୍ଥାପିତମାନଙ୍କ ନାଁରେ ଥଇଥାନ କରି ସହାୟତା ରାଶିକୁ ଏଲଆଇବିଏସଏସ କମିଟି ସଦସ୍ୟମାନେ ହଡପ କରୁଥିବା ଅଭିଯୋଗ ହେଉଛି। ବାରମ୍ବାର ଜିଲା ପ୍ରଶାସନଙ୍କଠାରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ନ ମିଳବାରୁ କୋମନା ବ୍ଲକ ପେଣ୍ଡରାବନ ପଞ୍ଚାୟତ ଚାନ୍ଦୋପଲା ଗାଁର ନିରନ ହରିଜନ(ଅଶୋକ) ଉପରିସ୍ଥ ଅଧିକାରୀଙ୍କ ଅବଗତ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରାପ୍ତ ସୂଚନା ମୁତାବକ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ଡିଖାଲିରେ ଲିନ ହୋଇଥିବା ଉକ୍ତ ଅଞ୍ଚଳର ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପରିବାରଙ୍କ ପାଇଁ ସରକାର କ୍ଷତିପୂରଣ ସହ ଥାଇଥାନର ବ୍ୟବସ୍ଥା କରିଛନ୍ତି। ଏହି ସବୁ ବ୍ୟବସ୍ଥାରେ ସରକାରଙ୍କ ୧୯୯୪ ଓ ୨୦୦୬ ପୁନର୍ବାସ ଓ ଥାଇଥାନ ନୀତି କାର୍ଯ୍ୟକାରୀ ହେଉଛି। ଏଠାରେ ପ୍ରକୃତ ହିତାଧିକାରୀ ସହାୟତା ରାଶି ପାଇବା ପରିବର୍ତ୍ତେ କିଛି ଅସାଧୁ ବ୍ୟକ୍ତିମାନେ ଅଯୋଗ୍ୟ ଓ ଅଣବିସ୍ଥାପିତ ଲୋକଙ୍କୁ ଏହି ଯୋଜନାରେ ସାମିଲ କରି ଥାଇଥାନ ସହାୟତା ରାଶି ହଡପ କରାଯାଉଥିବା ଅଭିଯୋଗ ହେଉଛି। ଏଥିରେ କେତେଜଣ ନିଜ ଲୋକ, ଝିଅ, ନାତି, ପୁରୁତାଙ୍କ କାଗଜାତ ଜାଲିଆତି ଥଇଥାନ ରାଶି ମଞ୍ଜୁର କରାଇଛନ୍ତି। ଆଉ କେତେଜଣ ଶାଳି, ସ୍ତ୍ରୀଙ୍କ ନାମରେ ଜାଲିଆତି କରି ଥାଇଥାନ ରାଶି ମଞ୍ଜୁର କରି ହଡପ କରିଥିବା ଅଭିଯୋଗ ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ପ୍ରକୃତ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରି ଅସାଧୁ ଉପାୟ ଅବଲମ୍ବନ କରୁଥିବା ବ୍ୟକ୍ତି ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିରନ ହରିଜନ ଦାବି କରିଛନ୍ତି। ଏ ନେଇ ସେ ପ୍ରମୁଖ ଶାସନ ସଚିବ, ଭୁବନେଶ୍ୱର ଜଳ ସମ୍ପଦ ବିଭାଗ, ପୁନଃବାସ ଓ ଭୁବନେଶ୍ୱର ଥଇଥାନ ନିର୍ଦ୍ଦେଶକ ତଥା ଯୁଗ୍ମ ଶାସନ ସଚିବ, ବ୍ରହ୍ମପୁର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ନୂଆପଡ଼ା ଜିଲା ମାଜିଷ୍ଟ୍ରେଟ, ଖଡ଼ିଆଳ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ପୂର୍ନବାସ ଓ ଥାଇଥାନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରେରଣ କରିଛନ୍ତି।

# ରାସ୍ତା ନିର୍ମାଣ ଦାବିକଲେ ଗ୍ରାମବାସୀ



ଖାଲଖମାରେ ଭର୍ତ୍ତି ହୋଇଛି ରାସ୍ତା।

**ଖଡ଼ିଆଳ,୨୯।୯(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଭୋଜପୁର ପଞ୍ଚାୟତ ଭାଲୁଡଙ୍ଗରି ଗ୍ରାମ। ଏହି ଗ୍ରାମ ବ୍ଲକର ୨ଟି ପଞ୍ଚାୟତ ଭୋଜପୁର ଏବଂ ଭୂଲିଆଁ ସିକୁଆଁ ତଥା ଖଡ଼ିଆଳ ବ୍ଲକ ଉପରେ ନିର୍ଭର କରେ। ଏଠାରେ ଏକ ପୁରାତନ ଶିବ ମନ୍ଦିର ରହିଥିବା ହେତୁ ଏଠାକୁ ଅନେକ ଭକ୍ତ ପରିବାର ସହ ଦର୍ଶନ କରିବାକୁ ଆସିଥାନ୍ତି। ଏହି ଗ୍ରାମର ଲୋକେ ଭୋଜପୁରରୁ ଭୁଲିଆଁସିକୁଆଁ ରାସ୍ତା ଦେଇ ପଞ୍ଚାୟତ କାର୍ଯ୍ୟ ତଥା ଚାଉଳ, ଗହମ ଆଣିବାକୁ ଯାଇଥାନ୍ତି। ଏହା ସାଙ୍ଗକୁ ଗ୍ରାମର ଅନେକ ଛାତ୍ରୀଛାତ୍ର ବିଦ୍ୟାଳୟ ତଥା କଲେଜ ଯିବାକୁ ଏହି ରାସ୍ତା ଉପରେ ନର୍ଭର କରିଥାନ୍ତି। ସେହିପରି ଏହି ରାସ୍ତା ଦେଇ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ରହିଥିବାରୁ ଗ୍ରାମର ସମସ୍ତ ଲୋକେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଭାଲୁଡୁଙ୍ଗରି ଗ୍ରାମର ସମସ୍ତଙ୍କ ପାଇଁ ମୁଖ୍ୟ ରାସ୍ତା ହୋଇଥିବା ବେଳେ ଅନେକ ସ୍ଥାନରେ ଛୋଟବଡ ଖାଲଢ଼ିପ ରହିଥିବା ବେଳେ ଅଳ୍ପ ବର୍ଷାରେ ମଧ ପାଣି ଜମି ରହୁଛି। ଫଳରେ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହୋଇ ଯାତାୟାତ କରୁଛନ୍ତି। ତୁରନ୍ତ ରାସ୍ତା ନିର୍ମାଣ ପାଇଁ ସୋଭାପତି ପଟେଲ, ଗୋବିନ୍ଦ ପଟେଲ, ଘନଶ୍ୟାମ ପଟେଲ, ଶିବ ପଟେଲ, ନରେନ୍ଦ୍ର ତାଣ୍ଡି, ହରିତାଣ୍ଡି, ଟେନିସ ପଟେଲ, ମୋ ତି ରାମ ପଟେଲ, ମୋହିତ ପଟେଲ, ମୁରଲୀ ସାଗରିଆ, ଗୋରିଆଣି ସାଗରିଆ, ଧନୀ ତାଣ୍ଡି, ଟୁନୁ ତାଣ୍ଡି, ରାମକୃଷ୍ଣ ତାଣ୍ଡି ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି। ଏଥି ପ୍ରତିଜିଲା ପ୍ରଶାସନ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ କରି ରାଜରାସ୍ତା ଅବରୋଧ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବ୍ୟବହାର ହେଉନି ବିଜ୍ଞାନ ଲାବରେଟୋରି

**ଭାଲୁକୁନା ରୂପାନ୍ତରୀଣ ଉନ୍ନୀତ ଉଚ୍ଚ ବିଦ୍ୟାଳୟ**

**ଲାଠୋର, ୨୯।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତ ଭାଲୁକୁନା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ୫-ଟି ରୂପାନ୍ତରୀଣ ଯୋଜନାରେ ସାମିଲ ହୋଇଛି। ସ୍ମାର୍ଟ କ୍ଲାସରୁମ, ଇ-ଲାଇବ୍ରେରୀ, ବିଜ୍ଞାନ ପ୍ରୟୋଗଶାଳା ନିର୍ମାଣ କରାଯାଇଛି। ନିର୍ମାଣ ୪ମାସ ବିତି ଯାଇଥିଲେ ବି ବିଜ୍ଞାନ ପ୍ରୟୋଗଶାଳା ବର୍ତ୍ତମାନ ଯାଏ ବ୍ୟବହାର ଉପଯୋଗୀ ହୋଇ ପାରିନାହିଁ। ପ୍ରୟୋଗଶାଳାରେ ପାଣି ବ୍ୟବସ୍ଥା ସହ ବେସିନ ଲଗାଯାଇନାହିଁ। ପରୀକ୍ଷଣ ସାମଗ୍ରୀ ଏବଂ କେମିକାଲ ରଖିବା ପାଇଁ ର୍ୟାକର ବ୍ୟବସ୍ଥା ନାହିଁ। ବିଭିନ୍ନ ପ୍ରକାର ପରୀକ୍ଷଣ କରିବା ପାଇଁ ଗ୍ରାନାଇଟ ପଥର ଖଞ୍ଜା ଟେବୁଲର ଆବଶ୍ୟକତା ଥିବା ବେଳେ ଏଠାରେ ପ୍ଲାଏଉଡ ନିର୍ମିତ ଦୁଇଟି ପରୀକ୍ଷା ଟେବୁଲ ରହିଛି। ସେହି ଟେବୁଲ ଉପରେ କେମିକାଲ ବ୍ୟବହାର କରି ପରୀକ୍ଷଣ କଲେ ଜଳିଯିବା ଆଶଙ୍କା କରି ଶିକ୍ଷକମାନେ ପ୍ରୟୋଗଶାଳାର ବ୍ୟବହାର କରୁନାହାନ୍ତି। ସେପ୍ଟେମ୍ବର ୮ତାରିଖରେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ କେଶବ ମେହେର ଏହି ବିଦ୍ୟାଳୟ ପରିଦର୍ଶନରେ ଆସିଥିବା ବେଳେ ଏସବୁ ଅବ୍ୟବସ୍ଥା ଦେଖି ସେ ବିଡିଓଙ୍କୁ ତତ୍କାଳ ପଦକ୍ଷେପ ନେବାକୁ କହିଥିଲେ। ହେଲେ ଅବଧି କୌଣସି ସୁଫଳ ମିଳିନାହିଁ।

# ଗୋଡ଼ଫୁଲା ଗାଁରେ ଭାଲୁ ଆତଙ୍କ

**ନୂଆପଡ଼ା ଅଫିସ,୨୯।୯**

ନୂଆପଡା ସଦର ବ୍ଲକ ଗୋଡଫୁଲା ଗାଁରେ ଦୁଇ ଭାଲୁ ଆତଙ୍କ ଖେଳାଇ ଦେଇଛନ୍ତି। ଗାଁ ଲୋକେ ଭୟରେ ଦିନତମାମ ତାଟିକବାଟ ବନ୍ଦ କରି ରହିଥିଲେ। କୌଣସି ଧନ ଜୀବନ କ୍ଷତି କରି ନ ଥିଲେ ମଧ୍ୟ ଗାଁରେ ଭୟର ବାତାବରଣ ଖେଳିଯାଇଛି। ଗୁରୁବାର ସକାଳେ ଗୋଡଫୁଲା ଗାଁକୁ ଦୁଇ ମା' ଓ ଛୁଆ ଭାଲୁ ଆସି ଏକ ବୁଦା ଭିତରେ ପଶି ଯାଇଥିଲେ। ଦୀର୍ଘ ୯ ଘଣ୍ଟା ଧରି ବୁଦା ଭିତରେ ରହିବା ପରେ ଅପରାହ୍ନ ୩ଟାରେ ପଦାକୁ ବାହାରି ଗାଁର ଅଧିକ ମାଝି ଘର ବାଡିରେ ପଶି ଯାଇଥିଲେ। ସେଠାରେ ପ୍ରାୟ ୨ ଘଣ୍ଟା ରହିବା ପରେ ବାଡିରୁ ବାହାରି ଥିଲେ। ଗାଁ ମୁଣ୍ଡରେ ଦୁଇ ଭାଲୁ ରହିଥିଲେ । ନୂଆପଡା ସଦର ବନାଞ୍ଚଳ ବନପାଳ ଦୀପ୍ତିମାନ ପଣ୍ଡା ଓ କର୍ମଚାରୀମାନେ ଗୋଡଫୁଲା ଗାଁକୁ ଯାଇ ଭାଲୁକୁ ପାଖ ସାଲିହା ପାହାଡକୁ ଘଉଡାଇ ଦେଇଛନ୍ତି। ସାଲିହା ପାହାଡରେ ବହୁତ ଭାଲୁ ରହିଛନ୍ତି। ସେଠାରେ ଖାଦ୍ୟ ଅଭାବରୁ ଗାଁ ଭିତରକୁ ପଶି ଆସୁଛନ୍ତି ବୋଲି ସୂଚନା ମିଳିଛି।



ଗୋଡଫୁଲା ଗାଁରେ ଆତଙ୍କ ଖେଳାଉଥିବା ଦୁଇ ଭାଲୁ।

# ଆଞ୍ଚଳିକ କ୍ଷତ୍ରିୟ ଯୁବ କ୍ରୀଡା, ସାଂସ୍କୃତିକ ସଙ୍ଗଠନ ବୈଠକ

**ଖଡ଼ିଆଳ,୨୯।୯(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ଆଞ୍ଚଳିକ କ୍ଷତ୍ରୀୟ ଯୁବ କ୍ରୀଡା ଓ ସାଂସ୍କୃତିକ ସଙ୍ଗଠନର ବୈଠକ କ୍ଷତ୍ରିୟ ସମାଜ ଭବନଠାରେ ସଭାପତି ସୁଜିତ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗତ ଦୁଇ ବର୍ଷ କରୋନା କଟକଣା ଯୋଗୁ ମଶାଲ ଯାତ୍ରା ବନ୍ଦ ରହିଥିବା ଯୋଗୁ ଚଳିତବର୍ଷ କିପରି ବିଶାଳ ଯାତ୍ରା ଓ ସାଂସ୍କୃତିର କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳା ସହିତ ପାଳନ ହେବ ସେ ନେଇ ନିଆଯାଇଥିଲ। ଆସନ୍ତା ଅକ୍ଟୋବର ୪ ତାରିଖ ନବମୀ ଦିନ କାର୍ଯ୍ୟକ୍ରମ ହେବ। ବୈଠକରେ ସମ୍ପାଦକ ଓଁମ ପ୍ରକାଶ ଦଣ୍ଡସେନା, କୋଷାଧ୍ୟକ୍ଷ ସୁରେଶ ଦଣ୍ଡ, ସଙ୍ଗଠକ ଲଳିତ ବେହେରା, ସିଡୁ ନାୟକ, ଉପଦେଷ୍ଟା ଦାମୋଦର ନାଏକ, ରତନ ସିଂ ବାରିକ, ଭୋଜରାଜ ପ୍ରଧାନୀ, ଜିତେନ୍ଦ୍ର ଦଣ୍ଡସେନା, ରାଜୁବାରିକ, ଦନାର୍ଦନ ପାତ୍ର, ନୀଳ ପ୍ରଧାନୀ, ବିରେନ୍ଦ୍ର ରାଉତରାୟଙ୍କ ସେମେତ ବହୁତ ସଦସ୍ୟ ଯୋଗେଦେଇ ନିଜର ମତବ୍ୟକ୍ତ କରିଥିଲେ।

# ଖର୍ସେଲ ଗ୍ରାମ ବିଭାଜନ ନ କରିବାକୁ ତହସିଲଦାରଙ୍କୁ ଆବେଦନ

**ସିନାପାଲି,୨୯।୯(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଖର୍ସେଲ ଗ୍ରାମକୁ ବିଭାଜନ କରା ନ ଯିବା ପାଇଁ ଗୁରୁବାର ଗ୍ରାମବାସୀ ସ୍ଥାନୀୟ ତହସିଲଦାର ଲୋକନାଥ ଶବରଙ୍କୁ ଆବେଦନପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଏହି ବ୍ଲକ ଅଧୀନ ଖର୍ସେଲ ଏକ ଆଦିବାସୀ ହରିଜନ ବହୁଳ ଗ୍ରାମ। ଏଠାକାର ଜନସଂଖ୍ୟା ହାରାହାରି ୧ ହଜାର ହେବ। ଦୀର୍ଘଦିନରୁ ଖର୍ସେଲ ଗ୍ରାମରେ ଏକ ନୂତନ ଗ୍ରାମପଞ୍ଚାୟତ ହୋଇପାରିଥିବା ବେଳେ ବର୍ତ୍ତମାନ ଉକ୍ତ ଗ୍ରାମଠାରେ ଏକ ନୂତନ ବିଦ୍ୟାଳୟ ହେବା ପାଇଁ ସରକାରୀସ୍ତରରେ ମଞ୍ଜୁରୀ ଥିବା ସ୍ଥଳେ ସାଲେବିହିଡି ଗ୍ରାମର କିଛି ଲୋକଙ୍କ ଚକ୍ରାନ୍ତ ଯୋଗୁ ଖର୍ସେଲରେ ହେବାକୁ ଥିବା ବିଦ୍ୟାଳୟ ନ ହେବା ପାଇଁ ସେମାନେ ଷଡଯନ୍ତ୍ର କରୁଛନ୍ତି। ସାଲେବିହିଡିକୁ ମାନ୍ୟତା ଦିଆଗଲେ ଆମ ଗ୍ରାମରେ ହେବାକୁ ଥିବା ବିଦ୍ୟାଳୟ ପାଇବାଠାରୁ ବଞ୍ଚିତ ହେ। ତେଣୁ ଖର୍ସେଲ ର ବିଭାଜନ ବ୍ୟବସ୍ଥା ବର୍ତ୍ତମାନ ସ୍ଥଗିତ ରଖାଯିବା ପାଇଁ ଖର୍ସେଲ ଗ୍ରାମବାସୀ ହରିସିଂ ମାଝି, ହିମାଞ୍ଚଳ ମାଝି, ଲଛମନ ମାଝି, ମଥୁରା ମାଝି, ଓଙ୍କାର ମାଝି, ହେମନ୍ତ କୈବର୍ତ୍ତ, ନିଳମଣି ଘିଭେଲା, ଦୁସମନ୍ତ ସୁନାନୀ, ଦିନବନ୍ଧୁ ନାଗ ସମେତ ଅନେକ ଲୋକ ତହସିଲଦାରଙ୍କୁ ଆବେଦନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୧୪ ତାରିଖରେ ମୌଜା ଖର୍ସେଲ ଏବଂ ମୌଜା ଖର୍ସେଲର ସାଲେବିହିଡି ପଡା ନିୟମ ଅନୁଯାୟୀ ଖର୍ସେଲକୁ ଦୁଇ ଭାଗରେ ବିଭକ୍ତ କରାଯାଇ ମୌଜା ଖର୍ସେଲର ପଡା ଗ୍ରାମ ସାଲେବିହିଡିକୁ ରାଜସ୍ୱ ଗ୍ରାମରେ ପରିଣତ କରାଯିବା ପାଇଁ ବିଚାର କରାଯାଉଛି। ଏଣୁ ମୌଜା ଖର୍ସେଲର ପଡା ଗ୍ରାମ ସାଲେବିହିଡିକୁ ମୂଳ ରାଜସ୍ୱ ଗ୍ରାମ ଖର୍ସେଲରୁ ବିଭିନ୍ନ କରାଯାଇ ରାଜସ୍ୱ ଗ୍ରାମରେ ପରିଣତ କରାଯିବା ନେଇ ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟଠାରେ ନୋଟିସ ଛପା ହୋଇଥିବାରୁ ଗ୍ରାମବାସୀ ଉକ୍ତ ବିଷୟ ନେଇ ନିବେଦନ କରିଛନ୍ତି।

# ବାରିକ ସମାଜର ନୂଆଁଖାଇ ଭେଟ୍‌ଘାଟ

**ଲୋଇସିଂହା,୨୯।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ରାଜୀବ ସେବା କେନ୍ଦ୍ର ପରିସରରେ ବ୍ଲକ ବାରିକ ସମାଜର ନୂଆଁଖାଇ ଭେଟ୍‌ଘାଟ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନୂଆଁଖାଇ ଭେଟ୍‌ଘାଟ କମିଟି ସଭାପତି ଜୟଦେବ ବାରିକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅନୂରାଧା ପ୍ରିୟଦର୍ଶୀ ବେହେରା ମୁଖ୍ୟ ଅତିଥି, ସମାଜର ଜିଲା ସଭାପତି କଙ୍ଗାଲୁ ବାରିକ ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ବନୀତା ମେହେର, ବୃନ୍ଦାବନ ବାରିକ, ଜିଲା ଉପସଭାପତି ନବୀନ ପଶାୟତ, ସେଲୁନ ସଂଘ ସଭାପତି ଶିଶିର ବାରିକ, ବ୍ଲକ ସଭାପତି କିଶୋର ବାରିକ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ସମାଜର ଯୁବଗୋଷ୍ଠୀଙ୍କୁ ସଂଗଠିତ ହେବାକୁ ଆହ୍ୱାନ ଦେଇଥିଲେ ଅତିଥି। ଏହି ଅବସରରେ ତ୍ୱିଟ ମାଧ୍ୟମରେ ସମାଜ ପାଇଁ ଉଲ୍ଲେଖନୀୟ



ମୁଖ୍ୟଅତିଥି ସମାଜର ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ମାନିତ କରୁଛନ୍ତି।

**ମେଧାବୀ ଛାତ୍ରୀଛାତ୍ର, ବ୍ୟକ୍ତିବିଶେଷ ସମ୍ବର୍ଦ୍ଧିତ**

କାମ କରିଥିବା ବରଗଡ ଜିଲାର ଦୀପା ବାରିକ, ରକ୍ତଦାତା ମିଳନ କୁମାର ବାରିକ, ହେମସାଗର ବାରିକ, ପଞ୍ଚାନନ ପଶାୟତ, ଅଧିକାରୀ ବାରିକ, ଗୌର ବାରିକଙ୍କ ସମେତ ସମାଜର ୯ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନୀତ କରାଯାଇଥିଲା। ସ୍ୱତନ୍ତ୍ର ଭାବେ ୨ ଜଣ ଖବରଦାତା ସୁଶାନ୍ତ ବାରିକ ଓ ଶ୍ୟାମସୁନ୍ଦର ମେହେରଙ୍କୁ କରୋନା ଯୋଦ୍ଧା ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ଲକ ସଭାପତି କିଶୋର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟନାରାୟଣ ବାରିକ, ନାରାୟଣ ବାରିକ, ଋଷଭ ବାରିକ, ଗୋବିନ୍ଦା ବାରିକ, ଜିତେନ୍ଦ୍ର ପଶାୟତ, ପଙ୍କ ପଶାୟାତ, ବାଜପେୟୀ ପଶାୟାତ କାର୍ଯ୍ୟକ୍ରମ ପରିଚାନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୨ ପୃଥକ୍ ସ୍ଥାନରେ ଅବକାରୀ ଚଢ଼ାଉ, ୨ ଗିରଫ

**କୋକସରା,୨୯।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ ଓ ଜୟପାଟଣା ଅବକାରୀ ବିଭାଗ ପକ୍ଷରୁ ବୁଧବାର ଆମପାଣି ଗ୍ରାମର ୨ ପୃଥକ ସ୍ଥାନରେ ଚଢ଼ାଉ କରି ୧୯ ଲିଟରରୁ ନକଲି ଓ ବିଦେଶୀ ମଦ ପ୍ରାୟ ଉର୍ଦ୍ଧ୍ୱ ମଦ ଜବତ କରାଯାଇଛି। ଏହି ଘଟଣାରେ ଗିରଫ ୨ଜଣ ହେଲେ ଆମପାଣିର ଯୋଗେଶ ରୋହିଲା ଓ ରୁକ୍ମିଣୀ ଶଗଡିଆ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଧର୍ମଗଡ ଅବକାରୀ ନିରୀକ୍ଷକ ମିଶ୍ର ସୂଚନା ଦେଇଛନ୍ତି। ଚଢ଼ାଉରେ ରୁକ୍ମିଣୀ ଶଗଡିଆଙ୍କଠାରୁ ୫ ଲିଟର ନକଲି ବିଦେଶୀ ମଦ ଓ ୪.୧୪୦ ଲିଟର ସାଧାରଣ ମଦ ଜବତ କରାଯାଇଥିବା ବେଳେ ଯୋଗେଶ ରୋହିଲାଙ୍କଠାରୁ ୧୦ ଲିଟର ବିଦେଶୀ ମଦ ଜବତ କରଯାଇଥିଲା। ଚଢ଼ାଉରେ ଜୟପାଟଣା ଅବକାରୀ ଇନ୍ସପେକ୍ଟର ବାଣୀ ସୁନାଙ୍କ ସମେତ ଧର୍ମଗଡ ଓ ଜୟପାଟଣା ଅବକାରୀ ବିଭାଗ ଅନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ।

### ସ୍ୱତନ୍ତ୍ର ଦିବ୍ୟାଙ୍ଗ ପ୍ରମାଣପତ୍ର ଶିବିର

**ସିନାପାଲି,୨୯।୯(ଡି.ଏନ.ଏ.):** ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ କଇଟପଦର ଗ୍ରାମପଞ୍ଚାୟତ ଆନୁକୁଲ୍ୟରେ ସ୍ୱତନ୍ତ୍ର ଦିବ୍ୟାଙ୍ଗ ପ୍ରମାଣପତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଡିଏସଏସଓ ନାରାୟଣ ବେହେରା, ଡାକ୍ତର ରମାକାନ୍ତ ସାହୁ, ଧନଞ୍ଜୟ ଭୁଇ, ମନୋଜ କୁମାର ସାହୁ, ହିମାଂଶୁ ପରିଡା, ବିପ୍ଳବ ଗର୍ଗ ଭବାନିଶଙ୍କର ମଲ୍ଲିକ, ଦୀପ୍ତି କୁଣ୍ଡିଆ, ଘନଶ୍ୟାମ ସାହୁ, ଦୟାନନ୍ଦ ବୁଢ଼ିଆ ପ୍ରମୁଖ ଯୋଗଦେଇଥିଲେ। ବିଏସଏସଓ ପ୍ରେମଲାଲ ନାଏକ, ପିଇଓ ସଞ୍ଜୟ ପ୍ରଧାନ, କଇଟପଦର ସରପଞ୍ଚ ପୁଷ୍ପାଞ୍ଜଳି ହଂସ, କେନ୍ଦୁମୁଣ୍ଡା ସରପଞ୍ଚ ମଦନ ଦଣ୍ଡସେନା, ଜିଆରଏ ଓମ ପ୍ରକାଶ ମାଝି, ପିଏ ବିକାଶ ରଞ୍ଜନ କଛିଆ, ଜିଆରଏସ ଇନ୍ଦ୍ରାଦି ମାଝି, ହରିଶ୍ଚନ୍ଦ୍ର ମାଝିଙ୍କ ସମେତ ଜିଲା ଭିନ୍ନକ୍ଷମ ସଭାପତି ଅଚ୍ୟୁତାନନ୍ଦ ସୁନାନୀ, ସିକ୍ରେଟି ଦିଲିପ ସଡଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ମୋଟ ୮୩ ଜଣଙ୍କ ପଞ୍ଜୀକୃତ ହୋଇଥିବା ଜଣାପଡିଛି।

### ୫୦ ଅସହାୟଙ୍କୁ ହାଇଜେନିକ କିଟ ପ୍ରଦାନ



**ଜୁନାଗଡ,୨୯।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପରିସରରେ ଗୁରୁବାର ରେଡକ୍ରସ ସୋସାଇଟି ପକ୍ଷରୁ ସ୍ଥାନୀୟ ୫୦ଜଣ ଅସହାୟ ଗରିବ ଲୋକଙ୍କୁ ହାଇଜେନିକ କିଟ ବଣ୍ଟନ କରାଯାଇଛି। ବିଡିଓ ଦୁଲାରାମ ମାରାଣ୍ଡିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସବିତା ମେହେର, ଉପାଧକ୍ଷ ପ୍ରମୋଦ ବେହେରା, ଜିପିଓ ରାଜେନ୍ଦ୍ର ଭୋଇଙ୍କ ସମେତ ଉତ୍କଳମଣି ସେବା ସଂସ୍ଥାର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ବିଏସ୍ଏସଓ ତୁଷାର ରଞ୍ଜନ ସାହୁ ପରିଚାଳନା କରିଥିଲେ।

### ଧନ୍ଦାମୂଳକ ଶିକ୍ଷା ରିଟେଲ ବିଭାଗ ପରିଦର୍ଶନ

**ଲୋଇସିଂହା,୨୯।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରାମପୁର ଆଶ୍ରମ ସ୍କୁଲର ଧନ୍ଦାମୂଳକ ଶିକ୍ଷା ରିଟେଲ ବିଭାଗରେ ଅଧ୍ୟୟନରତ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ବଲାଙ୍ଗୀରସ୍ଥିତ ମାର୍ଟ ପରିଦର୍ଶନ କରି କରିଥିଲେ। ଦୁଇଦିନ ଧରି ବିଦ୍ୟାଳୟ ଶିକ୍ଷକ ଧନୁର୍ଦ୍ଧର ସୁନାଙ୍କ ନେତୃତ୍ୱରେ ନବମର ୩୯ ଓ ଦଶମର ୩୪ଜଣ ଛାତ୍ରୀଛାତ୍ର ମାର୍ଟକୁ ଯାଇ କିଣାବିକା ସମ୍ପର୍କରେ ତଥ୍ୟ ହାସଲ କରିଥିଲେ।

### ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ

**ଲୋଇସିଂହା,୨୯।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ପରଧିଆପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବଣ୍ଟନ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସୌମ୍ୟରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ବନୀତା ମେହେର ଅତିଥିଭାବେ ଯୋଗଦେଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୋଷାକ ଓ ଜୋତା ପ୍ରଦାନ କରିଥିଲେ। ଶ୍ୟାମସୁନ୍ଦର ଭୋଇ, ସୁଶୀଲ ସାହୁ, ସୁବାସ ପୁଟେଲ, ଯତିନ୍ଦ୍ର ପଟେଲ, କମଳିନୀ ମହାକୁର, ରିଙ୍କି ସାହୁ ଓ ସୌଦାମିନୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ବୃତ୍ତି ବଞ୍ଚାଇବାକୁ ସଂଘର୍ଷ

# ସମସ୍ୟା ଘେରରେ ବାଉଁଶ କାରିଗର

**ଅମରପାଲି,୨୯।୯(ଡି.ଏନ.ଏ.)**



ବିକ୍ରି ପାଇଁ ଆସିଥିବା ବାଉଁଶ ତିଆରି ଟୋକେଇ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଞ୍ଚଳର ବାଉଁଶ କାରିଗରମାନେ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ସମୟ ସହ ତାଳ ଦେଇ ଉଭୟ ଗ୍ରାମ ଓ ସହରାଞ୍ଚଳରେ ଦିନକୁ ଦିନ ବାଉଁଶ ତିଆରି ଉପକରଣର ଚାହିଦା କମିବାରେ ଲାଗିଛି। ଆଜିର ପ୍ଲାଷ୍ଟିକ ଯୁଗରେ ବାଉଁଶ ନିର୍ମିତ ସାମଗ୍ରୀର ବିକ୍ରିବଟା ପାଇଁ କୌଣସି ବଜାର ସୁବିଧା ନାହିଁ। ଫଳରେ କାରିଗରମାନେ ସେମାନଙ୍କ ପ୍ରସ୍ତୁତ ସାମଗ୍ରୀର ଉପଯୁକ୍ତ ମୂଲ୍ୟ ପାଉନାହାନ୍ତି। ବଜାରରେ ବାଉଁଶ ଉପକରଣ ବଦଳରେ ଆଲୁମିନିୟମ, ଷ୍ଟିଲ, ପ୍ଲାଷ୍ଟିକ ଓ ପଲିଥିନ ତିଆରି ସାମଗ୍ରୀର ଚାହିଦା ବଢିଛି। ଏଥିଯୋଗୁ କେତେଜଣ କୌଳିକ ବୃତ୍ତିରୁ ଦୂରେଇ ଯାଇ ଅନ୍ୟ ବୃତ୍ତି ଆପଣେଇ ନେଉଛନ୍ତି। ଆଉ କେତେଜଣ ପରମ୍ପରାଗତ ବୃତ୍ତିକୁ ଛାଡ଼ି ନ ପାରି ବଞ୍ଚାଇବା ଲାଗି ସଂଘର୍ଷ କରୁଛନ୍ତି। ବ୍ଲକର ବହଳପଦର ପଞ୍ଚାୟତର ବଡମାଲ,ଚିଙ୍ଗିରାନାଲି ଏବଂ କେନଝରିଆପାଲି ପଞ୍ଚାୟତର ବଲିପାଲି ଗ୍ରାମରେ ଶତାଧିକ ପରିବାର ବାଉଁଶ କାରିଗର ଅଛନ୍ତି।ଏବେ ଏମାନଙ୍କ ଅବସ୍ଥା ଶୋଚନୀୟ ହୋଇପଡିଛି। ପରିବାରର ଯୁବତୀ ଯୁବକମାନେ ଏହାର ଆଦର କମୁଥିବାରୁ ଏହି ବୃତ୍ତି ବଦଳରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷେ ଗାଁ ଗହଳିରେ ଏବେ ବାଉଁଶ ଅଭାବ ଓ ବଜାର ଚାହିଦା କମିବା ଯୋଗୁ କାରିଗରମାନଙ୍କ ଜୀବନଜୀବିକା ଦୁର୍ବିସହ ହେବାକୁ ବସିଲାଣି।ବୀରମହାରାଜପୁର ଅଞ୍ଚଳର ବିଭିନ୍ନ ଗାଁରେ ରହୁଥିବା ବାଉଁଶ କାରିଗରଙ୍କ ପାଇଁ ବୃତ୍ତିକୁ ବଞ୍ଚାଇ ରଖିବା କଷ୍ଟକର ହୋଇପଡିଛି। ବ୍ଲକରେ ଶତାଧିକ ପରିବାର ଅଛନ୍ତି, ଯେଉଁମାନେ ପୁରୁଷାନୁକ୍ରମେ ବାଉଁଶରେ ଟୋକେଇ, ପାଛିଆ, ଝୁଡ଼ି, କୁଲା, ଫୁଲଚାଙ୍ଗୁଡି, ଝାଡୁ, ଖଡ଼ିକା, ଭୋଗେଇ, ଡାଲା ଆଦି ଗୃହ ଉପକରଣ ତିଆରି କରିଆସୁଛନ୍ତି। ମହିଳା ଓ ପୁରୁଷମାନେ ଏହି ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ପ୍ରଥମେ ବାଉଁଶକୁ ଚିରି ଛୋଟ ଛୋଟ ପାତିଆରେ ପରିଣତ କରିବା ପରେ ସେଥିରୁ ସାମଗ୍ରୀ ପ୍ରସ୍ତୁତ କରାଯାଏ। ଏପରିକି ଗ୍ରାହକମାନଙ୍କୁ ଆକୃଷ୍ଟ କରିବାକୁ ବାଉଁଶ ପାତିଆକୁ ରଙ୍ଗ ବେରଙ୍ଗ କରି ସୁନ୍ଦର ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ପରେ ଏହାକୁ ପୁରୁଷମାନେନିକଟସ୍ଥ ହାଟବଜାରକୁ ନେଇ ବିକ୍ରି କରିଥାନ୍ତି। କଞ୍ଚାମାଲ ସଂଗ୍ରହ, ସାମଗ୍ରୀ ପ୍ରସ୍ତୁତି ଓ ଜିନିଷ ବିକ୍ରିରେ ପରିଶ୍ରମ ତୁଳନାରେ ଏବେ ସେମାନେ ଉପଯୁକ୍ତ ମୂଲ୍ୟ ପାଉ ନ ଥିବା ଅମରପାଲି ଗ୍ରାମର ସୌମିତ୍ରି ଅଗ୍ରିଆ ପ୍ରକାଶ କରିଛନ୍ତି।

### ବୀରମହାରାଜପୁର ବ୍ଲକ

ଅନ୍ୟପକ୍ଷରେ ବୀରମହାରାଜପୁରର ଉପାନ୍ତ ଅଞ୍ଚଳର ଜଙ୍ଗଲରେ ଆଉ ବାଉଁଶ ବୁଦା ଦେଖିବାକୁ ମିଳୁନି। ଏପରିକି ଜଙ୍ଗଲରୁ ବାଉଁଶ ଆଣିବାରେ ଜଙ୍ଗଲ ବିଭାଗର କଟକଣା ଯୋଗୁ ବାଉଁଶ ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ କାରିଗରମାନେ ବାହାରୁ କମ୍ ପରିମାଣର ବାଉଁଶକୁ ଅଧିକ ଦାମ ଦେଇ କିଣୁଛନ୍ତି। ସାମଗ୍ରୀ ତିଆରି ପରେ ମଧ ତାହାକୁ ଅଧିକ ଦରରେ ବିକ୍ରି କରିବା ସମ୍ଭବ ହେଉନାହିଁ। ସ୍ୱଳ୍ପ ରୋଜଗାରରେ ଆଜିକାଲିର ମହଙ୍ଗା ଯୁଗରେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି ବୋଲି ବାଉଁଶ କାରିଗର ବାଞ୍ଛାନିଧି କହିଛନ୍ତି। ଅନ୍ୟ ଜଣେ କାରିଗର ବାବୁ ଅଗ୍ରିଆ କୁହନ୍ତି ଓଡ଼ିଆ ପରମ୍ପରାରେ ବିବାହ ତଥା ଅନ୍ୟ ପୂଜା ପାର୍ବଣରେ ଆମେ ତିଆରି କରୁଥିବା ବାଉଁଶ ସାମଗ୍ରୀର ବହୁତ ଚାହିଦା ରହୁଥିଲା। ଏବେ କିନ୍ତୁ ଏସବୁର ଚାହିଦା ନାହିଁ।ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ଯୋଗୁ ଗ୍ରାହକମାନେ ବାଉଁଶ ତିଆରି ସାମଗ୍ରୀକୁ ନେଇ ଆଗ୍ରହଦେଖାଉ ନାହାନ୍ତି। ଯଦି ସରକାର ଏମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଅନ୍ତେ ଓ ଏହାର ବିକ୍ରି ନିମନ୍ତେ ବ୍ୟବସ୍ଥା କରନ୍ତେ ତେବେ ଏମାନେ ଲାଭବାନ ହୋଇପାରନ୍ତେ ବୋଲି ସ୍ୱେଚ୍ଛାସେବୀ ସୁଦାମ ଗାଇଗରିଆ କହିଛନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ରାଧେଶ୍ୟାମ ମିଶ୍ର କହନ୍ତି, ଅଞ୍ଚଳର ଶତାଧିକ ପରିବାର କେବଳ ବାଉଁଶ କାରିଗର କାମ କରି ପେଟ ପୋଷନ୍ତି। ସେମାନଙ୍କ ପାଇଁ କୌଣସି ଆଖିଦୃଶିଆ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯାଇନାହିଁ ।ଜିଲା ପ୍ରଶାସନ ସେମାନଙ୍କୁ ସହାୟତାର ହାତ ବଢ଼ାଇବା ସହିତ ବାଉଁଶ ସାମଗ୍ରୀ ବିକ୍ରି ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

## ରାସ୍ତା ନିର୍ମାଣ ଦାବିକଲେ ଗ୍ରାମବାସୀ



ଖାଲଖମାରେ ଭର୍ତ୍ତି ହୋଇଛି ରାସ୍ତା।

**ଖଡ଼ିଆଲ,୨୯।୯(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ଭୋଜପୁର ପଞ୍ଚାୟତ ଭାଲୁଡଙ୍ଗରି ଗ୍ରାମ। ଏହି ଗ୍ରାମ ବ୍ଲକର ୨ଟି ପଞ୍ଚାୟତ ଭୋଜପୁର ଏବଂ ଭୁଲିଆଁ ସିକୁଆଁ ତଥା ଖଡ଼ିଆଲ ବ୍ଲକ ଉପରେ ନିର୍ଭର କରେ। ଏଠାରେ ଏକ ପୁରାତନ ଶିବ ମନ୍ଦିର ରହିଥିବା ହେତୁ ଏଠାକୁ ଅନେକ ଭକ୍ତ ପରିବାର ସହ ଦର୍ଶନ କରିବାକୁ ଆସିଥାନ୍ତି। ଏହି ଗ୍ରାମର ଲୋକେ ଭୋଜପୁରରୁ ଭୁଲିଆଁସିକୁଆଁ ରାସ୍ତା ଦେଇ ପଞ୍ଚାୟତ କାର୍ଯ୍ୟ ତଥା ଚାଉଳ, ଗହମ ଆଣିବାକୁ ଯାଇଥାନ୍ତି। ଏହା ସାଙ୍ଗକୁ ଗ୍ରାମର ଅନେକ ଛାତ୍ରୀଛାତ୍ର ବିଦ୍ୟାଳୟ ତଥା କଲେଜ ଯିବାକୁ ଏହି ରାସ୍ତା ଉପରେ ନର୍ଭର କରିଥାନ୍ତି। ସେହିପରି ଏହି ରାସ୍ତା ଦେଇ ଖଡ଼ିଆଲ ଉପଖଣ୍ଡ ଚିକିତ୍ସାଳୟ ରହିଥିବାରୁ ଗ୍ରାମର ସମସ୍ତ ଲୋକେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଭାଲୁଡୁଙ୍ଗରି ଗ୍ରାମର ସମସ୍ତଙ୍କ ପାଇଁ ମୁଖ୍ୟ ରାସ୍ତା ହୋଇଥିବା ବେଳେ ଅନେକ ସ୍ଥାନରେ ଛୋଟବଡ ଖାଲଢ଼ିପ ରହିଥିବା ବେଳେ ଅଳ୍ପ ବର୍ଷାରେ ମଧ ପାଣି ଜମି ରହୁଛି। ଫଳରେ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହୋଇ ଯାତାୟାତ କରୁଛନ୍ତି। ତୁରନ୍ତ ରାସ୍ତା ନିର୍ମାଣ ପାଇଁ ସୋଭାପତି ପଟେଲ, ଗୋବିନ୍ଦ ପଟେଲ, ଘନଶ୍ୟାମ ପଟେଲ, ଶିବ ପଟେଲ, ନରେନ୍ଦ୍ର ତାଣ୍ଡି, ହରିତାଣ୍ଡି, ଟେନିସ ପଟେଲ, ମୋ ତି ରାମ ପଟେଲ, ମୋହିତ ପଟେଲ, ମୁରଲୀ ସାଗରିଆ, ଗୋରିଆଣି ସାଗରିଆ, ଧନୀ ତାଣ୍ଡି, ଟୁନୁ ତାଣ୍ଡି, ରାମକୃଷ୍ଣ ତାଣ୍ଡି ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି। ଏଥି ପ୍ରତିଜିଲା ପ୍ରଶାସନ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ କରି ରାଜରାସ୍ତା ଅବରୋଧ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଆଞ୍ଚଳିକ କ୍ଷତ୍ରିୟ ଯୁବ କ୍ରୀଡା, ସାଂସ୍କୃତିକ ସଙ୍ଗଠନ ବୈଠକ

**ଖଡ଼ିଆଲ,୨୯।୯(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଲ ଆଞ୍ଚଳିକ କ୍ଷତ୍ରୀୟ ଯୁବ କ୍ରୀଡା ଓ ସାଂସ୍କୃତିକ ସଙ୍ଗଠନର ବୈଠକ କ୍ଷତ୍ରିୟ ସମାଜ ଭବନଠାରେ ସଭାପତି ସୁଜିତ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗତ ଦୁଇ ବର୍ଷ କରୋନା କଟକଣା ଯୋଗୁ ମଶାଲ ଯାତ୍ରା ବନ୍ଦ ରହିଥିବା ଯୋଗୁ ଚଳିତବର୍ଷ କିପରି ବିଶାଳ ଯାତ୍ରା ଓ ସାଂସ୍କୃତିର କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳା ସହିତ ପାଳନ ହେବ ସେ ନେଇ ନିଆଯାଇଥିଲ। ଆସନ୍ତା ଅକ୍ଟୋବର ୪ ତାରିଖ ନବମୀ ଦିନ କାର୍ଯ୍ୟକ୍ରମ ହେବ। ବୈଠକରେ ସମ୍ପାଦକ ଓଁମ ପ୍ରକାଶ ଦଣ୍ଡସେନା, କୋଷାଧକ୍ଷ ସୁରେଶ ଦଣ୍ଡ, ସଙ୍ଗଠକ ଲଳିତ ବେହେରା, ସିଡୁ ନାୟକ, ଉପଦେଷ୍ଟା ଦାମୋଦର ନାଏକ, ରତନ ସିଂ ବାରିକ, ଭୋଜରାଜ ପ୍ରଧାନୀ, ଜିତେନ୍ଦ୍ର ଦଣ୍ଡସେନା, ରାଜୁବାରିକ, ଦନାର୍ଦନ ପାତ୍ର, ନୀଳ ପ୍ରଧାନୀ, ବିରେନ୍ଦ୍ର ରାଉତରାୟଙ୍କ ସେମେତ ବହୁତ ସଦସ୍ୟ ଯୋଗେଦେଇ ନିଜର ମତବ୍ୟକ୍ତ କରିଥିଲେ।

## ବ୍ୟବହାର ହେଉନି ବିଜ୍ଞାନ ଲାବରେଟୋରି

### ଭାଲୁକୁନା ରୂପାନ୍ତରୀଣ ଉନ୍ନୀତ ଉଚ୍ଚ ବିଦ୍ୟାଳୟ

**ଲାଠୋର, ୨୯।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତ ଭାଲୁକୁନା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ୫-ଟି ରୂପାନ୍ତରୀଣ ଯୋଜନାରେ ସାମିଲ ହୋଇଛି। ସ୍ମାର୍ଟ କ୍ଲାସରୁମ, ଇ-ଲାଇବ୍ରେରୀ, ବିଜ୍ଞାନ ପ୍ରୟୋଗଶାଳା ନିର୍ମାଣ କରାଯାଇଛି। ନିର୍ମାଣ ୪ମାସ ବିତି ଯାଇଥିଲେ ବି ବିଜ୍ଞାନ ପ୍ରୟୋଗଶାଳା ବର୍ତ୍ତମାନ ଯାଏ ବ୍ୟବହାର ଉପଯୋଗୀ ହୋଇ ପାରିନାହିଁ। ପ୍ରୟୋଗଶାଳାରେ ପାଣି ବ୍ୟବସ୍ଥା ସହ ବେସିନ ଲଗାଯାଇନାହିଁ। ପରୀକ୍ଷଣ ସାମଗ୍ରୀ ଏବଂ କେମିକାଲ ରଖିବା ପାଇଁ ର୍ୟାକର ବ୍ୟବସ୍ଥା ନାହିଁ। ବିଭିନ୍ନ ପ୍ରକାର ପରୀକ୍ଷଣ କରିବା ପାଇଁ ଗ୍ରାନାଇଟ ପଥର ଖଞ୍ଜା ଟେବୁଲର ଆବଶ୍ୟକତା ଥିବା ବେଳେ ଏଠାରେ ପ୍ଲାଏଉଡ ନିର୍ମିତ ଦୁଇଟି ପରୀକ୍ଷା ଟେବୁଲ ରହିଛି। ସେହି ଟେବୁଲ ଉପରେ କେମିକାଲ ବ୍ୟବହାର କରି ପରୀକ୍ଷଣ କଲେ ଜଳିଯିବା ଆଶଙ୍କା କରି ଶିକ୍ଷକମାନେ ପ୍ରୟୋଗଶାଳାର ବ୍ୟବହାର କରୁନାହାନ୍ତି। ସେପ୍ଟେମ୍ବର ୮ତାରିଖରେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ କେଶବ ମେହେର ଏହି ବିଦ୍ୟାଳୟ ପରିଦର୍ଶନରେ ଆସିଥିବା ବେଳେ ଏସବୁ ଅବ୍ୟବସ୍ଥା ଦେଖି ସେ ବିଡିଓଙ୍କୁ ତତ୍କାଳ ପଦକ୍ଷେପ ନେବାକୁ କହିଥିଲେ। ହେଲେ ଅବଧି କୌଣସି ସୁଫଳ ମିଳିନାହିଁ।

## ଗୋଡ଼ଫୁଲା ଗାଁରେ ଭାଲୁ ଆତଙ୍କ

**ନୂଆପଡ଼ା ଅଫିସ,୨୯।୯**

ନୂଆପଡା ସଦର ବ୍ଲକ ଗୋଡଫୁଲା ଗାଁରେ ଦୁଇ ଭାଲୁ ଆତଙ୍କ ଖେଳାଇ ଦେଇଛନ୍ତି। ଗାଁ ଲୋକେ ଭୟରେ ଦିନତମାମ ତାଟିକବାଟ ବନ୍ଦ କରି ରହିଥିଲେ। କୌଣସି ଧନ ଜୀବନ କ୍ଷତି କରି ନ ଥିଲେ ମଧ୍ୟ ଗାଁରେ ଭୟର ବାତାବରଣ ଖେଳିଯାଇଛି। ଗୁରୁବାର ସକାଳେ ଗୋଡଫୁଲା ଗାଁକୁ ଦୁଇ ମା' ଓ ଛୁଆ ଭାଲୁ ଆସି ଏକ ବୁଦା ଭିତରେ ପଶି ଯାଇଥିଲେ। ଦୀର୍ଘ ୯ ଘଣ୍ଟା ଧରି ବୁଦା ଭିତରେ ରହିବା ପରେ ଅପରାହ୍ନ ୩ଟାରେ ପଦାକୁ ବାହାରି ଗାଁର ଅଧିକ ମାଝି ଘର ବାଡିରେ ପଶି ଯାଇଥିଲେ। ସେଠାରେ ପ୍ରାୟ ୨ ଘଣ୍ଟା ରହିବା ପରେ ବାଡିରୁ ବାହାରି ଥିଲେ। ଗାଁ ମୁଣ୍ଡରେ ଦୁଇ ଭାଲୁ ରହିଥିଲେ । ନୂଆପଡା ସଦର ବନାଞ୍ଚଳ ବନପାଳ ଦୀପ୍ତିମାନ ପଣ୍ଡା ଓ କର୍ମଚାରୀମାନେ ଗୋଡଫୁଲା ଗାଁକୁ ଯାଇ ଭାଲୁକୁ ପାଖ ସାଲିହା ପାହାଡକୁ ଘଉଡାଇ ଦେଇଛନ୍ତି। ସାଲିହା ପାହାଡରେ ବହୁତ ଭାଲୁ ରହିଛନ୍ତି। ସେଠାରେ ଖାଦ୍ୟ ଅଭାବରୁ ଗାଁ ଭିତରକୁ ପଶି ଆସୁଛନ୍ତି ବୋଲି ସୂଚନା ମିଳିଛି।



ଗୋଡଫୁଲା ଗାଁରେ ଆତଙ୍କ ଖେଳାଉଥିବା ଦୁଇ ଭାଲୁ।

## ଖର୍ସେଲ ଗ୍ରାମ ବିଭାଜନ ନ କରିବାକୁ ତହସିଲଦାରଙ୍କୁ ଆବେଦନ

**ସିନାପାଲି,୨୯।୯(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଖର୍ସେଲ ଗ୍ରାମକୁ ବିଭାଜନ କରା ନ ଯିବା ପାଇଁ ଗୁରୁବାର ଗ୍ରାମବାସୀ ସ୍ଥାନୀୟ ତହସିଲଦାର ଲୋକନାଥ ଶବରଙ୍କୁ ଆବେଦନପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଏହି ବ୍ଲକ ଅଧୀନ ଖର୍ସେଲ ଏକ ଆଦିବାସୀ ହରିଜନ ବହୁଳ ଗ୍ରାମ। ଏଠାକାର ଜନସଂଖ୍ୟା ହାରାହାରି ୧ ହଜାର ହେବ। ଦୀର୍ଘଦିନରୁ ଖର୍ସେଲ ଗ୍ରାମରେ ଏକ ନୂତନ ଗ୍ରାମପଞ୍ଚାୟତ ହୋଇପାରିଥିବା ବେଳେ ବର୍ତ୍ତମାନ ଉକ୍ତ ଗ୍ରାମଠାରେ ଏକ ନୂତନ ବିଦ୍ୟାଳୟ ହେବା ପାଇଁ ସରକାରୀସ୍ତରରେ ମଞ୍ଜୁରୀ ଥିବା ସ୍ଥଳେ ସାଲେବିହିଡି ଗ୍ରାମର କିଛି ଲୋକଙ୍କ ଚକ୍ରାନ୍ତ ଯୋଗୁ ଖର୍ସେଲରେ ହେବାକୁ ଥିବା ବିଦ୍ୟାଳୟ ନ ହେବା ପାଇଁ ସେମାନେ ସଡଯନ୍ତ୍ର କରୁଛନ୍ତି। ସାଲେବିହିଡିକୁ ମାନ୍ୟତା ଦିଆଗଲେ ଆମ ଗ୍ରାମରେ ହେବାକୁ ଥିବା ବିଦ୍ୟାଳୟ ପାଇବାଠାରୁ ବଞ୍ଚିତ ହେ। ତେଣୁ ଖର୍ସେଲ ର ବିଭାଜନ ବ୍ୟବସ୍ଥା ବର୍ତ୍ତମାନ ସ୍ଥଗିତ ରଖାଯିବା ପାଇଁ ଖର୍ସେଲ ଗ୍ରାମବାସୀ ହରିସିଂ ମାଝି, ହିମାଞ୍ଚଳ ମାଝି, ଲଛମନ ମାଝି, ମଥୁରା ମାଝି, ଓଙ୍କାର ମାଝି, ହେମନ୍ତ କୈବର୍ତ୍ତ, ନିଳମଣି ଘିଭେଲା, ଦୁସମନ୍ତ ସୁନାନୀ, ଦିନବନ୍ଧୁ ନାଗ ସମେତ ଅନେକ ଲୋକ ତହସିଲଦାରଙ୍କୁ ଆବେଦନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୧୪ ତାରିଖରେ ମୌଜା ଖର୍ସେଲ ଏବଂ ମୌଜା ଖର୍ସେଲର ସାଲେବିହିଡି ପଡା ନିୟମ ଅନୁଯାୟୀ ଖର୍ସେଲକୁ ଦୁଇ ଭାଗରେ ବିଭକ୍ତ କରାଯାଇ ମୌଜା ଖର୍ସେଲର ପଡା ଗ୍ରାମ ସାଲେବିହିଡିକୁ ରାଜସ୍ୱ ଗ୍ରାମରେ ପରିଣତ କରାଯିବା ପାଇଁ ବିଚାର କରାଯାଉଛି। ଏଣୁ ମୌଜା ଖର୍ସେଲର ପଡା ଗ୍ରାମ ସାଲେବିହିଡିକୁ ମୂଳ ରାଜସ୍ୱ ଗ୍ରାମ ଖର୍ସେଲରୁ ବିଭିନ୍ନ କରାଯାଇ ରାଜସ୍ୱ ଗ୍ରାମରେ ପରିଣତ କରାଯିବା ନେଇ ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟଠାରେ ନୋଟିସ ଛପା ହୋଇଥିବାରୁ ଗ୍ରାମବାସୀ ଉକ୍ତ ବିଷୟ ନେଇ ନିବେଦନ କରିଛନ୍ତି।

# ବାରିକ ସମାଜର ନୂଆଁଖାଇ ଭେଟ୍‌ଘାଟ




ମୁଖ୍ୟଅତିଥି ସମାଜର ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ମାନିତ କରୁଛନ୍ତି।

**ଲୋଇସିଂହା,୨୯।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ରାଜୀବ ସେବା କେନ୍ଦ୍ର ପରିସରରେ ବ୍ଲକ ବାରିକ ସମାଜର ନୂଆଁଖାଇ ଭେଟ୍‌ଘାଟ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନୂଆଁଖାଇ ଭେଟ୍‌ଘାଟ କମିଟି ସଭାପତି ଜୟଦେବ ବାରିକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅନୁରାଧା ପ୍ରିୟଦର୍ଶୀ ବେହେରା ମୁଖ୍ୟ ଅତିଥି, ସମାଜର ଜିଲା ସଭାପତି କଙ୍ଗାଲୁ ବାରିକ ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ବନୀତା ମେହେର, ବୃନ୍ଦାବନ ବାରିକ, ଜିଲା ଉପସଭାପତି ନବୀନ ପଶାୟତ, ସେଲୁନ ସଂଘ ସଭାପତି ଶିଶିର ବାରିକ, ବ୍ଲକ ସଭାପତି କିଶୋର ବାରିକ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ସମାଜର ଯୁବଗୋଷ୍ଠୀଙ୍କୁ ସଂଗଠିତ ହେବାକୁ ଆହ୍ୱାନ ଦେଇଥିଲେ ଅତିଥି। ଏହି ଅବସରରେ ଟ୍ୱିଟ ମାଧ୍ୟମରେ ସମାଜ ପାଇଁ ଉଲ୍ଲେଖନୀୟ

### ମେଧାବୀ ଛାତ୍ରୀଛାତ୍ର, ବ୍ୟକ୍ତିବିଶେଷ ସମ୍ବର୍ଦ୍ଧିତ

କାମ କରିଥିବା ବରଗଡ ଜିଲାର ଦୀପା ବାରିକ, ରକ୍ତଦାତା ମିଳନ କୁମାର ବାରିକ, ହେମସାଗର ବାରିକ, ପଞ୍ଚାନନ ପଶାୟତ, ଅଧିକାରୀ ବାରିକ, ଗୌର ବାରିକଙ୍କ ସମେତ ସମାଜର ୯ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନୀତ କରାଯାଇଥିଲା। ସ୍ୱତନ୍ତ୍ର ଭାବେ ୨ ଜଣ ଖବରଦାତା ସୁଶାନ୍ତ ବାରିକ ଓ ଶ୍ୟାମସୁନ୍ଦର ମେହେରଙ୍କୁ କରୋନା ଯୋଦ୍ଧା ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ସଭାପତି କିଶୋର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟନାରାୟଣ ବାରିକ, ନାରାୟଣ ବାରିକ, ଋଷଭ ବାରିକ, ଗୋବିନ୍ଦା ବାରିକ, ଜିତେନ୍ଦ୍ର ପଶାୟତ, ପଙ୍କ ପଶାୟାତ, ବାଜପେୟୀ ପଶାୟାତ କାର୍ଯ୍ୟକ୍ରମ ପରିଚାନାରେ ସହଯୋଗ କରିଥିଲେ।

## ଅସହାୟ ପରିବାରଙ୍କୁ ସହାୟତା

ବିନିକା,(ଡ.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ଫୁଲମୁଠି ଗ୍ରାମର ଏକ ଅସହାୟ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି। ଫୁଲମୁଠି ଗ୍ରାମର ବେଣୁଧର ବାଘ (୩୮)ଙ୍କ ଗତ ୧୬ ତାରିଖରେ ମୃତ୍ୟୁ ଘଟିବାରୁ ତାଙ୍କର ୨ ପୁଅ ଓ ସ୍ତ୍ରୀ ଅସହାୟ ହୋଇ ପଡିଛନ୍ତି । ଅର୍ଥାଭାବରୁ ଏହି ପରିବାର ଦୁର୍ଦ୍ଦିନରେ ଦିନ କାଟୁଥିବା ଜାଣିବା ପରେ ଏସବିଆଇ ବିନିକାର ବ୍ୟାଙ୍କ ମିତ୍ର ମାନସୀ ଦାସ, ଫୁଲମୁଠି ଗ୍ରାମର ଆରତୀ ସାହୁ ଓ ସମସ୍ତ ଏସଏଚଜିର ସଦସ୍ୟାଙ୍କୁ ସାଙ୍ଗରେ ନେଇ ଏକ କୁଇଣ୍ଟାଲ ଚାଉଳ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

## ସଂକ୍ଷେପରେ

### ପୂର୍ବ ଶତ୍ରୁତା, ପ୍ରେମସମ୍ପର୍କ ନେଲା ଜୀବନ

#### ପୌର ମହିଳା କର୍ମଚାରୀଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ

**ବଲାଙ୍ଗୀର ଅଫିସ,୨୯।୯:** ବଲାଙ୍ଗୀର ପୌରସଂସ୍ଥା ମହିଳା ସଫେଇ କର୍ମଚାରୀ ତଥା ସ୍ୱଚ୍ଛସାଥୀ ଅଷ୍ଟମୀ ବକୁଲ (୩୦)ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ହତ୍ୟା ଘଟଣାରେ ଟାଉନ୍ ଥାନା ପୋଲିସ ବୁଧବାର ଅଭିଯୁକ୍ତ ଗୁଲ୍‌ଠୁ ଓରଫ ବାଲେକ ତାଣ୍ଡି (୩୫)ଙ୍କୁ ଗିରଫ କରିଥିଲା। ପ୍ରେମ ସମ୍ପର୍କ ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ଏସ୍‌ପି ନୀତିନ କୁଶଲକର ଗଣମାଧ୍ୟମକୁ ସୂଚନା ଦେଇଥିଲେ। ବୁଧବାର ଗିରଫ ଅଭିଯୁକ୍ତ ତାଣ୍ଡିଙ୍କୁ ପୋଲିସ ହତ୍ୟାକାଣ୍ଡସ୍ଥଳକୁ ନେଇ ଘଟଣାର ଡେମୋ ଦେଖାଇଥିଲା। ଅଭିଯୁକ୍ତ କିଭଳି ଭାବେ ଶନିବାର ଅପରାହ୍ଣରେ ଅଷ୍ଟମୀଙ୍କୁ ହତ୍ୟା କରି ଫେରାର ହୋଇଯାଇଥିଲେ ତାର ସିନ୍ ରିକ୍ରିଏସନ୍ କରାଯାଇଥିଲା। ଏଡି ଅବସରରେ ସଦର ଏସ୍‌ଡିପିଓ ତୋଫାନ ବାଗ ଏବଂ ଟାଉନ୍ ଥାନା ଆଇଆଇସି ପ୍ରିୟଙ୍କା ରାଉତରାୟ ଓ ପୋଲିସ ଟିମ୍ ଉପସ୍ଥିତ ଥିଲେ। ସଫେଇ କର୍ମଚାରୀ ଅଷ୍ଟମୀ ବକୁଲ ମ୍ୟୁନିସିପାଲିଟି ଆବର୍ଜନା ଗାଡି ଚଳାଉଥିଲେ। ପ୍ରତିଦିନ ଭଳି ଘଟଣା ଦିନ ଅପରାହ୍ଣ ପ୍ରାୟ ସାଢ଼େ ୫ଟାରେ ବିଜାଖମନଠାରେ ଥିବା ୱେଷ୍ଟ ମ୍ୟାନେଜମେଣ୍ଟ ୟୁନିଟ୍‌ରେ ଆବର୍ଜନା ଡମ୍ପିଂ କରିବା ପରେ ଗାଡିକୁ ରଖିଦେଇ ସାଇକେଲରେ ଘରକୁ ଫେରୁଥିବାବେଳେ ଗୁଲ୍‌ଠୁ ଖଣ୍ଡାରେ ହାଣି ତାଙ୍କୁ ହତ୍ୟା କରିଥିଲେ।

### ନମ୍ବର ପ୍ଲେଟ୍ ପାଇଁ ପାଞ୍ଚ ଶହ ଟଙ୍କା

**ବିନିକା,୨୯।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲାର ବିନିକାଠାରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ପାଇଁ ଗାଡି ଚାଳକମାନଙ୍କ ଠାରୁ ୫ ଶହ ଟଙ୍କା ନିଆଯାଉଛି । ଗତ କିଛି ଦିନ ହେବ ହାଇସିକ୍ୟୁରିଟି ନମ୍ବର ପ୍ଲେଟକୁ ନେଇ ବିବାଦ ଦେଖାଦେଇଥିବା ବେଳେ ପରିବହନ ବିଭାଗ ପକ୍ଷରୁ ସବୁ ଗାଡ଼ିରେ ଏହି ନମ୍ବର ଲଗାଇବା ପାଇଁ ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ଗାଡି ଶୋ ରୁମ୍, ଜନସେବା କେନ୍ଦ୍ର ଦ୍ୱାରା ଅନ୍‌ଲାଇନ ଆବେଦନ କରିବାକୁ ପଡୁଥିବା ବେଳେ ଗ୍ରାହକଙ୍କୁ ୪୩୬ ଟଙ୍କାର ରସିଦ ଦେଇ ୫୦୦ଟଙ୍କା ନିଆଯାଉଛି। ଏ କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ପାଇଁ ଜିଲା ପ୍ରଶାସନ ପଦକ୍ଷେପ ନେବା ଲାଗି ସାଧାରଣରେ ଦାବି ହେଉଛି ।

### ୨୧ ୟୁନିଟ୍ ରକ୍ତ ସଂଗ୍ରହ


ଶିବିରରେ ରକ୍ତ ସଂଗ୍ରହ କରାଯାଉଛି ।

**ବରଗଡ଼ ଅଫିସ୍,୨୯।୯:** ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ଗ୍ରାମର ସମାଜସେବୀ ସ୍ୱର୍ଗତ ମନୋଜ ମହାପାତ୍ରଙ୍କ ସ୍ମୃତିରେ ଗ୍ରାମବାସୀଙ୍କ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୧ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସରପଞ୍ଚ ବେଲାରସେନ ମେହେର ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଶାନ୍ତ ସାହୁ, କେଦାର ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଗ୍ରାମର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଶଶିଭୂଷଣ ପାଣିଗ୍ରାହୀଙ୍କ ବିୟୋଗରେ ଶୋକସଭା

**ଅମରପାଲି,୨୯।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବରିଷ୍ଠ ନାଗରିକ ସଂଗଠନ ପକ୍ଷରୁ ଶଶୀଭୂଷଣ ପାଣିଗ୍ରାହୀଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଡ.ପ୍ରଫୁଲ୍ଲ କୁମାର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକସଭାରେ ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ, ପୂର୍ବତନ ସଭାପତି ଭଗବାନ ମିଶ୍ର, ଚନ୍ଦ୍ରକୁମାର ବିଶି, ଅକ୍ରୁର ଦନ୍ତା, ଦୟାନିଧି ହୋତା, ନାରାୟଣ ନାଏକ, ଦିଲିପ ତ୍ରିପାଠୀ, ରମେଶ ପଣ୍ଡା ପ୍ରମୁଖ ସ୍ୱର୍ଗତ ପାଣିଗ୍ରାହୀଙ୍କ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା ।

## ଜଳାତଙ୍କ ରୋଗର ଭୟାବହତା ନେଇ ସଚେତନତା

### ବିଶ୍ୱ ଜଳାତଙ୍କ ଦିବସ ପାଳନ

ବାଉଁଶୁଣୀ,୨୯।୯(ଡି.ଏନ.ଏ.)

ବୌଦ୍ଧ ଜିଲା ପ୍ରାଣୀ ବିଭାଗ ତରଫରୁ ସ୍ଥାନୀୟ ବାଉଁଶୁଣୀ ପ୍ରାଣୀ ଚିକିତ୍ସାଳୟଠାରେ ବିଶ୍ୱ ଜଳାନ୍ତକ ଦିବସ ପାଳିତ ହୋଇଯାଇଛି।ଏହି ଅବସରରେ ବାଉଁଶୁଣୀ ପ୍ରାଣୀ ଚିକିତ୍ସକ ଡା. ପ୍ରିୟବ୍ରତ ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରାଣୀ ଚିକିତ୍ସାଳୟ ପରିସରରେ ପୂର୍ବାହ୍ଣରେ ଏକ ନିଃଶୁଳ୍କ ଜଳାନ୍ତକ ଟିକାକରଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୧୫ଟି କୁକୁରକୁ ଟିକାକରଣ ସହିତ ଏହି ରୋଗର ଭୟାବହତା ଓ ନିୟମିତ ଟିକାକରଣ ଉପରେ ଉପସ୍ଥିତ କୁକୁର ପାଳକମାନଙ୍କୁ ସଚେତନ କରାଯାଇଥିଲା। ଦହ୍ୟା ପ୍ରାଣୀଧନ ନିରୀକ୍ଷକ ସଚ୍ଚିଦାନନ୍ଦ ଖମାରୀ ଓ ଜହ୍ନପଙ୍କ ପ୍ରାଣୀଧନ ନିରୀକ୍ଷକ ସୌଭାଗ୍ୟ ପ୍ରଧାନ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

ଅପରାହ୍ଣରେ ସ୍ଥାନୀୟ ବାଉଁଶୁଣୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପଞ୍ଚାନନ ମହାକୁଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ଡା.ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ଜଳାନ୍ତକ ରୋଗର ଭୟାବହତା, ଲକ୍ଷଣ, ପ୍ରତିକାର ତଥା ପ୍ରତିଷେଧକ ଟିକାକରଣ ନେଇ ଆଲୋଚନା କରିଥିଲେ। କଣ୍ଟାମାଳ ବ୍ଲକର ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦଶରଥ ମେହର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପିଲାମାନଙ୍କୁ ବୁଲା କୁକୁର,ବିଲେଇ ଆଦି ଜନ୍ତୁ ଓ ବନ୍ୟ ଜନ୍ତୁଙ୍କ ଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ। ଏହାଛଡା ଜଳାନ୍ତକ ରୋଗ ନିରାକରଣରେ ପିଲାମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପିଲାମାନଙ୍କୁ ପୁରସ୍କାର ବିତରଣ କରଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଶିକ୍ଷକ ସୁରେନ୍ଦ୍ର ନାଥ ଦାଶ ଶିବିର ପରିଚାଳନା କରିଥିଲେ।



ବାଉଁଶୁଣୀ ପ୍ରାଣୀ ଚିକିତ୍ସାଳୟଠାରେ ବିଶ୍ୱ ଜଳାତଙ୍କ ଦିବସ ପାଳନ ।



ସୁବର୍ଣ୍ଣପୁର ଜିଲାର ଇଷ୍ଟଦେବୀ ମା’ ସୁରେଶ୍ୱରୀ ଗୁରୁବାର ଭୁବନେଶ୍ୱରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

## ତହଁକ କୁଟୁମ ପାଳିଲା କୋଶଲି ସଂସ୍କୃତି ଦିନ


କୋଶଲି ସଂସ୍କୃତି ଦିନ ପାଳନ ଅବସରରେ ଉପସ୍ଥିତ ଅତିଥି, ଆୟୋଜକ ଓ କବି।

ବଲାଙ୍ଗୀର ଅଫିସ, ୨୯।୯

ବଲାଙ୍ଗୀର ଯାଦବ ଭବନଠାରେ କପିଳେଶ୍ୱର ଖମାରୀଙ୍କ ସଭାପତିତ୍ୱରେ ଗୁରୁବାର କୋଶଲି ସଂସ୍କୃତି ଦିନ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସଂସ୍କୃତି ଗବେଷଣ ନିମାଇଁ ଚରଣ ପାଣିଗ୍ରାହୀ ଏବଂ କୋଶଲ ଗୌରବ ରାମଭକ୍ତ ଫକିରାର ଆଲୋଚକଭାବେ ଯୋଗ ଦେଇଥିଲେ । ଆଲୋଚକ ଫକିରାର କୋଶଲୀ ବାଲ୍ମିକୀ କବି ଇନ୍ଦ୍ରମଣି ସାହୁ ତାଙ୍କୁ ଦେଇଥିବା ଚିଠି ପାଠ କରିଥିଲେ । ଉକ୍ତ ଚିଠିରେ ତାଙ୍କ ଅପ୍ରକାଶିତ ଛଅ ଖଣ୍ଡ କୋଶଲି ଭାଷାରେ ଲେଖିଥିବା ରାମାୟଣ ପ୍ରକାଶ ହୋଇପାରିଲେ ତାଙ୍କ ସ୍ୱପ୍ନ ସାକାର ହେବ ବୋଲି ଲେଖିଥିଲେ। ଅନ୍ୟତମ ଆଲୋଚକ ପାଣିଗ୍ରାହୀ ନିଜ ବକ୍ତବ୍ୟରେ କବି ସାହୁ କୋଶଲୀ ଭାଷାରେ ଗୋରା ସରକାର ବିରୋଧରେ ଗାଁଗାଁ ଯାଇ କବିତା ଏବଂ ପାଲା ମାଧ୍ୟମରେ ଲୋକଙ୍କୁ କୋଶଲୀ ଭାଷାର ପ୍ରଚାର ପ୍ରସାର କରିବା ସଙ୍ଗେ ଜନସଚେତନନତା କରୁଥିଲେ ବୋଲି କହିଥିଲେ। ସଭାକୁ ତହଁକ୍ ସମ୍ପାଦକ ରାଜେଶ ଦଣ୍ଡସେନା ପରିଚାଳନା କରିଥିଲେ । ରାଜୀବ ପ୍ରସାଦ ଭୋଇ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପ୍ରଭାସିନୀ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରେ କବିଙ୍କ ଉଦ୍ଦେଶ୍ୟରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏହି ଆସରରେ ସଂଯୁକ୍ତା ପରିଚ୍ଛା ଓ ସୁରୁଚି ମିଶ୍ର ସଂଯୋଜନା କରିଥିଲେ। ଦିଲୀପ ମିଶ୍ର, ତପସ୍ୱିନୀ ପଶାୟତ, ଦେବେନ୍ଦ୍ର ଭୋଇ, କସ୍ତୁରୀ ରଥ, ପ୍ରତୀମା ମେହେର, ଜ୍ୟୋତିର୍ମୟୀ ତ୍ରିପାଠୀ, ଭକ୍ତବନ୍ଧୁ ସାହୁ, ନେପାଳ ଘିବେଲା, ପୁଷ୍ପମ ଜୁଆଡି, ଗିରିଶ ପାତ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ କୋଶଲୀ ସଂସ୍କୃତି ଦିନର ଆବାହକ ଅର୍ଜୁନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାସି ଖାଦ୍ୟ ନଷ୍ଟ, ଜରିମାନା ଆଦାୟ

ସୋନପୁର, ୨୯।୯(ନି.ପ୍ର.)

ଖାଦ୍ୟ ନିରାପତ୍ତା ବିଭାଗ ଓ ପୋଲିସ ଟିମ୍ ପକ୍ଷରୁ ଗୁରୁବାର ସୋନପୁର ସହରରେ ଖାଦ୍ୟ ପଦାର୍ଥର ମାନ ଯାଞ୍ଚ କରାଯାଇଥିଲା। ଏହି ଟିମ୍ ୨୬ଟି ହୋଟେଲ ଓ ଜଳଖିଆ ଦୋକାନରେ ଖାଦ୍ୟର ମାନ ପରୀକ୍ଷା କରିଥିଲେ। ଦୋକାନରେ ବାସି ଖାଦ୍ୟ ବିକ୍ରି ପାଇଁ ରଖାଯାଇଥିବା ଜଣାପଡିଥିଲା। ମୋଟ ୫୧କେଜି ବାସିଖାଦ୍ୟକୁ ଫିଙ୍ଗା ଯାଇଥିବା ବେଳେ ସମ୍ପୃକ୍ତ ବ୍ୟବସାୟୀଙ୍କ ନିକଟରୁ ସମୁଦାୟ ୭୮୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଗାମୀ ଦଶହରା ଉପଲକ୍ଷେ ହୋଟେଲଗୁଡିକରେ ବିଶେଷ ଜନଗହଳି ହେବାକୁ ଥିବାରୁ ଏହି ଯାଞ୍ଚ କରାଯାଇଛି । ଏହି ଟିମ୍‌ରେ ଏଡିପିଏଚଓ ଡା.ରାମେଶ ଚନ୍ଦ୍ର ସ୍ୱାଇଁ, ଖାଦ୍ୟ ନିରାପତ୍ତା ଅଧିକାରୀ ସସ୍ମିତା ନାଏକ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ଶ୍ରୀମନ୍ତ ଖଣ୍ଡଗିରି, ରୁଚିକାନ୍ତ ଭୋଇ, ରାଜୀବ ପଧାନ, ପୋଲିସ କନଷ୍ଟେବଲ ପ୍ରମୋଦ ଦାସିଆ ଓ ସୁଷମା ଦଳେଇ ପ୍ରମୁଖ ସାମିଲ ଥିଲେ।

## ବନ୍ଧାହେଲେ ଟୁଙ୍ଗୁରୁ ଭୋଳ

ଭୁବନେଶ୍ୱର,୨୯।୯ (ବ୍ୟୁରୋ)

ଜଣେ ମହିଳାଙ୍କୁ ବଳାତ୍କାର କରିବା ଓ ତାଙ୍କ ସହିତ ପ୍ରେମ ସମ୍ପର୍କିତ ଭିଡିଓ ଭାଇରାଲ କରିବା ଅଭିଯୋଗରେ ଆଲୋକ ଭୋଳ ଓରଫ ଟୁଙ୍ଗୁରୁଙ୍କୁ ଭରତପୁର ଥାନା ପୋଲିସ ଗୁରୁବାର ଗିରଫ ପରେ କୋର୍ଟଚାଲାଣ କରିଛି। ତାଙ୍କ ଘର ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଅଞ୍ଚଳରେ ହୋଇଥିବା ବେଳେ ସେ ଭୁବନେଶ୍ୱର ଆଇଗଣିଆ ଅଞ୍ଚଳର ଫୁଲେଶ୍ୱରୀ ବସ୍ତିରେ ରହୁଥିଲେ।

ସୂଚନାନୁସାରେ, ଟୁଙ୍ଗୁରୁ ବାପା, ମା’ଙ୍କ ସହ ଫୁଲେଶ୍ୱରୀ ବସ୍ତିରେ ରହି ଅଟୋ ଚଳାନ୍ତି। ଭରତପୁର ଥାନା ଶରଧାପଲ୍ଲୀ ବସ୍ତିର ସୁଜୟନ୍ତି ଦିଗାଲ ଓରଫ ବର୍ଷା ଭୋଳ(୨୯)ଙ୍କୁ ଅଟୋରେ ନେବା ସମୟରେ ତାଙ୍କ ସହିତ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ଉଭୟଙ୍କ ମଧ୍ୟରେ ଫୋନ ନମ୍ବର ଦିଆନିଆ ହୋଇଥିଲା। ଉଭୟଙ୍କ ପ୍ରେମ ସମ୍ପର୍କ ଜାଣିବା ପରେ ବର୍ଷାଙ୍କ ସ୍ୱାମୀ ତାଙ୍କୁ ଛାଡ଼ି ପଳାଇଥିଲେ। ପରେ ବର୍ଷା ଟୁଙ୍ଗୁରଙ୍କୁ ବିବାହ କରିବାକୁ ଜିଦ ଧରିଥିଲେ ମଧ୍ୟ ସେ ରାଜି ହୋଇ ନ ଥିଲେ। ବର୍ଷା ଫୁଲମାଳ, ସିନ୍ଦୂର ଏବଂ ଶଙ୍ଖା ଧରି ଭରତପୁର ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଘଟଣା ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ପରେ ଟୁଙ୍ଗୁରୁ ଭୋଳ ବର୍ଷାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଉଭୟଙ୍କୁ ଡାକି ବୁଝାସୁଝା କରିଥିଲା। ପୁଣି ଅଗଷ୍ଟ ୧୦ ବିଳମ୍ବିତ ରାତିରେ ଟୁଙ୍ଗୁରୁ ବର୍ଷାଙ୍କ ଘରକୁ ଯାଇ ଜୋର ଜବରଦସ୍ତ ବଳାତ୍କାର କରିଥିଲେ। ଏ ନେଇ ବର୍ଷା ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୩୪୧,୨୯୪, ୩୨୩, ୩୭୬ ,୫୦୬ ଏବଂ ୩୪ ଆଇପିସିରେ ମାମଲା ରୁଜୁ କରିଥିଲା। ଟୁଙ୍ଗୁରୁଙ୍କୁ ଦୁଇ ଦିନ ଧରି ଭରତପୁର ପୋଲିସ ଅଟକ ରଖିବା ପରେ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି।

## ସ୍ୱଚ୍ଛତା ପାଇଁ ବିନିକା ଏନ୍ଏସି ହେବ ପୁରସ୍କୃତ

ବିନିକା,୨୯।୯(ଡି.ଏନ.ଏ.)

ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ପୁରସ୍କୃତ ହେବ । ୨୦୨୨ ପାଇଁ ଏହି ପୁରସ୍କାର ପ୍ରଦାନ କରାଯିବ। କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ଅନ୍ତର୍ଗତ ସ୍ୱଚ୍ଛ ଭାରତ ମିଶନ ନିର୍ଦ୍ଦେଶିକା ରୂପା ମିଶ୍ର ତାଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୪୧୦୨୦୨୨/ଏସ.ବି.ଏମ, ୨୨/୦୯/୨୦୨୨ ଅନୁଯାୟୀ ଏହି ସୂଚନା ଦେଇଛନ୍ତି । ଏହି ପୁରସ୍କାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୧ ତାରିଖରେ ପ୍ରଦାନ କରିବାର କାର୍ଯ୍ୟକ୍ରମ ଅଛି । ପୁରସ୍କାର ଗ୍ରହଣ କରିବା ପାଇଁ ନଗରପାଳ ସୁବାସ ଚନ୍ଦ୍ର ଭୁଏ, କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀକୁମାର ରଥ, ପରିମଳ ପ୍ରବୀଣା ସାଗରୀକା ପାତ୍ରୋ ଗୁରୁବାର ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି । ଏହି ଖବର ଜଣାପଡିବା ପରେ ଏନଏସି କର୍ମଚାରୀ ମହଲରେ ଖୁସିର ଲହରୀ ଖେଳିଯାଇଛି ।

## ଆତ୍ମନିର୍ଭର କୃଷକ ଅଭିଯାନ କାର୍ଯ୍ୟକ୍ରମ


ବ୍ରହ୍ମାକୁମାରୀ ସେବାକେନ୍ଦ୍ରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ସରପଞ୍ଚ ଓ କର୍ମକର୍ତ୍ତା ।

ସୋନପୁର,୨୯।୯(ନି.ପ୍ର.)

ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ସଂସ୍କୃତି ମନ୍ତ୍ରଣାଳୟ ଓ ବ୍ରହ୍ମାକୁମାରୀ ସଂସ୍ଥା ତରଫରୁ ଦେଶରେ ଆତ୍ମନିର୍ଭର କୃଷକ ଅଭିଯାନ ଚାଲୁ ରହିଛି। କୃଷକମାନଙ୍କ ଆର୍ଥିକ, ସାମାଜିକ ତଥା ମାନସିକ ସ୍ଥିତିର ଉନ୍ନତି ଓ ସଶକ୍ତିକରଣ ଲକ୍ଷ୍ୟ ନେଇ ଏକ କାର୍ଯ୍ୟକ୍ରମ ସୋନପୁର ବ୍ରହ୍ମାକୁମାରୀ ସେବାକେନ୍ଦ୍ରରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ସୋନପୁର ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ସ୍ନେହା ଭଉଣୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଭିଯାନର ସମସ୍ତ ରୂପରେଖ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ସରପଞ୍ଚମାନଙ୍କୁ ସମ୍ମାନିତ କରାଯାଇଥିଲା। ବୌଦ୍ଧ ଜିଲାର ଗୁଡ଼ଭେଲିପଦର ସରପଞ୍ଚ ଗହଳ ମିଶ୍ର, ଶୁଣ୍ଢିପଦର ସରପଞ୍ଚ ସୁଜାତା ଭୋଇ ଏବଂ ସୁବର୍ଣ୍ଣପୁର ଜିଲା ଜନମୁରା ପଞ୍ଚାୟତ ସରପଞ୍ଚ ଦମୟନ୍ତୀ ବାରିକ, କଳାପଥର ସରପଞ୍ଚ ନବୀନ ଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା

### ବୀରମହାରାଜପୁର ବାଳିକା ହାଇସ୍କୁଲ

ଅମରପାଲି,୨୯।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଦେଶାତ୍ମକବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନିତାରାଣୀ ହୋତା ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଭୂଷଣ କୁମାର ପାତ୍ର ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଏବିଇଓ ବାର୍ଣ୍ଣା ଡୁଙ୍ଗଡୁଙ୍ଗ ଯୋଗଦେଇ ଛାତ୍ରୀମାନଙ୍କୁ ଅଭିଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରିୟଦର୍ଶନୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାରେ ଦଶମ ଶ୍ରେଣୀର ଛାତ୍ରୀ ସଂଘମିତ୍ରା ଦେହୁରୀ ପ୍ରଥମ, ଅନ୍ୱେଷା ରଥ ଦ୍ୱିତୀୟ ଓ ଆଦ୍ୟାଶାରାଣୀ ହରିପାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।



ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ବୌଦ୍ଧ,୨୯।୯(ସ୍ୱ.ପ୍ର.)

ବୌଦ୍ଧ ବ୍ଲକ ଗୁନ୍ଦୁଲିଆ ପଞ୍ଚାୟତର ଗୁନ୍ଦୁଲିଆଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ବିଡିଓ ଅବିନାଶ ପାଣ୍ଡିଆଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଗୁନ୍ଦୁଲିଆ ସରପଞ୍ଚ ଧବଳେଶ୍ୱର ସିଂ, ହରଭଙ୍ଗା ବ୍ଲକ ସହ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ପରିବେଶବିତ୍ ସ୍ୱରାଜ କୁମାର କହଁର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ମହିଳା ସ୍ୱଂୟ ସହାୟିକା ଗୋଷ୍ଠୀ ଓ ଗ୍ରାମବାସୀ ଯୋଗଦେଇ ଗ୍ରାମ ପରିକ୍ରମା କରି ସଫା ସୁତରା କରିବା ସହିତ ଲୋକଙ୍କୁ ସ୍ୱଚ୍ଛତା ନେଇ ସଚେତନ କରିଥିଲେ। ପରେ ପାଲା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା।


ସ୍ୱଚ୍ଛତା କାର୍ଯ୍ୟକ୍ରମରେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଓ ଅନ୍ୟମାନେ।

## ବୌଦ୍ଧ ଜିଲାର ୧୩ ପ୍ରତିଯୋଗୀ ମନୋନୀତ

### ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା

ବୌଦ୍ଧ,୨୯।୯(ସ୍ୱ.ପ୍ର.)

ବଲାଙ୍ଗୀର ଜିଲାର ଖପ୍ରାଖୋଲଠାରେ ଆସନ୍ତା ୧ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ପାଇଁ ବୌଦ୍ଧ ଜିଲାର ୧୩ ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିବା ଲାଗି ମନୋନୀତ ହୋଇଛନ୍ତି। କିଡସ ବର୍ଗ ଇଣ୍ଡିଆନ ରାଉଣ୍ଡରେ ସାନଭି ମେହେଟ୍ଟା, ରିକର୍ଭ ରାଉଣ୍ଡରେ ସାଇଲକ୍ଷ୍ମୀ ନାୟକ, ମିନି ସବ୍ ଜୁନିୟର ବର୍ଗ ରିକର୍ଭ ରାଉଣ୍ଡରେ ହେମାଦ୍ରୀ ବଗର୍ତ୍ତି, ଇଣ୍ଡିଆନ ରାଉଣ୍ଡରେ ଅମ୍ଳାନ କଅଁର, ଦୁର୍ଗାଦତ୍ତ ମେହେର, ସୁରଜ ମେହେର, ତନ୍ମୟ ପ୍ରଧାନ, ସନ୍ତିପ୍ତୀ ସାହୁ, ଟେନିଶା ମେହେର, ସବ୍ ଜୁନିୟର ବର୍ଗ ଇଣ୍ଡିୟାନ ରାଉଣ୍ଡରେ କ୍ରିଷ୍ଟାମୟୀ ମହାକୁଡ, ଅଶ୍ୱିନୀ କଅଁର, ଜୁନିୟର ସିନିୟର ବର୍ଗ ଇଣ୍ଡିଆନ ରାଉଣ୍ଡରେ ଦିବ୍ୟେନ୍ଦୁ ଶେଖର ସାହୁ, ସୌମ୍ୟଶ୍ରୀ ସାହୁ ଅଂଶଗ୍ରହଣ କରିବାର ଅଛି । କୋଚ ଭାବରେ କୃଷ୍ଣଚନ୍ଦ୍ର ସେଠୀ, ଏସ. ପ୍ରଧାନ ଓ ଟିମ୍ ମ୍ୟାନେଜର ଭାବରେ ଇନ୍ଦ୍ରମଣୀ ମେହେର ଦାୟିତ୍ୱ ତୁଲାଇବେ ।


ଅଂଶଗ୍ରହଣ କରିବାକୁ ଥିବା ପ୍ରତିଯୋଗୀ।